# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୯/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 29/2021 | ★★★★

୪୭ଶ ଭାଗ ୨୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ବିବାହ କରିବେ ଶ୍ରଦ୍ଧା**

ବଲିଉଡ୍ ନାୟିକା ଶ୍ରଦ୍ଧା କପୁର ଖୁବ୍‌ଶୀଘ୍ର ଫଟୋଗ୍ରାଫର ରୋହନ ଶ୍ରେଷ୍ଠାଙ୍କୁ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି।

୧୪

୧୫

**ରବିନସନଙ୍କୁ ୫ ଉଇକେଟ ସଫଳତା**

ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତା ହାସଲ କରିଥିବା ଇଂଲଣ୍ଡର ଓଲି ରବିନସନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



# ପାର୍ବଣ: ସତର୍କତା ଜରୁରୀ

***କରୋନା ସଂକ୍ରମଣର ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ନ ଥମୁଣୁ ତୃତୀୟର ଆତଙ୍କ। ସଂକ୍ରମଣ କମୁଥିବା ଦେଖି ରାଜ୍ୟଗୁଡ଼ିକ କଟକଣା କୋହଳ କରିବାରେ ଲାଗିଥିବାବେଳେ ଲୋକେ ଢିଲା ହେଉଛନ୍ତି। ଆଗକୁ ପାର୍ବଣ ଋତୁ ଥିବାରୁ ଏବେଠୁ କୋଭିଡ୍ ଗାଇଡ୍‌ଲାଇନ ନ ମାନିଲେ ତୃତୀୟ ଲହର ଅବଶ୍ୟମ୍ଭାବୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।***

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ରାଜ୍ୟ ସରକାର ଜାରି କରିଥିବା କୋଭିଡ୍ କଟକଣା ଅବଧି ଆସନ୍ତା ସେପ୍ଟେମ୍ବର ୧ରେ ଶେଷ ହେବ। ଏବେ ଯାହା ବି କଟକଣା ରହିଛି ତାହାକୁ ଠିକ୍ ଢଙ୍ଗରେ ପାଳନ କରାଯାଉ ନାହିଁ। ଅନେକ ଲୋକ ସାମାଜିକ ଦୂରତା ରକ୍ଷା କରିବା ଦୂରେ ଥାଉ, ମାସ୍କ ପିନ୍ଧିବା ଭୁଲିଗଲେଣି। ରାଜ୍ୟରେ ଏବେ ବି ଦୈନିକ ୮୦୦ରୁ ୯୦୦ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି। ତୃତୀୟ ଲହରକୁ ଦୃଷ୍ଟିରେ ରଖି ଏବେଠାରୁ ସତର୍କ ନ ହେଲେ ପୁଣି ରାଜ୍ୟ ଏକ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଲେଣି।

ଆଗକୁ ପାର୍ବଣ ଆସୁଥିବାରୁ ଗହଳି ଚହଳି ବହୁମାତ୍ରାରେ ବଢ଼ିବା ଆଶଙ୍କା ରହିଛି। କେରଳର ଓନମ ପର୍ବ ପରେ ସେଠାରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଦୈନିକ ୩୦ ହଜାର ନୂଆ ରୋଗୀ ଚିହ୍ନଟ ହେଉଛନ୍ତି। କେରଳ ଘଟଣାକୁ ଦେଖିଲେ ପାର୍ବଣ ଭିଡ଼ ପୁଣି ନୂଆ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି। ପାର୍ବଣ ଭିଡ଼ ରୋକା ନ ଗଲେ ଆସନ୍ତା ଅକ୍ଟୋବର ସୁଦ୍ଧା ସଂକ୍ରମଣ ଶୀର୍ଷରେ ପହଞ୍ଚିବ। ରାଜ୍ୟରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୧୦ ହଜାର ଟପିଯିବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ସତର୍କ କରିଛନ୍ତି। ତୃତୀୟ ଲହର ଶିଶୁମାନଙ୍କୁ ଅଧିକ ପ୍ରଭାବିତ କରିପାରେ। ଏବେଠାରୁ ଶିଶୁମାନେ କରୋନା ସଂକ୍ରମିତ ହେବାର ସୂଚନା ମିଳିଲାଣି। ଏପରି କି କରୋନା ଯୋଗୁ ଗତ ଦୁଇ ଦିନରେ ୩ ଜଣ ଶିଶୁଙ୍କର ଜୀବନ ଗଲାଣି। ଶିଶୁମାନଙ୍କ ସଂକ୍ରମଣ ଚିନ୍ତାଜନକ ହୋଇଛି। ଏପରି ସ୍ଥଳେ ସତର୍କ ନ ରହିଲେ ପୁଣି ବଡ଼ ବିପଦକୁ ସାମ୍ନା କରିବାକୁ ପଡ଼ିବ।

ତୃତୀୟ ଲହର ଆଶଙ୍କାକୁ ଦେଖି

## ଭିଡ଼ କମାଇବାକୁ କେନ୍ଦ୍ରର ନିର୍ଦ୍ଦେଶ

■ **ସେପ୍ଟେମ୍ବର ୩୦ ଯାଏ ବଢ଼ିଲା କୋଭିଡ୍ କଟକଣା**



କେନ୍ଦ୍ର ସରକାର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସତର୍କ କରାଇଛନ୍ତି। କେତେକ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର କରୋନା କଟକଣାକୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବଢ଼ାଯାଇଛି। ପାର୍ବଣ ସମୟରେ କୌଣସି ସ୍ଥାନରେ ଯେପରି ଲୋକଙ୍କ ଭିଡ଼ ନ ଜମିବ ତାହା ରାଜ୍ୟଗୁଡ଼ିକ ସୁନିଶ୍ଚିତ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଟେଷ୍ଟିଂ, ଟ୍ରାକିଂ, ଉପଯୁକ୍ତ ଚିକିତ୍ସା, ଟିକାକରଣ ସମେତ କୋଭିଡ୍ ଗାଇଡ୍‌ଲାଇନ ପାଳନ ଆଦି ୫ଟି ବିନ୍ଦୁ ଉପରେ ଗୁରୁତ୍ୱ ଦେଇ ରାଜ୍ୟଗୁଡ଼ିକ କୋଭିଡ୍ ସଂକ୍ରମଣ ରୋକିବା ଦିଗରେ ରଣନୀତି ପ୍ରସ୍ତୁତ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଜାତୀୟ ସ୍ତରରେ କରୋନା ସଂକ୍ରମଣ ସ୍ଥିର ଥିବାବେଳେ କିଛି ରାଜ୍ୟରେ ଏଥିରେ ବୃଦ୍ଧି ପରିଲକ୍ଷିତ ହୋଇଛି। କେତେକ ଜିଲାରେ ମୋଟ ସକ୍ରିୟ ମାମଲା ଏବଂ ଉଚ୍ଚ ସଂକ୍ରମଣ ହାର ଚିନ୍ତାର ବିଷୟ ହୋଇଛି ବୋଲି ମନ୍ତ୍ରଣାଳୟ ସଚିବ ଅଜୟ ଭାଲ୍ଲା କହିଛନ୍ତି।

ଗାଇଡ୍‌ଲାଇନ ଅନୁସାରେ, ପଜିଟିଭ ହାର ଅଧିକ ଥିବା ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ଓ ତ୍ୱରିତ ପଦକ୍ଷେପ ନିଆଯିବା ଆବଶ୍ୟକ। ପର୍ବ ପର୍ବାଣିରେ ଜନସମାଗମ ଯୋଗୁ ସଂକ୍ରମଣ ଯେପରି ନ ☞ପୃଷ୍ଠା-୪

## ଦୈନିକ ସାଢ଼େ ୩ ଲକ୍ଷ ଟିକାକରଣ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ରାଜ୍ୟରେ ଦୈନିକ ସାଢ଼େ ୩ଲକ୍ଷ ଡୋଜ୍ କୋଭିଡ୍ ଟିକାକରଣ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ର ସରକାର ଏବେ ଟିକା ଯୋଗାଣକୁ ବଢ଼ାଇଦେଇଛନ୍ତି। ଟିକା ପାଇଁ ଯେଉଁ ସମସ୍ୟା ରହିଥିଲା ତାହାର ସମାଧାନ

**ରାଜ୍ୟର ଟାର୍ଗେଟ**

ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଟିକାକରଣକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଦ୍ୱିତୀୟ ଡୋଜ୍ ଟିକା ନେଇ ନ ଥିବା ହିତାଧିକାରୀ, ସବୁ ସରକାରୀ ଓ ବେସରକାରୀ ସ୍କୁଲର ଶିକ୍ଷକ-ଅଣଶିକ୍ଷକ କର୍ମଚାରୀ ଏବଂ ସମସ୍ତ ଗର୍ଭବତୀଙ୍କୁ ଟିକାକରଣରେ ଗୁରୁତ୍ୱ ଦିଆଯିବ। ଦୈନିକ ସାଢ଼େ ୩ଲକ୍ଷ ଡୋଜ୍ ଟିକାକରଣ ମଧ୍ୟରୁ କେଉଁ ଜିଲା ଦୈନିକ କେତେ ଡୋଜ୍ ଟିକା ଦେବ ସେ ନେଇ ତାଲିକା ମଧ୍ୟ ପ୍ରସ୍ତୁତ ହୋଇଛି। ଭୁବନେଶ୍ୱରରେ ସର୍ବାଧିକ ୩୦ହଜାର ଟିକାକରଣ ଟାର୍ଗେଟ ଦିଆଯାଇଥିବାବେଳେ ଗଞ୍ଜାମରେ ୨୮,୫୦୦, କଟକ ୨୦,୦୦୦, ମୟୂରଭଞ୍ଜ ୧୯,୦୦୦, ବାଲେଶ୍ୱର ୧୮,୦୦୦, ସୁନ୍ଦରଗଡ଼ ୧୬,୦୦୦, ଯାଜପୁର ୧୫,୦୦୦, କେନ୍ଦୁଝର ୧୪,୫୦୦, ପୁରୀ ୧୪,୦୦୦, ବଲାଙ୍ଗୀର ୧୨,୫୦୦, କଳାହାଣ୍ଡି, ବରଗଡ଼ ଓ ଭଦ୍ରକରେ ୧୨,୦୦୦ ଲେଖାଏ, କେନ୍ଦ୍ରାପଡ଼ାରେ ୧୧,୫୦୦ ଓ ଦେବଗଡ଼ରେ ସର୍ବନିମ୍ନ ୨,୫୦୦ ଡୋଜ୍ ଟିକାକରଣ ହେବ ବୋଲି ପ୍ରଦୀପ୍ତ ମହାପାତ୍ର ଉଲ୍ଲେଖ କରିଛନ୍ତି।



ସେମିଫାଇନାଲରେ ବିଜୟ ହାସଲ କରିବା ପରେ ଖୁସି ବ୍ୟକ୍ତ କରୁଛନ୍ତି ଟେବୁଲ ଟେନିସ ତାରକା ଭାବିନାବେନ ପଟେଲ।

## ସ୍ୱର୍ଣ୍ଣ ପାଇଁ ଲଢ଼ିବେ ଭାବିନାବେନ

**ଟୋକିଓ ପାରାଲିମ୍ପିକ୍ସ**

ଟୋକିଓ, ୨୮।୮(ପି.ଟି.)

ଭାରତର ପ୍ରଥମ ମହିଳା ଟେବୁଲ ଟେନିସ ତାରକା ଭାବେ ଭାବିନାବେନ ପଟେଲ ଟୋକିଓ ପାରାଲିମ୍ପିକ୍ସର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛନ୍ତି। ଶନିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ମହିଳା ସିଙ୍ଗଲ୍ସ ଟେବୁଲ ଟେନିସ କ୍ଲାସ-୪ ସେମିଫାଇନାଲରେ ସେ ଚାଇନାର ମିଆଓ ଝାଙ୍ଗଙ୍କୁ ୩-୨ରେ ପରାସ୍ତ କରିଛନ୍ତି। ଚଳିତ ପାରାଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ ଦ୍ୱାରା ଭାରତୀୟ କ୍ୟାମ୍ପରେ ବିସ୍ମୟ ସୃଷ୍ଟି କରିଥିବା ୩୪ ବର୍ଷୀୟା ଭାବିନାବେନ ନିଜ ଚାଇନିଜ୍ ପ୍ରତିଦ୍ୱନ୍ଦ୍ୱୀ ତଥା ବିଶ୍ୱର ୩ ନମ୍ବର ଖେଳାଳିଙ୍କୁ ୭-୧୧, ୧୧-୭, ୧୧-୪, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଉଦ୍ଦେଶ୍ୟହୀନ ପ୍ରବେଶ**




## କାବୁଲ ବିସ୍ଫୋରଣ: ଷଡ଼ଯନ୍ତ୍ରକାରୀ ନିହତ

ୱାଶିଂଟନ, ୨୮।୮

ଆଫଗାନିସ୍ତାନର କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦର ବାହାରେ ଇସ୍‌ଲାମିକ ଷ୍ଟେଟ୍ ଖୋରାଶାନ (ଆଇଏସ୍-କେ)ର ବିସ୍ଫୋରଣ ଘଟାଇବାର ୪୮ ଘଣ୍ଟା ନ ପୂରୁଣୁ ଆମେରିକା ଜବାବୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଆମେରିକା ସୈନ୍ୟବାହିନୀ ଉକ୍ତ ଆତଙ୍କବାଦୀ ସଂଗଠନକୁ ଟାର୍ଗେଟ କରି ଶନିବାର ଏୟାରଷ୍ଟ୍ରାଇକ୍ କରିଛି। ଆଫଗାନିସ୍ତାନର ନଙ୍ଗରହାର ପ୍ରଦେଶରେ ଆମେରିକାର ଡ୍ରୋନ୍ ମାଡ଼ରେ ଆଇଏସ୍-କେ ସଂଗଠନର ଭବିଷ୍ୟତ ଆକ୍ରମଣ ଯୋଜନା ପ୍ରସ୍ତୁତକାରୀ (ପ୍ଲାନର) ନିହତ ହୋଇଥିବା ବିଶ୍ୱାସ କରାଯାଉଛି। ତେବେ ଗୁରୁବାର କାବୁଲ ବିମାନବନ୍ଦର ବିସ୍ଫୋରଣ ଘଟଣାର ଯୋଜନା ସେ ପ୍ରସ୍ତୁତ କରିଥିଲେ କି ନାହିଁ ସେ ନେଇ ଆମେରିକା ସେଣ୍ଟ୍ରାଲ କମାଣ୍ଡ ସ୍ପଷ୍ଟ କରିନାହିଁ। ଆଇଏସ୍-କେ ପ୍ଲାନରଙ୍କ ବିରୋଧରେ ଶନିବାର ଆମେରିକା ସୈନ୍ୟବାହିନୀ ପକ୍ଷରୁ ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେଣ୍ଟ୍ରାଲ କମାଣ୍ଡ ମୁଖପାତ୍ର ବିଲ୍ ଉର୍ବାନ ଏକ ବିବୃତିରେ କହିଛନ୍ତି। ଟାର୍ଗେଟକୁ ଆକ୍ରମଣ କରାଯାଇଛି, ☞ପୃଷ୍ଠା-୪

**ପ୍ରତିଶୋଧ ନେଲା ଆମେରିକା**



ଆଫଗାନିସ୍ତାନରେ ନଗରହାର ପ୍ରଦେଶ ସ୍ଥିତ କାଲା-ଇ-ନଗରଖରେ ଆମେରିକା ସୈନ୍ୟଙ୍କ ଡ୍ରୋନ୍ ଆକ୍ରମଣ ପରେ ଧ୍ୱସ୍ତବିଧ୍ୱସ୍ତ ଏକ ଘର ଓ ଅଟୋ।

## ସରକାରଙ୍କ ମିଛ ଧରାଇବା ନାଗରିକଙ୍କ କର୍ତ୍ତବ୍ୟ

***ସତ୍ୟ ପାଇଁ କେବଳ ସରକାରଙ୍କ ଉପରେ ନିର୍ଭର କରିହେବ ନାହିଁ। ଶାସନରେ ରହିବାକୁ ସରକାରଗୁଡ଼ିକ ଅନେକ ସମୟରେ ମିଥ୍ୟାର ଆଶ୍ରୟ ନେଉଥିବା ଦେଖାଯାଇଥାଏ। ତେଣୁ ସରକାରଙ୍କ ମିଥ୍ୟାକୁ ଲୋକଲୋଚନକୁ ଆଣିବା ସହ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ପ୍ରତ୍ୟେକ ସଚେତନ ନାଗରିକଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ଶନିବାର ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି।***

ନୂଆଦିଲ୍ଲୀ, ୨୮।୮



ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

ଲୋକଙ୍କ ଉପରେ ନିଜର ଆଧିପତ୍ୟ ଜାହିର କରିବା ଉଦ୍ଦେଶ୍ୟରେ ଏକଚ୍ଛତ୍ରବାଦୀ ସରକାର ମିଳିମିଶି ମିଥ୍ୟା ବିଷୟବସ୍ତୁକୁ ସତ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏକ ଜନମଙ୍ଗଳ ରାଷ୍ଟ୍ରରେ ଗଣତାନ୍ତ୍ରିକ ସରକାରକୁ ଉତ୍ତରଦାୟୀ କରିବା ସହ ଏହାର ମିଥ୍ୟାକୁ ଧରାପକାଇ ବାସ୍ତବ ତଥ୍ୟର ଉନ୍ମୋଚନ କରାଇବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ଶନିବାର ସୁପ୍ରିମକୋର୍ଟ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଜଷ୍ଟିସ୍ ଏମ୍‌ସି ଚାଗଲା ମେମୋରିଆଲ୍ ପକ୍ଷରୁ ଆୟୋଜିତ 'ସ୍ପିକିଂ ଟ୍ରୁଥ ଟୁ ପାୱାର : ସିଟିଜେନ୍ସ ଆଣ୍ଡ୍ ଦ ଲ' ସମ୍ପର୍କିତ ଷଷ୍ଠ ଭର୍ଚୁଆଲ୍ ଆଲୋଚନାଚକ୍ରରେ ଯୋଗଦେଇ ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି ଯେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନେ ସତକଥା ଜାଣିବା ସେମାନଙ୍କ ଅଧିକାର। ସମାନଭାବେ ସରକାରଙ୍କ ମିଥ୍ୟାକୁ ଲୋକଲୋଚନକୁ ଆଣିବା ମଧ୍ୟ ପ୍ରତ୍ୟେକଙ୍କ କର୍ତ୍ତବ୍ୟ। ଆଧୁନିକ ଗଣତନ୍ତ୍ରରେ ଲୋକମାନେ ସରକାର ଦେଉଥିବା ତଥ୍ୟକୁ ସ୍ୱୀକାର କରିବା ପୂର୍ବରୁ ତାହାର ତର୍ଜମା କରିବା ଆବଶ୍ୟକ। ମିଥ୍ୟା ତଥ୍ୟ ପ୍ରଦାନ କରିବା ଅଭିଯୋଗରେ ସରକାରଙ୍କୁ ଯଦି କେହି ସମାଲୋଚନା କରୁଛନ୍ତି, ତାହା ସ୍ୱାଗତଯୋଗ୍ୟ। କିନ୍ତୁ ସମାଲୋଚକଙ୍କ ବକ୍ତବ୍ୟ ମଧ୍ୟ ସତ୍ୟ ଆଧାରିତ ହୋଇଥିବା ବାଞ୍ଛନୀୟ। ଗଣତନ୍ତ୍ର ତିଷ୍ଠି ରହିବାକୁ ହେଲେ ସତ୍ୟର ପ୍ରତିଷ୍ଠା ଜରୁରୀ ବୋଲି ଚନ୍ଦ୍ରଚୂଡ଼ କହିଛନ୍ତି। ବିଶେଷକରି ମନୋମୁଖୀ ସରକାରଗୁଡ଼ିକ ମିଥ୍ୟା ତଥ୍ୟ ପ୍ରଦାନ କରି ନାଗରିକଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିବାକୁ ଚାହିଁଥାନ୍ତି, ଯାହାକୁ ନାଗରିକମାନେ ଗ୍ରହଣ ନ କରି ବାସ୍ତବ ତଥ୍ୟକୁ ଲୋକଲୋଚନକୁ ଆଣିବା ଆବଶ୍ୟକ। ଗଣତନ୍ତ୍ରରେ ରାଜନୈତିକ କାରଣରୁ ସରକାର ମିଥ୍ୟାର ଆଶ୍ରୟ ନେଇପାରିବେ ନାହିଁ। ☞ପୃଷ୍ଠା-୪

## ଓଡ଼ିଶା ୩ ବର୍ଷ ପାଇଁ ରଗ୍‌ବୀ ସହଯୋଗୀ ପ୍ରାୟୋଜକ

ଭୁବନେଶ୍ୱର,୨୮।୮(ସ୍ପୋର୍ଟ୍ସ ବ୍ୟୁରୋ)

ଦୀର୍ଘ ୧୮ ମାସ ପରେ ରଗ୍‌ବୀ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। କୋଭିଡ୍-୧୯ ଜନିତ ଲକ୍‌ଡାଉନ ଓ ସାରା ଦେଶରେ ଉପୁଜିଥିବା ସ୍ୱାସ୍ଥ୍ୟ ସଙ୍କଟ କାରଣରୁ ପାଖାପାଖି ୨ ବର୍ଷ ହେବ ରଗ୍‌ବୀ ଖେଳାଯାଇ ପାରି ନ ଥିଲା। ତେବେ ବର୍ତ୍ତମାନ ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି। ଏକ ମେଗା ଇଭେଣ୍ଟରେ ଭାରତୀୟ ଜାତୀୟ ଜୁନିୟର ଦଳ ଅଂଶଗ୍ରହଣ କରିବ। ଉଜ୍‌ବେକିସ୍ତାନର ତାସକେଣ୍ଟଠାରେ ଆଗାମୀ ସେପ୍ଟେମ୍ବର ୧୮ ଓ ୧୯ ତାରିଖରେ ଏସିଆ ରଗ୍‌ବୀ ୧୮ ବର୍ଷରୁ କମ୍ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ୨୦୨୧ ଆୟୋଜନ ହେବ ବୋଲି ରଗ୍‌ବୀ ଇଣ୍ଡିଆ ଘୋଷଣା କରିଛି। ଏବେ ଦେଶରେ ରଗ୍‌ବୀର ପ୍ରଚାର, ପ୍ରସାର ତଥା ଉନ୍ନତି ପାଇଁ ଓଡ଼ିଶା ସରକାର ଆଗେଇ ଆସିଛନ୍ତି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍‌ନୋଲୋଜି (କିଟ୍) ଓ ଓଡ଼ିଶା ସରକାର ଆଗାମୀ ୩ ବର୍ଷ ପାଇଁ ସହଯୋଗୀ ପ୍ରାୟୋଜକ ଭାବେ ରଗ୍‌ବୀ ଇଣ୍ଡିଆର ହାଇପରଫର୍ମାନ୍ସ ☞ପୃଷ୍ଠା-୪

**ଆମେରିକାରେ ହରିଣକୁ କୋଭିଡ୍**

ଆମେରିକାର ଓହିଓ ପ୍ରଦେଶରେ ଏକ ବନ୍ୟ ହରିଣ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇଛି। ହରିଣ କରୋନା ଭୂତାଣୁରେ ସଂକ୍ରମଣ ହେବା ଏହା ବିଶ୍ୱର ପ୍ରଥମ ଘଟଣା। ଆମେରିକା କୃଷି ବିଭାଗ ସୂଚନା ଅନୁଯାୟୀ ଧଳା ଲାଞ୍ଜ ବିଶିଷ୍ଟ ହରିଣ ସାର୍ସ-ସିଓଭି-୨ ଭୂତାଣୁରେ ସଂକ୍ରମିତ ହୋଇଛି। କୌଣସି ଲକ୍ଷଣ ଦେଖାଯାଉ ନ ଥିବା ବେଳେ ହରିଣଟି କିପରି ସଂକ୍ରମିତ ହେଲା ତାକୁ ନେଇ କୃଷି ବିଭାଗ ଆଶ୍ଚର୍ଯ୍ୟ ପ୍ରକଟ କରିଛି।



## ସଂକ୍ଷେପରେ

### ନିର୍ବାଚନ ପରବର୍ତ୍ତୀ ହିଂସା ପୁଣି ୧୦ ମାମଲା ରୁଜୁ

କୋଲକାତା, ୨୮।୮ : ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଆଉ ୧୦ଟି ଏତଲା ଦାଏର କରିଛି। ଏହାକୁ ମିଶାଇ ମୋଟ ଏତଲା ସଂଖ୍ୟା ୨୧ରେ ପହଞ୍ଚିଛି। ଗୋଟିଏ ଏତଲା ଆଧାରରେ ସିବିଆଇ ଦୁଇଜଣଙ୍କୁ ଅଟକ ରଖିଛି। ସିବିଆଇ ଇତିମଧ୍ୟରେ ହିଂସାକାଣ୍ଡ ପୀଡ଼ିତ ପରିବାର ସଦସ୍ୟମାନଙ୍କ ବୟାନ ରେକର୍ଡ କରୁଛି। ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡବେଳେ ହତ୍ୟା, ହତ୍ୟା ଉଦ୍ୟମ ଏବଂ ବଳାତ୍କାର ଭଳି ସଙ୍ଗିନ ଅଭିଯୋଗର ସିବିଆଇ ତଦନ୍ତ ପାଇଁ କାଲକାଟା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

### ଚାଇନା-ପେଣ୍ଟାଗନ୍ ଆଲୋଚନା

ୱାଶିଂଟନ୍, ୨୮।୮: ଆଫଗାନିସ୍ତାନ ସଙ୍କଟ ପାଇଁ ସମାଲୋଚନା, ଆତଙ୍କବାଦୀ ଆକ୍ରମଣରେ ଆମେରିକା ସୈନ୍ୟ ନିହତ ହେବା ପରେ ଏବେ ଶତ୍ରୁ ଦେଶ ସହ ସମ୍ପର୍କ ସ୍ଥାପନ କରିବାକୁ ଯୋଜନା ଚଳାଇଛି ଆମେରିକା। ତାଇୱାନ, ଦକ୍ଷିଣ ଚାଇନା ସାଗର, ଉଇଗୁର୍ ମୁସଲମାନ, ତିବ୍ବତ, ହଂକଂ ଭଳି ଅନେକ ପ୍ରସଙ୍ଗରେ ଚାଇନା ସହ ତିକ୍ତତା ସତ୍ତ୍ୱେ ଜୋ ବାଇଡେନ୍ ପ୍ରଶାସନରେ ପ୍ରଥମ ଥର ପାଇଁ ପେଣ୍ଟାଗନ୍ ଚାଇନିଜ୍ ସେନା ସହ ଆଲୋଚନା କରିଛି। ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ୍ ମୁତାବକ, ଦୁଇ ଦେଶ ମଧ୍ୟରେ ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ଜଣେ ବରିଷ୍ଠ ଅଧିକାରୀ ଚାଇନା ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଆମେରିକା ଦୀର୍ଘ ବର୍ଷରୁ ଚାଇନାକୁ ନିଜର ଜାତୀୟ ସୁରକ୍ଷା ନୀତିର କେନ୍ଦ୍ରରେ ରଖିଛି ବୋଲି ପେଣ୍ଟାଗନ୍‌ର ଜଣେ ଅଧିକାରୀ କହିଛନ୍ତି। ୱାଶିଂଟନ୍ ପ୍ରତିଯୋଗିତାକୁ ସ୍ୱାଗତ କରେ କିନ୍ତୁ ବେଜିଂ ସହ ଦ୍ୱନ୍ଦ୍ୱ ଚାହେଁ ନାହିଁ ବୋଲି ଗୁରୁବାର ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍ କହିଥିଲେ। ଚାଇନା ସହ ଥିବା ସମସ୍ୟା ପ୍ରସଙ୍ଗ ଉପରେ ଆମେରିକା ଆଲୋଚନା କରିବ ବୋଲି ସେ କହିଥିଲେ।

### କୋଭିଡ୍ ଉତ୍ସ ଖୋଜିବାରେ ଆମେରିକା ବିଫଳ

ୱାଶିଂଟନ୍, ୨୮।୮: କୋଭିଡ୍ ଭୂତାଣୁର ଉତ୍ସ ଖୋଜିବାରେ ଆମେରିକା ଗୋଇନ୍ଦା ସଂସ୍ଥାଗୁଡ଼ିକ ବିଫଳ ହୋଇଛନ୍ତି। ଚାଇନାର କୌଣସି ଲାବ୍‌ରୁ ଭୂତାଣୁ ଲିକ୍ ହୋଇଛି ନା ପ୍ରାକୃତିକ ଭାବେ ଏହା ସଂକ୍ରମିତ ହୋଇଛି ସେ ନେଇ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏକମତ ହୋଇପାରିନାହାନ୍ତି। ତେବେ ଜୈବିକ ଅସ୍ତ୍ର ଭାବେ କରୋନାକୁ ସୃଷ୍ଟି କରାଯାଇଥିବା ସେମାନେ ବିଶ୍ୱାସ କରିନାହାଁନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିର୍ଦ୍ଦେଶରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ନ୍ୟାଶନାଲ ଇଣ୍ଟେଲିଜେନ୍ସର ନିର୍ଦ୍ଦେଶକ ଶୁକ୍ରବାର ଏହି ରିପୋର୍ଟ ପ୍ରକାଶ କରି କହିଛନ୍ତି, ୨୦୧୯ ନଭେମ୍ବର ଆଡ଼କୁ କୋଭିଡ୍-୧୯ ଭୂତାଣୁ ଧୀରେ ଧୀରେ ମଣିଷ ଶରୀରକୁ ବ୍ୟାପିଥିଲା। ଡିସେମ୍ବରରେ ଚାଇନାର ଉହାନରେ ଏହି ସଂକ୍ରମଣ ଚିହ୍ନଟ ହୋଇଥିଲା। ତେବେ କରୋନାର ଉତ୍ପତ୍ତି ସମ୍ପର୍କରେ ଇଣ୍ଟେଲିଜେନ୍ସ କମ୍ୟୁନିଟି ସହମତ ହୋଇପାରିନାହିଁ। କରୋନାକୁ ଜିନ୍‌ଗତ ପ୍ରକ୍ରିୟାରେ ସୃଷ୍ଟି କରାଯାଇ ନ ଥିବା ଅଧିକାଂଶ ଏଜେନ୍ସି କହୁଥିବାବେଳେ ଏହାକୁ ବିଶ୍ୱାସ କଲା ଭଳି ଯଥେଷ୍ଟ ପ୍ରମାଣ ମିଳି ନ ଥିବା ଦୁଇଟି ସଂସ୍ଥା କହିଛନ୍ତି।

# କପିଶାରେ ଜୋର୍‌ଦାର ଲଢ଼େଇ

## ପ୍ରତିରୋଧୀ ବାହିନୀର ଆକ୍ରମଣରେ ବହୁ ତାଲିବାନ୍ ଆତଙ୍କବାଦୀ ନିହତ

**ପଞ୍ଜଶିରରେ ପଶିପାରୁନି ତାଲିବାନ୍**

**ଆତଙ୍କ ବିରୋଧରେ ବିଶ୍ୱ ଏକାଠି ହେଉ: ସାଲେହ**

କାବୁଲ, ୨୮।୮

ପୂର୍ବତନ ଉପରାଷ୍ଟ୍ରପତି ଅମ୍‌ରୁଲ୍ଲା ସାଲେହଙ୍କ ନେତୃତ୍ୱରେ ପ୍ରତିରୋଧୀ ବାହିନୀ ଆଫଗାନିସ୍ତାନର କପିଶା ପ୍ରଦେଶରେ ତାଲିବାନ ବିରୋଧରେ ଜୋର୍‌ଦାର ଲଢ଼େଇ ଜାରି ରଖିଛି। ଏଥିରେ ବହୁସଂଖ୍ୟାରେ ତାଲିବାନ ଆତଙ୍କବାଦୀ ନିହତ ହେଲେଣି। କପିଶା ପ୍ରଦେଶର ସାଞ୍ଜନ ଏବଂ ବାଗଲାନ ପ୍ରଦେଶର ଖୋଷ୍ଟ ୱା ଫେରେଙ୍ଗ ଜିଲାରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଛି। ଏହା ବ୍ୟତୀତ ପଞ୍ଜଶିର ପ୍ରଦେଶରେ ପ୍ରତିରୋଧୀ ଶକ୍ତିର ଦୃଢ଼ ଜବାବ ଯୋଗୁ ସୁନ୍ନି ପସ୍ତୁନ୍ ଗୋଷ୍ଠୀ ପଛକୁ ଫେରିବାକୁ ବାଧ୍ୟ ହୋଇଛି।



ପଞ୍ଜଶିର ପ୍ରଦେଶର ଅସ୍ଥାନସ୍ଥିତ ଏକ ପାହାଡ଼ ଉପରେ ପ୍ରତିରୋଧୀ ବାହିନୀ ଜଗି ରହିଛନ୍ତି।

ପଞ୍ଜଶିରରେ ତାଲିବାନର ଅସ୍ତ୍ରବିରତି ଉଲ୍ଲଂଘନ କରିବାରୁ ପ୍ରତିରୋଧୀ ଶକ୍ତି ଏହାର ଦୃଢ଼ ଜବାବ ଦେଇଛି।

ଆଫଗାନିସ୍ତାନରେ ପଞ୍ଜଶିର ଏକମାତ୍ର ରାଜ୍ୟ ଯାହା ତାଲିବାନ ଦଖଲକୁ ଯାଇନାହିଁ। ଗୁରୁବାର କାବୁଲ ବିମାନବନ୍ଦର ବାହାରେ ଆଇଏସ୍‌ର ଆତ୍ମଘାତୀ ବିସ୍ଫୋରଣରେ ୧୩ ଆମେରିକୀୟ ଯବାନଙ୍କ ସମେତ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣ ପରେ ସାରା ବିଶ୍ୱ ଆତଙ୍କବାଦ ବିରୋଧରେ ଏକାଠି ହେବା ଲାଗି ସାଲେହ ଆହ୍ୱାନ ଦେଇଥିଲେ। ବିଶ୍ୱ ଆତଙ୍କବାଦ ନିକଟରେ ମୁଣ୍ଡ ନ ନୁଆଁଉ ଏବଂ କାବୁଲ ବିମାନବନ୍ଦରକୁ ମାନବତା ଉପରେ ଆକ୍ରମଣର ସ୍ଥଳ ଭାବେ ଛାଡ଼ିଦିଆଯାଇପାରିବ ନାହିଁ ବୋଲି ସେ ଶୁକ୍ରବାର ଟୁଇଟ୍ କରିଥିଲେ।

## କଥାରେ ନୁହେଁ, କାମରେ ଦେଖାଉ ତାଲିବାନ୍

**କୂଟନୈତିକ ସ୍ୱୀକୃତି ପାଇଁ ଆମେରିକାର ସର୍ତ୍ତ**

ୱାଶିଂଟନ, ୨୮।୮

କୂଟନୈତିକ ସ୍ୱୀକୃତି ପାଇବାକୁ ହେଲେ ତାଲିବାନ୍ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ। ଉକ୍ତ ସଂଗଠନ କଥାରେ ନୁହେଁ, କାର୍ଯ୍ୟରେ କରି ତାହା ଦେଖାଉ ବୋଲି ଆମେରିକା କହିଛି। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ଆଫଗାନିସ୍ତାନରେ ଯୁକ୍ତରାଷ୍ଟ୍ରର କୂଟନୈତିକ ଉପସ୍ଥିତି ଜାରି ରହୁ ଏହା ତାଲିବାନ ଚାହୁଁଥିବା ସ୍ପଷ୍ଟ ସୂଚନା ଦେଇଛି। କେବଳ ଆମେରିକା ନୁହେଁ ଅନ୍ୟ ଦେଶଗୁଡ଼ିକର କୂଟନୈତିକ ମିଶନ ପୂର୍ବ ଭଳି ରହିବା ସେମାନେ ଚାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ବିଦେଶୀ ଦୂତାବାସଗୁଡ଼ିକୁ ସୁରକ୍ଷା ଯୋଗାଇଦେବାକୁ ତାଲିବାନ୍ ମୁଖପାତ୍ର ନିକଟରେ ପ୍ରତିଶ୍ରୁତି ଦେଇଥିଲେ। ଆମେରିକା ଏହି ପ୍ରସଙ୍ଗରେ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହିଁ। ଏ ସମ୍ପର୍କରେ ଆମେରିକା ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ସହ ସକ୍ରିୟ



ନେଡ୍ ପ୍ରାଇସ୍

ଭାବେ ଆଲୋଚନା ଚଳାଇଛି। ତାଲିବାନ୍ ପକ୍ଷରୁ ଅନେକ ବିବୃତି ଜାରି କରାଯାଉଛି। ସେଥିରୁ କେତେକ ସକାରାତ୍ମକ, ଗଠନମୂଳକ ହୋଇଥିବାବେଳେ ଆମ ଅନ୍ତର୍ଜାତୀୟ ସହଯୋଗୀମାନେ କଥା ନୁହେଁ କାମରେ ଏହା ଚାହାନ୍ତି ବୋଲି ପ୍ରାଇସ୍ କହିଛନ୍ତି। ଭବିଷ୍ୟତର କୂଟନୈତିକ ଉପସ୍ଥିତି, ସ୍ୱୀକୃତି ଏବଂ ସହାୟତା ଆଦି ସବୁ ପ୍ରଶ୍ନର ଉତ୍ତର ସେମାନଙ୍କ କାର୍ଯ୍ୟ ଉପରେ ନିର୍ଭର କରିବ ବୋଲି ପ୍ରାଇସ୍ ସ୍ପଷ୍ଟ କରିଦେଇଛନ୍ତି।

## ସବୁ ସରକାରୀ ସମ୍ପତ୍ତି ଫେରାଅ

**କାବୁଲବାସୀଙ୍କୁ ତାଲିବାନ୍‌ର ନିର୍ଦ୍ଦେଶ**

କାବୁଲ, ୨୮।୮

ସରକାରୀ ଗାଡ଼ି, ସାମଗ୍ରୀ, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ରଖିଥିବା ସମସ୍ତ କାବୁଲ ନାଗରିକ ତୁରନ୍ତ ସେସବୁକୁ ସପ୍ତାହେ ମଧ୍ୟରେ ହସ୍ତାନ୍ତର କରିବାକୁ ତାଲିବାନ୍ ନିର୍ଦ୍ଦେଶ ଦେଇଛି। ଯଦି କେହି ଏହାକୁ ନ ମାନନ୍ତି ତେବେ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଲିବାନ୍ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ କହିଛନ୍ତି। ସରକାରୀ ସାମଗ୍ରୀ ରଖିଥିବା ବ୍ୟକ୍ତି ତାଲିବାନ୍‌କୁ ଦେବାପରେ ଏହାର ବିଚାର କିମ୍ବା କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ପଡ଼ିବ ନାହିଁ ବୋଲି ଜବିହୁଲ୍ଲା ଏକ ଟୁଇଟ୍‌ରେ କହିଛନ୍ତି।

# ଚାଷୀଙ୍କୁ ପୋଲିସର ଲାଠିମାଡ଼



ଚଣ୍ଡିଗଡ଼, ୨୮।୮

ହରିୟାଣାର କର୍ନାଲ ଜିଲାରେ ଶନିବାର ଭାଜପାର ଏକ ବୈଠକକୁ ବିରୋଧ କରି କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିବାରୁ ୧୦ ଜଣ ଚାଷୀ ଆହତ ହୋଇଛନ୍ତି। ହରିୟାଣା ପୋଲିସର ଏଭଳି ବର୍ବରତା ବିରୋଧରେ ଉତ୍ତ୍ୟକ୍ତ ଚାଷୀମାନେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିଛନ୍ତି। କର୍ନାଲଠାରେ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କ ନେତୃତ୍ୱରେ ଭାଜପା ବୈଠକ ବସି ଆଗାମୀ ମ୍ୟୁନିସିପାଲ ନିର୍ବାଚନ ସମ୍ପର୍କରେ ଆଲୋଚନା ହେବାର ଥିଲା। ଏହି ରାଜ୍ୟସ୍ତରୀୟ ବୈଠକରେ ଭାଜପା ରାଜ୍ୟ ସଭାପତି ଓ.ପି. ଧନଖର ଉପସ୍ଥିତ ଥିଲେ। ଚାଷୀଙ୍କ ବିକ୍ଷୋଭ ଯୋଗୁ ୩ ନମ୍ବର ଜାତୀୟ ରାଜପଥ, ଦିଲ୍ଲୀ-ଅମୃତସର ରାଜପଥ ସମେତ ବିଭିନ୍ନ ରାସ୍ତା ଏବଂ ଅମ୍ବାଲା ରାସ୍ତାରେ ଥିବା ଶମ୍ଭୁ ଟୋଲ୍ ପ୍ଲାଜାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଚାଷୀମାନେ ରାସ୍ତା ଉପରେ ଖଟିଆ ପକାଇ ଓ ବସିରହି ଅବରୋଧ କରିଥିବା ଦେଖାଯାଇଛି। ଫଳରେ ଅନ୍ୟୂନ ୩ କିଲୋମିଟର ପର୍ଯ୍ୟନ୍ତ ଗାଡ଼ିମୋଟର ରାସ୍ତାରେ ଉଭୟ ପାର୍ଶ୍ୱରେ ଅଟକି ରହିଛି। କାହାର କାର୍ଯ୍ୟକ୍ରମରେ କେହି ପ୍ରତିବନ୍ଧକ ସୃଷ୍ଟି କରିପାରିବେ ନାହିଁ। ସେମାନେ ଶାନ୍ତିପୂର୍ଣ୍ଣ ଏବଂ ଗଣତାନ୍ତ୍ରିକ ଉପାୟରେ ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯାଇଛି। ତେବେ ପୋଲିସ ଉପରକୁ ଟେକା ଫିଙ୍ଗିବା ଓ ରାସ୍ତା ଅବରୋଧ କରିବାକୁ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଖଟ୍ଟର କହିଛନ୍ତି। ପୋଲିସ ତା'ର କାର୍ଯ୍ୟାନୁଷ୍ଠାନ ନେଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କର୍ନାଲରେ ପୋଲିସର ବର୍ବରୋଚିତ କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଘଟଣାକୁ ନିନ୍ଦା କରିଛନ୍ତି। ଲାଠିମାଡ଼ରେ ଚାଷୀ ଲହୁଲୁହାଣ ହେବା ଲଜ୍ଜାଜନକ ବୋଲି ସେ ଟୁଇଟ୍ କରିଛନ୍ତି।

**ପ୍ରତିବାଦରେ ରାଜପଥ ଅବରୋଧ**

**କଂଗ୍ରେସର ସମାଲୋଚନା**

## ମହୀଶୂର ଗଣବଳାତ୍କାର ମାମଲା: ୫ ଗିରଫ

ବେଙ୍ଗାଲୁରୁ, ୨୮।୮

କର୍ନାଟକର ମହୀଶୂରଠାରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଏବଂ ତାଙ୍କ ପୁରୁଷ ବନ୍ଧୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା ପ୍ରତିବାଦରେ ସାରା ଦେଶରେ ବିକ୍ଷୋଭର ନିଆଁ ଜଳୁଥିବାବେଳେ ଇତିମଧ୍ୟରେ କର୍ନାଟକ ପୋଲିସ ୫ ଜଣଙ୍କୁ ଗିରଫ କରିଥିବା ଡିଜିପି ପ୍ରବୀଣ ସୁଦ୍ ଶନିବାର କହିଛନ୍ତି। ଷଷ୍ଠ ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଥିବା ସେ କହିଛନ୍ତି। ଗିରଫ ୫ ଜଣ ତାମିଲନାଡୁ ତିରୁପୁର ଜିଲାର ଶ୍ରମିକ ଏବଂ ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ବୋଲି ସୁଦ୍ ସୂଚନା ଦେଇଛନ୍ତି। ମହାରାଷ୍ଟ୍ରର ୨୩ ବର୍ଷୀୟା ଏମ୍‌ବିଏ ଛାତ୍ରୀ ମହୀଶୂରର ଏକ ଘରୋଇ କଲେଜରେ ପଢ଼ୁଥିଲେ। ମଙ୍ଗଳବାର ରାତି ୮ଟାରେ ଚାମୁଣ୍ଡି ହିଲ୍ସରୁ ଛାତ୍ରୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଫେରୁଥିବାବେଳେ ଗଣବଳାତ୍କାରର ଶିକାର ହୋଇଥିଲେ।

## ଅଭିଷେକ ବାନାର୍ଜୀଙ୍କୁ ଇଡି ସମନ

**କୋଇଲା ଚୋରା କାରବାର ମାମଲା**

କୋଲକାତା, ୨୮।୮(ଆଇଏଏନ୍ଏସ୍)

କୋଇଲା ଚୋରା କାରବାର ମାମଲା ସହ ମନିଲଣ୍ଡରିଂ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ତୃଣମୂଳ କଂଗ୍ରେସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏବଂ ତାଙ୍କ ସ୍ତ୍ରୀ ରୁଜିରାଙ୍କୁ ସମନ ଜାରି କରିଛି। ଡାଇମଣ୍ଡ ହାର୍ବରରୁ ଏମ୍‌ପି ଥିବା ଅଭିଷେକଙ୍କୁ ନୂଆଦିଲ୍ଲୀସ୍ଥିତ ଇଡି ଅଫିସରେ ସେପ୍ଟେମ୍ବର ୬ରେ ଏବଂ ରୁଜିରାଙ୍କୁ ସେପ୍ଟେମ୍ବର ୧ରେ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ କୁହାଯାଇଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଫେବୃୟାରୀ ୨୩ରେ ରୁଜିରା ଓ ତାଙ୍କ ପରିବାର ସଦସ୍ୟଙ୍କୁ ସିବିଆଇ ଜେରା କରିଥିଲା। ଇଷ୍ଟର୍ନ କୋଲଫିଲ୍ଡସ ଲିମିଟେଡ୍‌ରେ ହୋଇଥିବା ବହୁକୋଟି ଟଙ୍କାର ଦୁର୍ନୀତି ଉପରେ ତଦନ୍ତ କରୁଥିବା ସିବିଆଇର ଏତଲା ଆଧାରରେ



ଇଡି ପକ୍ଷରୁ ମନି ଲଣ୍ଡରିଂ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଛି। ଇଡି ସମନକୁ ନେଇ ମୁଖ୍ୟମନ୍ତ୍ରୀ ମମତା ଭାଜପାକୁ ସମାଲୋଚନା କରିଛନ୍ତି। ଭାଜପା ଆମ ବିରୋଧରେ କେନ୍ଦ୍ରୀୟ ସଂସ୍ଥାକୁ ଲଗାଉଛି। ଦେଶକୁ ବିକୁଥିବା ଭାଜପା ଆମ ଉପରକୁ ଅଙ୍ଗୁଳି ଉଠାଇବା ଅନାବଶ୍ୟକ ବୋଲି ମମତା କହିଛନ୍ତି।

## ତାମିଲନାଡୁ ବିଧାନସଭାରେ କୃଷି ଆଇନ ବିରୋଧୀ ପ୍ରସ୍ତାବ

ଚେନ୍ନାଇ, ୨୮।୮

କେନ୍ଦ୍ର ସରକାର ଆଣିଥିବା ନୂଆ କୃଷି ଆଇନ ପ୍ରତ୍ୟାହାର ବାବଦରେ ତାମିଲନାଡୁ ବିଧାନସଭାରେ ଏକ ପ୍ରସ୍ତାବ ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନ୍ ଏହି ପ୍ରସ୍ତାବ ଆଣିଥିବାବେଳେ ତାହା ଧ୍ୱନିମତରେ ଗୃହୀତ ହୋଇଥିଲା। ପ୍ରାୟ ବର୍ଷେ ଧରି କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଆନ୍ଦୋଳନକାରୀ କୃଷକ, ତାମିଲନାଡୁରେ ବିକ୍ଷୋଭ କରିଥିବା ରାଜନେତାଙ୍କ ନାଁରେ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରାଯିବ ବୋଲି ଷ୍ଟାଲିନ କହିଛନ୍ତି। କୃଷି ଆଇନ କୃଷକଙ୍କ ହିତ ବିରୋଧରେ ଏବଂ ଏହା ସେମାନଙ୍କୁ କୌଣସି ଲାଭ ଆଣିଦେବ ନାହିଁ ବୋଲି ସେ ଗୃହରେ କହିଥିଲେ। ତେବେ ମୁଖ୍ୟ ବିରୋଧୀ ଏଆଇଡିଏମ୍‌କେ ଏବଂ ଏହାର ସହଯୋଗୀ ଭାଜପାର ବିଧାୟକମାନେ ଏହି ପ୍ରସ୍ତାବକୁ ବିରୋଧ କରିବା ସହ କକ୍ଷତ୍ୟାଗ କରିଥିଲେ।

## ଜାଲିଆନାୱାଲା ବାଗ୍ ସ୍ମାରକ କମ୍ପ୍ଲେକ୍ସ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୨୮।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ନବୀକୃତ ଜାଲିଆନାୱାଲା ବାଗ୍ ସ୍ମାରକ କମ୍ପ୍ଲେକ୍ସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ମୋଦି ପଞ୍ଜାବର ପବିତ୍ର ମାଟିକୁ ସାଲ୍ୟୁଟ କରିବା ସହ ଜାଲିଆନାବାଗ ନିଷ୍ଠୁର ଗଣହତ୍ୟାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ଥାନ ସର୍ଦ୍ଦାର ଉଧାମ ସିଂ, ସର୍ଦ୍ଦାର ଭଗତ ସିଂଙ୍କ ଭଳି ଅଗଣିତ ବିପ୍ଳବୀଙ୍କୁ ଦେଶକୁ ସ୍ୱାଧୀନ କରିବା ଲାଗି ସାହସ ଦେଇଥିଲା। ଜାଲିଆନାୱାଲା ବାଗ ସ୍ମାରକ ଆଗାମୀ ଦିନରେ ଯୁବ ପିଢ଼ିଙ୍କୁ ଭାରତର ଗୌରବମୟ ଅତୀତ ସମ୍ପର୍କରେ ଅନୁପ୍ରାଣିତ କରିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଅନେକ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ଆଫଗାନିସ୍ତାନରୁ ଲୋକଙ୍କୁ ଫେରାଇ ଆଣିବା କାର୍ଯ୍ୟ ଜାରି ରଖିଛି। କରୋନା ମହାମାରୀ ହେଉ କି ଆଫଗାନିସ୍ତାନ ସଙ୍କଟ, ଭାରତୀୟ ଯେକୌଣସି ସ୍ଥାନରେ ସଙ୍କଟରେ ଥିଲେ ଦେଶ ତାଙ୍କ ପଛରେ ସମସ୍ତ ଶକ୍ତିର ସହିତ ଛିଡ଼ାହେବ ବୋଲି ମୋଦି କହିଥିଲେ।



# ଆଇଏସ୍‌କେ ବନାମ ତାଲିବାନ୍

ନୂଆଦିଲ୍ଲୀ, ୨୮।୮

ଆଫଗାନିସ୍ତାନର କାବୁଲ ବିମାନବନ୍ଦରରେ ଗୁରୁବାର ସନ୍ଧ୍ୟାର ବିସ୍ଫୋରଣ ଚଳିତ ବର୍ଷର ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଅନ୍ୟତମ। ୧୩ ଆମେରିକୀୟ ସୈନ୍ୟଙ୍କ ସମେତ ଶତାଧିକ ଆଫଗାନ୍ ଏଥିରେ ପ୍ରାଣ ହରାଇଥିବାବେଳେ ଆହତ ହୋଇଛନ୍ତି ୨ ଶହରୁ ଊର୍ଦ୍ଧ୍ୱ। ଇସ୍‌ଲାମିକ୍ ଷ୍ଟେଟ୍ ଖୋରାସାନ୍ (ଆଇଏସ୍‌କେ) ଆତ୍ମଘାତୀଙ୍କ ଫଟୋ ଜାରି କରି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି। ତାଲିବାନ୍ ସହ ଶତ୍ରୁତା ଥିବାରୁ ଏହାର ଛବି ଖରାପ କରିବାକୁ ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌କେ ଏପରି ବିସ୍ଫୋରଣର ଯୋଜନା କରିଥିବା କୁହାଯାଉଛି।

୨୦୦୩ରେ ଇରାକ୍ ଉପରେ ଆମେରିକାର ଆକ୍ରମଣ, ସିଆ ମିଲିସିଆ ସଙ୍ଗଠନକୁ ଇରାନର ସମର୍ଥନ, ଏହି ଅଞ୍ଚଳରେ ରାଜନୈତିକ ଇସଲାମର ଉପସ୍ଥିତି ଆଇଏସ୍ଆଇଏସ୍ ଗଠନରେ ଭୂମିକା ଥିବା କୁହାଯାଏ। ସିରିଆ ଗୃହଯୁଦ୍ଧ ଆଇଏସ୍ଆଇଏସ୍‌ର ଦ୍ରୁତ ବିସ୍ତାର ପାଇଁ



ଖୋରାକ୍ ଯୋଗାଇଥିଲା। ୨୦୧୪ରେ ପାକିସ୍ତାନରେ ଆଇଏସ୍ଆଇଏସ୍‌ର ବିଭାଜିତ ଶାଖା ଆଇଏସ୍‌କେ ଗଠନ କରାଯାଇଥିଲା। ଏହା ଇସ୍‌ଲାମିକ ଷ୍ଟେଟ୍ ଅଫ୍ ଇରାକ୍ ଆଣ୍ଡ ଦି ଲିଭାଣ୍ଟ-ଖୋରାସାନ୍‌ପ୍ରଭିନ୍ସ (ଆଇଏସ୍ଆଇଏଲ୍-କେପି ବା ଆଇଏସ୍‌କେପି) ନାମରେ ମଧ୍ୟ ଜଣାଯାଏ।

### ସାମଞ୍ଜସ୍ୟ, ବିଭେଦ

ଇସ୍‌ଲାମିକ୍ ଷ୍ଟେଟ୍ ଏବଂ ତାଲିବାନ୍ ନିଜକୁ ଇସଲାମ୍‌ର ପ୍ରକୃତ ପ୍ରତିନିଧି ବୋଲି କହିଥାନ୍ତି। ଉଭୟ ସଂଗଠନ ହିଂସା ଏବଂ କ୍ରୂରତାପୂର୍ଣ୍ଣ ଦଣ୍ଡବିଧାନରେ ବିଶ୍ୱାସ ରଖନ୍ତି। ପ୍ରତି କାର୍ଯ୍ୟର ଫଳାଫଳ ଜରୁରୀ ଏବଂ ସେଠାରେ ପହଞ୍ଚିବା ପାଇଁ ଯୁଦ୍ଧ ଏକମାତ୍ର ମାଧ୍ୟମ ବୋଲି ଏହି ଆତଙ୍କବାଦୀ ସଙ୍ଗଠନ ବିଶ୍ୱାସ କରନ୍ତି। ବିରୋଧୀଙ୍କୁ ଶେଷ କରିବା ନିଜ ଅଧିକାର ଭାବେ ବିବେଚନା କରିଥାନ୍ତି। ସେଥିପାଇଁ ସର୍ବସାଧାରଣରେ ଫାଶୀ ସହ କଠୋର ଦଣ୍ଡବିଧାନ ପାଇଁ ସେମାନେ ପଛଘୁଞ୍ଚା ଦେଇ ନ ଥାନ୍ତି। ଉଭୟ ପାଶ୍ଚାତ୍ୟ ଦେଶର ଗଣତାନ୍ତ୍ରିକ ନୀତିର ବିରୋଧୀ। ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ସମାନତା, ମାନବିକ ଅଧିକାର, ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଅନ୍ୟାନ୍ୟ ଆଧୁନିକ ଚିନ୍ତାଧାରାକୁ ଉଭୟ ସଙ୍ଗଠନ ବିରୋଧ କରିଥାନ୍ତି। ମହିଳାଙ୍କ ଭୂମିକା କେବଳ ସନ୍ତାନ ପ୍ରସବ ଓ ପରିବାର ଦେଖାଶୁଣାରେ ସୀମିତ ରଖିବାକୁ ସେମାନେ କହିଥାନ୍ତି। ସେମାନେ ମହିଳାଙ୍କୁ ହିଜାବ ଏବଂ ନିକାବ ପିନ୍ଧିବାକୁ ବାଧ୍ୟ କରୁଥିବାବେଳେ ପୁରୁଷମାନଙ୍କୁ ଦାଢ଼ି ବଢ଼ାଇବାକୁ ନିର୍ଦ୍ଦେଶ ରହିଥାଏ। ଇସ୍‌ଲାମିକ ଷ୍ଟେଟ୍ ଏକ ବିସ୍ତାରବାଦୀ ସଙ୍ଗଠନ, ଯାହା କି ସୀମା ବାହାରେ ଅନ୍ୟ ଦେଶରେ ମଧ୍ୟ ସକ୍ରିୟ। କିନ୍ତୁ ତାଲିବାନ୍ ଏକ କ୍ଷେତ୍ରୀୟ ସଙ୍ଗଠନ।

### ରକ୍ତାକ୍ତ ସଂଘର୍ଷ

ଏବେ ତୁଳନାରେ କିଛି ବର୍ଷ ପୂର୍ବରୁ ଅଧିକ ସକ୍ରିୟ ଓ ଶକ୍ତିଶାଳୀ ଥିଲା ଆଇଏସ୍‌କେ। ୨୦୨୦ ପ୍ରାରମ୍ଭରେ ନଙ୍ଗାରହାର ଏବଂ କୁନାର ପ୍ରଦେଶରେ ଦୀର୍ଘ ମାସର ରକ୍ତାକ୍ତ ସଂଘର୍ଷ ପରେ ଆଇଏସ୍‌କେ ଉପରେ ବିଜୟ ହାସଲ କରିଥିବା ତାଲିବାନ୍ ଘୋଷଣା କରିଥିଲା। ଅନେକ ଆଇଏସ୍‌କେର ସଦସ୍ୟଙ୍କୁ ତାଲିବାନ୍ ଆତଙ୍କବାଦୀ ହତ୍ୟା କରିବା ସହ ସେମାନଙ୍କ ଘରଦ୍ୱାର ଜାଳି ଦେଇଥିଲେ। ୨୦୧୮ରେ ମଧ୍ୟ ଜଜ୍ୱାନ ପ୍ରଦେଶରେ ସମାନ ସ୍ଥିତି ଦେଖାଯାଇଥିଲା। ଦୀର୍ଘ ସପ୍ତାହର ଲଢ଼େଇ ପରେ ଆଇଏସ୍‌କେକୁ କାବୁ କରି ନେଇଥିଲା ତାଲିବାନ୍। ପରେ ଅନେକ ଆଇଏସ୍‌କେ ଆତଙ୍କବାଦୀ ଆଫଗାନ୍ ସେନାର ଶରଣ ପଶିଥିଲେ। ସେହିପରି ୨୦୧୭ରେ ତାଲିବାନ ପାଇଁ ଅର୍ଥ ସଂଗ୍ରହ କରୁଥିବା ୩ ଡ୍ରଗ୍ସ ଡିଲରଙ୍କୁ ଧରିନେବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଲଢ଼େଇ ହୋଇଥିଲା। ଏଥିରେ ମଧ୍ୟ ଆଇଏସ୍‌କେ ପରାଜିତ ହୋଇଥିଲା।

ୱାଶିଂଟନ୍ ଥିଙ୍କ ଟ୍ୟାଙ୍କ୍ ଷ୍ଟିମ୍‌ସନ୍ ସେଣ୍ଟର ରିପୋର୍ଟ ଅନୁସାରେ, ୨୦୧୯ରେ ଆଇଏସ୍‌କେ ୩୪୩ ଆକ୍ରମଣ କରିଥିଲା। ସମ୍ବଳ ଅଭାବରୁ ୨୦୨୦ରେ ଆକ୍ରମଣ ସଂଖ୍ୟା ୧୧କୁ ଖସି ଆସିଥିଲା। ୨୦୧୬ରେ ଆଇଏସ୍‌କେରେ ପ୍ରାୟ ୮,୫୦୦ ଆତଙ୍କବାଦୀ ଥିବାବେଳେ ୨୦୧୯ ବେଳକୁ ତାହା ପ୍ରାୟ ୪,୦୦୦ ରହିଥିଲା। ସୈନ୍ୟ ପ୍ରତ୍ୟାହାର ନେଇ ନିକଟରେ ଆମେରିକା ଓ ତାଲିବାନ୍ ମଧ୍ୟରେ ଦୋହା ଚୁକ୍ତି ହେବା ପରଠାରୁ ଆଫଗାନିସ୍ତାନରେ ନିଜ ଉଦ୍ଦେଶ୍ୟ ସାଧିତ କରିବାକୁ ଆଇଏସ୍‌କେ ଏବେ ପୁଣି ମାତିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୬୪,୮୮,୮୦୧ | ୪୫,୦୩,୭୬୫ | ୧୯,୩୪,୭୧,୦୪୩ |
| ଭାରତ | ୩,୨୬,୬୨,୨୦୫ | ୪,୩୭,୬୮୭ | ୩,୧୮,୫୮,୬୨୫ |
| ଓଡ଼ିଶା | ୧୦,୦୫,୬୫୪ | ୭୭୬୫(+୫୩) | ୯,୯୦,୭୯୬ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିର ଆଉ ୧୦ ସ୍କୁଲକୁ ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ‘ପିଲାଙ୍କ ସଫଳତା ସବୁଠୁ ବଡ଼ ପୁରସ୍କାର’

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ହିଞ୍ଜିଳିରେ ଶନିବାର ଚତୁର୍ଥ ପର୍ଯ୍ୟାୟରେ ‘୫-ଟି’ ଅଧୀନରେ ଆଉ ୧୦ ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ପିଲାଙ୍କ ସଫଳତା ସବୁଠୁ ବଡ଼ ପୁରସ୍କାର ବୋଲି ମୁଖ୍ୟମନ୍ତ୍ରୀ କହିଥିବାବେଳେ ଆଗକୁ ବଢ଼ିବୁ ଏବଂ ସ୍ୱପ୍ନ ସାକାର କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଛାତ୍ରୀଛାତ୍ର। ଗତ ୨୧ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚାକାଂକ୍ଷୀ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୫-ଟି ଉପକ୍ରମରେ ହିଞ୍ଜିଳିର ୫୦ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୫ ପର୍ଯ୍ୟାୟରେ ୫୦ ସ୍କୁଲର ଲୋକାର୍ପଣ କରାଯିବ। ଶନିବାର ସୁଦ୍ଧା ୪୦ ସ୍କୁଲ ଲୋକାର୍ପିତ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ହିଞ୍ଜିଳିର ଏହି ସ୍କୁଲ ରୂପାନ୍ତର ପିଲାମାନଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ଭରି ଦେଇଛି। ଏହା ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ସାକାର କରିବ। ସେମାନଙ୍କୁ ଜୀବନର ସବୁ କ୍ଷେତ୍ରରେ ଶ୍ରେଷ୍ଠ କରି ଗଢ଼ିତୋଳିବା ପାଇଁ ସୁଯୋଗ ଦେବ। ବର୍ତ୍ତମାନ ପ୍ରତିଯୋଗିତାର ଯୁଗ। ଜ୍ଞାନର ଯୁଗ। ସମୟର ଆବଶ୍ୟକତାକୁ ଦେଖି ପିଲାଙ୍କୁ ସବୁଠାରୁ ଭଲ ସୁବିଧା ଦେବା ପାଇଁ ଉଦ୍ୟମ କରାଯାଉଛି। ହିଞ୍ଜିଳିରୁ ଆରମ୍ଭ ହୋଇଥିବା ଏହି ପରିବର୍ତ୍ତନ ଓଡ଼ିଶାର ଭବିଷ୍ୟତକୁ ଉଜ୍ଜ୍ୱଳ କରିବ। ରାଜ୍ୟର ଛାତ୍ରୀଛାତ୍ରଙ୍କୁ ଶ୍ରେଷ୍ଠ ନାଗରିକ ଭାବେ ଗଢ଼ିତୋଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏଥିସହ କଠୋର ପରିଶ୍ରମ କରି ସୁନାମ ଆଣିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ହିଞ୍ଜିଳିର ସ୍କୁଲ ରୂପାନ୍ତରଣ ସମସ୍ତଙ୍କ ପାଇଁ ଶିକ୍ଷଣୀୟ ଉଦାହରଣ। ଜନପ୍ରତିନିଧି ଭାବେ ସମାଜର ସବୁ କ୍ଷେତ୍ରରେ ଏପରି ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ରୂପାନ୍ତରଣ ହୋଇଥିବା ସ୍କୁଲଗୁଡ଼ିକର ଯତ୍ନ ନେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

ଏହି ଅବସରରେ ସମସ୍ତ ୧୦ ସ୍କୁଲରେ ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବିଧାୟକମାନେ ସେମାନଙ୍କ ଭାଷଣରେ ଶିକ୍ଷାର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆଗାମୀ ନଭେମ୍ବର ୧୪ ଶିଶୁ ଦିବସରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫-ଟି ଟ୍ରାନ୍ସଫର୍ମେଶନରେ ରୂପାନ୍ତରିତ ହୋଇଥିବା ୧ ହଜାର ୭୦ ସ୍କୁଲ ଲୋକାର୍ପିତ ହେବ ବୋଲି କାର୍ଯ୍ୟକ୍ରମ ପରିଚାଳନା କରି ୫-ଟି ସଚିବ ଭି. କେ. ପାଣ୍ଡିଆନ ସୂଚନା ଦେଇଥିଲେ। ସେହିପରି ସ୍ମୃତି, ଅଙ୍କିତା, ପୂଜାରାଣୀ, ପ୍ରଜ୍ଞାଶ୍ରୀ, ଅମ୍ବିକା, ଆଶା, ଦୁର୍ଗାମାଧବ ପ୍ରମୁଖ ବହୁ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ସାକାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

**୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ**

- ହିଞ୍ଜିଳିର ଆଉ ୧୦ ସ୍କୁଲ ଲୋକାର୍ପଣ
- ଶିଶୁଦିବସରେ ଲୋକାର୍ପିତ ହେବ ୧ ହଜାର ୭୦ ସ୍କୁଲ
- ପ୍ରତିଶ୍ରୁତି ଦେଲେ ଛାତ୍ରୀଛାତ୍ର: ‘ଆଗକୁ ବଢ଼ିବୁ, ସ୍ୱପ୍ନ ସାକାର କରିବୁ’

# ଅଳ୍ପ ଦେଇ ମାଗୁଛନ୍ତି ଅଧିକ ଅର୍ଥ

ଦିବ୍ୟଜ୍ୟୋତି ଦାଶ
ପାଲଲହଡ଼ା,୨୮।୮

- ଋଣ ନାମରେ ସାଇବର ଠକେଇ ଅଭିଯୋଗ
- ଫୋନରୁ ବ୍ୟକ୍ତିଗତ ତଥ୍ୟ ନେଇ କରୁଛନ୍ତି ବ୍ଲାକମେଲିଂ
- ଆର୍ଥିକ ଶୋଷଣର ଶିକାର ହୋଇଛନ୍ତି ପାଲଲହଡ଼ାର ବହୁ ଯୁବକ



କରୋନା ମହାମାରୀ ସମୟରେ ହ୍ରାସ ପାଇଛି ରୋଜଗାର। ବ୍ୟାପକ ଛଟେଇ ସହ କର୍ମନିଯୁକ୍ତି ଅଭାବରୁ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି ଯୁବପିଢ଼ି। ତେଣୁ ଅଭାବ ମେଣ୍ଟାଇବାକୁ ସେମାନେ ବ୍ୟକ୍ତିଗତ ଋଣ ନେବାକୁ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ଓ ବ୍ୟାଙ୍କକୁ ବାରମ୍ବାର ଯୋଗାଯୋଗ କରୁଛନ୍ତି। ଏହାର ସୁଯୋଗ ନେଇ ସକ୍ରିୟ ହୋଇଯାଇଛନ୍ତି ସାଇବର ଠକ। ବିଭିନ୍ନ ମୋବାଇଲ ଆପ୍ ମାଧ୍ୟମରେ ସେମାନେ ଅତି ସହଜରେ ସ୍ୱଳ୍ପ ମିଆଦୀ ଋଣ ଦେବାର ଲୋଭ ଦେଖାଇ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ଅଳ୍ପ ଅର୍ଥ ଦେଇ ଅଧିକ ଅର୍ଥ ଦାବି କରୁଛନ୍ତି। ଦାବି ମୁତାବକ ଟଙ୍କା ନ ଦେଲେ ଫୋନରୁ ବ୍ୟକ୍ତିଗତ ତଥ୍ୟ ଚୋରାଇ ଭାଇରାଲ କରିଦେବାର ଧମକ ଦେଉଛନ୍ତି। ଏପରି ସାଇବର ଠକଙ୍କ ହାବୁଡ଼ରେ ପଡ଼ି ଆର୍ଥିକ ଶୋଷଣର ଶିକାର ହୋଇଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଅଞ୍ଚଳର ଅନେକ ଯୁବକ। ହେଲେ ସାମାଜିକ ସମ୍ମାନହାନି ଭୟରେ କେହି ଥାନା କି ସାଇବର ସେଲ୍‌ରେ ଅଭିଯୋଗ କରିବାକୁ ଇଚ୍ଛା କରୁ ନ ଥିବାରୁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇ ପାରୁନାହିଁ।

ସୂଚନା ଅନୁଯାୟୀ, ସାଇବର ଠକଙ୍କ ଦ୍ୱାରା ପ୍ରସ୍ତୁତ ଏପରି ଗୁଡ଼ାଏ ମୋବାଇଲ ଆପ୍ ଇଣ୍ଟରନେଟ୍‌ରେ ଛଡ଼ାଯାଇଛି। କିନ୍ତୁ ଏ ସମ୍ପର୍କରେ ଲୋକେ ସଚେତନ ନ ଥିବାରୁ ସହଜରେ ଠକଙ୍କ ଶିକାର ହେଉଛନ୍ତି। ସ୍ୱଳ୍ପ ମିଆଦୀ ଋଣ ଚାହୁଁଥିବା କୌଣସି ବ୍ୟକ୍ତି ଏହି ଆପ୍‌କୁ ମୋବାଇଲ୍‌ରେ ଡାଉନ୍‌ଲୋଡ୍ କରି ଆବେଦନ କରିବା ମାତ୍ରେ ଠକଙ୍କ ପକ୍ଷରୁ ଆଧାର, ପାନ କାର୍ଡ ଫଟୋ ସହିତ ଆଉ କିଛି ବ୍ୟକ୍ତିଗତ ତଥ୍ୟ ମଗାଯାଉଛି। ଆବେଦନକାରୀ ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବାର ମାତ୍ର ୧୦ ମିନିଟ୍ ମଧ୍ୟରେ ୩୫୦୦ ଟଙ୍କାର ଋଣ ୭ ଦିନ ପାଇଁ ମଞ୍ଜୁର ହୋଇଥିବା ମେସେଜ ଆସୁଛି। ତେବେ ପ୍ରୋସେସିଂ ଫି ବାବଦ ୧୦୫୦ ଟଙ୍କା କଟିବା ପରେ ଆବେଦନକାରୀଙ୍କ ଆକାଉଣ୍ଟରେ ମାତ୍ର ୨୪୫୦ ଟଙ୍କା ପହଞ୍ଚୁଛି। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ କରିବାକୁ ଚାହିଁଲେ ଆପ୍‌ରେ ଥିବା ଫୋନ ନମ୍ବର ଲାଗୁନାହିଁ। ଠକମାନେ କୌଣସି ଏକ ନିର୍ଦ୍ଦିଷ୍ଟ ନମ୍ବର ରଖୁ ନ ଥିବାରୁ ବାରମ୍ବାର ଯୋଗାଯୋଗ କରି ଋଣ ଗ୍ରହୀତା ବିଫଳ ହେଉଛି। ଏହାପରେ ଠକ୍‌ଙ୍କ ପକ୍ଷରୁ ହ୍ୱାଟ୍‌ସଆପ୍‌ରେ ସମ୍ପର୍କ କରାଯିବା ସହ ଋଣ ପରିଶୋଧରେ ବିଳମ୍ବ ହୋଇଥିବା କୁହାଯାଉଛି। ଋଣ ନେଇଥିବା ବ୍ୟକ୍ତି ଏ ନେଇ ସଫେଇ ଦେଲେ, ବୈଷୟିକ ସମସ୍ୟା ଥିବା ଠକଙ୍କ ପକ୍ଷରୁ କୁହାଯାଉଛି। ଟଙ୍କା ଫେରାଇବାର ଅନ୍ୟ କୌଣସି ମାଧ୍ୟମ ସମ୍ପର୍କରେ ପଚାରିଲେ ଋଣୀଙ୍କ ମୋବାଇଲକୁ ଏକ ନିର୍ଦ୍ଦିଷ୍ଟ ଲିଙ୍କ ଆସୁଛି। ଋଣୀ ଉକ୍ତ ଲିଙ୍କ ଜରିଆରେ ଋଣ ବାବଦ ୩୫୦୦ ଓ ସୁଧ ଟଙ୍କା ଡିପୋଜିଟ କରିବା ସତ୍ତ୍ୱେ ଆପ୍‌ରେ ତାହା ଦର୍ଶାଯାଉ ନାହିଁ। ଏପରି କି ଋଣ ପରିଶୋଧ ହୋଇ ନ ଥିବା ଓ ପଠାଯାଇଥିବା ଲିଙ୍କ ସେମାନଙ୍କର ନୁହେଁ ବୋଲି କହି ତୁରନ୍ତ ଟଙ୍କା ଦେବାକୁ ଚାପ ପକାଯାଉଛି। ନଚେତ ସମ୍ପୃକ୍ତ ଋଣୀଙ୍କ ଫୋନରେ ଥିବା ସମସ୍ତ ବ୍ୟକ୍ତିଗତ ତଥ୍ୟ, ଫଟୋ, ଫୋନ ନମ୍ବର ଆଦି ସୋସିଆଲ ମିଡିଆରେ ଭାଇରାଲ କରିଦିଆଯିବାର ଧମକ ଦିଆଯାଉଛି। ସମ୍ମାନହାନି ଭୟରେ ସମ୍ପୃକ୍ତ ବ୍ୟକ୍ତି ଏ ନେଇ ଥାନା କିମ୍ବା ସାଇବର ସେଲ୍‌ରେ ଅଭିଯୋଗ ନ କରି ପୁନର୍ବାର ଋଣ ସହ ସୁଧ ଅର୍ଥ ଠକଙ୍କୁ ଦେବାକୁ ବାଧ୍ୟ ହେଉଥିବା ଜଣାପଡ଼ିଛି।

## ଲିଙ୍କ ସମ୍ବନ୍ଧିତ ବିବରଣୀ ଖୋଜନ୍ତୁ



କୌଣସି ଆପ୍ ଇନଷ୍ଟଲ ସମୟରେ ବ୍ୟକ୍ତିଗତ ସମସ୍ତ ତଥ୍ୟ ଦିଅନ୍ତୁ ନାହିଁ। ସେହିପରି ଅନାବଶ୍ୟକ ଆପ୍ ମୋବାଇଲରେ ବ୍ୟବହାର କରନ୍ତୁ ନାହିଁ। କୌଣସି ଲିଙ୍କରେ କ୍ଲିକ କରିବା ପୂର୍ବରୁ ତାହା ସମ୍ପର୍କରେ ଅଧିକ ବିବରଣୀ ନିଅନ୍ତୁ। ଏହାଦ୍ୱାରା ସାଇବର ଠକେଇରୁ ସୁରକ୍ଷିତ ରହିପାରିବେ।

**-ସନ୍ଦୀପ ମନୋହର ଦ୍ୱିବେଦୀ, ସାଇବର ବିଶେଷଜ୍ଞ, ପାଲଲହଡ଼ା**

## ସରକାର ପଦକ୍ଷେପ ନିଅନ୍ତୁ



ସାଇବର ଠକେଇ ଏବେ ଏକ ସାଧାରଣ ଘଟଣା ହୋଇଗଲାଣି। କାହାକୁ ଉପହାର ତ ଆଉ କାହାକୁ ଲଟେରି ଉଠିଥିବା କହି ସାଇବର ଠକମାନେ ସେମାନଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ ନେଇ ଟଙ୍କା ଲୁଟି ନେଉଛନ୍ତି। ଏହାକୁ କିପରି ରୋକାଯିବ ଓ ଲୋକଙ୍କୁ ସଚେତନ କରାଯିବ, ସେ ନେଇ ସରକାର ପଦକ୍ଷେପ ନିଅନ୍ତୁ।

**-ଦିବ୍ୟ କିଶୋର ଗଡ଼ନାୟକ, ସଭାପତି, ୟୁଥ ଫର ପାଲଲହଡା**

## ଥାନାରେ ଅଭିଯୋଗ କରନ୍ତୁ



ସାଇବର କ୍ରାଇମ ସମ୍ପର୍କରେ ପ୍ରଶାସନ ନିୟମିତ ସଚେତନ କରୁଛି। ଏହି ଠକମାନେ ଦେଶ ତଥା ଦେଶ ବାହାରୁ ଏହାକୁ ପରିଚାଳନା କରୁଛନ୍ତି। ତେଣୁ ଏପରି ଅପରାଧ ରୋକିବା ସହଜ ହେଉନାହିଁ। ତଥାପି ଲୋକେ ସଚେତନ ହେବା ସହ ସାଇବର ସେଲ୍ କିମ୍ବା ଥାନାରେ ତୁରନ୍ତ ଅଭିଯୋଗ କରନ୍ତୁ।

**-କିଶୋର କୁମାର ସାମଲ, ଥାନା ଅଧିକାରୀ, ପାଲଲହଡ଼ା**



ଧରିତ୍ରୀ DHARITRI
ରବିବାର, ୨୯ ଅଗଷ୍ଟ, ୨୦୨୧

**ଆଜିର ମନ୍ତବ୍ୟ**

କୃଷି ଆଇନ କୃଷକଙ୍କ ହିତ ବିରୋଧୀ। ଏହା ସେମାନଙ୍କୁ କୌଣସି ଲାଭ ଦେବନାହିଁ।
**-ଏମ୍. କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କାବୁଲ ବିସ୍ଫୋରଣ...

କୌଣସି ସାଧାରଣ ନାଗରିକ ମୃତାହତ ହୋଇ ନ ଥିବା ସେ ସୂଚନା ଦେଇଛନ୍ତି। ଆଇଏସ୍-କେର ହଜାର ହଜାର ଆତଙ୍କବାଦୀ ନଙ୍ଗରହାର ପ୍ରଦେଶରେ ଆତ୍ମଗୋପନ କରିଥିବା ବିଶ୍ୱାସ କରାଯାଉଛି। କାବୁଲ ବିମାନବନ୍ଦର ବାହାରେ ହୋଇଥିବା ବିସ୍ଫୋରଣ ପାଇଁ ଏହି ସଂଗଠନ ନିଜକୁ ଦାୟୀ କରିଥିଲା। ଉକ୍ତ ବିସ୍ଫୋରଣରେ ୧୩ ଆମେରିକୀୟ ସୈନ୍ୟଙ୍କ ସମେତ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ଘଟିଛି। ଅନେକ ଲୋକ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁବାରର ଆକ୍ରମଣ ଆଫଗାନିସ୍ତାନରେ ଆମେରିକା ନେତୃତ୍ୱାଧୀନ ସେନା ଉପରେ ଗତ ୨୦ ବର୍ଷ ମଧ୍ୟରେ ସବୁଠୁ ଭୟାନକ ଆକ୍ରମଣ ଥିଲା। ଆକ୍ରମଣକାରୀଙ୍କୁ ଖୋଜିକରି ମାରିବୁ ବୋଲି ଦିନକ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଧମକ ଦେଇଥିଲେ। ଏହା ପରେ ପେଣ୍ଟାଗନ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଡ୍ରୋନ୍ ଆକ୍ରମଣରେ ଗୋଟିଏ ଘର ଧ୍ୱଂସ ହେବା ସହ କେତେକ ଗାଡ଼ି ଜଳିଯାଇଥିବା ଦେଖାଯାଇଛି। ବିଶ୍ୱାସ କରାଯାଉଥିବା ନିର୍ଦ୍ଦିଷ୍ଟ ବିପଦ ଶେଷ ହେବାକୁ ଯାଉଛି ଏବଂ ଆମେ ସେଭଳି ବିପଦର ମୁକାବିଲା ପାଇଁ ପ୍ରସ୍ତୁତ ଏହା ଜଣାଇଦେବାକୁ ଚାହୁଁ ବୋଲି ଶୁକ୍ରବାର ପେଣ୍ଟାଗନ ପ୍ରେସ୍ ସଚିବ ଜନ୍ କିର୍ବି ଏକ ଖବରଦାତା ସମ୍ମିଳନୀରେ କହିଥିଲେ। କାବୁଲରେ ଆଉ ଏକ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ଦିନକ ପୂର୍ବରୁ ହ୍ୱାଇଟ୍ ହାଉସ୍ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଥିଲା।

## ସରକାରଙ୍କ ମିଛ ...

ଭିଏତ୍‌ନାମ ଯୁଦ୍ଧ ସମୟରେ ଆମେରିକାର ଭୂମିକାକୁ ସେତେବେଳ ପର୍ଯ୍ୟନ୍ତ କେହି ଜାଣିପାରୁ ନ ଥିଲେ, ଯେପର୍ଯ୍ୟନ୍ତ ପେଣ୍ଟାଗନ ଏ ସଂକ୍ରାନ୍ତ ଦଲିଲ ଏହାକୁ ପ୍ରକାଶ କରି ନ ଥିଲା। ସେହିପରି ଏବେ କୋଭିଡ୍ ମହାମାରୀ ସମୟରେ ଆମେ ଦେଖିବାକୁ ପାଉଛୁ ଯେ, ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ମଧ୍ୟରେ କୋଭିଡ୍ ତଥ୍ୟ ବାଟବଣା କରିବାକୁ ନେଇ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ତେଣୁ ସରକାରଙ୍କ ଉପରେ କେବଳ ଭରସା କରି ରହିହେବ ନାହିଁ। ସଚେତନ ନାଗରିକ ଭାବେ ସମସ୍ତେ ଏଥିପ୍ରତି ସଚେତନ ହେବା ଜରୁରୀ ବୋଲି ଚନ୍ଦ୍ରଚୂଡ଼ କହିଛନ୍ତି। ଏବେ ମିଥ୍ୟା ଖବର ପରିବେଷଣ ଅଧିକରୁ ଅଧିକ ହେଉଥିବା ଅଭିଯୋଗ ହେଉଛି। ଏପରି କି କୋଭିଡ୍ ପ୍ରସଙ୍ଗରେ ବହୁ ମିଥ୍ୟା ତଥ୍ୟ ଦିଆଯାଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯିବା ସହ ଏହାକୁ ଇନ୍‌ଫୋଡେମିକର ଆଖ୍ୟା ଦିଆଯାଇଛି। କେବଳ ବୌଦ୍ଧିକ ବା ସମ୍ଭ୍ରାନ୍ତ ଗୋଷ୍ଠୀ ମିଥ୍ୟା ବିରୋଧରେ ସ୍ୱର ଉତ୍ତୋଳନ କରିବେ ତାହା ନୁହେଁ, ବରଂ ମହିଳା, ଦଳିତ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ମଧ୍ୟ ସତ୍ୟକୁ ପଦାକୁ ଆଣିବାକୁ ଚେଷ୍ଟା କରିବା ଆବଶ୍ୟକ। ସମାଜରେ ସତ୍ୟ ପ୍ରତିଷ୍ଠା କରିବାକୁ ହେଲେ ସବୁବର୍ଗରୁ ପ୍ରଚେଷ୍ଟା ଜାରି ରହିବା ଆବଶ୍ୟକ ବୋଲି ଚନ୍ଦ୍ରଚୂଡ଼ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସ୍ୱର୍ଣ୍ଣ ପାଇଁ ଲଢ଼ିବେ ...

୯-୧୧, ୧୧-୮ ପଏଣ୍ଟରେ ପରାସ୍ତ କରିଥିଲେ। ମ୍ୟାଚଟି ୩୪ ମିନିଟ ପର୍ଯ୍ୟନ୍ତ ତିଷ୍ଠିଥିଲା। ରବିବାର ଫାଇନାଲରେ ଭାବିନାବେନ ବିଶ୍ୱର ନମ୍ବର ୱାନ ଖେଳାଳି ଚାଇନାର ୟିଙ୍ଗ୍ ଝୋଉଙ୍କୁ ଭେଟିବେ। ଫାଇନାଲରେ ପ୍ରବେଶ କରିଥିବାରୁ ଭାବିନାବେନ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ପାଇବା ନିଶ୍ଚିତ ହୋଇଯାଇଛି। ଗୁଜରାଟର ମେହସାନା ଜିଲାର ସୁନ୍ଧିୟା ଗ୍ରାମର ଏକ ଛୋଟ ଦୋକାନୀ ହସମୁଖଭାଇ ପଟେଲଙ୍କ ଝିଅ ଭାବିନାବେନ ଟୁର୍ନାମେଣ୍ଟ ପୂର୍ବରୁ ପାରାଲିମ୍ପିକ୍ସରେ ପଦକ ହାସଲର ଦାବିଦାର ନ ଥିଲେ। ମାତ୍ର ସେ ନିଜ ପ୍ରଥମ ପାରାଲିମ୍ପିକ୍ସକୁ ସ୍ମରଣୀୟ କରି ଦେଇଛନ୍ତି। "ମୁଁ ଯେତେବେଳେ ଏଠାକୁ ଆସିଲି ଅନ୍ୟ କୌଣସି କଥା ନ ଭାବି କେବଳ ଶତ ପ୍ରତିଶତ ପ୍ରଦର୍ଶନ ଦେବାକୁ ଚିନ୍ତା କରିଥିଲି। ଶତ ପ୍ରତିଶତ ପ୍ରଦର୍ଶନ ଦେଇପାରିଲେ ପଦକ ହାସଲ ସମ୍ଭବ ହୋଇ ପାରିବ ବୋଲି ବିଶ୍ୱାସ ଥିଲା" ବୋଲି ଭାବିନାବେନ ପ୍ରକାଶ କରିଛନ୍ତି। ସେ ୧୨ ମାସର ହୋଇଥିବାବେଳେ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ଦେଶବାସୀଙ୍କ ଆଶୀର୍ବାଦ ସହ ମୁଁ ଯଦି ଆତ୍ମବିଶ୍ୱାସର ସହ ଖେଳିପାରିବି ତେବେ ସ୍ୱର୍ଣ୍ଣ ପଦକ ଜିତିପାରିବି। ମୁଁ ଫାଇନାଲ ପାଇଁ ପ୍ରସ୍ତୁତ ଏବଂ ସେଥିରେ ଶତପ୍ରତିଶତ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ହୁଇଲ ଚେୟାର ମାଧ୍ୟମରେ ଖେଳୁଥିବା ଭାବିନାବେନ ପ୍ରଥମ ଗେମ୍‌ରେ ହାରି ଯାଇଥିଲେ ହେଁ ପରବର୍ତ୍ତୀ ୨ଟି ଗେମ୍ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ୪ର୍ଥ ରାଉଣ୍ଡରେ ଝାଙ୍ଗ ନିଜ ଦକ୍ଷତା ଦେଖାଇ ଗେମ୍‌କୁ ନିଜ ପକ୍ଷକୁ ନେଇଯିବାରୁ ମ୍ୟାଚ ନିର୍ଣ୍ଣାୟକ ରାଉଣ୍ଡକୁ ଯାଇଥିଲା। ୫ମ ସେଟ୍‌ରେ ଭାବିନାବେନ୍ ଏକଦା ୫-୦ରେ ଅଗ୍ରଣୀଲାଭ କରିଥିଲେ ହେଁ ଝାଙ୍ଗ କଡ଼ା ଚ୍ୟାଲେଞ୍ଜ ଦେଇ ମ୍ୟାଚକୁ ୮-୯ ସ୍ଥିତିକୁ ନେଇ ଆସିଥିଲେ। ତେବେ ଶେଷରେ ଭାବିନାବେନ ମ୍ୟାଚକୁ ୧୧-୮ରେ ଜିତି ନେଇଥିଲେ। ଝାଙ୍ଗ୍‌ଙ୍କ ସହିତ ଭାବିନାବେନଙ୍କର ପୂର୍ବରୁ ୧୧ଥର ଭେଟ ହୋଇଥିଲା। ମାତ୍ର ପୂର୍ବତନ ନମ୍ବରୱାନ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସେ ପ୍ରଥମଥର ପାଇଁ ବିଜୟୀ ହେବାରେ ସକ୍ଷମ ହୋଇଥିଲେ। ଫାଇନାଲରେ ଝୋଉଙ୍କଠାରୁ ଭାବିନାବେନ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। କାରଣ ଗତ ବୁଧବାର ନିଜ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ଝୋଉଙ୍କଠାରୁ ୩-୧୧, ୯-୧୧, ୨-୧୧ ପଏଣ୍ଟରେ ହାରି ଯାଇଥିଲେ। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ ୨୦୧୬ ରିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ତଥା ବିଶ୍ୱର ୨ ନମ୍ବର ଖେଳାଳି ସର୍ବିୟାର ବୋରିସ୍ଲାଭା ପେରିକ ରାଙ୍କୋଭିଚ୍‌ଙ୍କୁ ହରାଇ ପଦକ ନିଶ୍ଚିତ କରିଥିଲେ।

## ଓଡ଼ିଶା ୩ ବର୍ଷ ପାଇଁ ରଗ୍‌ବୀ...

ପ୍ରୋଗ୍ରାମ୍‌କୁ ସହାୟତା ତଥା ସହଯୋଗ ପଦାନ କରିବେ। ରଗ୍‌ବୀ ଇଣ୍ଡିଆର ପ୍ରାୟୋଜକ ସୋସାଇଟି ଜେନେରାଲ ଏ ନେଇ ଘୋଷଣା କରିଛି। ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଜାତୀୟ ଜୁନିୟର ବାଳିକା ଦଳର ନ୍ୟାଶନାଲ ଟ୍ରେନିଂ ଓ ସିଲେକ୍ସନ କ୍ୟାମ୍ପ ଗତ ୧୪ ତାରିଖରୁ ଆରମ୍ଭ ହୋଇଛି। ଏହି କ୍ୟାମ୍ପ ସେପ୍ଟେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରଗ୍‌ବୀ ଇଣ୍ଡିଆ ବୋର୍ଡର ଅନ୍ୟତମ ସଦସ୍ୟ ତଥା ଅଭିନେତା, ନିର୍ଦ୍ଦେଶକ, ଲେଖକ, ସମାଜସେବୀ ରାହୁଲ ବୋଷ ଯୋଗ ଦେଇ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଏଥିରେ ସୋସାଇଟି ଜେନେରାଲ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଚିଫ୍ କଣ୍ଟ୍ରି ଅଫିସର ଟୋବି ଲସନ, ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା, କିଟ୍ ଓ କିସ୍ ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ, ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ ଅଧ୍ୟକ୍ଷ ବିକ୍ରମ ଆହୁଜା ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରମୁଖ ଯୋଗ ଦେଇଥିଲେ। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କିପରି ଭାରତ ପ୍ରବେଶ କରିବ ଓ ପଦକ ଜିତିବ ସେ ନେଇ ଯୋଜନା ଏବଂ ରୂପରେଖ ପ୍ରସ୍ତୁତ ଉପରେ ରଗ୍‌ବୀ ଇଣ୍ଡିଆ ଓ ଅନ୍ୟ ସହଯୋଗୀମାନେ କାର୍ଯ୍ୟକରିବା ଆରମ୍ଭ କରିଛନ୍ତି। ଏଥିପାଇଁ ତୃଣମୂଳସ୍ତରରେ କାର୍ଯ୍ୟକରିବା, ପ୍ରତିଭା ଚିହ୍ନଟ ଓ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି। ସୋସିଏଟ ଜେନେରାଲ (ଫାଇନାନସିଆଲ ପାର୍ଟନର ଓ ଅଫିସିଆଲ ବ୍ୟାଙ୍କ), ଓଡ଼ିଶା ସରକାର ଓ କିଟ୍‌କୁ ବାଦ୍‌ଦେଲେ ରଗବୀ ଇଣ୍ଡିଆ ଅଫିସିଆଲ ପାର୍ଟନର ଭାବେ ବିଏଲ୍‌କେ (ମ୍ୟାଚ୍ କିଟ୍ ପାର୍ଟନର), ଫାଷ୍ଟ ଆଣ୍ଡ ଅପ୍ (ନ୍ୟୁଟ୍ରିଶନ ପାର୍ଟନର), ବ୍ଲେଡ ଇଣ୍ଡିଆ (ନ୍ୟାଶନାଲ ଟିମ୍ ପାର୍ଟନର) ଓ ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫର୍ମାନ୍ସ (ଏଟିବିପି) ସହ ମଧ୍ୟ ଚୁକ୍ତିରେ ସ୍ୱାକ୍ଷର କରିଛି।

### ଓଡ଼ିଶା ଭାରତୀୟ ରଗ୍‌ବୀ ଘର ହେବ: ମୁଖ୍ୟମନ୍ତ୍ରୀ

ଉଜ୍‌ବେକିସ୍ତାନରେ ଏସିଆନ ସେଭେନ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ୧୮ ବର୍ଷରୁ କମ୍ ବାଳିକା ଦଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ରଗ୍‌ବୀ ଇଣ୍ଡିଆ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଥିବା ଭାଗୀଦାରି ଏବେ ନୂଆ ରୂପ ନେବାକୁ ଯାଉଛି ଓ ଏହାର ବାସ୍ତବତା ମଧ୍ୟ ଏବେ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଏହି ବାଳିକା ଦଳର ଟ୍ରେନିଂ ଆୟୋଜିତ ହେଉଥିବାରୁ ବହୁତ ଆନନ୍ଦିତ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିକାଶ ଯୋଜନାରେ ରଗ୍‌ବୀକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ରାଜ୍ୟର ଏକାଧିକ ଯୁବ ପୁରୁଷ ଓ ମହିଳା ଖେଳାଳି ଜାତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ସଫଳତା ହାସଲ କରିଛନ୍ତି। ଓଡ଼ିଶା ଭାରତୀୟ ରଗ୍‌ବୀର ଘର ହେବ ଓ ଏହି ଭାଗୀଦାରି ଦୀର୍ଘ ବର୍ଷଧରି ଚାଲୁ ରହିବ ବୋଲି ସେ କହିଛନ୍ତି। ସେହିପରି ଅଚ୍ୟୁତ ସାମନ୍ତ, ଲସନ ଓ ବିକ୍ରମ ଆହୁଜା ମଧ୍ୟ ରଗ୍‌ବୀର ଉନ୍ନତି ପାଇଁ ରଗ୍‌ବୀ ଇଣ୍ଡିଆର ଉପଲବ୍ଧି ଓ ପ୍ରୟାସ ଉପରେ ନିଜର ମତ ରଖିଥିଲେ।

## ପାର୍ବଣ: ସତର୍କତା ...

ବ୍ୟାପେ ସେ ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିଲାଗି ରାଜ୍ୟଗୁଡ଼ିକ କଡ଼ା କଟକଣା ଲାଗୁ କରିପାରିବେ। ବାହାରେ ସଭିଏ ଯେପରି ଠିକ୍ ଭାବେ ମାସ୍କ ପିନ୍ଧନ୍ତି ଏବଂ ସାମାଜିକ ଦୂରତ୍ୱ ରକ୍ଷାକରନ୍ତି ତାହା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। କଟକଣା ନ ମାନିଲେ ଜରିମାନା ଆଦାୟ କରାଯିବ। ସଂକ୍ରମଣ ନ ଥିବା କିମ୍ବା କମ୍ ସଂକ୍ରମଣ ଥିବା ସ୍ଥାନକୁ କିପରି ସୁରକ୍ଷିତ ରଖାଯିବ ତାହା ନିଶ୍ଚିତ କରିବାକୁ ପଡ଼ିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଟିକାକରଣ କାର୍ଯ୍ୟକୁ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ପାର୍ବଣ ପାଇଁ ଗାଇଡ୍‌ଲାଇନ ଜାରି କରିବା ପରେ ଆସନ୍ତା ସେପ୍ଟେମ୍ବର ୧ରେ ରାଜ୍ୟ ସରକାର ନୂତନ କୋଭିଡ୍ ଗାଇଡ୍‌ଲାଇନ ଜାରି କରିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣ ପାରିବାରିକ ସ୍ନେହ ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇ ଦେଇପାରନ୍ତି। କୌଣସି ନୂଆ କାମଟିଏ ଆରମ୍ଭ କରିବା ସକାଶେ ବ୍ୟୟ ଅଟକଳ କରିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ସୁଫଳ ମିଳିବ। ଆନୁଷ୍ଠାନିକ କାମର ପ୍ରସ୍ତୁତି ସରିବ ଓ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।

**ବୃଷ**
ଆଜିର ଆକସ୍ମିକ ଦୂରଯାତ୍ରା ସଙ୍ଗକୁ ବ୍ୟୟବହୁଳତା ମାନସିକ ଯନ୍ତ୍ରଣାର କାରଣ ହେବ। ବିଭିନ୍ନ ପ୍ରତିବନ୍ଧକ କାରଣରୁ ମନ ଭଲ ରହିବ ନାହିଁ। ସଭା ସମିତି, କଚେରି ମାମଲା, ଚୁକ୍ତିପତ୍ର ଓ କଳା ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ। କୌଣସି ଦ୍ରବ୍ୟପ୍ରାପ୍ତିରେ ଜଣେ ଜଣାଶୁଣା ବ୍ୟକ୍ତି ଅସହଯୋଗ କରିପାରେ।

**ମିଥୁନ**
କିଛି ଦିନ ହେଲା ପରିବାରରେ ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବା ବଦଳରେ ବୃଦ୍ଧି ପାଇବ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ସ୍ଥଗିତ କାମ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର ଓ ଅଳଙ୍କାର, ଔଷଧପତ୍ର କ୍ରୟ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଅନ୍ୟମନସ୍କ ହେତୁ କୌଣସି ଭୁଲ୍ କରି ଅନୁତପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ**
ଘରୋଇ କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଢ଼ିଯିବ। ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। ସାମାଜିକ ସ୍ତରରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିପାରନ୍ତି।

**ସିଂହ**
ଦୂର ସ୍ଥାନକୁ ଯିବାକୁ ମନସ୍ଥ କରି ସକାଳୁ ଅତ୍ୟାବଶ୍ୟକ କାର୍ଯ୍ୟ ସମ୍ପନ୍ନ କରିବେ। କାର୍ଯ୍ୟସିଦ୍ଧି ସାଙ୍ଗକୁ ବ୍ୟକ୍ତିଗତ ଭାବରେ ଆର୍ଥିକ ଉନ୍ନତି ଓ କାର୍ଯ୍ୟ ହାସଲରୁ ଖୁସି ରହିବେ। ଦିନ ଭିତରେ ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଖୁସି ରହିବେ।

**କନ୍ୟା**
କୌଣସି କ୍ଷେତ୍ରରେ ବାରମ୍ବାର ଚେଷ୍ଟା କଲେ ଲକ୍ଷ୍ୟ ହାସଲ କରିବେ। ସାଂସ୍କୃତିକ, ସାମାଜିକ ଅନୁଷ୍ଠାନରେ ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। କୌଣସି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଅବଶ୍ୟମ୍ଭାବୀ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ଲଢ଼ିଲେ ସମର୍ଥନ ପାଇବେ ନାହିଁ।

**ତୁଳା**
ଦୀର୍ଘ ଦିନ ହେଲା ଯାହା ଭାବୁଥିଲେ, ତାହା ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ଶୁଭଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ଅର୍ଥ, ସମ୍ମାନ, ପ୍ରଶଂସା ମଧ୍ୟ ପାଇ ଖୁସି ହେବେ। ସମସ୍ୟାଜଡ଼ିତ ଘରୋଇ ସମସ୍ୟା ସମାଧାନ ହୋଇଯିବ, କିନ୍ତୁ ମନ ଅସ୍ଥିର ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ଏବଂ କଳା, ସାହିତ୍ୟ, ସଭାସମିତିରେ ଯୋଗ ଦେଇପାରନ୍ତି।

**ବିଛା**
ଆପଣ ସମାଜରେ ଜହ୍ନମାମୁ ଭଳି ଆଦରଣୀୟ ହେବେ, କିନ୍ତୁ କୌଣସି କାମ ଶୃଙ୍ଖଳିତ ହେବନାହିଁ। ଖର୍ଚ୍ଚର ପରିମାଣ ବୃଦ୍ଧି ପାଇଲେ ମଧ୍ୟ ବିଭିନ୍ନ ଦିଗରୁ ରୋଜଗାର କମ୍ ହେବନି। ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ନିଜ ଲୋକମାନେ କାମରେ ଅବହେଳା କରିବାରୁ ମନ ବିରକ୍ତ ହେବ।

**ଧନୁ**
ଆଜି ଦିନଟି ଆପଣଙ୍କୁ ଖୁବ୍ ସହାୟକ ହେବ। ଅଳସୁଆମି ଓ କାଳକ୍ଷେପଣ ନୀତିରୁ ଦୂରେଇ ରହିଲେ ଆଶା ପୂରଣରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ବୁଝାମଣା ଅଭାବରୁ ପାରିବାରିକ କ୍ଷେତ୍ରରେ ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି କାମଗୁଡ଼ିକ ସୁବିଧାରେ ହେବା ଦିଗରେ ସାହାଯ୍ୟ କରିବ।

**ମକର**
ଗତକାଲିର ଆଲୋଚନାନୁସାରେ ସକାଳୁ କୌଣସି କାମ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଆପଣଙ୍କ ଶ୍ରୁତିରୋଚକ ମଧୁର କଥାରେ ଅନ୍ୟମାନଙ୍କୁ ଆପଣେଇ ନେଇପାରିବେ। ପ୍ରତିଯୋଗିତାରେ କିମ୍ବା ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ। ପୂର୍ବ ଶତ୍ରୁତା କାରଣରୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବାର ସୂଚନା ରହିଛି।

**କୁମ୍ଭ**
ଆଜି ବନ୍ଧୁ ଗହଣରେ ମଜାମସ୍ତିରେ ସମୟ ଅତିବାହିତ କରିବେ। ଶିଳ୍ପ, ବାଣିଜ୍ୟ ସନ୍ତୋଷଜନକ ନ ହୋଇପାରେ। ସମ୍ଭାବ୍ୟ କଳହର ଆଶଙ୍କା କରି ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିର୍ମାଣ ଧିମେଇ ଯିବ ଓ ଆବଶ୍ୟକତା ପୂରଣ ପାଇଁ କେତେକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ**
ଆଜି ଘର କାମ ଅବହେଳା କରିବା ହେତୁ ପାରିବାରିକ ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ରାଜନୀତି, ପ୍ରଶାସନିକ ସ୍ତରରେ, ସାହିତ୍ୟ, ସାମ୍ବାଦିକତାରେ ଲକ୍ଷ୍ୟ ହାସଲ କରିବେ। କିନ୍ତୁ ସନ୍ତାନଙ୍କ ଦାବିକୁ ଅଗ୍ରାହ୍ୟ କରି ପରିବାରରେ ଛୋଟ ଛୋଟ କଥାରେ କଳହ ଲାଗିବ।


# classifieds Everyday
0674-2580101, 2549302




**BRIDE WANTED**

63 ବର୍ଷ ବୟସ, ଖଣ୍ଡାୟତ ପେନ୍‌ସନ୍ ଭୋଗୀ (ମାସିକ ଆୟ 50,000/-)ଙ୍କ ପାଇଁ 50 ବର୍ଷ ବୟସ୍କା, ଅବିବାହିତା, ବିଧବା, ଏକାକୀ ରହୁଥିବା ମହିଳା ଆବଶ୍ୟକ। ନିଜର ବିବରଣୀ ସହ 7326037796କୁ ଯୋଗାଯୋଗ କରନ୍ତୁ। ଧ-୨୧୪୭୮

Searching both Kaibarta Groom in Bhubaneswar for very Fair Bride & very Fair Bride for Kaibarta Groom (IAS Faculty) Mob: 9990161440. D-21476

**GROOM WANTED**

47 ବର୍ଷ ବିଧବା ମହିଳା Horticulture Assistant ଭାବରେ କାର୍ଯ୍ୟରତ। ଘର କୋରାପୁଟ। ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9776500136. D-70894

Beautiful Gopal Girl Age-24/ MCA/ SBI PO/ 'SUHAG'. 7978399083, 9090486408. D-21448




**SALE**

TRUCKS FOR SALE: Available commercial Trucks, Cars and used Tires for immediate sale. Interested and genuine buyers call 9938566784 for details. D-21487




**SALE**

6BHK duplex 52,00,000/- finishing Hanspal, lowcost plot Atala- 8093465134, 9668194157. D-70949

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

ପାହାଳ, ନଖରା, ତମାଣ୍ଡୋରେ electri ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି ଘର କରନ୍ତୁ। 9776866520. D-70896

**Ready to move Apartment 2BHK, 3BHK near Patia Railway Station. Contact: 7437998131.** D-69991

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାରି ଜାଗା ବିକ୍ରିହେବ। (Single Owner). ଷ୍ଟାର ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। ଯୋଗାଯୋଗ- 8917413036. D-71141

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ **Commercial Hub Grand Bazar** ସମ୍ମୁଖରୁ **1 K.M.** ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249310759.** D-70893

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70467

2000 sqft. & 1500 sqft. land sale at near Nandan Kanan, Barang. 9438682361/ 9937311995. D-71003

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21472

ହଂସପାଳ, ଅଟଳା, ପାହାଳ **Duplex/ Simplex** ପ୍ଲଟ୍ ସୁଲଭ ମୂଲ୍ୟରେ ଉପଲବ୍ଧ। **7855995233.** D-71407

Bhubaneswar plot/ land available near AIIMS Hospital sqft.- 550/-, 900/-, 2200/- & at Janla-1000/-, Contact: 9583174462. D-70885

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21279

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

Want a dream home on your own plot assistance for construction, design and development. Contact: K.K. Construction 7008268129, 9439143273. D-71313

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Single Rooms attached Toilet near Sisupalgad College, Bhubaneswar. Contact No. 9437764734. D-70729

NH Road Side Land and Building with Electricity, Water, Boundary Wall, Parking space for Commercial Purpose Bank, Godown, Clinic at Khordha Nayagarh Road. Half-kilometre from Khordha Road. Contact-9777594139. D-21483




Swarna SPA newly open positively health benefits with expert therapist. 9556978408. D-71139

Lotus SPA newly open positively health benefits/ expert therapist. 8455987557. D-71403

Newly open full body massage Ladies and Gents. 8658471570, 8658994614. D-70473

Newly open SPA Offer@ 799/-, positively health benefits. Jaydevbihar. 7846814019. D-71408

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LOST**

It is notified for the information that my Original Qualifying Examination Certificate at main Secondary Examination of year 2010 and Roll No.- 5191415 issued by CBSE has been actually lost. Name of the candidate Shubham Raj, full address- D-47, Vasant Vihar, SECL, Rajkishore Nagar, Bilaspur, (CG), Pin- 495006, Phone No.- 9629764996. D-21484

**AFFIDAVIT**

By virtue of an affidavit at Bhubaneswar Court I have changed my name from Eva Ishani to Eva Ishani Sahoo, W/o- Rajesh Kumar Sahoo, At- Jagannath Matha lane. Old Town, Bhubaneswar, Odisha- 751002. D-71315

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ଆଜିଠୁ ୧୨ ଜିଲାରେ ସେରୋସର୍ଭେ**

ଭୁବନେଶ୍ୱର, (ବ୍ୟୁରୋ)- ରାଜ୍ୟର ୧୨ ଜିଲାରେ ରବିବାରଠାରୁ ସେରୋସର୍ଭେ ଆରମ୍ଭ ହେବ। ସେହି ଜିଲାଗୁଡ଼ିକ ହେଲା ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର। ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି) ପକ୍ଷରୁ ଏହି ରାଜ୍ୟସ୍ତରୀୟ ସେରୋ ସର୍ଭେ ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବ। ମୋଟ ୬,୬୮୦ ନମୁନା ସଂଗ୍ରହ କରାଯିବ। ପ୍ରତି ଜିଲାରୁ ୧୦୦ଜଣ ସ୍ୱାସ୍ଥ୍ୟ କର୍ମୀଙ୍କର ନମୁନା ସଂଗ୍ରହ ହେବ। ତେଣୁ ଆର୍‌ଏମ୍‌ଆର୍‌ସିର ଟିମ୍‌କୁ ସହଯୋଗ କରିବା ପାଇଁ ଶନିବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

# ୱେବ୍ ପୋର୍ଟାଲ ସମ୍ପାଦିକାଙ୍କ ସମେତ ୫ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ, ୨୮।୮(ଡି.ଏନ୍.ଏ.)

**ଦୁଇ ବ୍ୟବସାୟୀଙ୍କୁ ମୁଣ୍ଡଜାମିନ ରଖି ନିର୍ଯାତନା**

- ୧୦ଲକ୍ଷ ଟଙ୍କା ଦାବି କରି ନିସ୍ତୁକ ମାଡ଼ ମାରିଥିଲେ
- ଉଲଗ୍ନ କରି ରଡ୍‌ରେ ପିଟି ନଚାଉଥିଲେ
- ଦେହରେ ମଦ ଢ଼ାଳି ସିଗାରେଟ ଚେଙ୍କ ଦେଉଥିଲେ
- ଫେରାର ପୋର୍ଟାଲ ମୁଖ୍ୟଙ୍କୁ ଧରିବାକୁ ତନାଘନା

ଦୁଇ ବ୍ୟବସାୟୀଙ୍କୁ ଦୁଇଦିନ ମୁଣ୍ଡଜାମିନ ରଖି ଅକଥନୀୟ ନିର୍ଯାତନା ଦେଲେ। ଉଲଗ୍ନ କଲି ଲୁହା ରଡରେ ବାଡେଇବା ସହ ନାଚିବା ପାଇଁ ବାଧ୍ୟ କରୁଥିଲେ। ନ ନାଚିଲେ ଦେହରେ ମଦ ଢାଳି ସିଗାରେଟ ଚେଙ୍କ ଦେଉଥିଲେ। ଲୁହା ରଡ୍ ଓ ବେଲ୍ଟରେ ପିଟୁଥିଲେ। ଏଭଳି ନିର୍ଯାତନାର ଶିକାର ହୋଇଥିଲେ କେନ୍ଦ୍ରାପଡାର ପୂର୍ଣ୍ଣଚନ୍ଦ୍ର ସାହୁ ଓ କୋଲକାତା ଆସାନସୋଲ୍‌ର ଭିଗୁନାଥ ସିଂ। ପୂର୍ଣ୍ଣଚନ୍ଦ୍ରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଚମଡ଼ା ବାହାରି ଯାଇଥିବାବେଳେ ଭିଗୁନାଥଙ୍କ ଶରୀରରେ ଗୁରୁତର ମାଡ଼ ଚିହ୍ନ ରହିଛି। ଭୁବନେଶ୍ୱରସ୍ଥିତ ଲାଇଭ୍ କଳିଙ୍ଗ ୱେବ୍ ପୋର୍ଟାଲ କାର୍ଯ୍ୟାଳୟରେ ଏହି ଲୋମଟାଙ୍କୁରା ଘଟଣା ଘଟିଥିବାବେଳେ ନନ୍ଦନକାନନ ଥାନା ପୋଲିସ ୫ଜଣ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଚ୍ୟାନେଲ ସମ୍ପାଦିକା ପ୍ରିୟମ୍ବଦା ନାୟକ, ମହିଳା ସିକ୍ୟୁରିଟି ଗାର୍ଡ ମମତା ସାହୁ, ପୁରୁଷ ସିକ୍ୟୁରିଟି ଗାର୍ଡ ସାହିଲ ସୟଦ ଆଜନାମ ଅଲ୍ଲୀ, ସିକୁରିଟି ଇନ୍‌ଚାର୍ଜ ରାଜେଶ ବାରିକ, ସୋମୁ ଓରଫ ଅଭିରାମ ପାତ୍ର। ଏଥିସହ ପୋଲିସ ସେଠାରୁ ବନ୍ଧୁକ, ଖଣ୍ଡା, ଛୁରି, ଠେଙ୍ଗା ସହ ୭ କମ୍ପ୍ୟୁଟର, ୨ ଟଙ୍କା ଗଣିବା ମେଶିନ, ୨ କ୍ୟାମେରା, ପେନ୍‌ଡ୍ରାଇଭ୍, ୫ ମୋବାଇଲ ଫୋନ, ବ୍ୟାଙ୍କ ପାସ୍‌ବୁକ୍, ଚେକ୍ ବୁକ୍ ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରି ଉକ୍ତ କାର୍ଯ୍ୟାଳୟକୁ ସିଲ୍ କରିଛି। ଆଇପିସି ଦଫା ୩୬୪(ଏ), ୩୦୭, ୫୦୬, ୩୪ ଓ ୨୫ ଆର୍ମ୍ସ ଆକ୍ଟରେ ମାମଲା (ନଂ.୯୩/୨୧) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ତଥା ପୋର୍ଟାଲ ସିଇଓ ରଘୁନାଥ ସାହୁ ଓରଫ ରାଜ୍ ଫେରାର ହୋଇଯାଇଛନ୍ତି। ଏମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ଓ ଏନେଇ ଅଧିକ ତଦନ୍ତ ଚାଲିଥିବା ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# 'ଢେଙ୍କାନାଳ ଶିଳ୍ପାୟନ ପାଇଁ ବରଦାନ'

ଢେଙ୍କାନାଳ ଅଫିସ, ୨୮।୮



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

- ସଦାଶିବପୁରରେ କମନ ୟୁଜର ପେଟ୍ରୋଲିୟମ ଫାସିଲିଟି ଭିତ୍ତିପ୍ରସ୍ତର
- ଉପକୃତ ହେବେ ଅନୁଗୋଳ, କେନ୍ଦୁଝର, ଦେବଗଡ଼, ଢେଙ୍କାନାଳ ଜିଲା
- ୩୯୫ କୋଟିର ପ୍ରକଳ୍ପ, ୨୦୨୩ ଅଗଷ୍ଟ ୩୧ ସୁଦ୍ଧା କାର୍ଯ୍ୟକ୍ଷମ ଲକ୍ଷ୍ୟ

ଓଡ଼ାପଡ଼ା ବ୍ଲକ ସଦାଶିବପୁର ତେନ୍ତୁଳିଆପଡ଼ାଠାରେ ପ୍ରସ୍ତାବିତ 'କମନ ୟୁଜର ପେଟ୍ରୋଲିୟମ୍ ଫାସିଲିଟି' ଢେଙ୍କାନାଳ ଜିଲା ଶିଳ୍ପାୟନ ପାଇଁ ବରଦାନ ସାବ୍ୟସ୍ତ ହେବ। ଏହା ଅବିଭକ୍ତ ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ଦେବଗଡ଼ ସମେତ ପଶ୍ଚିମ ଓଡ଼ିଶାରେ ପେଟ୍ରୋଲିୟମ୍ ସାମଗ୍ରୀ ଚାହିଦା ପୂରଣ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର ମଧ୍ୟାହ୍ନ ୧୨ଟାରେ 'କମନ ୟୁଜର ପେଟ୍ରୋଲିୟମ୍ ଫାସିଲିଟି' ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ସେ ଏହା କହିଛନ୍ତି।

ଧର୍ମେନ୍ଦ୍ର ନିଜ ଅଭିଭାଷଣରେ କହିଲେ, ୫୦ ଏକର ପରିମିତ ଜମି ଏବଂ ୩୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ତୈଳ ଟର୍ମିନାଲର ମୋଟ କ୍ଷମତା ୪୨ ହଜାର କିଲୋଲିଟର। ଏହି ପ୍ରକଳ୍ପ ୩୦ରୁ ୪୦ବର୍ଷ ଯାଏ ଶିଳ୍ପାୟନ ପ୍ରଗତିରେ ବଡ଼ ଭୂମିକା ନେବ। ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, କେନ୍ଦୁଝର ଜିଲା ଖଣିଜ ସମ୍ପଦରେ ଭରପୂର। ଟାଟାଷ୍ଟିଲ, ନାଲ୍‌କୋ, ଜିନ୍ଦଲ ଇଣ୍ଡିଆ, ଥର୍ମାଲ ପ୍ଲାଣ୍ଟ ଏବଂ ଏନ୍‌ଟିପିସି ଭଳି ବୃହତ୍ କମ୍ପାନୀ ଏସବୁ ଜିଲାରେ ରହିଛି। ଢେଙ୍କାନାଳ ଜିଲାରେ ରହିଥିବା ଅପାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। ୨୦୨୩ ଅଗଷ୍ଟ ୩୧ ସୁଦ୍ଧା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଶିଳ୍ପ ପ୍ରତିଷ୍ଠାନରେ ନିୟୋଜିତ ଟ୍ରକ୍‌ରେ ବିଭିନ୍ନ ଷ୍ଟେଶନରୁ ପେଟ୍ରୋଲିୟମ୍‌ଜାତ ସାମଗ୍ରୀ ଇଥାନଲ୍ ଓ ଏଲ୍‌ଏନ୍‌ଜି ପରିବହନ ସହଜ ହେବ। ଏହା ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶରେ ବଡ଼ ଭୂମିକା ଗ୍ରହଣ କରିବ। ପ୍ରକଳ୍ପ ନିର୍ମାଣ ସମୟରେ ୨ଲକ୍ଷ ମାନବ ଦିବସର ରୋଜଗାର ସୃଷ୍ଟି ହେବ। ଏହା କାର୍ଯ୍ୟକ୍ଷମ ହେଲେ ପାରାଦୀପରୁ ପେଟ୍ରୋଲିୟମ୍ ସାମଗ୍ରୀ ପରିବହନ ପାଇଁ ହେଉଥିବା ଅତିରିକ୍ତ ଖର୍ଚ୍ଚ ହ୍ରାସ ପାଇବ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାରେ ବିପିସିଏଲ୍ ନେତୃତ୍ୱରେ ହେବାକୁ ଥିବା ଏହି ପ୍ରକଳ୍ପ ଭାରତର ପ୍ରଥମ ତୈଳ ଟର୍ମିନାଲ, ଯେଉଁଥିରୁ ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ୍ ତୈଳ ନେବେ। ଆମେରିକା, ଚାଇନା ପରେ ଭାରତ ତୃତୀୟ ଶକ୍ତି ବ୍ୟବହାରକାରୀ ରାଷ୍ଟ୍ର। ୨୦୩୦ ସୁଦ୍ଧା ଭାରତ ଶକ୍ତି ବ୍ୟବହାରରେ ଶୀର୍ଷରେ ଥିବ। ଆଗାମୀ ଦିନରେ ଜଳପଥରେ ଧାମରା ଏବଂ ତାଳଚେର ମଧ୍ୟରେ ଷ୍ଟିମର ଚଳାଚଳ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। ଶିଳାନ୍ୟାସ ଉତ୍ସବରେ ଭର୍ଚୁଆଲ ମୋଡ୍‌ରେ ସାମିଲ ହୋଇ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଲେ, 'କମନ ୟୁଜର ପେଟ୍ରୋଲିୟମ୍ ଫାସିଲିଟି'କୁ ରେଳପଥ ମାଧ୍ୟମରେ ପେଟ୍ରୋଲିୟମ ସାମଗ୍ରୀ ଯୋଗାଇ ଦିଆଯିବାର ଯୋଜନା ରହିଛି। ବିପିସିଏଲ୍ ଦ୍ୱାରା ୧,୬୦୦ କୋଟି ଟଙ୍କା ବ୍ୟୟରେ ବରଗଡ଼ ଜିଲାରେ ଭାରତର ପ୍ରଥମ ୨-ଜି ଇଥାନଲ୍ ବାୟୋ ରିଫାଇନେରି ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପରେ ଦୈନିକ ୪୦୦ ମେଟ୍ରିକ ଟନ୍ ଜୈବିକ ବସ୍ତୁରୁ ୨୦୦ କିଲୋଲିଟର ଇଥାନଲ୍ ଉତ୍ପାଦନ କରାଯିବ। ୨୦୨୩ ମାର୍ଚ୍ଚ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବ ବୋଲି ସେ ସୂଚନା ଦେଇଥିଲେ। ଉତ୍ସବରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି କହିଲେ, ଏହି ପ୍ରକଳ୍ପ କେନ୍ଦ୍ର ଏବଂ ଉତ୍ତର ଓଡ଼ିଶାର ପେଟ୍ରୋଲ ଚାହିଦା ପୂରଣ କରିବ। ଯୋଜନାର ଲାଭ ଯେପରି ସ୍ଥାନୀୟ ଲୋକେ ପାଆନ୍ତି, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

ଗୁଣ୍ଡିଚାପଡ଼ାରେ ବନ୍ଦ ପଡ଼ିଥିବା ଅକ୍ସିଜେନ୍ ପ୍ରସ୍ତୁତକାରୀ ଏୟାର ପ୍ରଡକ୍ଟ ପ୍ଲାଣ୍ଟକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଏମ୍‌ପି ମହେଶ ସାହୁ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ବିଧାୟିକା ସୀମାରାଣୀ ନାୟକ ପ୍ରକଳ୍ପରେ ଜମିହରା ଲୋକଙ୍କ ଜୀବନ ଜୀବିକା ପ୍ରତି ପ୍ରାଥମିକତା ଦେବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ହିନ୍ଦୋଳ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମହାନ୍ତ, ବିପିସିଏଲ୍ ମ୍ୟାନେଜିଂ ଡାଇରେକ୍ଟର କେ. ପଦ୍ମାକର, ମାର୍କେଟିଂ ଡାଇରେକ୍ଟର ଅରୁଣ କୁମାର ସିଂଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆଇଓସିଏଲ୍ ସିଜିଏମ୍ ଶୁଭଜିତ୍ ଘୋଷ ଧନ୍ୟବାନ ଅର୍ପଣ କରିଥିଲେ।

# ହିତାଧିକାରୀଙ୍କ ବାଇକ୍ ଛଡ଼ାଇନେଲେ ଠିକାଦାର

ଖମାର,୨୮।୮(ଡି.ଏନ.ଏ.)

ହିତାଧିକାରୀଙ୍କ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇନି। ପୂରା ମେଜିଆ ଓ ପଲସ୍ତରା କାମ ଶେଷ କରାଯାଇନି। ତଥାପି ଚଞ୍ଚକତା କରି ଠିକାଦାର ଉଠାଇ ନେଇଛନ୍ତି ୧ ଲକ୍ଷ ୨୦ ହଜାର ଟଙ୍କା। ଏପରି କି ପୁରସ୍କାର ବାବଦରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିଥିବା ୨୦ ହଜାର ଟଙ୍କା ନେବାକୁ ସେ ଜୁଲମ ଚଳାଇଛନ୍ତି। ଏହାକୁ ବିରୋଧ କରିବାରୁ ଶୁକ୍ରବାର ହିତାଧିକାରୀଙ୍କ ବାଇକ୍ ଛଡ଼ାଇ ନେଇଛନ୍ତି ସମ୍ପୃକ୍ତ ଠିକାଦାର। ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଶଙ୍ଖପୁର ପଞ୍ଚାୟତରେ ଆବାସ ଯୋଜନାରେ ଏପରି ବେଆଇନ କାର୍ଯ୍ୟ ହୋଇଥିବା ଶନିବାର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁଙ୍କ ନିକଟରେ ଅଭିଯୋଗ ହୋଇଛି। ଶଙ୍ଖପୁର ପଞ୍ଚାୟତ ଶଙ୍ଖପୁର ଗ୍ରାମର ଲକ୍ଷ୍ମୀଧର ପେଣ୍ଟଇଙ୍କ ନାମରେ ୨୦୨୦-୨୧ରେ ଆବାସ କାର୍ଯ୍ୟାଦେଶ ଆସିଥିଲା। ହେଲେ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଘର ନିର୍ମାଣ କରିପାରି ନ ଥିଲେ। ସେହି ପଞ୍ଚାୟତର ୱାର୍ଡ ମେମ୍ବର ଟଙ୍କଧର ସାହୁ ଏହାର ଠିକା ନେଇଥିଲେ। ଲକ୍ଷ୍ମୀଧର ଓ ତାଙ୍କ ସ୍ତ୍ରୀଙ୍କୁ ବିନା ପାରିଶ୍ରମିକରେ ଖଟାଇଥିଲେ। ଘର ମେଜିଆ କି କାନ୍ଥ ପଲସ୍ତରା ନ କରି କେବଳ ମୁଖ୍ୟ ଦ୍ୱାର ନିକଟରେ ପଲସ୍ତରା ସହ କବାଟ ଲଗାଇ ଘର ସମ୍ପୂର୍ଣ୍ଣ ହୋଇଥିବା ଠିକାଦାର ଦର୍ଶାଇଥିଲେ। ଏହାପରେ ଧରାଧରି କରି ବ୍ଲକରୁ ବିଲ୍ କରାଇ ନେଇଥିଲେ। ଘର ୩ ମାସରେ ସମ୍ପୂର୍ଣ୍ଣ ହୋଇଥିବାରୁ ଆକାଉଣ୍ଟକୁ ୨୦ ହଜାର ଆସିଥିଲା। କିନ୍ତୁ ଘର ସମ୍ପୂର୍ଣ୍ଣ କରି ନ ଥିବାରୁ ଠିକାଦାର ମାଗିବା ସତ୍ତ୍ୱେ ଲକ୍ଷ୍ମୀଧର ଉକ୍ତ ଟଙ୍କା ଦେଇ ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଠିକାଦାର ଶୁକ୍ରବାର ଲକ୍ଷ୍ମୀଧରଙ୍କ ବାଇକ୍ ଛଡ଼ାଇ ନେଇଥିବା ସରପଞ୍ଚଙ୍କ ନିକଟରେ ଅଭିଯୋଗ ହୋଇଛି।

# ସଂକ୍ରମଣ ହାର ୧.୧%କୁ ଖସିଲା

ଭୁବନେଶ୍ୱର,୨୮।୮(ବ୍ୟୁରୋ)

**୬୮ ମୃତକଙ୍କ ମଧ୍ୟରେ ୧୭ବର୍ଷର କିଶୋର**

ରାଜ୍ୟରେ କରୋନା ସଂକ୍ରମଣ କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଗତ ୨୪ଘଣ୍ଟାରେ ୭୧,୧୩୭ ନମୁନା ପରୀକ୍ଷା ହୋଇଥିବାବେଳେ ୭୭୯ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୧.୧%କୁ ଖସି ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୦୫ଜଣ ୦ରୁ ୧୮ବର୍ଷ ବୟସ ମଧ୍ୟରେ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୨୫୯ଜଣ ଥିବାବେଳେ ବାକିସବୁ ଜିଲାରେ ସଂକ୍ରମଣ ସଂଖ୍ୟା ଶହେ ତଳକୁ ରହିଛି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୦୫,୬୫୪କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଓ ଦେବଗଡ଼ ଜିଲାରେ ସର୍ବାଧିକ ସଂକ୍ରମଣ ହାର ୨.୫% ଥିବାବେଳେ ପୁରୀରେ ୨.୨%, ଜଗତ୍‌ସିଂହପୁର ଓ ବାଲେଶ୍ୱରରେ ୧.୭%, କଟକ ୧.୫% ଓ ମୟୂରଭଞ୍ଜ ୧.୧% ରହିଛି। ଅନ୍ୟସବୁ ଜିଲାରେ ସଂକ୍ରମଣ ହାର ୧% ତଳେ ରହିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସେପଟେ ରାଜ୍ୟରେ ଆଉ ୬୮ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୧୭ବର୍ଷର କିଶୋର ରହିଛନ୍ତି। ତାଙ୍କ ଘର ନୟାଗଡ଼ ଜିଲାରେ ହୋଇଥିବାବେଳେ ଅନ୍ୟ କୌଣସି ରୋଗରେ ପୀଡିତ ନ ଥିଲେ। କେବଳ କରୋନାରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସେହିଭଳି କଟକ ଜିଲାରୁ ସର୍ବାଧିକ ୨୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧାରୁ ୭ ଜଣ ଲେଖାଏ, ଜଗତ୍‌ସିଂହପୁର ୬, ଅନୁଗୋଳ ଓ ମୟୂରଭଞ୍ଜ ୫ ଲେଖାଏ, ବାଲେଶ୍ୱର, ଭଦ୍ରକ ଓ ଢେଙ୍କାନାଳରୁ ୩ ଲେଖାଏ, ନୟାଗଡ଼ରୁ ୨, ବୌଦ୍ଧ ଓ ପୁରୀ ଜିଲାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୭,୭୬୫ରେ ପହଞ୍ଚିଛି। ଖୋର୍ଦ୍ଧାରୁ କରୋନାରେ ସର୍ବାଧିକ ୧,୪୩୨ଜଣଙ୍କ ଜୀବନ ଯାଇଛି।

# ଲଘୁଚାପ ସକ୍ରିୟ, ଦକ୍ଷିଣରେ ପ୍ରବଳ ବର୍ଷା

**୧୦ ଜିଲାକୁ ୟେଲୋ ୱାର୍ନିଂ**

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ଉତ୍ତର-ପଶ୍ଚିମ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରର ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ଶନିବାର ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାସହ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ମଧ୍ୟଭାଗ ଯାଏ ବ୍ୟାପିଛି। ଲଘୁଚାପ ସକ୍ରିୟ ହେଉଥିବାରୁ ଆସନ୍ତା ୨୪ ଘଣ୍ଟା ଦକ୍ଷିଣ ଓଡ଼ିଶାର ୧୦ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିପାଇଁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ବର୍ଷା ସହିତ ବଜ୍ରପାତ ହେବାର ଆଶଙ୍କା ରହିଛି। ରବିବାର ବିଶେଷକରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ଲଘୁଚାପ ରାଜ୍ୟରେ ବର୍ଷା ଅଭାବକୁ ସାମାନ୍ୟ ଦୂର କରିଛି। ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାବେଳେ ଜଗତ୍‌ସିଂହପୁର ଆଳିପିଙ୍ଗଳରେ ସର୍ବାଧିକ ୧୧୪.୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଜଗତ୍‌ସିଂହପୁର ବାଳିକୁଦାରେ ୯୮, ପାରଳାଖେମୁଣ୍ଡିରେ ୮୫, ମାଥିଲିରେ ୭୮, କୋଟପାଡ଼ରେ ୭୪, ତେଲକୋଇରେ ୭୦ମିମି ବର୍ଷା ରେକର୍ଡ କରାଯାଇଛି। ଫଳରେ ବର୍ଷା ହୋଇଥିବା ଅଞ୍ଚଳରେ ଚାଷୀମାନେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି।

# ରେଢ଼ାଖୋଲ ଜଙ୍ଗଲରେ ଦନ୍ତାହାତୀର ମୃତ୍ୟୁ



**୨ ବର୍ଷରେ ମଲେଣି ୫ ହାତୀ**

ରେଢାଖୋଲ,୨୮।୮(ଡି.ଏନ.ଏ.)

ରେଢାଖୋଲ ବନଖଣ୍ଡର ବଡବାହାଲ ରେଞ୍ଜ ଅଧୀନ କର୍ଡାପାଲ ଗ୍ରାମ ନିକଟ ଲାଙ୍ଗରଟୈଲା ଜଙ୍ଗଲରେ ଶନିବାର ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ମୃତ ହାତୀର ବୟସ ପ୍ରାୟ ୨୨ବର୍ଷ ହେବ ବୋଲି ଡିଏଫ୍‌ଓ ରମାକାନ୍ତ ନାୟକ କହିଛନ୍ତି। ସକାଳେ ଗାଁ ଲୋକେ ଜଙ୍ଗଲକୁ ଯାଇଥିବା ବେଳେ ଦନ୍ତାହାତୀ ମରିପଡିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଡିଏଫ୍‌ଓ ନାୟକ, ଏସିଏଫ୍ ଦେବୀପ୍ରସାଦ ରାଉତ, ବଡବାହାଲ ରେଞ୍ଜ ଅଧିକାରୀ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀ ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ଶବ ବ୍ୟବଚ୍ଛେଦ ପରେ ଏହା ସ୍ପଷ୍ଟ ହେବ ବୋଲି ଡିଏଫ୍‌ଓ ନାୟକ କହିଛନ୍ତି। ତେବେ ସନ୍ଧ୍ୟାରେ ବନ କର୍ମଚାରୀ ମୃତ ହାତୀର ଦାନ୍ତକୁ କାଟିଥିବା ବେଳେ ପ୍ରାଣୀ ଚିକିତ୍ସକଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। କୌଣସି ଏକ ରୋଗରେ ପଡି ଦନ୍ତା ହାତୀ ମୃତ୍ୟୁବରଣ କରିଥିବା ପ୍ରାଣୀଚିକିତ୍ସକ ସନ୍ଦେହ କରୁଥିବାରୁ ବ୍ୟବଚ୍ଛେଦ ପରେ ପୋତି ଦିଆଯିବ କିମ୍ବା ପୋଡାଯିବ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ଡିଏଫ୍‌ଓ କହିଛନ୍ତି।

# ମୁଖ୍ୟ ଶାସନ ସଚିବଙ୍କ କନ୍ଧମାଳ ଗସ୍ତ

ଫୁଲବାଣୀ ଅଫିସ, ୨୮।୮



ଫୁଲବାଣୀରେ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ଦୁଇଦିନିଆ କନ୍ଧମାଳ ଜିଲା ଗସ୍ତରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ଆସି ଫୁଲବାଣୀଠାରେ ପହଞ୍ଚିଛନ୍ତି। ମଧ୍ୟାହ୍ନରେ ସ୍ଥାନୀୟ ସର୍କିଟ ହାଉସଠାରେ ପହଞ୍ଚିବା ପରେ ଫୁଲବାଣୀ ସହର ସାର୍ତ୍ତାଗୁଡାଠାରେ ନିର୍ମାଣାଧୀନ ବୃଦ୍ଧାଶ୍ରମ ପରିଦର୍ଶନରେ ଯାଇଥିଲେ । ସେଠାରେ କାର୍ଯ୍ୟର ଅଗ୍ରଗତି କିପରି ଚାଲିଛି ତାହାର ଅନୁଧ୍ୟାନ କରିଥିଲେ । ସନ୍ଧ୍ୟାରେ ଜିଲା ପରିଷଦ ସଭାଗୃହରେ ଏକ ସମୀକ୍ଷା ବୈଠକ କରି ଜିଲାସ୍ତରୀୟ ଅଧିକାରୀଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମାଞ୍ଚଳର ଲୋକେ ଯେପରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଫାଇଦା ନେଇ ପାରିବେ, ସେଥିପ୍ରତି ଦୃଷ୍ଟି ଦେଇ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟ କରିବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସମୀକ୍ଷା ବୈଠକରେ ଜିଲାପାଳ ଡା. ବୃନ୍ଦା ଡିଙ୍କ ସମେତ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ବାଲିଗୁଡା ଉପଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଫୁଲବାଣୀ ଉପଜିଲାପାଳ ଶେଷଦେବ ମିଶ୍ରଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ରବିବାର ମୁଖ୍ୟ ଶାସନ ସଚିବ ମହାପାତ୍ର ଫୁଲବାଣୀଠାରେ ନିର୍ମାଣାଧୀନ ମେଡିକାଲ କଲେଜ, ସ୍ମାର୍ଟ ସ୍କୁଲ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ପରେ ଜି.ଉଦୟଗିରି ଓ ଦାରିଙ୍ଗବାଡି ଗସ୍ତ କାର୍ଯ୍ୟକ୍ରମ ରହିଛି ।

# ଷ୍ଟାର୍ଟ ଅପ୍‌ରେ ଅଧିକ ଯୁବପିଢ଼ିଙ୍କୁ ସାମିଲ ପରାମର୍ଶ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

**ଏସ୍‌ଟିପିଆଇ ପରିଦର୍ଶନ କଲେ ବାଗ୍‌ଚୀ**



ଏସ୍‌ଟିପିଆଇ କର୍ମଚାରୀ ଓ ଯୁବ ଉଦ୍ୟୋଗୀଙ୍କ ସହ ସୁବ୍ରତୋ ବାଗ୍‌ଚୀ।

ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷ ସୁବ୍ରତୋ ବାଗ୍‌ଚୀ ଶନିବାର ଭୁବନେଶ୍ୱରସ୍ଥିତ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ) ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ୧୨ଜଣ ଓଡ଼ିଆ ଷ୍ଟାର୍ଟ ଅପ୍‌ଙ୍କ ସହ ସେମାନଙ୍କ ଉଦ୍ୟୋଗ ଯାତ୍ରା ବିଷୟରେ ଆଲୋଚନା କରିଥିଲେ। ବାଗ୍‌ଚୀ କହିଥିଲେ, ଏସ୍‌ଟିପିଆଇ ଷ୍ଟାର୍ଟ ଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରୁଛି। ଏଥିସହିତ ଉଦୀୟମାନ ଓଡ଼ିଆ ଷ୍ଟାର୍ଟଅପ୍‌ଙ୍କ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଓଡ଼ିଶା ବିଶ୍ୱସ୍ତରୀୟ ସଫ୍ଟୱେର ଉତ୍ପାଦ ପ୍ରସ୍ତୁତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ଷ୍ଟାର୍ଟ ଅପ୍ ଇକୋସିଷ୍ଟମରେ ଯେପରି ଅଧିକରୁ ଅଧିକ ଯୁବପିଢ଼ି ସାମିଲ ହେବେ ସେଥିନିମନ୍ତେ ବାଗ୍‌ଚୀ ପରାମର୍ଶ ଦେଇଥିଲେ। ଏଥିସହ ସେ ସେଠାରେ ଏସ୍‌ପିକେ-ମାକ୍ ଟେକ୍ନୋଲୋଜି, ଥିଙ୍କର ଇନୋଭେଟିଭ୍ ସଲ୍ୟୁସନ୍ସ, ଏଫ୍‌ଏକ୍ସ ୟୁଏଭି ଟେକ୍ନୋଲୋଜି, କାର୍‌ବୋନୌଟ, ଇସାମ୍‌ସ, କ୍ୱିବିଚ, ପ୍ରାଇମ୍, ଡାରୱିନ୍ ଏନର୍ଜି ଏବଂ ଥିଙ୍କ୍ ଟ୍ୟାଙ୍କର ଏକାଡେମୀ ଷ୍ଟାର୍ଟ ଅପ୍‌ର ବିଭିନ୍ନ ଉତ୍ପାଦ ବୁଲି ଦେଖିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ଓଡ଼ିଶା ଏହି ଉଦୀୟମାନ ଯୁବ ଷ୍ଟାର୍ଟ ଅପ୍‌ମାନଙ୍କୁ ଏସ୍‌ଟିପିଆଇର ଇନ୍‌କ୍ୟୁବେଶନ ସେଣ୍ଟରଠାରେ ନିଜର ଉତ୍ପାଦ ପ୍ରସ୍ତୁତ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛି। ଏହି ଇଲେକ୍ଟ୍ରୋପ୍ରିନିୟର ପାର୍କରେ କୃଷି ଏବଂ ମତ୍ସ୍ୟ ଚାଷ, ସୌର ଉତ୍ପାଦ, ୟୁଏଭି, ଇଲୁମିନେଟେଡ୍ ଟାଇଲ, ଟ୍ରାଇ ମୋଡ୍ ଡ୍ରୋନ୍, ସ୍ୱୟଂଚାଳିତ ୟୁଭିସି ବିଶୋଧନ ରୋବୋଟ୍ ଓ ଔଷଧ ବିତରଣ ଯନ୍ତ୍ର, ଅତ୍ୟାଧୁନିକ ଆଇଓଟି ପର୍ଯ୍ୟବେକ୍ଷିତ ପାନୀୟ ଯନ୍ତ୍ର, ଭିୱାନ ଟାଇଲ ଭଳି ଉତ୍ପାଦ ଆମ ଓଡ଼ିଆ ଯୁବ ଷ୍ଟାର୍ଟ ଅପ୍‌ଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି। ଏହି ଗସ୍ତରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ଉପସ୍ଥିତ ଥିଲେ।

**ଓଡ଼ିଶାରେ ବେସରକାରୀ ବିଦ୍ୟାଳୟ/ଅର୍ଦ୍ଧ-ସରକାରୀ ମହାବିଦ୍ୟାଳୟରେ ଏନ୍‌ସିସି ଖୋଲିବା ସମ୍ବନ୍ଧୀୟ ବିଜ୍ଞପ୍ତି**

ଅଧିକରୁ ଅଧିକ ବିଦ୍ୟାର୍ଥୀଙ୍କୁ ଏନ୍‌ସିସିରେ ଯୋଗ ଦେବା ପାଇଁ ଉତ୍ସାହିତ କରିବା ନିମନ୍ତେ ଓଡ଼ିଶାର କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଅନୁଗୁଳ, ଯାଜପୁର, ଢେଙ୍କାନାଳ, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ବେସରକାରୀ/ଅର୍ଦ୍ଧ-ସରକାରୀ ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକରେ ଜେଡି/ଜେଡବ୍ଲ୍ୟୁ ସମେତ ଏସ୍‌ଡି/ଏସ୍‌ଡବ୍ଲ୍ୟୁରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କର ନାମଲେଖା ପାଇଁ ଅତିରିକ୍ତ ଖାଲିସ୍ଥାନ ଆବଣ୍ଟନ କରାଯାଇଛି । ଆବଣ୍ଟନ ଅଣ-ଅନୁକ୍ରମ ଏବଂ ସମ୍ପୂର୍ଣ୍ଣ ସ୍ୱ-ବିତ୍ତଯୋଗାଣ ଭିତ୍ତିରେ ହେବ । ଅଧିକ ବିବରଣୀ ପାଇଁ ଆଗ୍ରହୀ ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକ ଦୟାପୂର୍ବକ କଟକ ସମୂହର ଏନ୍‌ସିସି ୟୁନିଟ୍ ସହିତ ଯୋଗାଯୋଗ କରିପାରନ୍ତି ।

ଏନ୍‌ସିସି ସମୂହ ମୁଖ୍ୟାଳୟ, କଟକ

**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**SPOT ADMISSION OPEN**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2021 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9437140772, 6370180040, 8249697369, 9348849484

> ଯେତେବେଳେ ପ୍ରକୃତି ମଣିଷକୁ ଭଲ ଓ ମନ୍ଦର ସମସ୍ତ ସମ୍ଭାବନା ସହିତ ସୃଷ୍ଟିକଲା – ସେ କ'ଣ କରିବାକୁ ଯାଉଛି, ତାହା ଭଲ କରି ଜାଣିଥିଲା। ମଣିଷ ଜୀବନରେ ପରୀକ୍ଷା ନିରୀକ୍ଷା କରିବାର ସ୍ୱାଧୀନତା ହେଉଛି ସବୁଠାରୁ ବଡ ସ୍ୱାଧୀନତା। ବିପଦର ସମ୍ଭାବନାକୁ ଜାଣିଶୁଣି ସମ୍ମୁଖୀନ ହେବା ଓ ଭୁଲ୍ କରିବାର ସ୍ୱାଧୀନତା ବ୍ୟତୀତ, ମଣିଷ ଆଦୌ ଅଗ୍ରଗତି କରିପାରିବ ନାହିଁ। –ଶ୍ରୀଅରବିନ୍ଦ

# ଉଦ୍ଦେଶ୍ୟହୀନ ପ୍ରବେଶ



## ଆକାର ପଟେଲ

ଚଳିତ ବର୍ଷ ଜାନୁୟାରୀରେ ଆମେରିକା ୨୦୧୮ର ଏକ ଗୁପ୍ତ ଡକ୍ୟୁମେଣ୍ଟକୁ ଅଗୁପ୍ତ ଶ୍ରେଣୀଭୁକ୍ତ କଲା ପରେ ସବୁକଥା ସାମ୍ନାକୁ ଆସିଛି। ଚାଇନା ସୃଷ୍ଟି କରୁଥିବା ଅସହନଶୀଳ ପ୍ରଭାବକୁ ପ୍ରତିରୋଧ କରିବା ପାଇଁ ଆମେରିକା ତା'ଜାତୀୟ ସୁରକ୍ଷା ରଣନୀତିକୁ ପ୍ରାଧାନ୍ୟ ଦେବାକୁ ହେବ ବୋଲି ଏଥିରେ କୁହାଯାଇଛି। ସୁରକ୍ଷା ଦୃଷ୍ଟିରୁ ଭାରତକୁ ପସନ୍ଦର ଭାଗୀଦାରି ଭାବେ ନେଇ ସାମୁଦ୍ରିକ ସୁରକ୍ଷା ବଜାୟ ରଖିବା ସହ ଚାଇନାର ପ୍ରଭାବକୁ ପ୍ରତିହତ କରିବାକୁ ଆମେରିକା ଚାହେଁ ବୋଲି ଡକ୍ୟୁମେଣ୍ଟର ଦର୍ଶାଯାଇଛି। ଏଥିପାଇଁ ଭାରତ, ଜାପାନ, ଅଷ୍ଟ୍ରେଲିଆ ଏବଂ ଆମେରିକା ନୌସେନାକୁ ନେଇ ଚାଇନାର ପ୍ରଭାବକୁ ରୋକିବା ପାଇଁ ଏକ କ୍ୱାଡ୍ରିଲାଟରାଲ(କ୍ୱାଡ୍) ଢାଞ୍ଚା ଗଠନ କରିବାକୁ ଆମେରିକାର ଲକ୍ଷ୍ୟ। ଆମେରିକା ସହଯୋଗରେ କିପରି ଏକ ଦୃଢ଼ ତଥା ପ୍ରଭାବୀ ଭାରତୀୟ ସେନା ଗଠନ କରାଯିବ ସେ ସମ୍ପର୍କରେ ଏହି ଡକ୍ୟୁମେଣ୍ଟରେ ଉଲ୍ଲେଖ କରାଯାଇଛି। ଚାଇନା ହାସଲ କରୁଥିବା ସେନା ଓ ରଣନୀତିକ ଦକ୍ଷତାକୁ ପ୍ରତିରୋଧ କରିବାର ନକ୍ସା ମଧ୍ୟ ଏହି ଡକ୍ୟୁମେଣ୍ଟରେ ପ୍ରସ୍ତୁତ କରାଯାଇଛି। କ୍ୱାଡ୍ ଅପରେଶନ ଅଞ୍ଚଳ ଯାହାକୁ ଇଣ୍ଡୋ ପାସିଫିକ୍ ବୋଲି କୁହାଯାଉଛି, ତାହା 'ମଲକ୍କା ଷ୍ଟ୍ରେଟ୍'ର ଚାରିପାଖରେ ହିଁ କେନ୍ଦ୍ରିତ। ମାଲେସିଆ ଏବଂ ଇଣ୍ଡୋନେସିଆ ମଧ୍ୟରେ ଥିବା ଏହି ଅଣଓସାରିଆ ପ୍ୟାସେଜ୍ ଦେଇ ଚାଇନା ଅଧିକ ଆମଦାନୀ ଓ ରପ୍ତାନି କରେ। ଏଣୁ ଆମେରିକାର ଏଭଳି ରଣନୀତିକୁ ଚାଇନା 'ମଲକ୍କା ବିପର୍ଯ୍ୟୟ' ବୋଲି ବିଚାର କରୁଛି ଏବଂ ସେଥିପାଇଁ ସ୍ଥଳପଥରେ ବିକଳ୍ପ ପଥ ଖୋଲୁଛି। ଚାଇନାକୁ ବାଧା ଦେବାକୁ ଭାରତ କାହିଁକି ଏହି ମେଣ୍ଟରେ ସ୍ୱାକ୍ଷର କଲା ତାହା ଏଯାବତ ସ୍ପଷ୍ଟ ହୋଇ ନାହିଁ। ପାର୍ଲାମେଣ୍ଟରେ ବିନା ଆଲୋଚନାରେ, ଗଣମାଧ୍ୟମକୁ ସାକ୍ଷାତକାର ନ ଦେଇ, ପ୍ରେସ୍ କନଫରେନ୍ସ ନ କରି, ଇସ୍ତାହାରରେ ଏହା ଉପରେ କୌଣସି ସଙ୍କେତ ନ ଦେଇ ମୋଦି ଆମେରିକା ସହ ଏକ ରଣନୈତିକ ଭାଗୀଦାରି ଏବଂ ସେନା ମେଣ୍ଟ ଭିତରକୁ ଉଦ୍ଦେଶ୍ୟହୀନ ଭାବେ ପ୍ରବେଶ କଲେ। ଫେବୃୟାରୀ, ୨୦୨୦ରେ ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତ ଓ ଲଦ୍ଦାଖ ସଙ୍କଟ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଚାଇନା ବିରୋଧରେ ମୋଦି ଏହି ବୁଝାମଣାରେ ଭାରତର ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

୨୭ ଅକ୍ଟୋବର ୨୦୨୦ରେ ଆମେରିକା ପ୍ରତିରକ୍ଷା ସଚିବ ମାଇକ୍ ପମ୍ପିଓଙ୍କ ଭାରତ ଗସ୍ତ ସମୟରେ ଭାରତ ବେସିକ୍ ଏକ୍ସଚେଞ୍ଜ ଆଣ୍ଡ୍ କୋଅପରେଶନ ଏଗ୍ରିମେଣ୍ଟ (ବିଇସିଏ)ରେ ସ୍ୱାକ୍ଷର କରିଥିଲା। ଏହି ଚୁକ୍ତି ବଳରେ ଭାରତକୁ ମିଶାଇଲ ଓ ସଶସ୍ତ୍ର ଡ୍ରୋନ୍‌ଗୁଡ଼ିକର କାର୍ଯ୍ୟରେ ଉନ୍ନତି ଆଣିବାକୁ ଆମେରିକୀୟ ଇଣ୍ଟେଲିଜେନ୍ସ ସହାୟତା ମିଳିପାରିବ। ଦ୍ୱିତୀୟରେ ଲଜିଷ୍ଟିକ୍ସ ଏକ୍ସଚେଞ୍ଜ ମେମୋରାଣ୍ଡମ୍ ଅଫ୍ ଏଗ୍ରିମେଣ୍ଟ (ଏଲ୍ଇଏମ୍ଓଏ) କରାଯାଇଥିଲା। ଏଥିରେ ଯୋଗାଣ, ସ୍ପେୟାର ପାର୍ଟସ୍ ଓ ସେବା ପରସ୍ପରର ଘାଟି ଏବଂ ବନ୍ଦରରୁ ଉପଲବ୍ଧ ହେବା ଭଳି ବ୍ୟବସ୍ଥା କରାଯାଇଛି। ଦିଲ୍ଲୀରେ ବିଇସିଏ ଚୁକ୍ତି ସ୍ୱାକ୍ଷର କରି ପମ୍ପିଓ ସିଧାସଳଖ ଚାଇନାକୁ ଆକ୍ରମଣ କରିଥିଲେ। କେବଳ ଚାଇନା ସହ ସବୁ ପ୍ରକାର ଧମକ ବିରୋଧରେ ଆମେରିକା ଓ ଭାରତ ସହଯୋଗକୁ ମଜଭୁତ କରିବାକୁ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାଇକ୍ ଏସ୍ପର କହିଥିଲେ, ସମସ୍ତଙ୍କ ପାଇଁ ଏକ ମୁକ୍ତ ତଥା ଉନ୍ମୁକ୍ତ ଇଣ୍ଡୋ ପାସିଫିକ୍ ନିଶ୍ଚିତ କରିବାକୁ ଭାରତ ଓ ଆମେରିକା କାନ୍ଧକୁ କାନ୍ଧ ମିଳାଇ ଚାଲିଛନ୍ତି। ବିଶେଷକରି ଚାଇନା ବୃଦ୍ଧି କରୁଥିବା ଉତ୍ତେଜନା ଏବଂ ଅସ୍ଥିରତାକୁ ଦୃଷ୍ଟିରେ ରଖି ଏହା କରାଯାଉଛି ବୋଲି ସେ କହିଥିଲେ। ପୋମ୍ପେଓ ଓ ଏସ୍ପରଙ୍କ ନିକଟରେ ଠିଆ ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କର ଚାଇନା ନାଁ ଧରିଲେ ନାହିଁ। ଆମେରିକାର ରଣନୀତିର ଲେଖା ଘୋଷଣା କରାଗଲା ପରେ ଚାଇନା କହିଲା, ଇଣ୍ଡୋ ପାସିଫିକ୍ ରଣନୀତିକୁ ଉପଯୋଗ କରି ଚାଇନାକୁ ଦବାଇବା ସହ ଆଞ୍ଚଳିକ ଶାନ୍ତି ଓ ସ୍ଥିରତାକୁ ଅଣଦେଖା କରିବାରେ ଆମେରିକାର ମନ୍ଦ ଉଦ୍ଦେଶ୍ୟ ରହିଛି। ଏହି ଲେଖା ଏଭଳି ବିଷୟକୁ ସାମ୍ନାକୁ ଆଣିଛି। ଆମେରିକା ଅନ୍ୟ ଦେଶଗୁଡ଼ିକୁ ଏକାଠି କରି ଆଞ୍ଚଳିକ ଶାନ୍ତି, ସ୍ଥିରତା, ଏକତା ଏବଂ ସହଯୋଗକୁ ଅଣଦେଖା କରି ସମସ୍ୟା ସୃଷ୍ଟି କରୁଛି। ଏହା ଦ୍ୱାରା ତା' ଅସଲ ମୁଖା ଖୋଲିଯାଇଛି। କିନ୍ତୁ ଏହି ଡକ୍ୟୁମେଣ୍ଟ ପ୍ରକାଶ ପାଇବା ପରେ ତା' ଉପରେ ଭାରତ କିଛି ବି ପ୍ରତିକ୍ରିୟା ପ୍ରକାଶ କଲା ନାହିଁ। ଆରମ୍ଭରୁ ସ୍ୱାକ୍ଷର କରିଥିବା ତୃତୀୟ ଚୁକ୍ତି କମ୍ୟୁନିକେଶନ କମ୍ପାଟିବିଲିଟି ଆଣ୍ଡ୍ ସିକ୍ୟୁରିଟି ଏଗ୍ରିମେଣ୍ଟ(ସିଓଏମ୍ସିଏଏସ୍ଏ) ବଳରେ ଭାରତ ଗୁପ୍ତ କୋଡ୍‌ରେ ଯୋଗାଯୋଗ ରଖୁଥିବା ଉପକରଣ ଓ ସିଷ୍ଟମ୍ ପାଇପାରିବ। ଏହା ଦ୍ୱାରା ଉଭୟ ଦେଶର ସେନା କମାଣ୍ଡର, ଯୁଦ୍ଧ ବିମାନ ଏବଂ ପୋତଗୁଡ଼ିକ ସୁରକ୍ଷିତ ନେଟୱର୍କ ମାଧ୍ୟମରେ ଯୋଗାଯୋଗ କରିପାରିବେ। ମୋଟ ଉପରେ ଦୁଇ ଦେଶର ସେନା ସହଯୋଗ କ୍ଷେତ୍ରରେ ବିଇସିଏ, ଏଲ୍ଇଏମ୍ଓଏ ଏବଂ ସିଓଏମ୍ସିଏଏସ୍ଏ ଚୁକ୍ତି ତିନୋଟି ମୂଳାଧାର ବୋଲି କୁହାଯାଇପାରେ। ମୋଦି ସି ପିନ୍‌ଙ୍କୁ ଉହାନରେ ସାକ୍ଷାତ କରିବାକୁ ଯିବାର ୫ ମାସ ପରେ ସେପ୍ଟେମ୍ବର ୨୦୧୮ରେ ସିଓଏମ୍ସିଏଏସ୍ଏ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୨୮ ଏପ୍ରିଲ ୨୦୧୮ରେ ମୋଦି ଓ ସି ପିନଙ୍କ ମଧ୍ୟରେ ଉହାନ ସ୍ପିରିଟ ଚୁକ୍ତି କରାଯାଇଥିଲା। ଭାରତ ଓ ଚାଇନା ଶତ୍ରୁତା ବଦଳରେ ପରସ୍ପରକୁ ସହଯୋଗ କରିବେ ବୋଲି ଏଥିରେ କୁହାଯାଇଛି। ସେମାନେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ବୃଦ୍ଧି କରିବେ। ଏଠାରେ ସ୍ପିରିଟ ସହଯୋଗକୁ ସୂଚିତ କରୁଛି, ଶତ୍ରୁତାକୁ ନୁହେଁ। ମୋଦି ଏହାକୁ ସମ୍ପୂର୍ଣ୍ଣ ଭାବେ ବୁଝିଛନ୍ତି କି ନାହିଁ ତାହା ହିଁ ସମସ୍ୟା।

ମୋଦି ସିଂଙ୍କ ସହ ହାତ ମିଳାଉଥିଲାବେଳେ ଚାଇନା ଉଦ୍ଦେଶ୍ୟରେ ଭାରତ ଟ୍ରମ୍ପଙ୍କ ଇଣ୍ଡୋପାସିଫିକ୍ ରଣନୀତିକୁ ଇସାରା ଦେଉଥିଲା। ଚଳିତ ବର୍ଷ ମେ'ରେ ସେନା ମୁଖ୍ୟ ନରୱଣେ ପିଟିଆଇକୁ ଏକ ସାକ୍ଷାତକାରରେ କହିଥିଲେ ଯେ, କ୍ୱାଡ୍ ଏକ ସାମରିକ ମେଣ୍ଟ ନୁହେଁ। ଏହା ଏକ ବହୁପକ୍ଷୀୟ ଗୋଷ୍ଠୀ, ଯାହା ମୁଖ୍ୟତଃ ଇଣ୍ଡୋ ପାସିଫିକ୍ ସମସ୍ୟା ଉପରେ ଧ୍ୟାନ ଦେଇଛି। ଅଯଥା ଭୟ ସୃଷ୍ଟି କରିବାକୁ କେତେକ ଦେଶ କ୍ୱାଡ୍‌କୁ ଏକ ସାମରିକ ମେଣ୍ଟ ଭାବେ ଚିତ୍ରଣ କରୁଛନ୍ତି ବୋଲି ସେନା ମୁଖ୍ୟ କହିଥିଲେ। ଏଣୁ ଆମେରିକାର ଚାଇନା ବିରୋଧୀ ସେନା ମେଣ୍ଟରେ ଭାରତ ରହିଛି କି ନାହିଁ ତାହା ଜଣାପଡୁନାହିଁ। କାରଣ ଏହା ଉପରେ କୌଣସି ଆଲୋଚନା କରାଯାଇନାହିଁ କି ସ୍ପଷ୍ଟୀକରଣ ଦିଆଯାଇନାହିଁ। ସମ୍ଭବତଃ ଏ ସମ୍ପର୍କରେ ଆମ ପକ୍ଷରୁ ଠିକ୍ ଭାବେ ଚିନ୍ତା କରାଯାଇନାହିଁ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | 2 | | 6 | |
| | | | | 8 | 9 | 5 | | |
| 2 | | | | | | | | |
| 3 | 6 | | | 5 | 8 | 9 | | |
| | | | | 6 | | | | |
| | | 5 | | 7 | 3 | | | |
| | | 7 | | 9 | | 8 | | |
| 9 | | | 4 | | | 7 | | |
| | 2 | | | | | | 1 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 6 | 7 | 1 | 2 | 4 | 8 | 5 |
| 8 | 4 | 1 | 9 | 3 | 5 | 6 | 2 | 7 |
| 7 | 2 | 5 | 6 | 8 | 4 | 9 | 1 | 3 |
| 4 | 8 | 2 | 1 | 6 | 3 | 5 | 7 | 9 |
| 1 | 5 | 7 | 2 | 4 | 9 | 8 | 3 | 6 |
| 3 | 6 | 9 | 8 | 5 | 7 | 1 | 4 | 2 |
| 2 | 9 | 8 | 4 | 7 | 6 | 3 | 5 | 1 |
| 6 | 1 | 3 | 5 | 2 | 8 | 7 | 9 | 4 |
| 5 | 7 | 4 | 3 | 9 | 1 | 2 | 6 | 8 |

ଗତକାଲିର ଉତ୍ତର

# ଏକ କ୍ରୀଡ଼ା ସଂସ୍କୃତି ଆବଶ୍ୟକ



## ଇଂ. ଶକ୍ତି ପ୍ରସାଦ ଦାସ

ରାଷ୍ଟ୍ର ନିର୍ମାଣ ପାଇଁ ଜାତୀୟତାର ଭାବନା ଅପରିହାର୍ଯ୍ୟ। ଧର୍ମ ବ୍ୟତିରେକେ କ୍ରୀଡ଼ା ହେଉଛି ଏକମାତ୍ର ସାଧାରଣ ସୂତ୍ର, ଯାହା ଲୋକଙ୍କୁ ଏକତ୍ର ବାନ୍ଧି ରଖିଥାଏ। ଦୀର୍ଘ ବର୍ଷର ହିଂସାତ୍ମକ ସଂଘର୍ଷ ପରେ ଅନେକ ଦକ୍ଷିଣ ଆଫ୍ରିକୀୟଙ୍କ ପାଇଁ ଧଳା ଲୋକଙ୍କୁ ସମର୍ଥନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା। ଶେଷରେ କ୍ରୀଡ଼ା ହିଁ ଜାତିବାଦ ବଦଳରେ ଦେଶକୁ ଅଗ୍ରାଧିକାର ଦେବାକୁ ସେମାନଙ୍କୁ ପ୍ରବର୍ତ୍ତାଇଥିଲା। ତେଣୁ ବିଶ୍ୱସ୍ତରରେ ଦେଶର ସମ୍ମାନ ବୃଦ୍ଧି କରିବା ଏବଂ ଦେଶକୁ ଏକୀକୃତ କରିବାରେ କ୍ରୀଡ଼ାର ଅବଦାନକୁ ସ୍ୱୀକାର କରିବାକୁ ହେବ।

ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ କ୍ରୀଡ଼ା କ୍ଷେତ୍ରରେ ଦେଶର ସାମ୍ପ୍ରତିକ ସ୍ଥିତିକୁ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ, ଗତ ୭୪ ବର୍ଷ ମଧ୍ୟରେ ଏକ ସୃଜନଶୀଳ ରାଷ୍ଟ୍ର ହିସାବରେ ଦେଶର ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ଦାରିଦ୍ର୍ୟ ଦୂରୀକରଣ, ଖାଦ୍ୟ ସୁରକ୍ଷା ଓ ଗ୍ରାମ୍ୟ ବିକାଶ ଭଳି କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆମେ ଧ୍ୟାନ କେନ୍ଦ୍ରୀଭୂତ କରି ରଖିଛୁ। ଶିକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା ଆଦି ଭିତ୍ତିଭୂମି ଉପରେ ଅଧିକ ଧ୍ୟାନ ଦେଇପାରି ନାହୁଁ। ୨୦୧୯-୨୦ ଆର୍ଥିକ ବର୍ଷରେ ଜିଡିପିର ୧ ପ୍ରତିଶତ ସ୍କୁଲ ଶିକ୍ଷା ଓ ୫ ପ୍ରତିଶତରୁ କମ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ବ୍ୟୟ ହୋଇଛି। କ୍ରୀଡ଼ା ବାବଦରେ ଏହି ଖର୍ଚ୍ଚ ୦.୦୧ ପ୍ରତିଶତ ରହିଛି। ସରକାରଙ୍କ ଆନୁଆଲ ଷ୍ଟାଟସ୍ ଅଫ୍ ଏଜୁକେଶନ୍ ରିପୋର୍ଟ-୨୦୧୮ ଅନୁଯାୟୀ ସର୍ଭେ କରାଯାଇଥିବା ଦୁଇ-ତୃତୀୟାଂଶ ଗ୍ରାମ୍ୟ ବିଦ୍ୟାଳୟର ସମୟ ନିର୍ଘଣ୍ଟରେ ଗୋଟିଏ ଶାରୀରିକ ଶିକ୍ଷା ପିରିୟଡ୍ ରହିଛି। ଦଶଟିରୁ ଦୁଇଟି ବିଦ୍ୟାଳୟରେ ଉତ୍ସର୍ଗୀକୃତ ଶାରୀରିକ-ଶିକ୍ଷା ଶିକ୍ଷକ ଅଛନ୍ତି। ଏହି ଶିକ୍ଷକ ବିଦ୍ୟାଳୟରେ ସର୍ବନିମ୍ନ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି। କାରଣ, କ୍ରୀଡ଼ା କ୍ଷେତ୍ରରେ ସଫଳତା ଅଧିକାଂଶ ମାତାପିତାଙ୍କ ପାଇଁ ଆଦୌ ଚିନ୍ତାର ବିଷୟ ନୁହେଁ।

ସାଧାରଣ ଭାରତୀୟ ପରିବାର ଖେଳ ତୁଳନାରେ ତଥାକଥିତ ବିଧିବଦ୍ଧ ଶିକ୍ଷାକୁ ଅଧିକ ପ୍ରାଥମିକତା ଦେଇଥାଏ। ଶିକ୍ଷା ପ୍ରକୃତ ଜ୍ଞାନ ଓ କୌଶଳକୁ ଛାଡ଼ି କେବଳ ଗ୍ରେଡ୍ ବା ମାର୍କ ପଛରେ ଧାଇଁଛି। ବୃତ୍ତିଗତ ଓ ଶୈକ୍ଷିକ ଦୃଷ୍ଟିକୋଣରୁ ରୋଜଗାର ଓ ଡିଗ୍ରୀ ପାଇଁ ଅଧ୍ୟୟନ ବ୍ୟତୀତ ପିଲାମାନେ ଅନ୍ୟ କିଛି ସ୍ୱପ୍ନ ଦେଖି ପାରନ୍ତିନାହିଁ। ତୃଣମୂଳ ସ୍ତରରେ ଏହି ମନୋଭାବର ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଆମେ କଦାପି ଗୋଟିଏ କ୍ରୀଡ଼ାପ୍ରେମୀ ରାଷ୍ଟ୍ର ହୋଇପାରିବା ନାହିଁ। ମନେରଖିବାକୁ ହେବ, କ୍ରୀଡ଼ା ପିଲାମାନଙ୍କୁ ଦଳବଦ୍ଧ ଭାବରେ କାର୍ଯ୍ୟ କରିବା, ନେତୃତ୍ୱ ନେବା, ତତ୍‌କ୍ଷଣାତ୍ ନିଷ୍ପତ୍ତି ନେବା ଓ ପରାଜୟକୁ ସମ୍ମୁଖୀନ ହେବା ଭଳି ଶିକ୍ଷା ପ୍ରଦାନ କରିଥାଏ, ଯାହା ବିଧିବଦ୍ଧ ପାଠ୍ୟକ୍ରମରୁ ମିଳେନାହିଁ।

କ୍ରୀଡ଼ାକୁ ଗୋଷ୍ଠୀଗତ ଜୀବନର ଏକ ସହଜାତ ଅଙ୍ଗ ଭାବରେ ଗଢ଼ି ତୋଳିବା ପାଇଁ ସରକାର ଓ ନାଗରିକଙ୍କ ଦ୍ୱାରା ସଚେତନ ପ୍ରୟାସ ଆବଶ୍ୟକ। ଏଥିପାଇଁ ମୌଳିକ ଢାଞ୍ଚାଗତ ପରିବର୍ତ୍ତନ ଜରୁରୀ ମଧ୍ୟ। ଅନ୍ୟ ଅର୍ଥରେ, ନାଗରିକଙ୍କ ମଧ୍ୟରେ ଏକ କ୍ରୀଡ଼ା ଚେତନାର ବିକାଶ କରିବାକୁ ହେବ, ଯାହାକୁ କ୍ରୀଡ଼ାପ୍ରେମୀ ରାଷ୍ଟ୍ର ବୋଲି କୁହାଯାଇପାରିବ।

ସମାଜ ଯେବେ କ୍ରୀଡ଼ା କୌଶଳକୁ ମହତ୍ତ୍ୱ ଦିଏ ଓ ପ୍ରଶଂସା କରେ, ସେତେବେଳେ ଏହା ସ୍ୱତଃ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ଅଧିସଂରଚନା ତିଆରି କରେ। ମୂର୍ତ୍ତିପୂଜା ଉପରେ ବିଶ୍ୱାସ ରଖୁଥିବା ସମାଜରେ ଛୋଟ ବଡ଼ ମନ୍ଦିର ଆପେ ଆପେ ଗଢ଼ି ଉଠିଥାଏ। ଏହାକୁ ନୀତିଗତ ପ୍ରୋତ୍ସାହନ ଆବଶ୍ୟକ ହୁଏନାହିଁ। ଗାଁ ଗାଁରେ ଖେଳିବା ପାଇଁ କ୍ରିକେଟ-ପିଚ୍‌ସବୁ ଛତୁ ଫୁଟିବାଭଳି ବଢ଼ିଚାଲିଛି। ଜନଗଣରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ହେଲେ, ବିନା ବାହ୍ୟ ପ୍ରୋତ୍ସାହନରେ ମହାନ୍ କ୍ରୀଡ଼ା ପ୍ରତିଭା ସୃଷ୍ଟି ହୋଇପାରିବ।

୧୪୦ କୋଟି ଜନଶକ୍ତି ଏବଂ ଏକ ଶୀର୍ଷ ଅର୍ଥନୀତି ହିସାବରେ ଗର୍ବ କରୁଥିବାବେଳେ, ମାତ୍ର ୭ଟି ପଦକ ଜିତି ଭାରତ ଆତ୍ମସନ୍ତୋଷ ଲାଭ କରିବା ଠିକ୍ ହେବନାହିଁ। ଏଥିପାଇଁ ଦାରିଦ୍ର୍ୟକୁ ଦାୟୀ କରାଯାଇ ପାରିବ ନାହିଁ। କାରଣ, କେନିଆ ଓ ଜାମାଇକା ପରି ସ୍ୱଳ୍ପ ମୁଣ୍ଡପିଛା ଆୟ କରୁଥିବା ଦେଶଗୁଡ଼ିକ କ୍ରମାଗତ ଭାବରେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଭାରତୀୟ ଖେଳାଳିମାନେ ଯାହା କିଛି ଅନ୍ତର୍ଜାତୀୟ ସଫଳତା ହାସଲ କରୁଛନ୍ତି, ତାହା ଦେଶର କ୍ରୀଡ଼ା ବ୍ୟବସ୍ଥାର ସୁଫଳ ବୋଲି ଭାବିବା ପରିବର୍ତ୍ତେ ଏସବୁ ଗୋଟିଏ ଗୋଟିଏ ବ୍ୟକ୍ତିଗତ ସଫଳତା ବୋଲି ମାନିବାକୁ ହେବ। ଏହାର ଅର୍ଥ ନୁହେଁ ଯେ ନୀରଜ ଚୋପ୍ରା, ମୀରାବାଈ ବା ରବି କୁମାରଙ୍କ ଭଳି ବଡ଼ ବଡ଼ କ୍ରୀଡ଼ାବିତ୍ ସୃଷ୍ଟି ହେବା ପାଇଁ ଭାରତରେ ପ୍ରତିଭା କିମ୍ବା ସାମର୍ଥ୍ୟର ଅଭାବ ଅଛି। କଥା ହେଉଛି, ଆଜିକାଲି କ୍ରୀଡ଼ାବିତ୍‌ମାନଙ୍କୁ ଗଢ଼ିବା ପ୍ରକ୍ରିୟା ଅତ୍ୟନ୍ତ ବିଜ୍ଞାନସମ୍ମତ ହୋଇପଡ଼ିଛି। ସେଥିପାଇଁ ଦେଶର ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରୁ ପ୍ରକୃତ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ କ୍ରୀଡ଼ା ତାଲିମ ଦେବାର ସାଧନ ଓ ସହାୟତା ଯୋଗାଇ ଦେବା ପାଇଁ ଦୃଢ଼ ଢାଞ୍ଚା ସୃଷ୍ଟି କରିବାର ଆବଶ୍ୟକତା ରହିଛି।

ତୃଣମୂଳ ସ୍ତରରେ କ୍ରୀଡ଼ା ସଂସ୍କୃତିକୁ ଉଜାଗର କରିବାରେ କେନ୍ଦ୍ର ସରକାରଙ୍କ 'ଖେଲୋ ଇଣ୍ଡିଆ' କାର୍ଯ୍ୟକ୍ରମ ଏକ ଉତ୍ତମ ଓ ସମୟୋଚିତ ଆରମ୍ଭ ମାତ୍ର। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ 'ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସ' ଓ 'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ' ଦେଶର ଦୂର-ଦୂରାନ୍ତ ଅଞ୍ଚଳର ଯୁବ ପ୍ରତିଭାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟର ତାଲିମ ପାଇଁ ଚୟନ କରିବାର ଏକ ଉତ୍ତମ ମଞ୍ଚ ଭାବରେ ଛିଡ଼ା ହୋଇପାରିବ। କ୍ରୀଡ଼ା କ୍ଷେତ୍ରରେ ଯୁବଶକ୍ତିଙ୍କ ବ୍ୟାପକ ଅଂଶ ଗ୍ରହଣକୁ ଉତ୍ସାହିତ କରିବାରେ ଏହି କାର୍ଯ୍ୟକ୍ରମ ଏକ ପ୍ରକୃଷ୍ଟ ମାଧ୍ୟମ ହୋଇପାରିବ ବୋଲି ଆଶା କରାଯାଏ। ଶିକ୍ଷକ, ଅଭିଭାବକ ଓ ସ୍ଥାନୀୟ କ୍ରୀଡ଼ା-ଗୋଷ୍ଠୀମାନଙ୍କୁ ଏକତ୍ରିତ କରି ଉଦୀୟମାନ ଖେଳାଳିଙ୍କୁ ଉତ୍ସାହିତ କରିବ। କ୍ରୀଡ଼ାକୁ ଏକ ବୃତ୍ତିଗତ ପସନ୍ଦ ଭାବରେ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିପାରିବ।

କ୍ରୀଡ଼ାବିତ୍‌ମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ସରକାରୀ ପ୍ରୋତ୍ସାହନ ବ୍ୟତିରେକେ ବୃତ୍ତିଗତ କ୍ରୀଡ଼ା ଲିଗ୍‌ଗୁଡ଼ିକ ଉପଯୋଗୀ ସାବ୍ୟସ୍ତ ହେଉଛନ୍ତି। ସମଗ୍ର ବିଶ୍ୱରେ ଫୁଟବଲ୍, ଟେନିସ୍, କ୍ରିକେଟ୍, ବାସ୍କେଟବଲ୍, ବକ୍ସିଂ ଓ ଦୌଡ଼-କୁଦ ଭଳି କିଛି କ୍ରୀଡ଼ାର ମାନ ବୃଦ୍ଧିରେ ବୃତ୍ତିଗତ କ୍ରୀଡ଼ାର ଯଥେଷ୍ଟ ଅବଦାନ ରହିଛି। ବିଜ୍ଞାପନ ଅଧିକାର ଓ ଟେଲିଭିଜନ୍

### ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ

ପ୍ରସାରଣ ମାଧ୍ୟମରେ ଆସୁଥିବା ପ୍ରଚୁର ଅର୍ଥରାଶି ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କୁ ଏହି ଲିଗ୍‌ଗୁଡ଼ିକ ପ୍ରତି ଆକର୍ଷିତ କରିଥାଏ। ବିଶ୍ୱସ୍ତରୀୟ କ୍ରୀଡ଼ା-ପ୍ରଶିକ୍ଷକ, ସର୍ବୋତ୍ତମ କ୍ରୀଡ଼ା ଉପକରଣ ଉପଲବ୍ଧ କରିବା ବ୍ୟତୀତ କ୍ରୀଡ଼ା ଶୃଙ୍ଖଳ ବିଷୟରେ ବୈଜ୍ଞାନିକ ଦୃଷ୍ଟିକୋଣ ଆପଣାଇବାରେ ଏହି ଲିଗ୍‌ଗୁଡ଼ିକ ସହାୟକ ହୋଇଥାଆନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଘରୋଇ ଖେଳାଳିମାନେ ଅନ୍ତର୍ଜାତୀୟ ସ୍ତରର ଖେଳାଳିଙ୍କ ସହିତ ଖେଳିବାର ସୁଯୋଗ ପାଇ ନିଜର ଦକ୍ଷତାକୁ ଆକଳନ କରିବା ସହ ନୂଆ ନୂଆ କୌଶଳ ଶିଖିବାର ସୁଯୋଗ ପାଉଛନ୍ତି। କ୍ରିକେଟ୍ ଖେଳରେ 'ଇଣ୍ଡିଆନ୍ ପ୍ରିମିୟର ଲିଗ୍' ଲୋକାଦୃତ ହୋଇପାରିଛି। ୨୦୧୩ରେ 'ହକି ଇଣ୍ଡିଆ ଲିଗ୍' ଆରମ୍ଭ ହେବା ପରେ ଭାରତ ଏଫ୍ଆଇଏଚ୍ ମାନ୍ୟତାରେ ଦଶମରୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇପାରିଛି। ଦୀର୍ଘ ୪୧ବର୍ଷ ପରେ ଭାରତ ହକିରେ ଅଲିମ୍ପିକ୍ସ ପଦକ ପାଇବାକୁ ସକ୍ଷମ ହୋଇପାରିଛି। ସେହିଭଳି ଫୁଟ୍‌ବଲ ଖେଳରେ 'ଇଣ୍ଡିଆନ୍ ସୁପର ଲିଗ୍' ମାଧ୍ୟମରେ ବିଶ୍ୱର କିଛି ନାମୀଦାମୀ ଖେଳାଳିଙ୍କ ସହିତ ଖେଳିବା ଦ୍ୱାରା ଭାରତ ଫିଫା ମାନ୍ୟତାରେ ୨୦୧୫ର ୧୭୩ତମ ସ୍ଥାନରୁ ଉନ୍ନୀତ ହୋଇ ୨୦୨୧ରେ ୧୦୫ତମ ସ୍ଥାନରେ ପହଞ୍ଚିଛି।

ଭାରତର ଅପାରଗ କ୍ରୀଡ଼ା-ପ୍ରଶାସନ ଏହି ଦିଗରେ ଆଉ ଏକ ସମସ୍ୟା। ଭାରତୀୟ କ୍ରୀଡା ଫେଡେରେଶନଗୁଡ଼ିକ ଦାୟିତ୍ୱ ବିନା କ୍ଷମତା ଉପଭୋଗ କରନ୍ତି। ପ୍ରଶାସନରେ ସ୍ୱଚ୍ଛତାର ଅଭାବ ଏବଂ ଅଧିକାର ତଥା ଦାୟିତ୍ୱବୋଧ ଭିତରେ ଅସ୍ପଷ୍ଟ ସୀମାରେଖା ଏକ ଦ୍ୱନ୍ଦ୍ୱାତ୍ମକ ଓ ଦୁର୍ନୀତିର ପରିବେଶ ସୃଷ୍ଟି କରିଛି। ଫେଡେରେଶନଗୁଡ଼ିକରେ ପ୍ରିୟାପ୍ରୀତି ତୋଷଣ, କର୍ମକର୍ତ୍ତା ନିର୍ବାଚନରେ ଜାଗିରିଦାରି ପ୍ରଥାର ପ୍ରାଦୁର୍ଭାବ ଓ ଆର୍ଥିକ ଅନିୟମିତତା ଭାରତୀୟ କ୍ରୀଡ଼ାକୁ କବଳିତ କରି ରଖିଛି। ଲୋଧା କମିଟି ସୁପାରିସ ଆଧାରରେ ବିସିସିଆଇରୁ ଅଳିଆ ସଫା ହେଲା ଭଳି ଦେଶର ଅନ୍ୟାନ୍ୟ କ୍ରୀଡ଼ା-ଫେଡେରେଶନଗୁଡ଼ିକର ନବକଳେବର କରାଯାଇପାରିଲେ, ସେମାନଙ୍କର କାର୍ଯ୍ୟକଳାପକୁ ଶୃଙ୍ଖଳିତ ଓ ଦାୟିତ୍ୱପୂର୍ଣ୍ଣ କରାଯାଇପାରନ୍ତା।

ଭାରତକୁ କୁସ୍ତି, ଭାରୋତ୍ତୋଳନ, ବ୍ୟାଡ୍‌ମିଣ୍ଟନ ଓ ସେହିପରି ଅନ୍ୟାନ୍ୟ କ୍ରୀଡ଼ା ଏବଂ ଖେଳ ଚୟନ କରିବାର ଅଛି, ଯେଉଁଥିରେ ସ୍ୱଳ୍ପ ଖର୍ଚ୍ଚରେ ହଜାର ହଜାର କ୍ରୀଡ଼ା ପରିସର ସୃଷ୍ଟି କରି ଲୋକଙ୍କ ନିକଟତର କରାଯାଇପାରିବ। ଅତ୍ୟଧିକ ସୁଇମିଂ ପୁଲ୍ କିମ୍ବା ଦାମୀ ସୁଟିଂ ରେଞ୍ଜ୍ ନିର୍ମାଣ କରି ପ୍ରଥମ-ବିଶ୍ୱର ଦେଶଗୁଡ଼ିକ ସହିତ ପ୍ରତିଯୋଗିତା କରିବା ଭାରତ ଭଳି ଏକ ବିକାଶଶୀଳ ଦେଶ ପକ୍ଷରେ ସମ୍ଭବ ନୁହେଁ।

ଯାହାହେଉ, ଭାରତରେ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ନିବେଶ ହେଉଛି। ସବୁ ଭିତ୍ତିଭୂମି ବ୍ୟବହୃତ ହେଉନାହିଁ। ସମସ୍ୟା ଭିତ୍ତିଭୂମି ନିର୍ମାଣରେ ନାହିଁ। କ୍ରୀଡ଼ା ପ୍ରଶିକ୍ଷଣ ଓ ଅଧ୍ୟୟନ ଦିଗରେ ଅଧିକ ନିବେଶ ହେବାର ଅଛି। ଦେଶର କିଛି ନାଗରିକ ସମାଜ ସଂଗଠନ ତୃଣମୂଳ ସ୍ତରରେ ପିଲାମାନଙ୍କୁ କ୍ରୀଡ଼ା ଶିକ୍ଷା ପାଇଁ ଉପଯୁକ୍ତ ମାଧ୍ୟମ ଯୋଗାଇ ଦେଇ ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାର ଆଶା ସଞ୍ଚାର କରୁଛନ୍ତି। ପିଲାମାନଙ୍କର ଦୈନନ୍ଦିନ ଜୀବନରେ କ୍ରୀଡ଼ାକୁ ଅନ୍ତର୍ଭୁକ୍ତ କରି ସେମାନଙ୍କର ଆତ୍ମବିଶ୍ୱାସ, ଆତ୍ମୋନ୍ନତି ଓ ବ୍ୟକ୍ତିତ୍ୱ ବଢ଼ାଇବାକୁ ଚେଷ୍ଟା କରୁଛନ୍ତି। କ୍ରୀଡ଼ାରେ ସେମାନଙ୍କ ପାଇଁ ଏକ ସମ୍ଭାବ୍ୟ ବୃତ୍ତିର ଦ୍ୱାର ଖୋଲିବାର ପ୍ରଚେଷ୍ଟା ମଧ୍ୟ କରୁଛନ୍ତି। ତେଣୁ, ସରକାରୀ-ଘରୋଇ ସହଭାଗିତାରେ ଏ ଦିଗରେ ଅନେକ କାର୍ଯ୍ୟ କରାଯାଇପାରିବ। ଭାରତର କ୍ରୀଡ଼ା ପ୍ରଦର୍ଶନକୁ ଏହାର ଜନସଂଖ୍ୟା ଏବଂ କ୍ରମବର୍ଦ୍ଧମାନ ଅର୍ଥନୈତିକ ସ୍ତର ଅନୁରୂପ କରିବାକୁ ହେଲେ କ୍ରୀଡ଼ା ପରିବେଶ ତନ୍ତ୍ରକୁ ବ୍ୟବସ୍ଥିତ କରିବାକୁ ହେବ। ଏଥିପାଇଁ ଏକ ଦୀର୍ଘକାଳୀନ ରଣନୀତିର ଆବଶ୍ୟକତା ରହିଛି। ଆଉ ଏହି ରଣନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଦେଶକୁ ଆବଶ୍ୟକ ଏକ ପ୍ରେରଣାଦାୟୀ କ୍ରୀଡ଼ା ସଂସ୍କୃତି।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ: ୯୪୩୭୧୬୪୬୧୧
Email: saktiprasadd@yahoo.in

# 'ଆକସ୍ମିକମ୍'ର ନାୟକ

### ବ୍ୟକ୍ତିତ୍ୱ



ଓମ୍‌ଚେରି ଏନ୍‌.ଏନ୍‌. ପିଲାଇ

ନାଟକରେ ନିର୍ଭୀକ ପରୀକ୍ଷଣ ଓ ଅନେକ ବିଷୟବସ୍ତୁରେ ଅସାଧାରଣ ଦୃଶ୍ୟ ଅନ୍ତର୍ନିହିତ ଥିବା ଦେଖିବାକୁ ମିଳୁଥିବାରୁ ଓମ୍‌ଚେରି ଏନ୍‌.ଏନ୍‌. ପିଲାଇଙ୍କ ନାଟ୍ୟ ରଚନା ମାଲାୟଲୀ ସାହିତ୍ୟରେ ଏକ ଭିନ୍ନ ଧାରା ସୃଷ୍ଟି କରିପାରିଛି। ନିକଟରେ ୨୦୨୦ ଲାଗି ଏହି ଲେଖକଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ମିଳିବ ବୋଲି ଘୋଷଣା ହେବା ପରେ ତାଙ୍କ ଜୀବନୀ ଓ ଲେଖନୀ ଯାତ୍ରା ବିଷୟରେ ଅଧିକ କିଛି ଜାଣିବାକୁ ପାଠକ ଆଗ୍ରହ ରଖିବା ସ୍ୱାଭାବିକ।

ଓମ୍‌ଚେରୀ କେରଳର ପାଲାରିଭାଟ୍ଟୋମ୍‌ରେ ୧୯୨୪ରେ ଜନ୍ମଗ୍ରହଣ କରିଥିଲେ। ତରୁଣ ଅବସ୍ଥାରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ଥିରୁଭାନନ୍ତପୁରମ୍‌ରୁ କଲେଜ ଶିକ୍ଷା ଶେଷ କରିବା ପରେ ସେ ୧୯୫୧ରେ ଦିଲ୍ଲୀ ଆକାଶବାଣୀର ନ୍ୟୁଜ୍ ବିଭାଗରେ ଯୋଗ ଦେଇଥିଲେ। ପରେ ପ୍ରକାଶନ ବିଭାଗର ସମ୍ପାଦକ ହୋଇଥିଲେ। ମାସ୍ କମ୍ୟୁନିକେଶନ ବା ଜନସଞ୍ଚାର କ୍ଷେତ୍ରରେ ଉଚ୍ଚଶିକ୍ଷା କରିବା ସକାଶେ ସେ ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟ ଓ ମେକ୍ସିକୋ ଷ୍ଟେଟ୍ ବିଶ୍ୱବିଦ୍ୟାଳୟ ଯାଇଥିଲେ। ସାମ୍ବାଦିକତା ଓ ଗଣଯୋଗାଯୋଗ ଦିଗରେ ବହୁ ଅଭିଜ୍ଞତା ଅର୍ଜନ କରିଥିବା ଓମ୍‌ଚେରୀ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ମଧ୍ୟ କାର୍ଯ୍ୟ କରିଥିଲେ। କର୍ମମୟ ଜୀବନ ଭିତରେ ରହିଥିଲେ ମଧ୍ୟ ଲେଖାଲେଖି ପ୍ରତି ଗଭୀର ଅନୁରାଗ ତାଙ୍କୁ ନୂଆ ସୃଷ୍ଟି କରିବା ଲାଗି ଅବସର ଦେଇଥିବା ସେ ପ୍ରକାଶ କରିଛନ୍ତି। ତାଙ୍କ ପ୍ରଥମ ନାଟକ ଥିଲା 'ଏ ଭେଲିଚାମ୍‌ନିଗାଲୁଦେଥାକୁନ୍ନୁ' (ଏହି ଆଲୋକ ଆମର)। ତତ୍କାଳୀନ ବିଶିଷ୍ଟ ପାର୍ଲାମେଣ୍ଟାରିଆନ୍ ଏ.କେ. ଗୋପାଲନ୍‌ଙ୍କ କହିବା ଅନୁଯାୟୀ ଓମ୍‌ଚେରୀ ଏହି ନାଟକ ରଚନା କରିଥିଲେ ବୋଲି କହିଥାଆନ୍ତି। ତାଙ୍କ ପାଇଁ ଆନନ୍ଦର କଥା ଥିଲା ଯେ, ସେହି ନାଟକରେ ସଂସଦର ସେତେବେଳର ସଦସ୍ୟ କେ.ସି. ଜର୍ଜ, ପି.ଟି. ପିନୋସେ, ଇ.କେ. ଇମ୍ବିଚ୍ଛି ବାଭା, ଭି.ପି. ନାୟାର ପ୍ରମୁଖ ଅଭିନୟ କରିଥିଲେ। ଓମ୍‌ଚେରୀଙ୍କ ନାଟ୍ୟଯାତ୍ରାରେ ଏଇ ଯେଉଁ ବ୍ୟକ୍ତିମାନେ ସଂଶ୍ଳିଷ୍ଟ ଥିଲେ ସମସ୍ତେ କେରଳର ଥିଲେ। ଏହା ପରଠାରୁ ସେ ନାଟକ ରଚନା ପ୍ରତି ଗଭୀର ମନୋନିବେଶ କରିଥିଲେ। ୯ଟି ସମ୍ପୂର୍ଣ୍ଣ ନାଟକ ଓ ୮୦ଟି ଏକାଙ୍କିକା ରଚନା କରି ସେ ମାଲାୟଲୀ ସାହିତ୍ୟକୁ ସମୃଦ୍ଧ କରିପାରିଛନ୍ତି। କେବଳ ଜଣେ ସାମ୍ବାଦିକ ବା ନାଟ୍ୟକାର ଭିତରେ ନିଜକୁ ସୀମିତ ନ ରଖି ସେ ନାଟ୍ୟ ସଙ୍ଗଠକର ଭୂମିକା ନିର୍ବାହ କରିଛନ୍ତି। ୧୯୬୩ରେ ସେ 'ଏକ୍ସପେରିମେଣ୍ଟାଲ ଥିଏଟର' ଗଢ଼ିଥିଲେ। ଡିସି ବୁକ୍ସ ୨୦୧୧ରେ ତାଙ୍କ ଲିଖିତ ୨୬ ସୁନିର୍ବାଚିତ ନାଟକ ସଙ୍କଳନ କରି ପ୍ରକାଶ କରିବା ପରେ ତାହା ପାଠକଙ୍କ ପାଇଁ ସୁଖପାଠ୍ୟ ହୋଇପାରିଛି। ଓମ୍‌ଚେରୀଙ୍କ ସାହିତ୍ୟକୃତି ତାଙ୍କୁ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ କରାଇପାରିଛି। ୧୯୭୨ରେ ନାଟକ 'ପ୍ରଳୟମ୍' ଏବଂ ୨୦୧୦ରେ ମାଲାୟଲୀ ସାହିତ୍ୟକୁ ଜୀବନବ୍ୟାପୀ ଅବଦାନ ପାଇଁ ସେ କେରଳ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତେବେ ୯୭ ବର୍ଷୀୟ ଏହି ପ୍ରଥିତଯଶା ନାଟ୍ୟକାରଙ୍କ ଆତ୍ମଜୀବନୀ 'ଆକସ୍ମିକମ୍' କେନ୍ଦ୍ର ସାହିତ୍ୟ ଏକାଡେମୀ ପାଇବା ଲାଗି ଘୋଷଣା ହେବା ପରେ ପରପିଢ଼ି ତାଙ୍କ ସୃଜନଯାତ୍ରା ବିଷୟରେ ବହୁ ତଥ୍ୟ ଜାଣିବାକୁ ପାଇବେ ବୋଲି ସମୀକ୍ଷକ ମତ ଦେଇଛନ୍ତି।

ଓମ୍‌ଚେରୀଙ୍କ ଏହି ସାହିତ୍ୟ ଯାତ୍ରାରେ ତାଙ୍କ ସହଧର୍ମିଣୀ ତଥା ଗାୟିକା ଲିଲାଙ୍କ ଅବଦାନ ଯଥେଷ୍ଟ ରହିଛି। ଲିଲା ବିଶିଷ୍ଟ ମାଲୟାଲମ୍ ଗାୟକ କାମୁକରା ପୁରୁଷୋଥମମ୍‌ଙ୍କ ଭଉଣୀ। ଓମ୍‌ଚେରୀ ଓ ଲିଲାଙ୍କ ବ୍ୟକ୍ତିଗତ ଜୀବନ ସହ କଳାତ୍ମକ ଯାତ୍ରାର ଯେଭଳି ମିଶ୍ରଣ ଘଟିଛି, ତାହା କ୍ୱଚିତ ଦମ୍ପତିଙ୍କ ଭାଗ୍ୟରେ ଜୁଟିଥାଏ। ସେମାନଙ୍କର ପୁଅ ଏସ୍‌.ଡି. ଓମ୍‌ଚୋରୀ ଓ ଝିଅ ଦୀପ୍ତି ଓମ୍‌ଚୋରୀ ଭାଲ୍ଲା ଅଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ ଝିଅ ଦୀପ୍ତି ହେଉଛନ୍ତି ପ୍ରସିଦ୍ଧ ଶାସ୍ତ୍ରୀୟ ନୃତ୍ୟାଙ୍ଗନା। ଏକ ପରିବାର ସମ୍ପୂର୍ଣ୍ଣ କଳା ଓ ସାହିତ୍ୟରେ ନିଜକୁ ନିମଜ୍ଜିତ କରି ମାଲାୟଲୀ ସୃଜନକ୍ଷେତ୍ରକୁ ଆଗକୁ ନେବାରେ ସହାୟକ ହୋଇଛନ୍ତି। ଉତ୍ତରବୟସରେ ଅବତୀର୍ଣ୍ଣ ହୋଇଥିଲେ ମଧ୍ୟ ଓମ୍‌ଚେରୀ ସାହିତ୍ୟ ରଚନାରେ ନିଜକୁ ନିମଗ୍ନ ରଖିବା ମା' ସରସ୍ୱତୀଙ୍କ ତାଙ୍କ ପ୍ରତି ଶ୍ରେଷ୍ଠ ବରଦାନ ବୋଲି କୁହାଯାଇପାରିବ।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବସ୍ତି ପିଲାଙ୍କ ଆଶାର ଆଲୋକ ପାଲଟିଛନ୍ତି ଜଣେ ଆଇନ ପ୍ରାଧ୍ୟାପକ। ଇନ୍ଦୋର ନିବାସୀ ପ୍ରାଧ୍ୟାପକ ଡ. ଲଳିତ ଶର୍ମା ବର୍ଷକୁ ୫୦୦ ବସ୍ତି ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। କେବଳ ବସ୍ତି ପିଲା ନୁହନ୍ତି, ରାସ୍ତକଡ଼ରେ ରହୁଥିବା ତଥା ଯାଯାବର ଜୀବନ ବିତାଉଥିବା ପିଲାମାନଙ୍କୁ ସେ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି। 'ଆଭା କୁଞ୍ଜ' ସଂସ୍ଥା ମାଧ୍ୟମରେ ସେ ପିଲାମାନଙ୍କୁ ଶିକ୍ଷା ଦେଉଛନ୍ତି। ତାଙ୍କର ଏହି ଅଭିଯାନରେ ୨୦୦ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ୨୦୦୯ରେ ଡ. ଶର୍ମା ଇନ୍ଦୋର ଆସିବା ପରେ ତାଙ୍କ କଲେଜ ଦାୟିତ୍ୱ ପରେ ୫ ଜଣ ବସ୍ତି ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ତାଙ୍କ ପାଖକୁ ୨୦ ଜଣ ପିଲା ଆସିଲେ। ପିଲାଙ୍କର ଶିକ୍ଷା ପ୍ରତି ଆଗ୍ରହକୁ ଲକ୍ଷ୍ୟ କରି ସେ 'ଆଭା କୁଞ୍ଜ' ପ୍ରତିଷ୍ଠା କରି ଅଧିକ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଏବେ ବର୍ଷକୁ ପ୍ରାୟ ପ୍ରଥମରୁ ଦଶମ ଶ୍ରେଣୀଯାଏ ପ୍ରାୟ ୫୦୦ ପିଲାଙ୍କୁ ଶିକ୍ଷା ଦିଆଯାଉଛି। ଇନ୍ଦୋରରେ ୨୨ଟି କେନ୍ଦ୍ରରେ ପିଲାମାନଙ୍କୁ ପଢ଼ାଯାଉଛି। ଆଭା କୁଞ୍ଜରେ ପଢ଼ିଥିବା ବହୁ ଛାତ୍ର ଏବେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି।

## ଚିରନ୍ତନୀ

''ହାତେ ତବ ନାହିଁ ବନ୍ଧୁ!
ପାରିବାକୁ ବୁଝି ଏଥି ତିଳେ
''କିଏ ସ୍ୱପ୍ନ ଜାଗରଣ
ସତ୍ୟ ମିଥ୍ୟା ଏ ଧରଣୀ-ନୀଡ଼େ।
(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଟିକାକରଣରେ ଭାରତ ପଛୁଆ

ମହାଶୟ,

କରୋନାକୁ ପରାସ୍ତ କରିବା ପାଇଁ ଟିକାକରଣ ଅମୋଘ ଅସ୍ତ୍ର ଓ ସଞ୍ଜୀବନୀ ସଦୃଶ ହୋଇଥିବାରୁ ଟିକାକରଣ ପ୍ରକ୍ରିୟାକୁ ଗତିଶୀଳ ଓ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯଥାଶକ୍ତି ଚେଷ୍ଟା କରୁଛନ୍ତି। ଜନସାଧାରଣଙ୍କ ତରଫରୁ ମଧ୍ୟ ଆଶାନୁରୂପ ସହଯୋଗ ମିଳୁଛି। ଏହାସତ୍ତ୍ୱେ ବିଶ୍ୱ ସ୍ତରରେ ଭାରତ ଟିକାକରଣରେ ପଛରେ ପଡ଼ିଯାଇଛି। ବହୁ ସମୟରେ ଟିକାର ଅଭାବ ଦେଖାଯାଉଛି। ଏହା ବାଦ୍ ଅନ୍‌ଲାଇନ ବ୍ୟବସ୍ଥା କରାଯିବା ଯୋଗୁ ମଧ୍ୟ ବହୁ ଲୋକ ଏଥିରୁ ବାଦ୍ ପଡ଼ିଯାଉଛନ୍ତି। ପିଲାମାନଙ୍କୁ କରାନା ମଧ୍ୟ ସଂକ୍ରମଣ କଲାଣି। କିନ୍ତୁ ଏଯାବତ ସେମାନଙ୍କୁ ଟିକା ଦିଆଯାଇପାରୁନାହିଁ। କେମିତି ପିଲାଙ୍କୁ ଟିକା ଦିଆଯିବ ସରକାର ତୁରନ୍ତ ବ୍ୟବସ୍ଥା କରନ୍ତୁ। ଭାରତରେ ଅନ୍ୟୂନ ୧୦୦ କୋଟି ଲୋକଙ୍କୁ ସମ୍ପୂର୍ଣ୍ଣ ଟିକାକରଣ କରାଯାଇପାରିଲେ ଆମେ କରୋନାକୁ ପରାସ୍ତ କରିପାରିବା। ଏଣୁ ଆମକୁ ସାର୍ବଜନୀନ ଟିକାକରଣକୁ ଅଧିକ ଗତିଶୀଳ ଓ ସୁବ୍ୟବସ୍ଥିତ କରିବାକୁ ହେବ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## ଖାଦ୍ୟ ଓ କ୍ଷୁଧାର୍ତ୍ତ

ଓଡ଼ିଶାର ବିଭିନ୍ନ ସହରର ଛକ ଜାଗାରେ ସକାଳେ ଦେଖିବାକୁ ମିଳେ କିଛି ମାନସିକ ରୋଗୀ ଡଷ୍ଟବିନ୍‌ରୁ ଖାଦ୍ୟ ଗୋଟାଇ ଖାଉଛନ୍ତି ଏବଂ ତାଙ୍କ ପାଖରେ କୁକୁର ମଧ୍ୟ ଖାଉଥାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଥରେ ମଦର ଟେରେସା ବିଦେଶରୁ ବିମାନରେ ଫେରିବା ସମୟରେ କିଛି ଯାତ୍ରୀ ବଳକା ଖାଦ୍ୟକୁ ଡଷ୍ଟବିନ୍‌ରେ ଫୋପାଡୁଥାନ୍ତି। ଟେରେସା ତାକୁ ସଂଗ୍ରହ କରିଥିଲେ। ସହଯାତ୍ରୀମାନେ ପଚାରିଥିଲେ, ଉତ୍ତରରେ ମଦର ଟେରେସା କହିଥିଲେ, କଲିକତା ବିମାନବନ୍ଦର ବାହାରେ ଏମିତି ଅନେକ କ୍ଷୁଧାର୍ତ୍ତ ଅଛନ୍ତି, ସେମାନଙ୍କୁ ଦେଇଦେବି। ସେମାନେ ଆନନ୍ଦରେ ଖାଇଯିବେ। ଏଣୁ ଖାଦ୍ୟ ନଷ୍ଟ ନ କରି କ୍ଷୁଧାର୍ତ୍ତମାନଙ୍କୁ ଦିଅନ୍ତୁ।

–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚୋରା କୋଇଲା ବୋଝେଇ ଗାଡ଼ି ଜବତ: ୨ ଗିରଫ

ପାରାଦୀପ,୨୮।୮(ସ୍ୱ.ପ୍ର.): ପାରାଦୀପ ଲକଥାନା ପୋଲିସ ଶନିବାର ଏକ ୪୦୭ ଟ୍ରକରେ (ଓଆର୦୫ ଜେଡ୯୫୬୦) ଚୋରାରେ ଯାଉଥିବା କୋଇଲା ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଉଦୟବଟ ବସ୍ତିର ମିଥୁନ ସରକାର ଓ ରବିନ୍ଦ୍ର ସରକାର। ଏ ନେଇ ମାମଲା ନଂ.୨୧୭/୨୧ରୁଜୁ ହୋଇଛି।

### ମୋବାଇଲ୍ ଚୋରି ଅଭିଯୋଗ: ବାପ, ପୁଅ ଗିରଫ

କୁଜଙ୍ଗ,୨୮।୮(ଡି.ଏନ୍.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ ସନ୍ତରା ଗ୍ରାମର ପପୁ ସାମଲ ଓ ରମେଶ ପାଣିଙ୍କ ଘରୁ ଚୋରି କରିବା ଅଭିଯୋଗରେ ସେହି ଗ୍ରାମର ସଞ୍ଜୟ ଦାସ (୫୦) ଓ ତାଙ୍କ ପୁଅ ଜିତେନ୍ଦ୍ର ଦାସ (୩୮)ଙ୍କୁ ପୋଲିସ୍ ଶନିବାର ଗିରଫ କରିଛି। ଏନେଇ କୁଜଙ୍ଗ ଥାନାରେ ମାମଲା (ନଂ. ୨୯୨/୨୧) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ରମେଶଙ୍କ ଘରୁ ସୁନା ଚେନ୍ ଓ ୧୦ ହଜାର ଟଙ୍କା ଅଭିଯୁକ୍ତମାନେ ଚୋରି କରିଥିଲେ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ପପୁ ଘରୁ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ କରିଛନ୍ତି।

### ଯୌତୁକ ସାମଗ୍ରୀ ଉଦ୍ଧାରବେଳେ ପୋଲିସକୁ ଆକ୍ରମଣ ଘଟଣା: ଶାଶୁ କୋର୍ଟ ଚାଲାଣ

ତିର୍ତ୍ତୋଲ,୨୮।୮(ଡି.ଏନ୍.ଏ.): ତିର୍ତ୍ତୋଲ ଥାନା ଅଧିନ ଶାଗବାରିଆ ଗ୍ରାମରେ ଯୌତୁକ ସାମଗ୍ରୀ ଜବତ ଲାଗି ଯାଇଥିବା ବେଳେ ପୋଲିସ ଉପରେ ଅତର୍କିତ ଭାବେ ଆକ୍ରମଣ ହୋଇଥିଲା। ଏନେଇ ଶନିବାର ଶାଶୁ ପ୍ରେମଲତା ସେଠୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ସାବତ ଶାଶୁ କବିତା ସେଠୀଙ୍କ ସମେତ ଶ୍ୱଶୁର ଦୁର୍ଗା ଚରଣ ସେଠୀ, ଦେଢଶୁର ସଂଗ୍ରାମ, ଦିଅର ଦିଲୀପ,ରୀନାବାଳା, ଚିନ୍ମୟୀ, ସାରଦା ପ୍ରସନ୍ନ ସେଠୀ, କଲ୍ୟାଣୀ ସେଠୀ ଓ ସ୍ଥାନୀୟ ମର୍ଦ୍ଦୋଳ ଗ୍ରାମର ରମେଶ ଚରଣ ସେଠୀଙ୍କୁ ବିଳମ୍ବିତ ରାତିରେ ପୋଲିସ ଗିରଫ କରିଥିଲା। ଏନେଇ ଥାନାରେ ମାମଲା ନଂ.୩୬୫/୨୧ ରୁଜୁ ହୋଇଥିଲା। ବାଲିକୁଦା ଥାନା ସିଙ୍ଗିରୀ ଗ୍ରାମର ସୁଚିସ୍ମିତାଙ୍କ ସହ ଶାଗବାରିଆ ଗ୍ରାମର ବିକ୍ରମ ସେଠୀଙ୍କ ୨୮ ଜୁନ୍ ୨୦୧୭ରେ ବିବାହ ହୋଇଥିଲା। ବିବାହ ସମୟରେ ନଗଦ ୫୦ ହଜାର ସହ ଲକ୍ଷାଧିକ ମୂଲ୍ୟର ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବୀ କରି ସୁଚିସ୍ମିତାଙ୍କୁ ଶାରୀରିକ ମାନସିକ ନିର୍ଯାତନା ଦେଇଥିଲେ। ଇତି ମଧ୍ୟରେ ବିକ୍ରମଙ୍କର ୧୮ ଜୁନ୍ ୨୦୨୦ରେ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ଏହାପରେ ସୁଚିସ୍ମିତାଙ୍କ ଉପରେ ନିର୍ଯାତନା ବଢ଼ିଯାଇଥିଲା। ଏନେଇ ସେ ଶାଶୁଘର ଛାଡି ଚାଲି ଆସିବା ସହ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ.୩୬୫/୨୧) ରୁଜୁ ହୋଇଥିଲା।

### ବଳରାମ ଦାସଙ୍କ ସମାଧିପୀଠ ପରିଦର୍ଶନ

ବିରିଡି,୨୮।୮(ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁରସ୍ଥିତ ମାଳିକା ପ୍ରସିଦ୍ଧ ପଞ୍ଚଶଖାଙ୍କ ମିଳନ ପୀଠ ଧାନକୁଦର ପୀଠାଧିଶ ବାବା ଅରକ୍ଷିତ ଦାସ ଶୁକ୍ରବାର ମହାପୁରୁଷ ବଳରାମ ଦାସଙ୍କ ସମାଧିପୀଠ ପୁରୀଜିଲା ସମଗରା ପାଟ ପରିଦର୍ଶନ କରିଥିଲେ। ଏହି ଅବସରରେ ପାଟର ସେବକ ବେଣୁଧର ଦାସ, ବାବା ଅରକ୍ଷିତ ଦାସ ଓ ଅଖା ବାବାଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ।

# ଭିତରକନିକା ପ୍ରସଙ୍ଗକୁ ଚାପି ଦେବାକୁ ଉଦ୍ୟମ

## ଖରସ୍ରୋତାରୁ ଭଦ୍ରକକୁ ପାଣିଦେବା ବିବାଦ

- ସନ୍ଦେହ ଘେରରେ ଗ୍ରାମୀଣ ଜଳଯୋଗାଣ ବିଭାଗ ଚିଠି
- ପ୍ରଶ୍ନଜାଲରେ ଛନ୍ଦି ହୋଇପଡୁଛି ମେଗା ଜଳ ଯୋଗାଣ ପ୍ରକଳ୍ପ

କେନ୍ଦ୍ରାପଡ଼ା ଅଫିସ,୨୮।୮

ଖରସ୍ରୋତା ନଦୀ ଜଳ ଉଠା ପ୍ରସଙ୍ଗ ଏବେ ପ୍ରଶ୍ନଜାଲରେ ଛନ୍ଦି ହୋଇପଡିଛି। ବିବାଦୀୟ ସ୍ଥାନଠାରୁ ମାତ୍ର ୧ କିଲୋମିଟର ଦୂରରେ ରହି ଗତ ୧୫ ତାରିଖରୁ ଆନ୍ଦୋଳନରତ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି କର୍ମକର୍ତ୍ତା ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ବିଭିନ୍ନ ପ୍ରଶ୍ନ କରୁଛନ୍ତି । ୨୭ ତାରିଖରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ସମୟରେ ଏହାର ଉତ୍ତର ନ ପାଇ ଆନ୍ଦୋଳନକୁ ବ୍ୟାପକ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଏପରି କି କର୍ମକର୍ତ୍ତାମାନେ ଗ୍ରାମୀଣ ଜଳ ଯୋଗାଣ ବିଭାଗର ୨୦୧୮ ଜୁନ ୨୧ ତାରିଖର ଏକ ଚିଠିକୁ ନେଇ ଶନିବାର ପ୍ରଶ୍ନ ଉଠାଇଛନ୍ତି। ସେହିପରି ଏହି ପ୍ରକଳ୍ପ ପାଇଁ ଭିତରକନିକା ଜୈବ ବିବିଧତା ନଷ୍ଟ ହେବା ଦର୍ଶାଇ ଇକୋ ସେନ୍ସିଟିଭ ଜୋନ୍ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ଗତ ୧୦ ତାରିଖରୁ ଅନଶନରେ ଅଛନ୍ତି । ତାଙ୍କୁ କଟକ ବଡ଼ ଡାକ୍ତରଖାନାର ଆଇସିୟୁରେ ରଖାଯାଇଛି । ଫଳରେ ଏହି ପ୍ରସଙ୍ଗକୁ ଜୋରଜବରଦସ୍ତ ଚପାଇ ଦିଆଯାଉଛି ବୋଲି ସାମାଜିକ କର୍ମୀ ଓ ପରିବେଶବିତ୍‌ମାନେ ମତ ଦେଇଛନ୍ତି ।

ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ସମ୍ପାଦକ ବିଧାନ ଚନ୍ଦ୍ର ଦାସ, କର୍ମକର୍ତ୍ତା ଶରତ ରାଉତ, ଲିପ୍‌ସା ନାୟକ ପ୍ରମୁଖ କହିଛନ୍ତି, ଉକ୍ତ ପ୍ରକଳ୍ପ ନିର୍ମାଣ ପଛରେ ବହୁ ଅନିୟମିତତା ଅଛି। ଆଇଆଇଟି ହାଇଦ୍ରାବାଦର ରିପୋର୍ଟ, ପ୍ରକଳ୍ପ ଜମିର ମାଲିକାନା, ସ୍ଥାନୀୟ ଅଞ୍ଚଳରେ ଏହାର ପ୍ରଭାବ ପରେ ଜଳ ଉତ୍ତୋଳନ ପାଇଁ ଗ୍ରାମୀଣ ଜଳ ଯୋଗାଣ ବିଭାଗର ଏକ ଚିଠି ଏବେ ସନ୍ଦେହ ଘେରକୁ ଆସିଛି । ପ୍ରକଳ୍ପ ଆରମ୍ଭରୁ ହିତାଧିକାରୀଙ୍କ ସଂଖ୍ୟା ୬,୧୮,୨୫୩ ଓ ଭଦ୍ରକ ଜିଲାର ବାସୁଦେବପୁର, ତିହିଡି, ଧାମନଗର ଓ ଚାନ୍ଦବାଲି ବ୍ଲକ ଅଞ୍ଚଳର ୯୧ ପଞ୍ଚାୟତ ସମେତ ବାସୁଦେବପୁର ପୌରାଞ୍ଚଳ, ଚାନ୍ଦବାଲି ଏନ୍‌ଏସି ଓ ଧାମନଗର ଏନ୍‌ଏସିକୁ ପାନୀୟ ଜଳ ଯୋଗାଣ ହେବ ବୋଲି ଦର୍ଶାଯାଇଥିଲା । ତେବେ ଭଦ୍ରକ ଜିଲା ଗ୍ରାମୀଣ ଜଳ ଯୋଗାଣ ବିଭାଗ ଭଦ୍ରକ ପୌରାଞ୍ଚଳକୁ ସାମିଲ କରି ଜଳ ଉଠାଣ ପାଇଁ ୨୦୧୮ ଜୁନ ୨୧ରେ ଚିଠି ନଂ. ୩୧୭୯ରେ ବାଲେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗକୁ ଫର୍ମ-ଜେ' ରେ ଅନୁମତି ମାଗିଛି । ରାଜୀବ ଗାନ୍ଧୀ ଡ୍ରିଙ୍କିଙ୍ଗ ୱାଟର ମିଶନ ଗାଇଡ୍ ଲାଇନ ଅନୁଯାୟୀ ଜଣେ ଲୋକ ପାଇଁ ଦୈନିକ ୪୦ ଲିଟର ଜଳ ଉଠାଇବାକୁ ଥିବା ବେଳେ ଏହି ଚିଠିରେ ମୁଣ୍ଡ ପିଛା ୧୦୦ ଲିଟର ଜଳ ଆବଶ୍ୟକ ବୋଲି ଉଲ୍ଲେଖ ଅଛି । ଭଦ୍ରକ ଜିଲାର ଉଲ୍ଲେଖିତ ସ୍ଥାନରେ ଲୋକଙ୍କ ଚଳିବା ପାଇଁ ପାଣି ଅଛି । ଯଦି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୁଏ, ତେବେ ସର୍ବାଧିକ ୨୦ ଲିଟର ଖର୍ଚ୍ଚ ହେବ । ଅବଶିଷ୍ଟ ୮୦ ଲିଟର ଜଳ କାହାକୁ ଦିଆଯିବ ବୋଲି ସଂଗ୍ରାମ ସମିତି କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି । ଏଥିସହିତ ଖରସ୍ରୋତାରେ ପ୍ରବାହିତ ଜଳ ସମ୍ପର୍କରେ ସର୍ଭେ ଶେଷ ହେବା ଯାଏ ପ୍ରକଳ୍ପ ବନ୍ଦ ରଖିବାକୁ ସେମାନେ ଦାବି କରିଛନ୍ତି ।

ସେହିପରି ପରିବେଶବିତ୍ ହେମନ୍ତ କୁମାର ରାଉତ, ସାମାଜିକ କର୍ମୀ କ୍ଷିତୀଶ କୁମାର ସିଂହ, ଶିବାଶିଷ ମହାନ୍ତି, ଶୁଭାଶିଷ ଷଡ଼ଙ୍ଗୀ ପ୍ରମୁଖ କହିଛନ୍ତି, ପ୍ରକଳ୍ପ ନିର୍ମାଣରେ ବାଧକ ସାଜିଥିବା ଅନଶନରତ ଶ୍ରୀକାନ୍ତଙ୍କୁ ଚିକିତ୍ସା ଆଳରେ କଟକ ବଡ଼ ମେଡିକାଲର ଆଇସିୟୁରେ ରଖାଯାଇଛି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୭ ଦିନ ଧରି ଅନଶନରତ ଶ୍ରୀକାନ୍ତଙ୍କୁ ସାଲାଇନ ଦିଆଯାଇଥିଲା । ହେଲେ ତାଙ୍କୁ ସେଠାରେ ଆଇସିୟୁରେ ରଖାଯାଇ ଭିତରକନିକା ଜୈବ ବିବିଧତା ପରି ସମ୍ବେଦନଶୀଳ ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଠେଲି ଦିଆଯିବା ପାଇଁ ଉଦ୍ୟମ କରାଯାଉଛି । ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ (ରାମସାର ସାଇଟ୍) ଏହି ଆର୍ଦ୍ରଭୂମିର ସୁରକ୍ଷା ପାଇଁ ଜନ ଆନ୍ଦୋଳନ ତୀବ୍ର ହେଉଛି । ପ୍ରକଳ୍ପ କାର୍ଯ୍ୟ ବନ୍ଦ ନ ହେଲେ ଏହା ଜନ ଆକ୍ରୋଶରେ ପରିଣତ ହେବ ବୋଲି ସେମାନେ କହିଛନ୍ତି ।

ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ପ୍ରକଳ୍ପ ନିର୍ମାଣରେ କୌଣସି ଅନିୟମିତତା ହୋଇନାହିଁ ନାହିଁ। ବିଭିନ୍ନ ବିଭାଗର ଗାଇଡ୍ ଲାଇନ ଓ ରୁଲ୍‌କୁ ଅନୁଧ୍ୟାନ କରାଯିବା ସହ ତର୍ଜମା ହୋଇଛି। ଖୁବ୍‌ଶୀଘ୍ର ପ୍ରକଳ୍ପ ନିର୍ମାଣ ଶେଷ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ପିପିଏଲକୁ ଗ୍ରୀନଟେକ୍ ଆୱାର୍ଡ



ପାରାଦୀପ,୨୮।୮(ସ୍ୱ.ପ୍ର.)

ପାରାଦୀପ ଫସଫେଟସ ଲିମିଟେଡକୁ ଶନିବାର ଗ୍ରୀନଟେକ୍ ଆୱାର୍ଡ ମିଳିଛି। ସୁରକ୍ଷା ନିରାପତ୍ତା କ୍ଷେତ୍ରରେ କମ୍ପାନୀର ଉଲ୍ଲେଖଯୋଗ୍ୟ ପଦକ୍ଷେପ ଯୋଗୁ ଏହା ସଫଳ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗ୍ରୀନଟେକ୍ ଫାଉଣ୍ଡେସନର ଅଧ୍ୟକ୍ଷ କମଳେଶ୍ୱର ସୁରନ ଏହି ଆୱାର୍ଡ କମ୍ପାନୀର ସୁରକ୍ଷା ଅଧିକାରୀ ନିହାରକାନ୍ତି ରାଉତଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ସଂସ୍ଥା ଦେଶର ସମସ୍ତ କମ୍ପାନୀର ପରିଚାଳନା ବ୍ୟବସ୍ଥାକୁ ଅନୁଧ୍ୟାନ କରି ଆୱାର୍ଡ ଦେଇଥାଏ। ଏହି ଆୱାର୍ଡ ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ କାନାରା ବ୍ୟାଙ୍କ ସିଏମଡି ଆର.କେ ଦୁବେ, କୋଲ ଇଣ୍ଡିଆ ନିର୍ଦ୍ଦେଶକ ଭୋଲା ସିଂହ, ଆଦାନୀ କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ଡ.ଫାରୁକ୍ ଅବଦୁଲା ପ୍ରମୁଖ ଉପସ୍ଥିତ ଥିଲେ।

# କୁମ୍ଭୀର ଆକ୍ରମଣକୁ ନେଇ ଆତଙ୍କ



ରେଞ୍ଜ ଅଫିସରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଗ୍ରାମବାସୀ।

## ନଦୀରେ ଗାଧୁଆ ତୁଠ ନିର୍ମାଣ ଦାବି

ରାଜନଗର,୨୮।୮(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ କୁମ୍ଭୀର ଉପଦ୍ରବ ଅସହ୍ୟ ହେଲାଣି। ଏହି ପରିପ୍ରେକ୍ଷୀରେ ବ୍ରାହ୍ମଣୀ ନଦୀରେ ଗାଧୁଆ ତୁଠ ନିର୍ମାଣ ଉପରେ ଗୁରୁତ୍ୱାରୋପ କରାଯାଇଛି । ଶନିବାର ରାଜନଗର ବ୍ଲକ ରାଜପୁର ବାଲିଚନ୍ଦ୍ରପୁର ଗାଁର ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥଙ୍କୁ ଭେଟି ଗାଁ ନିକଟରେ ବହି ଯାଇଥିବା ବ୍ରାହ୍ମଣୀ ନଦୀରେ ଗାଧୁଆ ତୁଠ ନିର୍ମାଣ ପାଇଁ ଦାବି କରିଛନ୍ତି। ଏଥିସହ ୭ମାସ ତଳେ କୁମ୍ଭୀର ଆକ୍ରମଣରେ ଆହତ ହୋଇଥିବା ଉକ୍ତ ଗାଁର ଭାଗବତ ରାଉତଙ୍କ ବାମହାତ ସମ୍ପୂର୍ଣ୍ଣ ଅକାମି ହୋଇପଡିଛି। ତାଙ୍କୁ ବନ ବିଭାଗ ପକ୍ଷରୁ କୌଣସି ସହାୟତା ମିଳିନାହିଁ। ଏଥିସହ ଗତ ୩ ବର୍ଷ ମଧ୍ୟରେ ଏହି ପଞ୍ଚାୟତର ଭାଗବତଙ୍କ ସମେତ ବଳଭଦ୍ର ପ୍ରସାଦ ଗାଁର ୨ ମହିଳା କୁମ୍ଭୀର ଆକ୍ରମଣରେ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି । ସ୍ଥାନୀୟ ଲୋକମାନେ ନଦୀ ଉପରେ ବିଭିନ୍ନ କାମ ପାଇଁ ନିର୍ଭର କରିଥାନ୍ତି। ହେଲେ ସେଠାରେ କୁମ୍ଭୀର ଆତଙ୍କ ସୃଷ୍ଟି କରିଛି । ଏଥିପାଇଁ ତୁରନ୍ତ ଗାଁ ନିକଟରେ ଗାଧୁଆ ତୁଠ ନିର୍ମାଣ ପାଇଁ ରାଜପୁର ସରପଞ୍ଚ ନିମାଇଁ ରାଉତ, ଶ୍ରୀନିବାସ ପାତ୍ର, ମହେଶ୍ୱର ସେଠୀ, ଖଗେଶ୍ୱର ଦାସ, ମନ୍ମଥ ଦାସ, ଗୌରାଙ୍ଗ ମଲିକ, ପ୍ରଫୁଲ୍ଲ ଦାସ, ଅକ୍ଷୟ ସେଠୀ, ଭାଗବତ ରାଉତ ପ୍ରମୁଖ ରେଞ୍ଜ ଅଫିସରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସଂକ୍ରାନ୍ତରେ ରେଞ୍ଜ ଅଫିସର ରଥଙ୍କୁ ପଚାରିବାରୁ ପ୍ରାଥମିକତା ଭିତ୍ତିରେ ବାଲିଚନ୍ଦ୍ରପୁର ନିକଟରେ ବାଥିଙ୍ଗଘାଟ ନିର୍ମାଣ ହେବ। ଯେଉଁମାନେ କୁମ୍ଭୀର ଆକ୍ରମଣରେ ଆହତ ହୋଇଛନ୍ତି ଓ ସରକାରୀ ସହାୟତା ପାଇନାହାନ୍ତି ସେ ସଂକ୍ରାନ୍ତ କାଗଜପତ୍ର ଯାଞ୍ଚ ପରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ବିଜେଡି କାର୍ଯ୍ୟକାରିଣୀ ବୈଠକ

ବିରିଡି,୨୮।୮ (ଡି.ଏନ.ଏ)

ବିରିଡି ବ୍ଲକ ବାଲିଆ ଭଗବତୀଙ୍କ ପୀଠରେ ବ୍ଲକ ବିଜେଡି କାର୍ଯ୍ୟକାରିଣୀ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରବିନ୍ଦ୍ର ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ବିଜୁ ଜନତା ଦଳ ଏକ ଶୃଙ୍ଖଳିତ ଦଳ । ଦଳ ୨୫ ବର୍ଷ ଧରି କ୍ଷମତାରେ ରହି ରାଜ୍ୟର ସାମଗ୍ରିକ ବିକାଶ କରିଛି। ଏକ ନଂ. ଜୋନ ସଂଯୋଜକ ନୃସିଂହ କୁମାର ଦାଶ ଏଥିରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ବିଜେଡି ସଭାପତି ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ମହାପାତ୍ର, ରାଜ୍ୟ ଯୁବ ବିଜେଡି ସଂପାଦକ ପ୍ରଦିପ୍ତ ଭୂୟାଁ, ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶେଷରେ ୨୫ ନଂ.ଜୋନର ସଂଯୋଜକ ତୃପ୍ତୀ ରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।

# ରାଜକନିକା ବ୍ଲକରେ ମରୁଡ଼ି ପରିସ୍ଥିତି

- ବର୍ଷା ଅଭାବରୁ ଫାଟିଲାଣି ଚାଷ ଜମି
- ଉଜୁଡ଼ିବାକୁ ବସିଛି ଧାନ ଫସଲ

ରାଜକନିକା,୨୮।୮(ଡି.ଏନ.ଏ.)

ରାଜକନିକା ବ୍ଲକର ୨୯ ପଞ୍ଚାୟତରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ଚାଷ ପାଇଁ ଆବଶ୍ୟକ ପରିମାଣର ବର୍ଷା ନାହିଁ। ଆକାଶରେ କଳା ବାଦଲ ଆସୁଛି, ହେଲେ ବର୍ଷା ହେଉନାହିଁ। ହଳ ହୋଇଥିବା ଜମିରେ ରୁଆ ପୋତା ହୋଇପାରୁ ନାହିଁ । ତଳି ଗୁଡ଼ିକ ମୁଣ୍ଡଫଟା ଖରାରେ ଜଳି ଯାଉଛି । ବର୍ଷା ଅଭାବରୁ ନାଳ,ଗଡ଼ିଆ ଶୁଖି ଗଲାଣି। ଫସଲ ଉଜୁଡ଼ି ଯିବା ଆଶାରେ ଚାଷୀମାନେ କ୍ଷେତରେ ଗୋରୁ ଛାଡ଼ି ଦେଲେଣି। ଗତବର୍ଷ ଅଗଷ୍ଟ ମାସରେ ଖରସ୍ରୋତା,କାଣୀ ଓ ବୈତରଣୀରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା । ଫଳରେ ଶତାଧିକ ଏକର ଜମିର ଫସଲ ଧୋଇ ନେଇଥିଲା । ବର୍ଷେ ପରେ ବି ଚାଷୀ କ୍ଷତିପୂରଣ ପାଇ ନ ଥିବା ବେଳେ ଚଳିତ ବର୍ଷର ମରୁଡ଼ି ପରିସ୍ଥିତି ଚାଷୀଙ୍କୁ ଚିନ୍ତାରେ ପକାଇଛି । ବାରମ୍ବାର ବନ୍ୟା ଓ ମରୁଡ଼ି ଯୋଗୁ ଅଧିକାଂଶ ଚାଷୀ ଆଉ ଚାଷ କରିବେ ନାହିଁ ବୋଲି ଚିନ୍ତା କରି ହଳବଳଦ ବିକି ସାରିଲେଣି । ଚାଷୀଙ୍କ ଏଭଳି ଦୁଃଖ ସମୟରେ କୃଷି ବିଭାଗ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।



ପାଣି ଅଭାବରୁ ତଳି ମରିବାକୁ ବସିଛି।

# ରାହାମାରେ ସୁପରସ୍ପେଶିଆଲିଟି ହସ୍ପିଟାଲ ଦାବି ଜୋର ଧରିଲା

ରାହାମା,୨୮।୮(ଡି.ଏନ୍.ଏ.)

ରାହାମା ବ୍ଲକରେ ସୁପରସ୍ପେଶିଆଲିଟି ହସ୍ପିଟାଲ ଖୋଲିବା ଦାବି ଜୋର ଧରିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ରାହାମାସ୍ଥିତ ପ୍ରତାପ ଚନ୍ଦ୍ର ସ୍ମାରକୀ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚିଠି କରାଯାଇଛି। ଏହାର ନକଲ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସଚିବ, ଜିଲାପାଳ, ଜିଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଏକ ମାସ ମଧ୍ୟରେ ଏଥିପାଇଁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ରେଲରୋକୋ ଓ ରାସ୍ତାରୋକୋ କରାଯିବା ସହ ଅଞ୍ଚଳବାସୀ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି କମିଟି ପକ୍ଷରୁ ଚେତାବାନୀ ଦିଆଯାଇଛି। ପ୍ରତାପ ଚନ୍ଦ୍ର ମହାନ୍ତି, ସୁନାକର ବେହେରା ଅଜୟ କୁମାର ସାହୁ, ରବି ନାରାୟଣ ସାହୁ, ଭିକାରି ଚରଣ ସେନାପତି,ଅଶୋକ ଚୌଧୁରୀ, ପ୍ରଦୀପ ବେଉରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଲିଖିତଭାବେ ଅବଗତ କରାଇଛନ୍ତି। ଏଠାରେ ସୁପରସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା କରିବାକୁ ୧/୦୯/୨୦୧୯ରେ ୫୦ ପଞ୍ଚାୟତର ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଲିଖିତ ଭାବେ ଜଣାଇଥିଲେ। ପରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ,ମାନ୍ୟବର ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜଗତସିଂହପୁର ଜିଲାପାଳ ସଂଗ୍ରାମ ମହାପାତ୍ର ଓ ମୁଖ୍ୟ ଜିଲା ଚିକିତ୍ସା ଧିକାରୀ ପ୍ରମୁଖ ରାଜ୍ୟସରକାରଙ୍କ ନିକଟରେ ସୁପାରିଶ କରିଥିଲେ। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନଯିବାରୁ ରାସ୍ତାରୋକୋ ଓ ରେଲରୋକୋ କରବାକୁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇ ଏବିଷୟରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଆନୁଷଙ୍ଗିକ କାଗଜପତ୍ର ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ୧/୧/୨୦୨୦ରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କ ଚିଠି (ନଂ. ୮ ଓ ୭୭)ରେ ରାହାମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ଆନୁଷଙ୍ଗିକ ତଥ୍ୟ ଓ କାଗଜପତ୍ର ପଠାଇଥିଲେ। ମାତ୍ର ସୁପରସ୍ପେଶିଆଲିଟି ହସ୍ପିଟାଲ ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ୧/୫/୨୦୨୦ ରାସ୍ତାରୋକୋ କରିବାକୁ କମିଟି ପକ୍ଷରୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇଥିଲା। ଏହାପୂର୍ବରୁ ଅର୍ଥାତ୍ ୪/୦୧/୨୦୨୦ରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମଞ୍ଜୁରୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ପଠାଇଯାଇଛି ବୋଲି ତତ୍କାଳୀନ ସ୍ୱାସ୍ଥ୍ୟ ସଚିବ ଡ.ଜଗ୍ମିନ ପଟ୍ଟନାୟକ ଚିଠି ନଂ. ୩୧୮ରେ ଦର୍ଶାଇ କ୍ରିୟାନୁଷ୍ଠାନ କମିଟିକୁ ଧାରଣା ଓ ଅନ୍ୟାନ୍ୟ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରୁ ଓହରିଯିବାକୁ ନିବେଦନ କରିଥିଲେ। ଫଳରେ ଆନ୍ଦୋଳନ ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇ ନ ଥିବାରୁ ପୁନର୍ବାର ଆନ୍ଦୋଳନ କରିବାକୁ କମିଟି ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଯାଇଛି।

# ୩ ଦଫା ଦାବି ପୂରଣ ନ ହେଲେ ଭୋଟ ବର୍ଜନ ଚେତାବନୀ

ରଘୁନାଥପୁର,୨୮।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତାରପୁରସ୍ଥିତ ମା'ନାରାୟଣୀ ମନ୍ଦିର ପରିସରରେ ଓଡିଶା ଗ୍ରାମ ପଞ୍ଚାୟତ ପିଅନ, ଝାଡୁଦାର ଓ ରାତ୍ର ଜଗୁଆଳ କର୍ମଚାରୀ ସଂଘ ଜଗତସିଂହପୁର ଶାଖା ପକ୍ଷରୁ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଭାତ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସଂଘର ୩ ଦଫା ଦାବି ପୂରଣ ନହେଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ହୋଇଛି। ସର୍ବନିମ୍ନ ମଜୁରୀ ପ୍ରଦାନ ସହ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା ଓ ଗ୍ରାମ ପଞ୍ଚାୟତ ୧୨୫ ନିୟମ (ପଞ୍ଚାୟତର ନିଜସ୍ୱ ଆୟରୁ କର୍ମଚାରୀମାନେ କାର୍ଯ୍ୟ କରି ଦରମା ନେବା)କୁ ସଂଶୋଧନ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି।

ଏହି ବୈଠକରେ ସଂଘର ରାଜ୍ୟ ସହ କୋଷାଧକ୍ଷ ଈଶ୍ୱର ଚନ୍ଦ୍ର ନାୟକ,କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ସ୍ୱାଇଁ,ଏସ.କେ. ଜାକିର ଅଲ୍ଲୀ,ଜୁବୁଲି ସେଠି, ପ୍ରଦୀପ୍ତ କୁମାର ପରିଡାଙ୍କ ସମେତ ଜିଲାର ୮ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମଚାରୀମାନେ ଯୋଗଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ସଂଘର ସଦସ୍ୟମାନେ।

# 'ସରକାର କୃଷକଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି'

କେନ୍ଦ୍ରାପଡ଼ା ଅଫିସ,୨୮।୮




ବୈଠକରେ ଯୋଗଦେଇଥିବା ସିପିଏମ୍ ନେତା ଜନାର୍ଦ୍ଦନ ପତି ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ସହର ଖଡିଅଙ୍ଗସ୍ଥିତ ପାର୍ଟି କାର୍ଯ୍ୟାଳୟ ପରିସରରେ ସିପିଆଇ (ଏମ)ର ଜିଲାସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ଜଗତଜୀବନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମରୁଡି, ସାର ଓ ଧାନର ଅଭାବୀ ବିକ୍ରି ସମ୍ପର୍କରେ ଆଲୋଚନା ହୋଇଥିଲା । ଖରସ୍ରୋତା ନଦୀ ଜଳ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ନେତା ଜନାର୍ଦ୍ଦନ ପତି ଯୋଗ ଦେଇ କହିଛନ୍ତି, ଚାଷ ଓ ଚାଷୀ ଏବେ ବିପଦରେ ପଡିଛନ୍ତି। ରାଜ୍ୟ ସରକାର କୃଷକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉନାହାନ୍ତି । କେନ୍ଦ୍ରାପଡ଼ା ଜିଲାରେ ଜଳ ପରିଚାଳନା ଆଦୌ ନାହିଁ କହିଲେ ଚଳେ । ଆଳି, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳରେ ଆଦୌ କେନାଲ ନ ଥିବା ବେଳେ ପ୍ରତି ବ୍ଲକ ଅଞ୍ଚଳରେ ୩୫ ପ୍ରତିଶତ ଜଳ ସେଚନ ବ୍ୟବସ୍ଥା ନାହିଁ । ବର୍ଷା ଅଭାରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ପର୍ଯ୍ୟାପ୍ତ ପରିମାଣରେ ସାର ଏହି ଜିଲାରେ ମିଳୁନାହିଁ। ବହୁ ଚାଷୀ ସଚେତନତା ଅଭାବରୁ ଶାରଦ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିନାହାନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ସେପ୍ଟେମ୍ବର ୧୫ରେ ବ୍ଲକ ଅଫିସ ସମ୍ମୁଖରେ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯିବ । ସେହିପରି ଖରସ୍ରୋତା ନଦୀ ଜଳ ପ୍ରସଙ୍ଗରେ ଏହି ଦଳ ଆନ୍ଦୋଳନକାରୀଙ୍କ ଦାବିକୁ ସମର୍ଥନ କରୁଛି । ଏହି ନଦୀର ଜଳ ପରିମାଣ ସମ୍ପର୍କରେ ସର୍ଭେ ପୂର୍ବରୁ ପ୍ରକଳ୍ପ ଚାଲୁ ହେଲେ ସ୍ଥାନୀୟ ଅଞ୍ଚଳର ଜୀବନ ଜୀବିକା ବିପନ୍ନ ହେବ । ସେହିପରି ଜାତୀୟ ଉଦ୍ୟାନ ଭିତରକନିକା ପ୍ରଭାବିତ ହେବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବୈଠକରେ ଗୟାଧର ଧଳ, କାଳିପ୍ରସାଦ ନାୟକ, ପାର୍ଟିର କର୍ମକର୍ତ୍ତା ବାବାଜୀ ପରିଡା, ରତ୍ନଜୟ ମଲ୍ଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଗ୍ରାମ୍ୟ ଅର୍ଥନୈତିକ କରିଡର ପାଇଁ ସୁପାରିସ

## ଶାରଳା ମନ୍ଦିର-ଲଙ୍କାପଡ଼ା ରାସ୍ତା

- ଗଇଠିପୁର-ବାଲିଯୋରି ଦୁର୍ବିପାକ ପ୍ରତିରୋଧ ରାସ୍ତା ନିର୍ମାଣ ହେଉ

ଜଗତ୍‌ସିଂହପୁର ଅଫିସ, ୨୮।୮

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳା ମନ୍ଦିର ନିକଟରୁ ଲଙ୍କାପଡ଼ା ଭାୟା ଶଙ୍ଖେଶ୍ୱର ଗ୍ରାମ୍ୟ ରାସ୍ତାକୁ ଅର୍ଥନୈତିକ କରିଡ଼ର ଭାବେ କାର୍ଯ୍ୟକାରୀ କରିବାକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କୁ ସୁପାରିସ କରିଛନ୍ତି। ଜିଲାପାଳ ଦର୍ଶାଇଛନ୍ତି ଏହି ରାସ୍ତା ନିର୍ମାଣ ହେଲେ କନକପୁର ଦେଉଳୀ, କନକପୁର ଶାସନ, ତେନ୍ତୁଳିପଦା, ନାଉସିରା, ତିର୍ତ୍ତୋଲ, ଧନୁଆ, ଓଲଗଦା, ପୋଷଲ, ବଡ଼ଜିଙ୍ଗଲ, ଗୋପାଳପୁର (ଏସ୍), ବିଜିପୁର, ହାୟତପୁର, ମିର୍ଜାପୁର, ସରଳପୁର, ଲଙ୍କାପଡ଼ା ଓ ଆଖପାଖ ଅଞ୍ଚଳର ଗ୍ରାମବାସୀ ଉପକୃତ ହୋଇପାରିବେ। ଏହି ରାସ୍ତା ଏନ୍‌ଏଚ୍-୫ (ଏ)କୁ ସଂଯୋଗ ହେଲେ ଯାତାୟାତ ଓ ମାଲ ପରିବହନ ସହଜରେ ହେବ। ମହାନଦୀ ଓ ପାଇକା ଅବବାହିକା ଲୋକେ ସେମାନଙ୍କ ବଳକା ଉତ୍ପାଦିତ ସାମଗ୍ରୀ କମ ପରିବହନ ଖର୍ଚ୍ଚ କରି ଉଚିତ୍ ମୂଲ୍ୟ ପାଇପାରିବେ। ଘରୋଇ କୃଷିଜାତ ଦ୍ରବ୍ୟ ଠିକ୍ ମୂଲ୍ୟରେ ବିକ୍ରୟ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ। ଏହି ରାସ୍ତା ଦ୍ୱାରା ଉଦ୍ୟୋଗୀମାନେ କୃଷିଜାତ ଶିଳ୍ପ ପ୍ରତିଷ୍ଠା କରି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇପାରିବେ। ଏହାଛଡ଼ା ତିର୍ତ୍ତୋଲ ବ୍ଲକର ମହାନଦୀ ପଠାରେ ଏକ ରାଇସ ମିଲ କାର୍ଯ୍ୟ କରୁଛି। ଏହି ରାସ୍ତାର ଉନ୍ନତିକରଣ ହେବା ଦ୍ୱାରା ଆଖପାଖ ଅଞ୍ଚଳରୁ ଧାନ ପରିବହନ ସୁବିଧାରେ ହେବା ସହ ଚାଉଳ ଅଧିକ ଉତ୍ପାଦନ ହୋଇପାରିବ। ଜିଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚାଉଳ ପରିବହନ ସୁବିଧାରେ ହୋଇପାରିବ। ପନିପରିବା ଓ ଦୁଗ୍ଧ ଚାଷୀମାନେ ରାସ୍ତା ଉନ୍ନତିକରଣରେ ଅଧିକ ଲାଭବାନ ହେବେ। ରାସ୍ତାର ଉନ୍ନତିକରଣ ହେଲେ ହସ୍ପିଟାଲ, ରେଳଷ୍ଟେସନ ସଂଯୋଗୀକରଣ ସମ୍ଭବ। ଲୋକଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାରେ ଉନ୍ନତି ସାଧନ ହୋଇପାରିବ। ମା' ଶାରଳାଙ୍କ ପବିତ୍ର ପୀଠକୁ ଅଧିକ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସିବେ । ଏହାଦ୍ୱାରା ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ହେବ। ଏହିସବୁ କାରଣରୁ ଶାରଳା ମନ୍ଦିର ଲଙ୍କାପଡ଼ା ଭାୟା ଶଙ୍ଖେଶ୍ୱର ୨୫,୪୦୦ କିଲୋମିଟର ରାସ୍ତା ନିର୍ମାଣ ନିମନ୍ତେ ଆନୁମାନିକ ୨୫୪୦ ଲକ୍ଷ ଟଙ୍କା ବ୍ୟୟ ଆକଳନ କରାଯାଇଛି। ଏହାବାଦ୍ ଜଗତ୍‌ସିଂହପୁର ଜିଲାର ଗଇଠିପୁରଠାରୁ ରାହାଣ, ଅନନ୍ତପୁର, କୁସୁପୁର, ଆଠଘରିଆ ଏବଂ ଗମରା ଦେଇ ବାଲିଯୋରୀ ପର୍ଯ୍ୟନ୍ତ ଏକ ଦୁର୍ବିପାକ ପ୍ରତିରୋଧ ରାସ୍ତା ନିର୍ମାଣ ପାଇଁ ଥିବା ପ୍ରସ୍ତାବକୁ ମଧ୍ୟ ଜିଲାପାଳ ସ୍ୱୀକୃତି ଦେଇଛନ୍ତି। ଗଇଠିପୁରଠାରୁ ବାଲିଯୋରୀ ପର୍ଯ୍ୟନ୍ତ ୧.୫୦ କି.ମି. ରାସ୍ତା ନିର୍ମାଣ ପାଇଁ ୧୮୫୦ ଲକ୍ଷ ଟଙ୍କା ବ୍ୟୟ ଆକଳନ କରାଯାଇଛି । ଏହି ଦୁର୍ବିପାକ ପ୍ରତିରୋଧ ରାସ୍ତା ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଛି।

## ଆଜି କ'ଣ କେଉଁଠି

ଯାଜପୁର
- ଯାଜପୁର ରୋଡ୍ ଫୁଟ ଲିଗ, ଏନ୍‌ସି ହାଇସ୍କୁଲ ପଡ଼ିଆ। ଯୋଗିସାହି ଯୁବଶକ୍ତି କ୍ଲବ ବନାମ ଯାଜପୁର ରୋଡ୍ ମର୍ଣ୍ଣିଂ କ୍ଲବ, ସମୟ-ଅପରାହ୍ନ ୩ଟା।

## ଦୁର୍ଘଟଣାରେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ

କୋରେଇ/ପାଣିକୋଇଲି, ୨୮।୮(ଡି.ଏନ.ଏ.): ପାଣିକୋଇଲି ଥାନା ଅଧୀନ ପଥରପଦା ପଞ୍ଚାୟତ ତାଜପୁର ଆଦିବାସୀ ସାହିର ଏକ ଗଛରେ ଶନିବାର ବାଇକ ଧକ୍କା ହେବାରୁ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ପାଣିକୋଇଲି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଯାଜପୁର ପୋଲିସର ପାଣିକୋଇଲି ମୁଖ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ସମୀର ପ୍ରଧାନ। ଗୁରୁତର ହେଲେ ଟମକା ଥାନାର ପ୍ରଭାତ ମାରାଣ୍ଡି। ଉଭୟ ଏକ ବାଇକ୍ ନଂ.(ଓଡି-୩୪-ଡି-୯୭୩୫)ଯୋଗେ ପାଣିକୋଇଲି-କୋରେଇ ରାସ୍ତାରେ ଯାଉଥିଲେ। ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ସମୀରଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ପ୍ରଭାତଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

## ଲାଞ୍ଚ ନ ଦେଲେ ମିଳୁନି ଜନ୍ମ, ମୃତ୍ୟୁ ପ୍ରମାଣପତ୍ର

ଯାଜପୁର ଅଫିସ,୨୮।୮: ସହରବାସୀଙ୍କୁ ନିମ୍ନତମ ମୌଳିକ ସୁବିଧା ଯୋଗାଇ ଦେବା ପୌର ପ୍ରଶାସନର କର୍ତ୍ତବ୍ୟ। କିନ୍ତୁ ଯାଜପୁର ପୌରପରିଷଦରେ ଏହାର ଓଲଟା ହୋଇଛି। ଏଠାରେ ଲାଞ୍ଚ ନ ଦେଲେ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ମିଳୁନାହିଁ। ସରକାରଙ୍କ ପକ୍ଷରୁ ମାଗଣାରେ ମିଳୁଥିବା ଇ-ସେବା ମଧ ଏଠାରେ ଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ। ଜନ୍ମ ପ୍ରମାଣ ପତ୍ର ପାଇଁ ସରକାରୀ ଖର୍ଚ୍ଚ ବାବଦକୁ ୭ ଟଙ୍କା ରହିଥିବାବେଳେ ଏହି କାର୍ଯ୍ୟାଳୟରେ ୧୦୦ ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରାଯାଉଥିବା ଅଭିଯୋଗ ହୋଇଛି। ହାତଗୁଞ୍ଜା ଟଙ୍କା ନ ଦେଲେ ପ୍ରମାଣପତ୍ର ପାଇଁ ୫ଥର ଦୌଡ଼ିବାକୁ ପଡୁଛି। ଏଭଳି ଅସାଧୁ ଅଫିସରଙ୍କ ବିରୋଧରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ପୌର ଅଧିକାରୀ ସୂର୍ଯ୍ୟମଣି ପାଙ୍ଗଯୋଶୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗର ସତ୍ୟାସତ୍ୟ ନାହିଁ। କୋଣସି ଅଧିକାରୀ ଖର୍ଚ୍ଚ ଦାବି କରୁଥିବାର ଲିଖିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କମ୍ୟୁନିଷ୍ଟ ନେତାଙ୍କ ବିୟୋଗ

ଚଣ୍ଡିଖୋଲ,୨୮।୮(ଡି.ଏନ.ଏ.): ବଡ଼ଚଣା ଅଞ୍ଚଳର ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ବଡ଼ଘୁମୁରୀ ପଞ୍ଚାୟତ ଅହମଦ୍‌ପୁର ଗ୍ରାମର ଗୋକୁଳାନନ୍ଦ ଜେନା(୭୨)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ୧୯୭୮ରୁ କମ୍ୟୁନିଷ୍ଟ ଦଳରେ ଯୋଗଦେଇ ସ୍ୱର୍ଗତ ବିଧାୟକ ଦୁଃଶାସନ ଜେନାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରି ଆସୁଥିଲେ। ବଡ଼ଚଣା କମ୍ୟୁନିଷ୍ଟ ଦଳ ତରଫରୁ ତାଙ୍କୁ ଲାଲ ସଲାମ ଜଣାଯିବା ସହ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

# ଆଦର ଅଛି, ପ୍ରୋତ୍ସାହନ ନାହିଁ

■ ଚିନ୍ତାରେ କୁମ୍ଭକାର ପରିବାର
■ ସରକାର ଦୃଷ୍ଟିଦେବାକୁ ଦାବି

ବରୀ,୨୮।୮(ଡି.ଏନ.ଏ.)

କୁମ୍ଭକାରଙ୍କ ଦ୍ୱାରା ତିଆରି କରାଯାଉଥିବା ସାମଗ୍ରୀଗୁଡ଼ିକର ଏବେବି ବହୁତ ଚାହିଦା ରହିଛି। ହେଲେ ଏହି ବୃତ୍ତି ପାଇଁ ସରକାରଙ୍କ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଉନାହିଁ। ଫଳରେ କେଉଁ ଆବହମାନ କାଳରୁ ନିଜର ଜୀବନଜୀବିକା ନିର୍ବାହ ପାଇଁ କୌଳିକ ବୃତ୍ତିକୁ ଆପଣେଇ ନେଇଥିବା ଏହି ପରିବାରଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆସୁନାହିଁ। ସେମାନେ ବିଭିନ୍ନ ମୂର୍ତ୍ତିଠାରୁ ଆରମ୍ଭ କରି ସୁରେଇ, ମାଠିଆ ଭଳି ବିଭିନ୍ନ ମାଟି ସାମଗ୍ରୀ ତିଆରି କରି ବିକ୍ରି କରୁଛନ୍ତି। ହେଲେ ଏଥିରେ ଯେତିକି ରୋଜଗାର ହେଉଛି ସେଥିରେ ପରିବାର ଚଳି ପାରୁନାହିଁ ବୋଲି ବରୀ ବ୍ଲକ୍‌ର ଗହପାଳ, ବାଇଁଶିରିଆ, ବରୀ, ଉଦୟନାଥପୁର, ତଳକାଇପଡା ଓ ନେଉଳା ଆଦି ଗ୍ରାମରେ ଶହଶହ କୁମ୍ଭକାର ପରିବାର ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ବଂଶାନୁକ୍ରମିକ ଭାବେ ନିଜର କୌଳିକ ବୃତ୍ତିକୁ ଆପଣାଇ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା


ଜଣେ ଯୁବତୀ ମୂର୍ତ୍ତି ନିର୍ମାଣ କରୁଛନ୍ତି।

କ୍ଷେତ୍ରରେ ଆମେ କାର୍ଯ୍ୟ କରୁଛୁ। ପାର୍ବଣ ଋତୁରେ ସେମାନଙ୍କ ଦ୍ୱାରା ତିଆରି କରାଯାଉଥିବା ଦେବଦେବୀଙ୍କ ମୂର୍ତ୍ତି ଅତ୍ୟନ୍ତ ଗ୍ରହଣ ଯୋଗ୍ୟ ହେଉଛି। ମହିଳାମାନେ ମଧ ଏହି କୌଳିକ ବୃତ୍ତିରେ ନିଜର ଜୀବିକା ନିର୍ବାହ କରିଥାନ୍ତି।

ଅଟିରା ପଞ୍ଚାୟତ ଗହପାଳ ଗ୍ରାମର ସନ୍ତୋଷ ମୁଦୁଲିଙ୍କ ଝିଅ ପ୍ରିୟଦର୍ଶିନୀ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି। ସେ ସ୍ନାତକ ଶିକ୍ଷା ହାସଲ କରିବା ପରେ ବି ଜୀବିକା ନିର୍ବାହ ପାଇଁ କୌଳିକ ବୃତ୍ତି ଉପରେ ଭରସା କରିଛନ୍ତି। ତେବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ନ ମିଳିବାରୁ ପରିବାରର ଆର୍ଥିକ ସମସ୍ୟା ଦିନକୁ ଦିନ ନିମ୍ନଗାମୀ ହେବା ଦେଖିବାକୁ ମିଳୁଛି। ଏହି ପରିବାରଗୁଡିକୁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଦିଆ ନ ଗଲେ ଏହା କ୍ରମଶଃ ଲୋପ ପାଇବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସରକାର କୁମ୍ଭକାର ପରିବାରକୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରି ସହାୟତା ଯୋଗାଇ ଦେବାକୁ ସନ୍ତୋଷ କୁମାର ମୁଦୁଲି, ଅନାମ ସେନାପତି, ପ୍ରଶାନ୍ତ ମୁଦୁଲି ପ୍ରମୁଖଙ୍କ ସମେତ ବହୁ କୁମ୍ଭକାର ପରିବାର ଦାବି କରିଛନ୍ତି।

# ଚିକିତ୍ସା ଅବହେଳାରୁ ଦିଅର, ଭାଉଜଙ୍କ ମୃତ୍ୟୁ ଅଭିଯୋଗ

## ଘରପୋଡ଼ିରେ ଗୁରୁତର ହେବା ଘଟଣା

ଚଣ୍ଡିଖୋଲ/ଛତିଆ, ୨୮।୮(ଡି.ଏନ.ଏ.)

ଦର୍ପଣ ତହସିଲ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ୨୨ ତାରିଖରେ ଅଗ୍ନିକାଣ୍ଡ ଘଟି ଏକ ଆଦିବାସୀ ପରିବାରର ଆସବାବପତ୍ର ପୋଡ଼ିଯାଇଥିଲା ବେଳେ ପରିବାରର ତିନି ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦିଅର, ଭାଉଜଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ପୂର୍ଣ୍ଣଚନ୍ଦ୍ରପୁର ଆଦିବାସୀ ସାହିର ବିପିନ ନାଏକଙ୍କ ଘରେ ନିଆଁ ଲାଗିବାରୁ ତିନିବଖରା ଜଳିଯିବା ସହ ତାଙ୍କ ବଡ଼ ବୋହୂ ସବିତା ନାଏକ(୨୭) ଓ ସାନ ପୁଅ ସୋନୁ ନାଏକ(୨୫) ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାରେ ଅବହେଳା କରାଯାଇଥିଲା। ତେଣୁ ସେମାନେ ଗତ ଗୁରୁବାର ନିଜ ଗ୍ରାମକୁ ପଳାଇ ଆସିଥିଲେ। ଘର ନ ଥିବାରୁ ପରିବାର ସହ ସମିଆଁ ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର ୟୁଜିଏମ୍‌ଇ ସ୍କୁଲ୍‌ରେ ରହୁଥିଲେ। ସ୍କୁଲ୍ ବାରଣ୍ଡାରେ ରହୁଥିବା ବିପନ୍ନ ପରିବାରର ବଡ଼ବୋହୂ ସବିତା ଶୁକ୍ରବାର ସନ୍ଧ୍ୟାରେ ଆଖି ବୁଜିଥିଲେ। ତାଙ୍କର ଅନ୍ତିମ ସଂସ୍କାର ପରେ ଶନିବାର ଭୋରୁ ଦିଅର ସୋନୁଙ୍କ ମୃତ୍ୟୁ ଘଟିଲା, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଗରିବ ଶ୍ରେଣୀର ହୋଇଥିବାରୁ କଟକ ମେଡିକାଲରେ ରହିବା ସମୟରେ ପାଖରେ ପଇସା ନ ଥିଲା। ତେଣୁ ତାଙ୍କର ଚିକିତ୍ସା ଠିକ୍ ଭାବରେ ନ ହେବାରୁ ସେମାନେ ମେଡିକାଲ ଛାଡି ପଳାଇ ଆସିଲେ ବୋଲି ବିପିନ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ଆଦିବାସୀ ପରିବାରଙ୍କ ପ୍ରତି ଏହା ଉପହାସ ବୋଲି ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବାଂଲାଦେଶ ସୃଷ୍ଟିର ୫୦ତମ ସ୍ମାରକୀ ସମାରୋହ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଧର୍ମଶାଳା,୨୮।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ବାଂଲାଦେଶ ସୃଷ୍ଟିର ୫୦ ତମ ବାର୍ଷିକ ସମାରୋହ ଶନିବାର ଜାରକାସ୍ଥିତ ପ୍ରୟାଗ ମଣ୍ଡପଠାରେ ପାଳିତ ହୋଇଯାଇଛି। ସମାରୋହରେ ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ଅଧକ୍ଷତା କରିଥିଲେ। ଏଆଇସିସି ସମ୍ପାଦକ କ୍ୟାପଟେନ ପ୍ରବିନ ଡାବରଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ୧୯୭୧ରେ ପାକିସ୍ତାନରୁ ବାଂଲାଦେଶ ସୃଷ୍ଟି ହୋଇ ନ ଥିଲେ ଭାରତ ପାଇଁ ଅନେକ ସମସ୍ୟା ହୋଇଥାନ୍ତା। ଏଥିଲାଗି ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବରିଷ୍ଠ ନେତୃତ୍ୱ ସମଗ୍ର ଭାରତ ବର୍ଷ ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସ୍ମାରକୀ କମିଟି ଅଧକ୍ଷ ଡ. ଦେବାଶିଷ ପଟ୍ଟନାୟକ, ରାଜ୍ୟ କମିଟି ସଂଯୋଜକ ପଦ୍ମାକର ଗୁରୁ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ବାଲେଶ୍ୱର ବିଧାୟିକା ପ୍ରାର୍ଥିନୀ ମମତା କୁଣ୍ଡୁ, ଅଜୟ ସାମଲ, ଅମୀୟ ପାଣ୍ଡବ, ରଞ୍ଜିତ ଦାସ, ନିମାଇଁ ସରକାର, ଜିଲା କଂଗ୍ରେସ ମହିଳ ସଭାନେତ୍ରୀ ରୀତାଶ୍ରୀ ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଂଲାଦେଶ ସୃଷ୍ଟିରେ ଇନ୍ଦିରା ଗାନ୍ଧୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଆୟୋଜକ ତଥା ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉପଲକ୍ଷେ ସୀମା ସୁରକ୍ଷା କର୍ମଚାରୀ ଭାବେ କାର୍ଯ୍ୟ କରିଥିବା ଧର୍ମଶାଳା ଅଞ୍ଚଳର ୧୧ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ବସନ୍ତ ପରିଡ଼ା, ପୂର୍ବତନ ସମିତିସଭ୍ୟ ନରୋତମ ନାୟକ, ପୂର୍ବତନ ସରପଞ୍ଚ ଗୋବିନ୍ଦ ସାମଲ, ନକୁଳ ଜେନା ଓ ମିଲି ମଲ୍ଲିକ ପ୍ରମୁଖ ମଞ୍ଚ ପରିଚାଳନାରେ ସହାୟତା କରିଥିଲେ। ଯୁବନେତା ଦେବାଶିଷ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଫସଲ ବୀମାରୁ ବଞ୍ଚିତ ଚାଷୀ

ସିଂହପୁର,୨୮।୮(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଆଉଁରୀ କୃଷି ସମବାୟ ସମିତି ଅଧୀନ ହଳଦୀଡିହ ପଞ୍ଚାୟତରେ ୨୦୨୧-୨୨ ବର୍ଷର ଫସଲ ବୀମାରୁ ଶତାଧିକ ଚାଷୀ ବଞ୍ଚିତ ହୋଇଛନ୍ତି। ତେଣୁ ଫସଲ କ୍ଷୟକ୍ଷତି ହେଲେ କ୍ଷତିପୂରଣ ଦେବେକିଏ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ବ୍ଲକର ହଳଦୀଡିହ ପଞ୍ଚାୟତ ଏକ ତଳିଆ ତଥା ଖାଲୁଆ ଅଞ୍ଚଳ। ପ୍ରତିବର୍ଷ ଏହି ଅଞ୍ଚଳ ଚାଷୀ ବନ୍ୟା କିମ୍ବା ମରୁଡି ସହିଥାନ୍ତି। ସାମାନ୍ୟ ବର୍ଷା ଓ ସ୍ୱଳ୍ପ ଧରଣର ବନ୍ୟା ହେଲେ ଅଞ୍ଚଳର ଚାଷ ଜମିରେ ଦୀର୍ଘଦିନ ପାଣି ଜମିରହି ଫସଲ ନଷ୍ଟ ହୋଇଯାଏ। ନଚେତ ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡି ଦାଉରୁ ଚାଷୀ ରକ୍ଷା ପାଇପାରନ୍ତି ନାହିଁ। ଏପରିସ୍ଥିତିରେ ଚାଷୀ ଆର୍ଥିକ ଗୁରୁତର ସଂକଟରେ ଗତି କରୁଛନ୍ତି। ଚଳିତ ବର୍ଷ ଫସଲ ବୀମା ପାଇଁ ସମବାୟ ସମିତି ପକ୍ଷରୁ ପ୍ରଚାର ପ୍ରସାର କରାଯାଇଥିଲା। ହଳଦୀଡିହ ପଞ୍ଚାୟତର ଶତାଧିକ ଚାଷୀ ସମବାୟ ସମିତିରେ କାଗଜପତ୍ର ଜମାକରିଥିଲେ। ତେବେ ସମିତି ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଚାଷୀଙ୍କୁ ଫସଲ ବୀମାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ଯଦ୍ୱାରା ଚାଷୀ ବୀମା ପାଇବାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯାଜପୁର ଜିଲାପାଳ, କୃଷିମନ୍ତ୍ରୀ ଓ ଜିଲା କୃଷି ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ନିକଟରେ ଚାଷୀ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଫସଲ ବୀମାରେ ସାମିଲ ନ କଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ୨୦୨୦-୨୧ ବର୍ଷର ଫସଲ ବୀମା ଅର୍ଥ ଏ ପର୍ଯ୍ୟନ୍ତ ହଳଦୀଡିହ ପଞ୍ଚାୟତର ଚାଷୀ ପାଇ ନ ଥିବା ଅଭିଯୋଗ କରିଛନ୍ତି।

# ଯୁବକଙ୍କୁ ଅପହରଣ ଘଟଣାରେ ୨ ଗିରଫ

## ମୁଖ୍ୟ ଅଭିଯୁକ୍ତ ଫେରାର୍

ଯାଜପୁର ଟାଉନ,୨୮।୮(ଡି.ଏନ.ଏ.)

ଘରୋଇ ଫାଇନାନ୍ସ କମ୍ପାନୀରୁ ଋଣ ଆଣି ସୁଝି ନ ପାରିବାରୁ ଜଣେ ଯୁବକଙ୍କୁ ସଂସ୍ଥାର କର୍ମଚାରୀ ଅପହରଣ କରିଥିବା ଘଟଣାରେ ୨ଯୁବକଙ୍କୁ ଯାଜପୁର ଥାନା ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶିତଳେଶ୍ୱର ଗ୍ରାମର ମୁସ୍ତାକ ଅଲ୍ଲୀ ଖାଁ (୪୨) ଓ ବାଲିପଦା ଗ୍ରାମର ବାପି ଓରଫ ସ୍ୱଦେଶ କୁମାର ଜେନା (୪୩)।

ବିବରଣୀରୁ ପ୍ରକାଶ, ଯାଜପୁର ଟାଉନ୍ ଥାନା ଅଧୀନ ଖଣ୍ଡରା ଅଞ୍ଚଳର ଯୁବକ ମାନସ ଗେଡ଼ି କୋରେସା ବିବିଙ୍କ ସଂସ୍ଥାରୁ କିଛି ଟଙ୍କା ଧାର ସୂତ୍ରରେ ନେଇଥିଲେ। ସୁଧ ଦେଉଥିଲେ ହେଁ ଗତ କିଛି ଦିନ ହେଲା ଅସୁବିଧା ପାଇଁ ସୁଧ ଦେଇ ପାରି ନ ଥିଲେ। ଶୁକ୍ରବାର ରାତିରେ ସମ୍ପୃକ୍ତ ମହିଳା ଓ ଅନ୍ୟ ୨ ଜଣ ଯୁବକ ମାନସଙ୍କୁ ଅପହରଣ କରି ନେଇ କୁସୁମା ପାର୍କ ନିକଟ ଏକ ଘରେ ଅଟକ ରଖିଥିଲେ। ମାନସଙ୍କ ସ୍ତ୍ରୀ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏନେଇ ନଂ.୩୦୬/୨୧ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୁଖ୍ୟ ଅଭିଯୁକ୍ତ କୋରେସା ବିବି ଫେରାର ହୋଇ ଯାଇଥିବା ଜଣାପଡ଼ିଛି।


ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନେଉଛି।

# ସମସ୍ୟାରେ ଅବକାରୀ ବିଭାଗ

ଯାଜପୁର ସଦର,୨୮।୮(ଡି.ଏନ.ଏ.)

ଯାଜପୁର ଜିଲା ଅବକାରୀ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଯାଜପୁର ସହରସ୍ଥିତ ସନ୍ତେଶ୍ୱରପୁରଠାରେ ୧୯୯୪ରୁ ଭଡା ଘରେ ଚାଲିଛି। ଜିଲାରେ ଅଧିକ ରାଜସ୍ୱ ଦେଉଥିବା ଏହି ବିଭାଗ ପ୍ରତି ପ୍ରଶାସନର ଅଣଦେଖା ଓ ଅବହେଳା ମନୋଭାବ ପରିଲକ୍ଷିତ ହେଉଛି। ସୂଚନା ଅନୁଯାୟୀ, ଜିଲାରେ ୬ଟି ଅବକାରୀ ଶାଖା କାର୍ଯ୍ୟାଳୟ ଥିବାବେଳେ କେବଳ ଗୋଟିଏ ଶାଖାର ନିଜସ୍ୱ ଘର ଅଛି। ବାକି ସବୁ ଭଡା ଘରେ ଚାଲିଛି। ସେଥିରେ ପୁଣି କର୍ମଚାରୀ ଅଭାବ। ମାତ୍ର ୧୩ କନଷ୍ଟେବଲଙ୍କୁ ନେଇ ଜିଲା ସାରା ଅଫିସ୍ ଚାଲିଛି। ବିଭାଗର ଅତିକମରେ ୪ଟି ଗାଡି ଆବଶ୍ୟକ ଥିବା ବେଳେ ୨ଟି ଗାଡିରେ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଅବକାରୀ ବିଭାଗରୁ ୨୦କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ପାଇଥିବା ସୂଚନା ମିଳିଛି। ସେହିପରି ବିଭାଗ ପକ୍ଷରୁ ଜିଲା ରେଡକ୍ରସକୁ ୧୨ଲକ୍ଷ ୫୪ ହଜାର ଟଙ୍କା ପ୍ରଦାନ କରାଯାଇଛି। ଯାଜପୁର ସହର ମଧ୍ୟରେ ଅବକାରୀ ବିଭାଗର ନିଜସ୍ୱ କାର୍ଯ୍ୟାଳୟ, ୨ଗୋଟି ଗାଡି ଏବଂ ଆବଶ୍ୟକ କର୍ମଚାରୀ ନିହାତି ଆବଶ୍ୟକ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ତେବେ ଏତେ କମ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଜିଲାରେ ଚାଲିଥିବା ଚୋରା ମଦ କାରବାରକୁ କିପରି ରୋକା ଯାଇପାରିବ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଫୁଟବଲ୍ ଲିଗ୍: ମା' ସାଆନ୍ତାଣୀ କ୍ଲବ ବିଜୟୀ

ଯାଜପୁର ରୋଡ୍,୨୮।୮(ଡି.ଏନ.ଏ.)

ଯାଜପୁର ରୋଡ୍ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଏନ୍‌ସି ହାଇସ୍କୁଲ ଖେଳପଡ଼ିଆରେ ଶନିବାର ଏକ ଫୁଟବଲ ଲିଗ୍ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ସଗେନ୍ ସାରନ ଆଦିବାସୀ କ୍ଲବ ଯାଜପୁର ରୋଡ୍ ଓ ମା' ସାଆନ୍ତାଣୀ କ୍ଲବ ଖମିଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ମା' ସାଆନ୍ତାଣୀ କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା। ଆସୋସିଏଶନ ସଭାପତି ରସାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଜୁ ପଟ୍ଟନାୟକ ସାଇନ୍ସ କଲେଜ ଅଧକ୍ଷ ଡ. ପ୍ରଫୁଲ୍ଲ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଦୁର୍ଯ୍ୟୋଧନ ରାଉତ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବାବେଳେ ବରିଷ୍ଠ ସଭ୍ୟ ହୃଦାନନ୍ଦ ସାମଲ ଧନ୍ୟବାଦ ଦେଇଥିଲେ। ଖେଳକୁ ଆଣ୍ଟୁଯନ କାଣ୍ଡୁଲିନା, ଲକ୍ଷ୍ମଣ ଗାଗରାଇ, ବୁଦ୍ଧିରାମ ତିରିଆ ଓ ବିଶ୍ୱଜିତ୍ ଦାସ ପରିଚାଳନା କରିଥିଲେ। ଆସୋସିଏଶନ ସଭ୍ୟ ମନୋରଞ୍ଜନ ହରିଚନ୍ଦନ ସିଂହ, ବିଜୟ ନାୟକ, ପ୍ରଭାତ ମହାପାତ୍ର, ଲୋକନାଥ ମଲ୍ଲିକ, ଅଭିମନ୍ୟୁ ରାଉତ, କୈଳାସ ଜେନା, ପ୍ରତାପ ଦାସ, କୈଳାସ ରାଉତ, ପ୍ରସନ୍ନ ପରିଜା, ରତ୍ନାକର ଦାସ, ଗୋଲକ ଜେନା ଓ ଶରତ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ବିନା ସୂଚନାରେ ବଡ଼ ହମ୍ପ୍‌ସ ନିର୍ମାଣ

■ ବହୁ ଗାଡ଼ି ଦୁର୍ଘଟଣାଗ୍ରସ୍ତ
■ ଏଆର୍‌ଏସ୍‌ଏସ୍ କାର୍ଯ୍ୟକୁ ପ୍ରଶ୍ନବାଚୀ

ଯାଜପୁର ଅଫିସ,୨୮।୮

ଯାଜପୁର ଜିଲା ପାଣିକୋଇଲିରଜାମୁଣ୍ଡା ୨୦ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍) ଏବେ ମରଣଯନ୍ତା ପାଲଟିଛି। ଯାଜପୁରରୋଡ ପଟୁ ପାଣିକୋଇଲିକୁ ସଂଯୋଗ କରୁଥିବା ଏହି ଏନ୍‌ଏଚ୍‌ର ବାମପାର୍ଶ୍ୱ ରାସ୍ତାର ଏକାଧିକ ସ୍ଥାନରେ ଗାତ ସୃଷ୍ଟି ହୋଇଥିଲା। ଏପରିକି ବିଭିନ୍ନ ସ୍ଥାନରେ ଅସମତଳ ହୋଇ ଗାଡି ଚାଳକଙ୍କ ପାଇଁ ଦୁର୍ଘଟଣାର କାରଣ ସାଜିଥିଲା। ଏନେଇ ଅଭିଯୋଗ ହେବା ପରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଠିକାସଂସ୍ଥା ଏଆର୍‌ଏସ୍‌ଏସ୍‌କୁ ମରାମତି ଦାୟିତ୍ୱ ଦିଆଯାଇଛି। ତେବେ ଏଆର୍‌ଏସ୍‌ଏସ୍ ତରବରିଆ ଭାବେ ଅତି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରି ମରାମତି କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଶେଷକରି ଗତ ୨୭ ତାରିଖ ରାତିରେ କାହାକୁ କିଛି ନ ଜଣାଇ ଏନ୍‌ଏଚ୍‌ର ଚୁନି ଢାବା ନିକଟରେ ଏକାଧିକ ବଡ଼ ହମ୍ପ୍‌ସ ନିର୍ମାଣ କରିଥିଲା। କୌଣସି ଧଳା ଚିହ୍ନ କିମ୍ବା ସୂଚନା ନ ଥିବାରୁ ହମ୍ପ୍‌ସ ଯୋଗୁ ଅନେକ ଗାଡ଼ିଚାଳକ ଦୁର୍ଘଟଣାର ଶିକାର ହୋଇଛନ୍ତି। ରାଜପଥରେ ଦ୍ରୁତଗତିରେ ଗାଡ଼ି ଚଳାଚଳ କରୁଥିବାବେଳେ ହଠାତ୍ ହମ୍ପ୍‌ସ ସମ୍ମୁଖୀନ ହୋଇ ଗାଡିର ବିଭିନ୍ନ ପାର୍ଟସ ନଷ୍ଟ ହୋଇଥିବା ବହୁ ଗାଡ଼ିମାଲିକ ଅଭିଯୋଗ କରିଛନ୍ତି। ତେବେ ଶନିବାର ରାତିରେ ତାହାକୁ ଭଙ୍ଗାଯାଉଥିବା ଦେଖିବାକୁ ମିଳିଛି। ସେହିପରି ୩ ଦିନ ତଳେ ଉକ୍ତ ଜାଗାର ବିପରୀତ ପାର୍ଶ୍ୱରେ ହମ୍ପ୍‌ସ ନିର୍ମାଣ କରି ତାହାକୁ ମଧ ଭାଙ୍ଗୁଥିବା ବେଳେ ଗାଡ଼ିଚାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସମ୍ପୃକ୍ତ ଠିକା ସଂସ୍ଥା କାହା ନିର୍ଦ୍ଦେଶରେ ବିନା ସୂଚନା ଫଳକ ଓ ଧଳାରଙ୍ଗ ନ ଲେପି ହମ୍ପ୍‌ସ ନିର୍ମାଣ କରି ଲୋକଙ୍କ ଜୀବନ ସହ ଖେଳ ଖେଳିଛନ୍ତି ବୋଲି ପ୍ରଶ୍ନ ଉଠୁଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାରେ ଲାଗିଛି।


ହମ୍ପ୍‌ସ ନିର୍ମାଣ କରାଯାଉଛି।

# ନଭେମ୍ବର ୧୪ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ

## ମଡେଲ ସ୍କୁଲ ସ୍ଥିତି ପରିଖିଲେ ଜିଲାପାଳ

ରସୁଲପୁର,୨୯।୮(ଡି.ଏନ.ଏ.)

ରସୁଲପୁର ବ୍ଲକରୁ ୮ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ମଡେଲ ସ୍କୁଲ ଯୋଜନାରେ ସାମିଲ କରାଯାଇଛି। ଉକ୍ତ ଯୋଜନା ଜରିଆରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ କରାଯାଉଛି। ତେଣୁ ଏସବୁ ବିଦ୍ୟାଳୟଗୁଡ଼ିକର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଶନିବାର ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କ୍ଷେତ୍ରରେ ପହଞ୍ଚିଥିଲେ। ଜିଲାପାଳ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ କଲଣ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଆଦମପୁର ଓ କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ପରଖିଛନ୍ତି।

ନଭେମ୍ବର ୧୪ ଶିଶୁ ଦିବସରେ ମଡେଲ ସ୍କୁଲଗୁଡ଼ିକୁ ବିଦ୍ୟାର୍ଥୀଙ୍କୁ ଅର୍ପଣ କରାଯିବ। ସେହି ଆଧାରରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ କାର୍ଯ୍ୟ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ମାର୍ଟ ଲାଇବ୍ରେରି, ଲାବ୍ରୋରେଟୋରି, କ୍ଲାସ, ସ୍ପୋର୍ଟ୍ସ, ଟଏଲେଟ୍‌ର ଭିତ୍ତିଭୂମି ସଜାଡ଼ିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟ ଗୁଡିକର ବିକାଶ କାର୍ଯ୍ୟ ସରକାର ଓ ମୋ ସ୍କୁଲ କମିଟି ମିଳିତ ସହାୟତାରେ କାର୍ଯ୍ୟକାରୀ ହେଉଛି। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ମଡେଲ ବିଦ୍ୟାଳୟକୁ ୬୦ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ତେବେ ସେହି ମୁତାବକ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ପୁରାତନ ଛାତ୍ର, ଶିକ୍ଷାବିତ୍, ସ୍ଥାନୀୟ ମୁରବୀ ଓ ବୁଦ୍ଧିଜୀବୀଙ୍କ ଅବଦାନ ନୈରାଶ୍ୟଜନକ ରହିଛି। ଜିଲାପାଳ ସ୍ଥିତି ପରଖି ଥିବା ବିଦ୍ୟାଳୟ ଗୁଡିକରେ ଏଯାଏଁ ମୋ ସ୍କୁଲ ଅଭିଯାନର ଆର୍ଥିକ ଅବଦାନ ୧ଲକ୍ଷ ଟଙ୍କା ଅତିକ୍ରମ କରି ନ ଥିବା ସମ୍ପର୍କରେ ବିଡିଓଙ୍କ ସୂତ୍ରରୁ ଜଣାଯାଇଛି। ଏଦିଗରେ ପରିଚାଳନା କମିଟି ଓ ମୋ ସ୍କୁଲ ଅଭିଯାନର ସହଯୋଗ ଅପରିହାର୍ଯ୍ୟ ହୋଇପଡିଥିବାରୁ ସେମାନେ ସହାୟତା ପାଇଁ ଆଗେଇ ଆସିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଜିଲାପାଳଙ୍କ ପରିଦର୍ଶନ ସମୟରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସାହୁ, କନିଷ୍ଠ ଯନ୍ତ୍ରୀ ଅନିତା ପ୍ରଧାନ, ଜନପ୍ରତିନିଧି, ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳାନ କମିଟର ସଦସ୍ୟ, ପୁରାତନ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ। ବିଧାୟକ ବଳବନ୍ତରାୟ ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ଓ ତା'ର ଆଶୁ ସମାଧାନ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।


ଜିଲାପାଳ ଓ ବିଧାୟକ ଏକ ସ୍କୁଲର ଉନ୍ନୟନ କାର୍ଯ୍ୟ ଦେଖୁଛନ୍ତି।

## ପୋଷ୍ୟ ବିଦ୍ୟାଳୟ ବୁଲିଲେ ଜିଲାପାଳ, ବିଧାୟକ

ଜେନାପୁର,୨୮।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଉଚ୍ଚ ବିଦ୍ୟାଳୟକୁ ଧର୍ମଶାଳା ବିଧାୟକ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ଏହିକ୍ରମରେ ଶନିବାର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଆସି ଉକ୍ତ ବିଦ୍ୟାଳୟକୁ ବୁଲି ଦେଖିଥିଲେ। ଏହାପରେ ୫ଟି ଉଚ୍ଚ ବିଦ୍ୟାଳୟରେ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ ଚାଲୁଥିବା ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ବୁଲି ଦେଖିବା ସହିତ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରୋଦ ମହାନ୍ତି, ଦିଲୀପ କୁମାର ବରାଳ, ଅଶୋକ କୁମାର ସାହୁ ଓ ସ୍କୁଲର ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।



ଅଶୋକ ମହାନ୍ତି

# ଭାରତୀୟ ହକି ସେବାରେ
# ସନ୍‌ସାରପୁର, ସାହାବାଦ ଓ ସୁନ୍ଦରଗଡ଼

ଅଲିମ୍ପିକ୍ସରେ ଭାରତୀୟ ହକିର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଥିଲା ୧୯୨୮ ଆମଷ୍ଟରଡାମ ଅଲିମ୍ପିକ କ୍ରୀଡ଼ାରୁ ଏବଂ ଏହାର ମୁଖ୍ୟ କର୍ଣ୍ଣଧାର ଥିଲେ ହକିର ସର୍ବକାଳୀନ ମହାନ୍ ଖେଳାଳି ମେଜର ଧ୍ୟାନଚାନ୍ଦ । ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ଶେଷଥରପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲା। ତେବେ ଏହାପରେ ଅଧଃପତନ ଆରମ୍ଭ ହୋଇ ଯାଇଥିଲା। ଦୀର୍ଘ ୪୧ ବର୍ଷ ପରେ ସଦ୍ୟ ସମାପ୍ତ ଟୋକିଓ ଅଲିମ୍ପିକ କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳ (ବ୍ରୋଞ୍ଜପଦକ) ଏବଂ ମହିଳା ହକି ଦଳ (୪ର୍ଥ ସ୍ଥାନ)ର ପ୍ରଭାବୀ ପ୍ରଦର୍ଶନ ଭାରତୀୟ ହକି ପାଇଁ ନୂଆ ଆଶା ସଞ୍ଚାର କରିଛି। ଏହି ପରିପ୍ରେକ୍ଷୀରେ ବିଗତ ୯୩ ବର୍ଷ (୧୯୨୮ରୁ ୨୦୨୧) ଅଲିମ୍ପିକ୍ସ ହକି ଇତିହାସରେ ଭାରତୀୟ ହକି ପାଇଁ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିବା ପଞ୍ଜାବର ସନ୍‌ସାରପୁର, ହରିୟାଣାର ସାହାବାଦ ଏବଂ ଓଡିଶାର ସୁନ୍ଦରଗଡ ବିଷୟରେ କିଛି ଆଲୋକପାତ କରିବା ପ୍ରାସଙ୍ଗିକ ମନେହୁଏ ।

## ସନ୍‌ସାରପୁର

ପଞ୍ଜାବର ଜଲନ୍ଧର ଜିଲାରେ ଅବସ୍ଥିତ ପ୍ରାୟ ୫୦୦୦ ଲୋକସଂଖ୍ୟାର ଏକ ଛୋଟିଆ ଗାଁ ସନ୍‌ସାରପୁର । ମାତ୍ର ଏହି ଗ୍ରାମରୁ ପ୍ରାୟ ୩୦୦ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ହକି ଖେଳାଳି ବାହାରି ଥିବା ବେଳେ ଗୋଟିଏ ପରିବାର/ ବଂଶ (କୁଲାର)ରୁ ପ୍ରାୟ ୨୦୦ ଖେଳାଳି ଥିବାର ତଥ୍ୟ ରହିଛି । ଏହା ସହିତ ଏହି ଗ୍ରାମରେ ଜନ୍ମଗ୍ରହଣ କରିଥିବା ୧୪ ଜଣ ହକି ଖେଳାଳି ଅଲିମ୍ପିକ୍ସରେ ଭାରତ, କାନାଡା ଓ କେନିଆକୁ ପ୍ରତିନିଧିତ୍ୱ କରି ଏକ ବିରଳ କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି । ଯେଉଁ ପ୍ରସିଦ୍ଧ ଖେଳାଳି ୧୯୩୨ରୁ ୨୦୦୦ ପର୍ଯ୍ୟନ୍ତ ଭାରତ (୯ ଜଣ), କେନିଆ (୪ଜଣ) ଏବଂ କାନାଡା (ଜଣେ)ପକ୍ଷରୁ ଅଲିମ୍ପିକ୍ସରେ ଖେଳି କୃତିତ୍ୱ ଅର୍ଜନ କରିଥିଲେ ସେମାନେ ହେଲେ କଲୋନେଲ୍ ଗୁରମିତ୍ ସିଂ କୁଲାର (ଭାରତ-୧୯୩୨, ସ୍ୱର୍ଣ୍ଣ ପଦକ), ଉଦ୍ଧାସ ସିଂ କୁଲାର (ଭାରତ-୧୯୫୨,୫୬,୬୪- ସ୍ୱର୍ଣ୍ଣ ଏବଂ ୧୯୬୦- ରୌପ୍ୟ), ଦରଶନ ସିଂ କୁଲାର (ଭାରତ-୧୯୬୪, ସ୍ୱର୍ଣ୍ଣ), ଗୁରଦେବ ସିଂ କୁଲାର (ଭାରତ-୧୯୫୬ ସ୍ୱର୍ଣ୍ଣ), ବରବୀର ସିଂ କୁଲାର (ଭାରତ ୧୯୬୪ ସ୍ୱର୍ଣ୍ଣ, ୧୯୬୮ ବ୍ରୋଞ୍ଜ/ପଞ୍ଜାବ ପୋଲିସ), କଲୋନେଲ ବରବୀର ସିଂ (ଭାରତ ୧୯୬୮ ବ୍ରୋଞ୍ଜ), ଜଗଜିତ ସିଂ କୁଲାର (ଭାରତ ୧୯୬୪, ସ୍ୱର୍ଣ୍ଣ, ୧୯୬୮ ବ୍ରୋଞ୍ଜ), ତରସିମ ସିଂ କୁଲାର (ଭାରତ ୧୯୬୮ ବ୍ରୋଞ୍ଜ), ଅଜିତ ପାଲ ସିଂ କୁଲାର (ଭାରତ ୧୯୬୮ ବ୍ରୋଞ୍ଜ ଏବଂ ୧୯୭୫ ବିଶ୍ୱକପ୍ ସ୍ୱର୍ଣ୍ଣ)।

ଅଲିମ୍ପିକ୍ସ ହକିରେ ସନ୍‌ସାରପୁରର ଏହି ସ୍ମରଣୀୟ ଯାତ୍ରାର ମୁଳଦୁଆ ପଡିଥିଲା ୧୯୨୬ରେ । ସନସାରପୁର ଗ୍ରାମ ନିକଟରେ ଥିବା ଆର୍ମି କ୍ୟାଣ୍ଟନମେଣ୍ଟରେ ଇଂରେଜମାନେ ହକି ଖେଳୁଥିଲେ ଏବଂ ଏହା ଦେଖି ଗ୍ରାମର ଯୁବକମାନେ ଏହି ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ। ଏହି ଗ୍ରାମର ସୁବେଦାର ଠାକୁର ସିଂ ପ୍ରଥମେ ଭାରତୀୟ ଆର୍ମି ଦଳରେ ସାମିଲ ହୋଇ ୧୯୨୬ରେ ନ୍ୟୁଜିଲାଣ୍ଡ ଯାତ୍ରା କରିଥିଲେ। ଧ୍ୟାନଚାନ୍ଦ ମଧ୍ୟ ଏହି ଦଳରେ ସାମିଲ ହୋଇଥିଲେ। ୧୯୬୬ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟୀ ହକି ଦଳରେ ସନସାରପୁର ଗ୍ରାମର ୧୧ଜଣ ଖେଳାଳି ସାମିଲ ଥିଲେ। ଏହା ବହୁତ କମ୍ ଲୋକ ଜାଣନ୍ତି କି ଏହି ଗ୍ରାମର ସମସ୍ତ ୧୪ ଜଣଯାକ ଅଲିମ୍ପିଆନ୍‌ଙ୍କ ଘର ଗୋଟିଏ ପଡ଼ା ବା ଗଳିରେ ଥିଲା। ୧୯୮୦ ପରେ ଏହି ଅଞ୍ଚଳରୁ ହକିର ଲୋକପ୍ରିୟତା ହ୍ରାସ ହେବାକୁ ଲାଗିଥିଲେ ମଧ ହକିର ମହାନ୍ ପରମ୍ପରା ସୃଷ୍ଟି କରିଥିବା ଏହି ଛୋଟିଆ ଗାଁ ଦ୍ୱାରା ଆଖପାଖ ଗାଁ ଅନୁପ୍ରାଣିତ ହୋଇଥିଲେ। ଏହି ଗାଁର ନିକଟସ୍ଥ ମିଠାପୁର ଗ୍ରାମ ଭାରତୀୟ ହକିକୁ ପୂର୍ବତନ ଅଧିନାୟକ ପରଗତ ସିଂଙ୍କ ସମେତ ବର୍ତ୍ତମାନର ଅଧିନାୟକ ମନପ୍ରୀତ ସିଂଙ୍କୁ ଉପହାର ଦେଇଛି।

## ସାହାବାଦ

ହରିୟାଣାର କୁରୁକ୍ଷେତ୍ର ଜିଲାରେ ସାହାବାଦ ସହର ମରକଣ୍ଡ ନଦୀ କୂଳରେ ଅବସ୍ଥିତ। ରାଜଧାନୀ ଦିଲ୍ଲୀଠାରୁ ୧୭୦କି.ମି. ଦୂରରେ ଥିବା ଏହି ସହରର 'ସାହାବାଦ ହକି ଏକାଡେମି' କିଛି ବର୍ଷ ଧରି ମହିଳା ହକିରେ ଏକ ଉତ୍କୃଷ୍ଟ ହକି ନର୍ସରି ଭାବେ ସୁନାମ ଅର୍ଜନ କରିପାରିଛି। ଟୋକିଓ ଅଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ ଫଳରେ ୪ର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମ୍‌ପାଲଙ୍କ ସହିତ ନଭଜୋତ କୌର ଏବଂ ନଭନିତ୍ କୌର ସାହାବାଦ ହକି ଏକାଡେମିରୁ ତାଲିମପ୍ରାପ୍ତ ଖେଳାଳି। ଗୋଟିଏ ସହରରୁ ୩ଖେଳାଳି ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରି ଏକ ନିଆରା କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି। ଏହି ସହରରୁ ଖେଳ ଜୀବନ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଥିବା ପ୍ରମୁଖ ଖେଳାଳିମାନେ ହେଲେ ଭାରତୀୟ ପୁରୁଷ ଦଳର ପୂର୍ବତନ ଅଧିନାୟକ ଏବଂ ବର୍ତ୍ତମାନ ହରିୟାଣା ସରକାରଙ୍କ କ୍ରୀଡ଼ାମନ୍ତ୍ରୀ ମନଦୀପ ସିଂ, ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ରିତୁ ରାଣୀ, ସୁମନ ବାଲା, ରଜନୀ ବାଲା, ସନ୍ଦିପ କୌର ଏବଂ ସୁରିନ୍ଦର କୌର।



ରାଉରକେଲା ଏରୋଡ୍ରମ ନିକଟ ପଡିଆରେ ପିଲାମାନଙ୍କ ଅଭ୍ୟାସ। (ଫଟୋ: ବିବେକ ମହାନ୍ତି)

> ପଞ୍ଜାବର ସନ୍‌ସାରପୁର ଯଦି ଭାରତୀୟ ହକି ସ୍ୱର୍ଣ୍ଣିମ ଅଧ୍ୟାୟର ଅତୀତ ହୁଏ ତେବେ ହରିୟାଣାର ସାହାବାଦ ଏବଂ ଓଡ଼ିଶାର ସୁନ୍ଦରଗଡ଼ ଭାରତୀୟ ହକିର ବର୍ତ୍ତମାନ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଜସ୍ର ସମ୍ଭାବନା ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ। ଏ ସମ୍ପର୍କରେ ସ୍ୱତନ୍ତ୍ର ଆଲେଖ୍ୟ...

## ସୁନ୍ଦରଗଡ଼

ଓଡ଼ିଶାର ଆଦିବାସୀ ବହୁଳ ଜିଲା ସୁନ୍ଦରଗଡ଼ ବିଗତ ତିନି ଦଶନ୍ଧି ଧରି ହକି ଖେଳର ଗଡ଼ ଭାବେ ସାରା ଦେଶରେ ସ୍ୱୀକୃତି ଲାଭ କରିଛି। ଊନବିଂଶ ଶତାବ୍ଦୀର ମଧ୍ୟଭାଗ (୧୮୬୦)ରେ ଇଂରେଜ ମିଶନାରିମାନଙ୍କ ଦ୍ୱାରା ହକି ଖେଳର ଆବିର୍ଭାବ ହୋଇଥିଲା ଏହି ଅଞ୍ଚଳରେ। ସମୟର ଅଗ୍ରଗତି ସହିତ ସୁନ୍ଦରଗଡ଼ ଜିଲାର ଆଦିବାସୀ ଯୁବକ, ଯୁବତୀମାନେ ହକି ଖେଳ ପ୍ରତି ଆକୃଷ୍ଟ ହେଲେ ଏବଂ ଧୀରେ ଧୀରେ ହକି ଆଦିବାସୀ ସଂସ୍କୃତିର ଏକ ଅଙ୍ଗ ଭାବେ ସେମାନଙ୍କ ଜୀବନ ଜିଇଁ ବାର ଏକ ମୁଖ୍ୟ ଧାରାରେ ପରିଣତ ହୋଇଥିଲା। ଏହି ଜିଲାର ସବ୍‌ଡେଗା ଗ୍ରାମର ପିଟର ତିର୍କୀ ରାଜ୍ୟର ପ୍ରଥମ ଖେଳାଳି ଭାବେ ୧୯୮୨ରେ ମାଲେସିଆରେ ଅନୁଷ୍ଠିତ ଜୁନିୟର ବିଶ୍ୱ କପ୍ ହକିରେ ଭାରତୀୟ ଦଳର ସଦସ୍ୟ ଭାବେ ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ହେବାର କୃତିତ୍ୱ ହାସଲ କରିଥିଲେ। ୧୯୮୫ରେ ରାଉରକେଲାର ପାନପୋଷଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ହକି କ୍ରୀଡ଼ା ଛାତ୍ରାବାସ ଏବଂ ପରେ ପରେ ଆଷ୍ଟ୍ରୋଟର୍ଫ ବ୍ୟବସ୍ଥା ହେଲାପରେ ଏହି ଜିଲାର ପ୍ରତିଭାବାନ୍ ଖେଳାଳିମାନେ ୧୦/୧୨ ବର୍ଷ ବୟସରୁ ଛାତ୍ରାବାସରେ ରହି ଆଧୁନିକ ହକିର କଳା କୌଶଳରେ ତାଲିମପ୍ରାପ୍ତ ହେଲେ। ଫଳରେ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇପାରିଲେ। ଏହାର ସୁଫଳ ମିଳିଥିଲା ୧୯୯୫ରେ ଯେତେବେଳେ ବାଲିଶଙ୍କରା ବ୍ଲକର ଛୋଟିଆ ଗାଁ ସଉନାମରାର ଦିଲୀପ ତିର୍କୀ ପ୍ରଥମ ଓଡ଼ିଆ ଖେଳାଳି ଭାବେ ଭାରତୀୟ ସିନିୟର ହକି ଦଳର ସଦସ୍ୟ ହୋଇ ଏହି ଅଞ୍ଚଳ ପାଇଁ ସୁନାମ ଆଣିଥିଲେ। ଜାତୀୟ କ୍ରୀଡ଼ା ମେଧା ଚୟନ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଦ୍ୱାରା ୧୦/୧୧ ବର୍ଷ ବୟସରୁ ଦିଲୀପଙ୍କ ପ୍ରତିଭା ଚିହ୍ନଟ ହୋଇଥିଲା। ୧୯୯୫ରୁ ଅନ୍ତର୍ଜାତୀୟ ଖେଳାଳି ଜୀବନ ଆରମ୍ଭ କରିଥିବା ଦିଲୀପ ପରବର୍ତ୍ତୀ ସମୟରେ ୩ଟି ଅଲିମ୍ପିକ୍ସ, ବିଶ୍ୱକପ୍, ଏସୀୟ କ୍ରୀଡ଼ା ପ୍ରଭୃତିରେ ଭାରତ ପକ୍ଷରୁ ୪୧୨ ମ୍ୟାଚ୍ ଖେଳି ବିଶ୍ୱ କୀର୍ତ୍ତିମାନ ପ୍ରତିଷ୍ଠା କରିବା ସହିତ ପ୍ରଥମ ଓଡ଼ିଆ ହକି ଖେଳାଳି ଭାବେ ଅର୍ଜୁନ ପୁରସ୍କାର ଏବଂ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଆକଳନ ଅନୁସାରେ ସୁନ୍ଦରଗଡ଼ ଜିଲାରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଖେଳାଳି ଜାତୀୟ ସ୍ତରରେ ଖେଳିସାରିଥିବା ବେଳେ ୭୦ରୁ ଅଧିକ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ୧୦ ଅଲିମ୍ପିଆନ, ୩ ଅର୍ଜୁନ ପୁରସ୍କାର ବିଜେତା, ୨ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଏବଂ ୫ଜଣ ଭାରତୀୟ ପୁରୁଷ ଓ ମହିଳା ଦଳର ପୂର୍ବତନ ଅଧିନାୟକ।

ଏହି ଜିଲାର ଯେଉଁ ଗ୍ରାମଗୁଡ଼ିକରୁ ଏକାଧିକ ଅଲିମ୍ପିଆନ୍ସ ଓ ପ୍ରସିଦ୍ଧ ଅନ୍ତର୍ଜାତୀୟ ଖେଳାଳି ବାହାରିଛନ୍ତି ସେ ସମ୍ପର୍କରେ ସମ୍ୟକ ଆଲୋକପାତ କରାଯାଇପାରେ।

**ସଉନାମରା–** ଦିଲୀପ ତିର୍କୀ (ପଦ୍ମଶ୍ରୀ, ଅର୍ଜୁନ ପୁରସ୍କାର ଓ ଅଲିମ୍ପିଆନ୍), ସୁଭଦ୍ରା ପ୍ରଧାନ (ଭାରତୀୟ ଦଳର ପୂର୍ବତନ ଅଧିନାୟିକା), ଅମିତ ରୋହିଦାସ (ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା, ଟୋକିଓ-୨୦୨୧)

**ଲୁଲ୍‌କିଡିହି, ନୂଆପଡ଼ା ବାମନିବାହାଲ:** ଇଗ୍ନେସ ତିର୍କୀ (ଅର୍ଜୁନ ପୁରସ୍କାର ଓ ପଦ୍ମଶ୍ରୀ, ଅଲିମ୍ପିଆନ) ପ୍ରବୋଧ ତିର୍କୀ (ପୂର୍ବତନ ଅଧିନାୟକ), ଦିପ୍‌ଗ୍ରେସ ଏକ୍କା (ଅଲିମ୍ପିଆନ୍), ବିନିତା ଟପ୍ପୋ, ଆନାରିତା କେର୍‌କେଟା, ନୀଳିମା କୁଜୁର, ମୁକ୍ତା ବାର୍ଲା।

**ତିଲେଇକାନି:** ଲାଜରୁସ୍ ବାର୍ଲା (ଅଲିମ୍ପିଆନ୍), ବାହାମଣି ତିର୍କୀ।

ଏତଦ୍‌ବ୍ୟତୀତ ଗୁରୁଣ୍ଡିଆ, ରାଜଗାଙ୍ଗପୁର ଓ ବଡ଼ଗାଁ ବ୍ଲକ ଅଞ୍ଚଳରୁ ବାହାରିଥିବା ଅନ୍ତର୍ଜାତୀୟ ଖେଳାଳିମାନେ ହେଲେ ବୀରେନ୍ଦ୍ର ଲାକ୍ରା (ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା), ଜ୍ୟୋତି ସୁନିତା କୁଲୁ (ଅର୍ଜୁନ ପୁରସ୍କାର), ନମିତା ଟପ୍ପୋ, ଲିଲିମା ମିଞ୍ଜ, ସୁନିତା ଲାକ୍ରା ଏବଂ ୱିଲିୟମ୍ ଖାଲ୍‌କୋ (ସମସ୍ତେ ଅଲିମ୍ପିଆନ୍ସ)।

ପଞ୍ଜାବର ସନ୍‌ସାରପୁର ଯଦି ଭାରତୀୟ ହକି ସ୍ୱର୍ଣ୍ଣିମ ଅଧ୍ୟାୟର ଅତୀତ ହୁଏ ତେବେ ହରିୟାଣାର ସାହାବାଦ ଏବଂ ଓଡ଼ିଶାର ସୁନ୍ଦରଗଡ଼ ଭାରତୀୟ ହକିର ବର୍ତ୍ତମାନ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଜସ୍ର ସମ୍ଭାବନା ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ।

# ଉତ୍ଥାନ ପଥରେ ଭାରତୀୟ ହକି



ଭାରତୀ ଭୂଷଣ ମିଶ୍ର

ଆଜି ହେଉଛି ଜାତୀୟ କ୍ରୀଡ଼ା ଦିବସ। ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କର ପୁଣ୍ୟ ଜନ୍ମତିଥି। ଅତୀତର ବିଫଳତାର ଗ୍ଲାନିକୁ ଦୂରେଇ ଦେଇ ସଦ୍ୟ ସମାପ୍ତ ଟୋକିଓ ଅଲିମ୍ପିକ୍ସରେ ଆମେ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଚାରିଗୋଟି ବ୍ରୋଞ୍ଜ ସମେତ ମୋଟ ୭ଗୋଟି ପଦକ ପାଇ ପାରିଛୁ। ଏହା ବ୍ୟତୀତ ଯାହା ସମଗ୍ର ଦେଶବାସୀଙ୍କୁ ଉଲ୍ଲସିତ କରିଛି ତାହା ହେଲା ଆମ ଦେଶର ଉଭୟ ପୁରୁଷ ଓ ମହିଳା ହକି ଦଳର ସଫଳତା।

ଭାରତୀୟ ହକିର ଇତିହାସ ପୃଷ୍ଠା ଓଲଟାଇଲେ ଆମେ ଜାଣିବା ଯେ ପ୍ରଥମ ଭାରତୀୟ ହକିକ୍ଲବ କୋଲ୍‌କାତାରେ ୧୮୮୫ରେ ସ୍ଥାପିତ ହୋଇଥିଲା। କିନ୍ତୁ ୧୯୨୬ରେ ଭାରତ ତା'ର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ନ୍ୟୁଜିଲାଣ୍ଡ ବିରୋଧରେ ଖେଳିଲା। ଭାରତ ଥିଲା ଅନ୍ତର୍ଜାତୀୟ ହକି ଫେଡରେଶନର ପ୍ରଥମ ଅଣ-ୟୁରୋପୀୟ ସଦସ୍ୟ। ହକିରେ ଭାରତର ଯାତ୍ରାକୁ ସାଧାରଣତଃ ପାଞ୍ଚଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ।

### ସ୍ୱର୍ଣ୍ଣିମ ପର୍ଯ୍ୟାୟ (୧୯୨୮–୧୯୫୯)

ଭାରତୀୟ ହକି ଫେଡରେଶନ ଗଠନ ହେବା ପରେ ୧୯୨୮ ଆମଷ୍ଟରଡାମ୍ ଅଲିମ୍ପିକ୍ସକୁ ହକିଦଳ ପଠାଇବା ପାଇଁ ସ୍ଥିର ହେଲା। ସେଠାରେ ସ୍ୱର୍ଣ୍ଣ ପଦକ ବିଜୟ ସହ ପରବର୍ତ୍ତୀ ସମୟରେ ୧୯୩୨ ଓ ୧୯୩୬ ଅଲିମ୍ପିକ୍ସରେ ମଧ୍ୟ ବିଜୟ ଧାରା ବଳବତ୍ତର ରହିଲା। ସେତେବେଳେ ଭାରତୀୟ ଦଳର କର୍ଣ୍ଣଧାର ଥାଆନ୍ତି ମେଜର ଧ୍ୟାନଚାନ୍ଦ ଓ ତାଙ୍କ ସାନ ଭାଇ ରୂପ୍ ସିଂ। ୧୯୬୦ ମସିହା ପର୍ଯ୍ୟନ୍ତ ଭାରତ ଅଲିମ୍ପିକ୍ ହକିରେ ଅପରାଜେୟ ରହି ଆସିଥିଲା ଓ ଲଗାତର ୬ଟି ସ୍ୱର୍ଣ୍ଣ ପଦକ ହାସଲ କରି ବିଶ୍ୱକୀର୍ତ୍ତିମାନ ସ୍ଥାପନ କଲା। ୧୯୬୦ ରୋମ୍ ଅଲିମ୍ପିକ୍ସ ଫାଇନାଲରେ ପାକିସ୍ତାନଠାରୁ ୦-୧ରେ ହାରିବା ପର୍ଯ୍ୟନ୍ତ ଭାରତର ରେକର୍ଡ ଥିଲା ୩୦-୦। ୧୯୨୮ ଓ ୧୯୫୬ ଅଲିମ୍ପିକ୍ସରେ ଭାରତ ଗୋଟିଏ ମଧ ଗୋଲ ବରଣ କରି ନ ଥିଲା। ତେଣୁ ୧୯୨୮ରୁ ୧୯୫୯ ପର୍ଯ୍ୟନ୍ତ ସମୟ ଭାରତୀୟ ହକିର ସୁବର୍ଣ୍ଣ ଯୁଗଥିଲା।

### ଆଧିପତ୍ୟର ଅନ୍ତିମ ପର୍ଯ୍ୟାୟ (୧୯୬୦–୧୯୮୦)

ଲଗାତର ୬ଟି ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ୧୯୬୦ରେ ରୋମ୍ ଅଲିମ୍ପିକ୍ସରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନଠାରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହେଲା। ଏହା ପରଠାରୁ ଆମର ପରାଜୟର ଧାରା ଆରମ୍ଭ ହେଲା ବୋଲି କହିଲେ ଭୁଲ୍ ହେବନାହିଁ। ଏହାର ଦୁଇବର୍ଷ ପରେ ଆମେ ଏସୀୟ କ୍ରୀଡ଼ାରେ ଆଉ ଗୋଟିଏ ରୌପ୍ୟ ପଦକ ହାସଲ କଲୁ। କିନ୍ତୁ ୧୯୬୪ର ଟୋକିଓ ଅଲିମ୍ପିକ୍ସ ଓ ୧୯୬୧ର ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରି ହୃତଗୌରବ ଫେରାଇ ଆଣିବାର ପ୍ରୟାସ ସଫଳ ହେଲା। ତା'ପରେ ୧୯୬୮ର ମେକ୍ସିକୋ ସିଟି, ୧୯୭୨ର ମ୍ୟୁନିକ୍ ଅଲିମ୍ପିକ୍ସରେ ବିପର୍ଯ୍ୟୟ ଘଟି ଆମେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ବାଧ ହେଲୁ। ୧୯୭୬ର ମଣ୍ଟ୍ରିଲ୍ ଗେମ୍ସରେ ଭାରତୀୟ ହକିର ଚରମ ଅବନତି ଦେଖାଦେଲା ଓ ଦଳ ସପ୍ତମ ସ୍ଥାନରେ ରହିଲା। ୧୯୮୦ ଅଲିମ୍ପିକ କ୍ରୀଡ଼ାରେ ଆମେରିକା ଓ ତା'ର ମିତ୍ରରାଷ୍ଟ୍ରମାନେ ରୁଷିଆର ମସ୍କୋ ଅଲିମ୍ପିକ୍‌କୁ ଶୀତଳ ଯୁଦ୍ଧ ପରିପ୍ରେକ୍ଷୀରେ ବାସନ୍ଦ କରିବା ହେତୁ ଅପେକ୍ଷାକୃତ କମ୍ ଗୁରୁତ୍ୱ ବହନ କଲା ଅଲିମ୍ପିକ। ଭାରତ ଏହି କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କଲା।

### ବିପର୍ଯ୍ୟୟ ଅଧ୍ୟାୟ (୧୯୮୧–୧୯୯୭)

୧୯୮୦ ଅଲିମ୍ପିକ କ୍ରୀଡ଼ା ପରେ ଭାରତର ପ୍ରଦର୍ଶନ ନିମ୍ନଗାମୀ ହେବାରେ ଲାଗିଲା । ଅଲିମ୍ପିକ୍ ଓ ବିଶ୍ୱକପ୍‌ରେ ଆମେ କୌଣସି ପଦକ ପାଇଲୁ ନାହିଁ। ୧୯୮୨ରେ ଭାରତ ହକି ବିଶ୍ୱକପ୍ ଆୟୋଜନ କଲା ଓ ପଞ୍ଚମ ସ୍ଥାନରେ ରହିଲା। ସେହି ୧୯୮୨ରେ ଉଭୟ ଏସୀୟ କ୍ରୀଡ଼ା (ନୂଆଦିଲ୍ଲୀ) ଓ ପ୍ରଥମ ଏସିଆ କପ୍ (କରାଚୀ)ର ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନଠାରୁ ପରାସ୍ତ ହୋଇ ଦ୍ୱିତୀୟ ସ୍ଥାନରେ ରହିଲା ଭାରତ।

> ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ହକି ଦଳ ଅଲିମ୍ପିକ୍ସରେ ପୋଡିୟମ ମଣ୍ଡନ କରିଛି। ଟୋକିଓରେ ପୁରୁଷ ହକି ଦଳ ବ୍ରୋଞ୍ଜ ଏବଂ ମହିଳା ଦଳ ୪ର୍ଥ ସ୍ଥାନ ଅଧିକାର କରିଛି। ଫଳରେ ପତନାଭିମୁଖୀ ଭାରତୀୟ ହକି ପୁଣି ଉତ୍ଥାନ ପଥକୁ ଫେରିଛି କହିଲେ ଭୁଲ ହେବନି ।

### ପୁନଃ ଅଭ୍ୟୁଦୟ (୧୯୯୮–୨୦୧୨)



ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ପୁରୁଷ ହକି ଦଳ।

୧୯୯୮ ବ୍ୟାଙ୍କକ ଏସୀୟ କ୍ରୀଡ଼ାରେ ଶକ୍ତିଶାଳୀ କୋରିଆକୁ ପରାସ୍ତ କରି ଭାରତ ପୁନର୍ବାର ଏସୀୟ ଚାମ୍ପିୟନ ହେଲା। ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରଥମ ଚାମ୍ପିୟନ୍ ଚାଲେଞ୍ଜ ଟ୍ରଫି ଫାଇନାଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ନିଜର ଚମକ ଦେଖାଇଲା। ୨୦୦୩ରେ ପ୍ରଥମ କରି ଏସିଆ କପ୍ ହାସଲ କଲୁ ଆମେ। ୨୦୦୩ରେ ଆଫ୍ରୋ-ଏସୀୟ କ୍ରୀଡ଼ାର ହକି ଫାଇନାଲରେ ଭାରତ ପାକିସ୍ତାନକୁ ପରାସ୍ତ କରି ଚାମ୍ପିୟନ ହେଲା। ୨୦୦୮ ବେଜିଂ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରି ନ ପାରିବା ଭାରତୀୟ ହକିପାଇଁ ବଡ଼ ବିପର୍ଯ୍ୟୟ ଥିଲା। କିନ୍ତୁ ପୁନର୍ବାର ୨୦୦୯ ଓ ୨୦୧୦ ସୁଲତାନ୍ ଆଜ୍‌ଲାନ୍ ଶାହା କପ୍ ହାସଲ କରି ଭାରତ ଆଶ୍ୱସ୍ତ ହେଲା।

### (୨୦୧୩–୨୦୨୦)– ପ୍ରତ୍ୟାବର୍ତ୍ତନ ପର୍ଯ୍ୟାୟ

୨୦୧୪ ଏସୀୟ କ୍ରୀଡ଼ାରେ ପାକିସ୍ତାନକୁ ପରାସ୍ତ କରି ଭାରତ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କଲା। ୨୦୧୬ର ଏସୀୟ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନକୁ ଓ ୨୦୧୬ ଏସିଆ କପ୍‌ରେ ଚାମ୍ପିୟନ ହୋଇ ଭାରତ ପୁନର୍ବାର ବିଜୟ ପଥକୁ ପ୍ରତ୍ୟାବର୍ତ୍ତନ କଲା। ଭୁବନେଶ୍ୱରରେ ସଫଳତାର ସହ ଆୟୋଜିତ ପୁରୁଷ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ଭାରତ ପହଞ୍ଚିଥିଲେ ମଧ୍ୟ ପ୍ରଦର୍ଶନ ସନ୍ତୋଷଜନକ ଥିଲା। ପରିଶେଷରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଶକ୍ତିଶାଳୀ ଜର୍ମାନୀ ବିରୋଧରେ ଲଢୁଆ ଖେଳ ପ୍ରଦର୍ଶନ କରି ୫-୪ ଗୋଲରେ ବିଜୟଲାଭ କରି ଆମେ ଦୀର୍ଘ ୪୧ ବର୍ଷ ପରେ ବ୍ରୋଞ୍ଜ ପଦକ ହାସଲ କରି ଆମର ଜାଜ୍ୱଲ୍ୟମାନ ଅତୀତକୁ ପୁନରୁଦ୍ଧାର ପଥରେ ଆଗେଇ ନେଇଛୁ ବୋଲି କହିଲେ ଭୁଲ ହେବନି।



# ଖେଳରତ୍ନ

ଭାରତୀୟ କ୍ରୀଡ଼ା ଇତିହାସରେ ଯେଉଁ କେତେଜଣ ଯୋଗଜନ୍ମା ପୁରୁଷ ଜନ୍ମ ଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରୁ ମେଜର ଧ୍ୟାନଚାନ୍ଦ ଅନ୍ୟତମ। ଅଗଷ୍ଟ ୨୯ ହେଉଛି ଏହି ମହାନ୍ ହକି ଖେଳାଳିଙ୍କ ଜନ୍ମଦିବସ। ଏହି ଦିବସଟିକୁ ଦେଶରେ ଜାତୀୟ କ୍ରୀଡ଼ା ଦିବସଭାବେ ପାଳନ କରାଯାଏ। ୧୯୦୫ ଅଗଷ୍ଟ ୨୯ରେ ଉତ୍ତର ପ୍ରଦେଶର ଆଲ୍ଲାହାବାଦ (ବର୍ତ୍ତମାନର ପ୍ରୟାଗରାଜ)ରେ ଜନ୍ମଗ୍ରହଣ କରିଥିଲେ ଧ୍ୟାନଚାନ୍ଦ। ଅଦ୍ଭୁତପୂର୍ବ ଏବଂ ଅବିଶ୍ୱସନୀୟ ପ୍ରଦର୍ଶନ ଯୋଗୁ ତାଙ୍କୁ ହକି ଯାଦୁକର କୁହାଯାଏ। ବିଂଶଶତାବ୍ଦୀର ଶେଷ ଭାଗରୁ ଭାରତୀୟ ହକିକୁ ବିଶ୍ୱର ଶ୍ରେଷ୍ଠ ଦଳରେ ପରିଣତ କରାଇବାରେ ଧ୍ୟାନଚାନ୍ଦଙ୍କର ଅପୂର୍ବ ଐଶ୍ୱରୀୟ କ୍ରୀଡ଼ା ପ୍ରତିଭା ଏବଂ ପାରିଦର୍ଶିତା ବିଶେଷ ଭାବେ ସହାୟକ ହୋଇଥିଲା। ତାଙ୍କର ଅବିଶ୍ୱସନୀୟ ପ୍ରଦର୍ଶନ ଫଳରେ ଭାରତ ଲଗାତର ୩ଟି ଅଲିମ୍ପିକ୍ସ (୧୯୨୬,୧୯୩୨, ୧୯୩୬)ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। କେବଳ ସେତିକି ନୁହେଁ, ଏଥିରେ ଅନୁପ୍ରାଣିତ ହୋଇ ପରବର୍ତ୍ତୀ ୧୯୪୮ (ଲଣ୍ଡନ), ୧୯୫୨(ହେଲସିଙ୍କି), ୧୯୫୬(ମେଲବୋର୍ନ) ଏବଂ ୧୯୬୪(ଟୋକିଓ)ରେ ମଧ ଭାରତ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲା। ପରେ ୧୯୬୮ (ମେକ୍ସିକୋ) ଏବଂ ୧୯୭୨(ମ୍ୟୁନିକ୍)ରେ ବ୍ରୋଞ୍ଜ ପଦକ ଜିତିବା ପରେ କୃତ୍ରିମ ଘାସ (ଅଷ୍ଟ୍ରୋଟର୍ଫ) ପଡିଆର ଆଗମନ ଏବଂ ୟୁରୋପୀୟ ଦଳଗୁଡ଼ିକୁ ସୁହାଇବା ଭଳି କେତେକ ମୌଳିକ ନିୟମାବଳୀର ପରିବର୍ତ୍ତନ ଦ୍ୱାରା ଭାରତୀୟ ହକିର ସାମର୍ଥ୍ୟ ହ୍ରାସ ହୋଇଥିଲା। ଭାରତୀୟ ହକିର ଅବକ୍ଷୟରେ ମର୍ମାହତ ଧ୍ୟାନଚାନ୍ଦଙ୍କର ୧୯୭୯ ଡିସେମ୍ବର ୩ରେ ପରଲୋକ ଘଟିଥିଲା। ଗତ କିଛି ବର୍ଷ ଧରି ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରିବାଲାଗି ବିଭିନ୍ନ ମହଲରୁ ଦାବି ଜୋର୍‌ଦାର ହୋଇଥିଲା। ତେବେ ଚଳିତ ବର୍ଷଠାରୁ ଭାରତର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର 'ଖେଳରତ୍ନ'କୁ ମେଜର ଧ୍ୟାନଚାନ୍ଦଙ୍କ ନାମରେ ନାମିତ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ୧୯୯୧-୯୨ରୁ ପ୍ରଦାନ କରାଯାଇ ଆସୁଥିବା ଏହି ପୁରସ୍କାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାମରେ ନାମିତ ଥିଲା। ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ସର୍ବପ୍ରଥମେ ଏହି ପୁରସ୍କାର ପାଇବାର ସୌଭାଗ୍ୟ ପାଇଥିଲେ। ଶେଷଥରପାଇଁ ୨୦୨୦ରେ ୫ ଖେଳାଳି କ୍ରିକେଟ ତାରକା ରୋହିତ ଶର୍ମା, ପାରାଲିମ୍ପିଆନ ହାଇଜମ୍ପର ମାରିଆପ୍ପାନ ଥଙ୍ଗାଭେଲୁ, ମହିଳା ଟେବୁଲ ଟେନିସ ତାରକା ମନିକା ବାତ୍ରା, ମହିଳା ରେସ୍‌ଲର ଭିନେଶ ଫୋଗତ ଏବଂ ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲ ଏହି ପୁରସ୍କାର ପାଇଥିଲେ। ତେଣୁ ୧୯୯୧-୯୨ରୁ ୨୦୨୦ ପର୍ଯ୍ୟନ୍ତ ମୋଟ ୪୧ ଜଣ ଏହି ପୁରସ୍କାରରେ ସମ୍ମାନିତ ହୋଇ ସାରିଛନ୍ତି। ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସରେ କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମାତ୍ର ଚଳିତ ବର୍ଷ ଟୋକିଓ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଆଥଲେଟ୍‌ଙ୍କ ପ୍ରଦର୍ଶନକୁ ବିଚାରକୁ ନିଆଯିବାକୁ ନିଷ୍ପତ୍ତି ହୋଇଥିବାରୁ ଏଥିରେ ବିଳମ୍ବ ହୋଇଛି। ପାରାଲିମ୍ପିକ୍ସ ଶେଷ ହେବାପରେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ। ଧ୍ୟାନଚାନ୍ଦଙ୍କ ନାମରେ ଖେଳରତ୍ନ ପୁରସ୍କାର ନିଷ୍ପତ୍ତିକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। କାରଣ ସେ ହିଁ ଥିଲେ ପ୍ରକୃତରେ ଖେଳର ରତ୍ନ। ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରାଯିବ କି ନାହିଁ ତାହା ସମୟ କହିବ, ମାତ୍ର ସାମ୍ପ୍ରତିକ ସ୍ଥିତିରେ ତାଙ୍କ ନାମରେ ଖେଳରତ୍ନ ପୁରସ୍କାର ଧ୍ୟାନଚାନ୍ଦଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କୁହାଯାଇପାରିବ।

> ଧ୍ୟାନଚାନ୍ଦଙ୍କ ନାମରେ ଖେଳରତ୍ନ ପୁରସ୍କାର ନିଷ୍ପତ୍ତିକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। କାରଣ ସେ ହିଁ ଥିଲେ ପ୍ରକୃତରେ ଖେଳର ରତ୍ନ

ଧରିତ୍ରୀ DHARITRI
ରବିବାର, ୨୯ ଅଗଷ୍ଟ, ୨୦୨୧



**ବାଲେଶ୍ୱରରେ ଜମି ବ୍ୟବସାୟୀଙ୍କୁ ହତ୍ୟା**

**ବାଲେଶ୍ୱର ଅଫିସ**-ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମର ଜଣେ ଜମି ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ତାଙ୍କ ନାମ ରମେଶ ବେହେରା। ଶନିବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ଦୁର୍ବୃତ୍ତମାନେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ହାଣି ଦେବାରୁ ପ୍ରବଳ ରକ୍ତସ୍ରାବ ହୋଇ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଅଞ୍ଚଳ ରମେଶ ଜଣେ ଜମି ବେପାରୀ। ଦୀର୍ଘଦିନ ହେଲା ସେ ଗଣେଶ୍ୱରପୁର ନିକଟସ୍ଥ ଜମିକୁ ପ୍ଲଟ କରି କିଛିଦିନ ଧରି ବିକ୍ରି କରିଆସୁଛନ୍ତି। ସନ୍ଧ୍ୟାରେ ଜମି ଦେଖାଇବା ଉଦ୍ଦେଶ୍ୟରେ ରମେଣ ଜଣେ ବ୍ୟକ୍ତିଙ୍କୁ ଉକ୍ତ ପ୍ଲଟକୁ ନେଇଥିଲେ। ସେହି ସମୟରେ କେତେଜଣ ଦୁର୍ବୃତ୍ତ ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶିଳ୍ପାଞ୍ଚଳ ଥାନା ଆଇଆଇସି ମୀନତି ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଜ୍ଞାନଦେବ ବେଉରା ରାଜ୍ୟ କଂଗ୍ରେସ ଓବିସି ବିଭାଗ ଅଧ୍ୟକ୍ଷ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ମୁଖପାତ୍ର ଜ୍ଞାନଦେବ ବେଉରାଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ ଓବିସି ବିଭାଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଦିଆଯାଇଥିବା ସୁପାରିସକୁ ଗ୍ରହଣ କରି ଶନିବାର ବେଉରାଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ ଓବିସି ବିଭାଗର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିବା ଏଆଇସିସିର ସାଧାରଣ ସମ୍ପାଦକ କେ.ସି.ବେନୁଗୋପାଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବେଉରା ବର୍ତ୍ତମାନ ପିସିସି ମୁଖପାତ୍ର ଭାବେ କଂଗ୍ରେସ ଦଳ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ଦଳକୁ ସୁଦୃଢ଼ କରିବା ପାଇଁ କଂଗ୍ରେସ ଦଳର ଖାଲିଥିବା ବିଭିନ୍ନ ବିଭାଗର ପଦବୀ ପୂରଣ ଏବଂ ବିଭାଗର ପୁନର୍ଗଠନ ପାଇଁ ଏଆଇସିସିକୁ ସୁପାରିସ କରିବା ପରେ ଗତ କିଛିଦିନ ତଳେ ରାଜ୍ୟ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ପୁନର୍ଗଠନ ଏବଂ ରାଜ୍ୟ ସେବା ଦଳର ନୂତନ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି।

# ଜନଜାତିଙ୍କ ବିକାଶକୁ ପ୍ରାଥମିକତା

## ବାଣପୁରରେ ଆର୍‌ସିସି ସଦସ୍ୟ ଅନନ୍ତ ନାୟକ

ବାଣପୁର,୨୮।୮(ଡି.ଏନ୍.ଏ.)

ଏସିଆ ମହାଦେଶର ବୃହତ୍ତମ ଶାଗୁଆନ ସଂରକ୍ଷିତ ବରବରା ଜଙ୍ଗଲ ମଧ୍ୟରେ ରହିଛି ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ଦାମିଆ ବରବରା ଓ ନିଳାଦ୍ରୀ ପ୍ରସାଦ। ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁ ଏହି ଦୁଇ ପଞ୍ଚାୟତର ୮ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏମାନଙ୍କ ପାଇଁ ସରକାରଙ୍କ ବିକାଶମୂଳକ ଯୋଜନା ସାତସପନ ହୋଇଛି। ଶନିବାର ରାଷ୍ଟ୍ରୀୟ ଅନୁସୂଚିତ ଜାତି ଓ ଜନଜାତି ଆୟୋଗ(ଆରସିସି) ସଦସ୍ୟ ଅନନ୍ତ ନାୟକଙ୍କ ସମେତ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରାଜ୍ୟ ଭାଜପା ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ଉପଜିଲାପାଳ ଗୌରବ ଶିବାଜୀ ଇସାଲୱାର, ବାଣପୁର ଅତିରିକ୍ତ ତହସିଲଦାର ପ୍ରମୋଦ ପାଢ଼ୀ, ବିଡିଓ ପ୍ରଦ୍ୟୁମ୍ନ ନାୟକଙ୍କ ସମେତ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଓ ଜନ ପ୍ରତିନିଧି ଉଭୟ ପଞ୍ଚାୟତର ଜିରିପଡା, ଜୁଆଳିଆମ୍ବ, କଦଳୀବାରି, ରାଇପଡା ଏବଂ ଦାମିଆ ବରବରା ଗ୍ରାମ ଗସ୍ତ କରି ସ୍ଥାନୀୟ ଆଦିବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ପାଇଁ କମିଶନର ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ଅଧିକାରୀଙ୍କ ଅସହଯୋଗରୁ ଗୃହ ନିର୍ମାଣ କରିପାରୁନଥିବା, ଆବାସ ଏବଂ ଭତ୍ତା ହିତାଧିକାରୀ ଚୟନରେ ଯୋଗ୍ୟ ହିତାଧିକାରୀଙ୍କୁ ଉପେକ୍ଷା, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ପାଇଁ ଯତ୍ନବାନ ହେବାକୁ କମିଶନର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନଜାତିଙ୍କ ଶିକ୍ଷା, ସଂସ୍କୃତି, ପରାମ୍ପରା ବିକାଶକୁ ପ୍ରାଥମିକତା ଦିଆଯିବ। ଜନଜାତି ମହିଳାଙ୍କୁ ମଧ୍ୟ ଶିକ୍ଷାକ୍ଷେତ୍ରରେ ଆଗକୁ ଆଣିବା ପାଇଁ ଯୋଜନା ରହିଛି। ମହିଳାମାନେ ଶିକ୍ଷିତ ହେଲେ ଜନଜାତି ପିଲାମାନେ ଉଚ୍ଚଶିକ୍ଷିତ ହୋଇପାରିବେ ବୋଲି ଆୟୋଗ ସଦସ୍ୟ ନାୟକ କହିଛନ୍ତି। ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ସରପଞ୍ଚ ଜିତେନ୍ଦ୍ର ଭୋଳ, ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ରଣସିଂହ, ଦେବରାଜ ବସ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ରାଷ୍ଟ୍ରୀୟ ଅନୁସୂଚିତ ଜାତି ଓ ଜନଜାତି ଆୟୋଗ(ଆରସିସି) ସଦସ୍ୟ ଅନନ୍ତ ନାୟକଙ୍କ ସହ ଅନ୍ୟମାନେ।

# ପବ୍‌ଜିରେ ମାଆଙ୍କ ଆକାଉଣ୍ଟରୁ ୧୦ ଲକ୍ଷ ଉଡ଼ାଇଲେ ନାବାଳକ

**ମୁମ୍ବାଇ, ୨୮।୮:** ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇ ପଶ୍ଚିମ ପାର୍ଶ୍ୱରେ ଥିବା ଯୋଗେଶ୍ୱରୀ ଅଞ୍ଚଳରେ ଜଣେ ୧୬ ବର୍ଷୀୟ ବାଳକ ଅନ୍‌ଲାଇନ ଗେମ୍ ପବ୍‌ଜିରେ ତାଙ୍କ ମାଆଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୦ ଲକ୍ଷ ଟଙ୍କା ହରାଇବା ପରେ ଘର ଛାଡ଼ି ପଳାଇଛନ୍ତି। ପୋଲିସ ଅନ୍ଧେରୀର ମହାକାଳୀ କେଭ୍ ଅଞ୍ଚଳରେ ଖୋଜାଖୋଜି କରି ତାଙ୍କୁ ପାଇବା ପରେ ମାଆବାପାଙ୍କୁ ହସ୍ତାନ୍ତର କରିଛି। ପିଲାଟିର ବାପା ବୁଧବାର ସନ୍ଧ୍ୟାରେ ଏମ୍‌ଆଇଡିସି ଥାନାରେ ପୁଅ ନିଖୋଜ ସମ୍ପର୍କରେ ଜଣାଇବା ପରେ ଘଟଣା ଲୋକଲୋଚନାକୁ ଆସିଥିଲା। ପୋଲିସ ଅପହରଣ ମାମଲା ରୁଜୁ କରି ଖୋଜାଖୋଜି ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା ଯେ, ପିଲାଟି ମାସେ ହେଲା ପବ୍‌ଜି ଖେଳୁଥିଲା ଏବଂ ଏଥିରେ ମାଆଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୦ ଲକ୍ଷ ଟଙ୍କା ବରବାଦ କରିଥିଲା। ମାଆବାପା ଅନ୍‌ଲାଇନ ଟ୍ରାଞ୍ଜାକ୍‌ଶନ ସମ୍ପର୍କରେ ଜାଣିବା ପରେ ପିଲାଟିକୁ ଗାଳିଦେବାରୁ ସେ ଏକ ଚିଠି ଲେଖି ଘରଛାଡ଼ି ପଳାଇଥିଲା।


## ODISHA PUBLIC SERVICE COMMISSION
## CUTTACK
## NOTICE

**No. 5968/PSC, (1R-07-21-22) (DR-V), Dt. 27.8.21**

**No. D-101:-** It is for information of all concerned that, pursuant to the advertisement No. 08 of 2020-2021, **50 (Fifty)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Bio-Technology**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **06.09.2021** and **07.09.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 06.09.2021 | 10.00 AM | 00081538, 00088382, 00091346, 00093084, 00094369, 00094570, 00094334, 00077345, 00090733, 00096589, 00079948, 00086082, 00086683, 00086943 & 00087162 = **15 Candidates** |
| | 02.00 PM | 00088230, 00091949, 00094139, 00096885, 00098938, 00101945, 00091274, 00077903, 00091642 & 00093795 = **10 Candidates** |
| 07.09.2021 | 10.00 AM | 00095147, 00095760, 00098881, 00099771, 00097157. 00078219, 00088497, 00090253, 00077046, 00079300, 00096132, 00094297, 00067621, 00052352 & 00093662 = **15 Candidates** |
| | 02.00 PM | 00091291, 00063633, 00051271, 00060552, 00079070, 00094213, 00015962, 00018008, 00041787, 00091474 = **10 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0068/2122 **Sd./- Secretary**


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରା ସହେ ମେରୁ**
**ଖରା ସହେ ମୂଲିଆ ବାପୁଡ଼ା**
**ଖରା ସହେ ଗୋରୁ**

ପ୍ରକୃତି ସହ ଜଡ଼ିତ ଥିବା ପାହାଡ଼, ପର୍ବତ, ଗଛ ଲତାମାନ ଖରାକୁ ଭ୍ରୂକ୍ଷେପ ନ କରି ଦଣ୍ଡାୟମାନ ହୋଇ ଜଗତକୁ ଶିତଳତା ପ୍ରଦାନ କରିଥାନ୍ତି। ଚାଷୀ ମୂଲିଆ ପେଟପାଟଣା ପାଇଁ ଖରାରେ କାମ କରିବାକୁ ବାଧ ହୋଇଥାନ୍ତି। ସେହିପରି ଗୋରୁ ବା ବଳଦ ଖରାରେ ଚାଷ କାର୍ଯ୍ୟରେ ନିୟୋଜିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା **କରାଯାଇଛି।**

**ଉତୁରି ପଡ଼ିଲା ଚୁଲି**
**ଭାଇ ଶଳା ବୋଲି ଜାଣି ନ ଥିଲି**
**ହସ୍ତମୁଦି ବନ୍ଧା ଦେଲି।**

ପ୍ରକୃତିକୁ ବସନ୍ତ ଛୁଇଁଲେ ଲତା ବୃକ୍ଷରେ ଆପେ ଆପେ ଫୁଲ ଫୁଟେ, ସେମିତି ଦେହକୁ ଯୌବନ ଛୁଇଁଲେ ଆପେ ଆପେ ପ୍ରେମ ହୁଏ। କୁହାଯାଏ ପ୍ରେମ ହେଉଛି ଅନ୍ଧ। ପ୍ରେମରେ ପଡ଼ିଲେ ମଣିଷ ସବୁକିଛି ଭୁଲିଯାଏ। ଭାଇ ଶଳା ପ୍ରତି ଭଉଣୀର ବାଉଳା ପ୍ରେମକୁ ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଚିଙ୍ଗୁଡ଼ି ପ୍ଲାଣ୍ଟ ପରିସରରୁ ମହିଳାଙ୍କ ମୃତଦେହ ଜବତ

ରେମୁଣା,୨୮।୮ (ଡି.ଏନ.ଏ.)

ରେମୁଣା ବ୍ଲକ ବିରୁଆଁ ନିକଟ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ପ୍ଲାଣ୍ଟ ପରିସରରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଉକ୍ତ ମହିଳା ସେହି କାରଖାନାରେ କାମ କରୁଥିଲେ। ଶେରଗଡ଼ ଫାଣ୍ଡି ପୋଲିସ ସୂଚନା ଅନୁଯାୟୀ ମୃତ ମହିଳା ହେଲେ ନୟାଗଡ଼ର ବାସିନ୍ଦା ନିୟାସା ନାୟକ (୨୭)। ସେ ପୂର୍ବରୁ ବିବାହ କରିଥିଲେ ବି ୫ ବର୍ଷ ପୂର୍ବରୁ ଛାଡ଼ପତ୍ର ହୋଇଥିଲା। ୩ବର୍ଷ ହେବ ନିୟାସା ଏହି ପ୍ଲାଣ୍ଟରେ କାମ କରୁଥିଲେ। କୌଣସି କାରଣରୁ ସେ ରହୁଥିବା କୋଠରୀର କବାଟ ଭିତରପଟୁ ବନ୍ଦ କରି ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ଫାଣ୍ଡି ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ କହିଛନ୍ତି। ପରିବାର ଲୋକ ଆସିବା ପରେ କବାଟ ଖୋଲାଯାଇ ମୃତଦେହ ଜବତ କରାଯାଇଛି। ଏନେଇ ଖନ୍ତାପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୬/୨୦୨୧) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।


## COLLECTORATE, JAJPUR
Ph.06728-222001 (O), 222330 (R), Fax- 222087
E-mail: dm-jajpur@nic.in, website: www.jajpur.nic.in
### (Social Welfare Section)
### SHORT NOTICE INVITING TENDER
No.1383/ Date 26.8.21

No.g-30:- Sealed tender in the prescribed form are invited from the intending DIC registered printing press for Printing & Supply of New Arunima Hand Book, Mo Bikas Patra (Child Assessment Card), Odia Parents + Manual, Posters on ECCE (Three different types of poster) and Flip Book on ECCE for 11 Nos. of ICDS Projects of District Jajpur. The Tender documents are available in the district website i.e. www.jajpur.nic.in. For further details the interested applicants may access the same from the website.

**Sd./- Collector & Dist. Magistrate, Jajpur**
OIPR-24163/11/0023/2122



## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, KESINGA
E_mail: eerwkesinga@yahoo.com
e-Procurement Notice
BID IDENTIFICATION NO. EERWKSNG-ONLINE-02/2021-22

No.O-613:- 1. Name of work: 2 Nos. buildings. 2. Total No. of work: 2 Nos. 3. Estimated cost: Please refer DTCN. 4. E.M.D.: Please refer DTCN.. 5. Cost of tender document: Please refer DTCN. 6. Class of contractor: Please refer DTCN. 7. Period of completion: As per DTCN. 8. Other details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | EERWKSNG-Online- 02/2021-22 | 02.09.2021 at 11.00 A.M. | 15.09.2021 upto 5.00 P.M. | 14.09.2021 upto 11.00 A.M. | 16.09.2021 at 11.00 A.M. |

Further details can be seen from the website i.e. www.tenderodisha.gov.in.
OIPR-25153/11/0002/2122 **Sd./- Executive Engineer, Rural Works Division, Kesinga**



## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, BARIPADA
By E_Mail/e-Despatch, E_Mail ID: serwcbaripada@gmail.com
Ph.No.-06792-261343/261344, Gangraj, Baripada
"e" Procurement Notice for Bridge Work
Identification No.-Online Tender- Bridge N.C.B. No.191 for 2021-22
Letter No.2644 Date: 25.8.2021

No.O-615:- 1. Name of the work: Construction of H.L. Bridge over Sarangagad Balijodi Nallah at 3rd Km. on Nuagaon to Jhalkiani road under BSY for the year 2021-22 in the District Mayurbhanj (Balance work) under R.W. Division, Karanjia.2. Total No. of work: 01 No. (One). 3. Estimated cost: Rs.217.59 lakhs (Approximately). 4. Eligible class of contractor: 'A' & 'B' Class (of Odisha P.W.D.) or relevant class of other licencing authorities. 5. Period of completion: 12 (Twelve) calendar months for the work. 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No.191 | Dt.01.09.2021 at 11.00 A.M. | Dt.16.09.2021 upto 5.00 P.M. | Dt.15.09.2021 upto 5.00 P.M. | Dt.17.09.2021 at 11.00 A.M. | Dt.24.09.2021 at 11.00 A.M. |

Further details can be seen from the website: www.tendersorissa.gov.in. Any corrigendum/ Addendum will be displayed in the above e_tender website only.
OIPR-25130/11/0011/2122 **Sd./- Chief Construction Engineer, R. W. Circle, Baripada**



## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, BARIPADA
By E_Mail/e-Despatch, E_Mail ID: serwcbaripada@gmail.com
Ph.No.-06792-261343/261344, Gangraj, Baripada
"e" Procurement Notice for PMGSY-I (RCIP-2) (Tr-I) ADB/T-I Works
Identification No.-Online Tender- PMGSY ADB/T-I N.C.B. No.190 for 2021-22
Letter No.2593 Date: 24.8.2021

No.O-616:- 1. Name of the work: Construction of Balance PMGSY-I (RCIP-2) ADB/T-I works in the District of Mayurbhanj for the Year 2017-18. 2. Total No. of works: 02 Nos. (Two Nos). 3. Estimated cost: As per annexure Rs.30.42 & 42.01 lakhs (Approximately). 4. Eligible class of contractor: As per annexure. 5. Period of completion: As per annexure.

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | PMGSY ADB/T-III Online N.C.B. No. 190 | Dt.01.09.2021 at 11.00 A.M. | Dt.15.09.2021 upto 5.00 P.M. | Dt.14.09.2021 upto 1.00 P.M. | Dt.16.09.2021 at 11.00 A.M. | Dt.24.09.2021 at 11.00 A.M. |

Further details can be seen from the website: www.pmgsytenders.gov.in. Any corrigendum/ Addendum will be displayed in the above e_tender website only.
OIPR-25130/11/0012/2122 **Sd./- Chief Construction Engineer, Rural Works Circle, Baripada**



## OFFICE OF THE EXECUTIVE ENGINEER (AGRIL.), AGRICULTURE ENGINEERING DIVISION, KENDRAPARA
Phone No. 9777797206, E-mail ID - eeagril.kendrapara@gmail.com
### Govt. of Odisha "e" procurement Notice
Bid Identification No.: E.E. (A), Kendrapara Division - 01/2021-22

No. L-51:- The Executive Engineer (Agril.), Agriculture Engineering Division, Kendrapara on behalf of Governor of Odisha, invites percentage rate bids in single cover system in ONLINE MODE for "1. AEE office-cum-Implement Godown at Kendrapara, Block- Kendrapara, District- Kendrapara. 2. AEE office-cum-Implement Godown at Jajpur, Block- Jajpur, District- Jajpur. 3. AAE office-cum-Implement Godown at Marshaghai, Block- Marshaghai, District- Kendrapara. (Construciton of Civil work only excluding PH and Electrical work) 4. AAE office-cum-Implement Godown at Pattamundai, Block- Pattamundai, District-Kendrapara. 5. AAE office-cum-Implement Godown At- Chandikhol, Block- Barchana, District- Jajpur. 6. Construction of Approach road to FIAC Building at Mahakalpada.

1. Name of the works:- **1.** AEE office-cum-Implement Godown at Kendrapara, Block- Kendrapara, District- Kendrapara. **2.** AEE office-cum-Implement Godown at Jajpur, Block- Jajpur, District- Jajpur. **3.** AAE office-cum-Implement Godown at Marshaghai, Block- Marshaghai, District- Kendrapara. (Construciton of Civil work only excluding PH and Electrical work). **4.** AAE office-cum-Implement Godown at Pattamundai, Block- Pattamundai, District- Kendrapara. **5.** AAE office-cum-Implement Godown At- Chandikhol, Block- Barchana, District- Jajpur. **6.** Construction of Approach road to FIAC Building at Mahakalpada.

**1.** Estimated Cost- **Ranging from Rs.534534.00 to Rs.4390557.00**. **2.** Bid Cost: **Rs.4,000/- or 6,000/- as Mentioned against each in Column-04. 3.** Period of completion: **Calendar Months mentioned in Column-06**. **4.** No. of works (Tender): **06 Nos**. **5.** Class of Contractor: **As Mentioned in Column-05**. **6**. Date & time of availability of bid document in the portal: **31.08.2021 at 10.00 A.M. to 16.09.2021 up to 5.00 PM. 7.** Last date/Time for receipt of bids in the portal: **16.09.2021 up to 5.00 PM. 8.** Date of submission of documents: **01.08.2021 at 10.00 AM to 18.09.2021 up to 5 PM (Except Holidays). 9.** Date & time of opening of online bids: **21.09.2021 at 11.00 AM & onwards. 10.** Name and address of the officer inviting Bid: **Executive Engineer (Agril.), Agriculture Engineering Division, Kendrapara.**

Further details can be seen from the e-procurement portal **http://tendersodisha.gov.in**

**A.** All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender). **B.** The Tender documents published by the Tender inviting Officer (Procurement Officer Publisher) in the website "**http://tendersodisha.gov.in**" will appear in the Latest. **C.** The Bidders have to participate in ONLINE bidding only. Further details can be seen from the website "**http://tendersodisha.gov.in**". Any addendum/corrigendum/cancellation of tender can also be seen in the said website.

**Sd./- Executive Engineer (Agril.)**
OIPR-01019/11/0001/2122 **Agriculture Engineering Division, Kendrapara**



## ODISHA PUBLIC SERVICE COMMISSION
## CUTTACK
## NOTICE

**No. 5979/PSC, (1R-51-21-22) (DR-V), Dt. 27.8.21**

**No. D-104:-** It is for information of all concerned that, pursuant to the advertisement No. 08 of 2020-2021, 58 (Fifty Eight) candidates, bearing the following PPSAN have been called for the physical verification of original documents to determine their eligibility and suitability for recruitment to the post of Assistant Professor, Wildlife & Biodiversity Conservation.

The physical verification of original certificates / documents etc. in respect of those candidates will be held in the office of the Commission at 19. Dr. P. K. Parija Road. Cuttack - 753001 on 15.09.2021, 16.09.2021 and 17.09.2021 as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 15.09.2021 | 10.00 AM | 00094334, 00096552, 00083150, 00088799, 00093795, 00094226, 00096539, 00101690, 00088622, 00079185, 00086485, 00094941 & 00090288 = **13 Candidates** |
| | 02.00 PM | 00080146, 00095147, 00083450, 00095373, 00044086, 00079620 & 00088382 = **07 Candidates** |
| 16.09.2021 | 10.00 AM | 00096052, 00090179, 00086448, 00086499, 00086581, 00087345, 00090451, 00090991, 00091275, 00091706, 00097951, 00088849 & 00082139 = **13 Cand idates** |
| | 02.00 PM | 00092640, 00093304, 00095762, 00091540, 00099556, 00101223 & 00093860 = **07 Candidates** |
| 17.09.2021 | 10.00 AM | 00096470, 00079545, 00087021, 00088180, 00088276, 00089375, 00089813, 00094225, 00096113, 00100420, 00090253, 00079300 & 00077046 = **13 Candidates** |
| | 02.00 PM | 00052352, 00090287, 00093662, 00015962 & 00088907 = **05 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0069/2122 **Sd./- Secretary**

## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ କଙ୍କି ଜୀବାଶ୍ମ (ଡ୍ରାଗନ୍ ଫ୍ଲାଏ ଫସିଲ୍).... ରାଜ୍ୟରେ ମିଳିଛି ?
୨– ନିକଟରେ ନୀଳଗିରି ପର୍ବତମାଳାରେ ମିଳିଥିବା ନିଆରା ପ୍ରଜାତି ପ୍ରଜାପତିର ନାମ....... ?
୩– ଶାଗୁଣା ବଂଶ ବୃଦ୍ଧି ଲାଗି ......... ଦେଶ ପକ୍ଷରୁ 'ଭଲ୍‌ଚର୍ ଆକ୍ସନ ପ୍ଲାନ୍ ୨୦୨୦–୨୫' ଆରମ୍ଭ କରାଯାଇଛି ?
୪– ........... ଚାଷକୁ ମେଲିପୋନିକଲ୍ଚର ବୋଲି ମଧ୍ୟ କୁହାଯାଏ ?
୫– ସମୁଦ୍ରରେ ପଡୁଥିବା ବର୍ଜ୍ୟ ପ୍ଲାଷ୍ଟିକ ବୋତଲକୁ ବ୍ୟବହାର କରି କମ୍ପ୍ୟୁଟର ନିର୍ମାଣ କରୁଥିବା ପ୍ରଥମ କମ୍ପାନୀ......... ?

## ଗତ ଥରର ଉତ୍ତର

୧ ପି ଭି ସିନ୍ଧୁ
୨ ନିକୋଲାସ୍ ଯୋଶେଫ୍ କଗ୍ନଟ୍
୩ ୩,୩୦,୦୦୦ ଗୁଣ
୪ ନୀଳ ନଦୀ
୫ ମୌନା ଲୋଆ

## ଉତ୍ତରଦାତା


ପ୍ରଭଞ୍ଜନ ପଲାଇ, କଟକ


ପ୍ରକାଶ କୁମାର ଚାନ୍ଦ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସୁନ୍ଦର କୁକୁର ପ୍ରଜାତି



୧............ ପୋମେରାନିଆନ୍
୨............ ସାଇବେରିଆନ୍ ହସ୍କି
୩............ ଗୋଲ୍ଡେନ୍ ରେଟ୍ରିଭର୍
୪............ ବିଗଲ୍
୫............ ଆକିଟା ଇନୁ
୬............ ଆଲାସ୍କାନ୍ ମାଲାମ୍ୟୁଟ୍
୭............ ବର୍ଣ୍ଣିଜ୍ ମାଉଣ୍ଟେନ୍ ଡଗ୍
୮............ ଆଇସ୍‌ଲାଣ୍ଡିକ୍ ଶିପ୍ ଡଗ୍
୯............ ମିନିଏଚର ସ୍ନାଉଜର୍
୧୦............ ଚାଓ ଚାଓ

### ଜାଣନ୍ତୁ ଦୁନିଆ

# ବ୍ରୁନେଇ

**ଦକ୍ଷିଣ–ପୂର୍ବ ଏସୀୟ ସ୍ୱାଧୀନ ଦେଶ ବ୍ରୁନେଇ, ଯାହାକି ପୃଥିବୀର ଧନୀ ଦେଶଗୁଡ଼ିକ ମଧ୍ୟରେ ପରିଗଣିତ ହୋଇଥାଏ। ଏହି ବିକାଶଶୀଳ ଦେଶଟି କେତେକ ସ୍ୱତନ୍ତ୍ର କାରଣ ପାଇଁ ଅନ୍ୟମାନଙ୍କଠାରୁ ଭିନ୍ନ । ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...**



➤ଏହି ଦେଶର ଅଫିସିଆଲ୍ ନାମ ହେଉଛି ବ୍ରୁନେଇ ଦାରୁସାଲାମ୍। ଏହା ୧, ଜାନୁୟାରୀ ୧୯୮୪ରେ ଏକ ସ୍ୱାଧୀନ ଦେଶ ହୋଇଥିଲେ ସୁଦ୍ଧା ଏଠାରେ ଏବେବି ରାଜତନ୍ତ୍ରକୁ ଗୁରୁତ୍ୱ ଦିଆଯାଏ। ହସନାଲ୍ ବୋଲ୍‌କିଆହ ବର୍ତ୍ତମାନ ଏହି ଦେଶର ସୁଲତାନ୍। ସେଠାକାର ସୁଲତାନ୍ ପ୍ରଧାନମନ୍ତ୍ରୀ ପଦ ସହିତ ଡିଫେନ୍ସ, ଫାଇନାନ୍ସ ଏବଂ ଫରେନ୍ ଆଫାୟାର୍ସ ଏବଂ ଟ୍ରେଡ୍ ମିନିଷ୍ଟର ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି।

➤ଏହି ଦେଶର ଲୋକଙ୍କ ଜୀବନ କାଳ ସାଧାରଣତଃ ଅନ୍ୟମାନଙ୍କଠାରୁ ବେଶୀ। ଅର୍ଥାତ୍ ୭୫–୯୩ ବର୍ଷ।

➤ଦକ୍ଷିଣ–ପୂର୍ବ ଏସିଆରେ ବ୍ରୁନେଇ ହେଉଛି ସର୍ବାଧିକ ସଂଖ୍ୟକ ମେଦବହୁଳ ବ୍ୟକ୍ତି ଥିବା ଦେଶ। ସେଠାରେ ୫୧ ପ୍ରତିଶତ ସ୍କୁଲ୍ ପିଲାଙ୍କଠାରେ ମେଦବହୁଳତା ଦେଖିବାକୁ ମିଳେ।

➤ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ଯେ, ସେଠାକାର ଲୋକେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ନାହିଁ, ଯେଉଁଥିପାଇଁ ସେଠାରେ ମାତ୍ର ହାତଗଣତି ମ୍ୟାକ୍ ଡୋନାଲ୍ଡ ଭଳି ରେଷ୍ଟୁରାଣ୍ଟ ରହିଛି।

➤ଏହା ପୃଥିବୀର ଏକ ଧନୀ ଦେଶ ହୋଇଥିଲେ ସୁଦ୍ଧା ଏଠାକାର ଲୋକେ ଦାମୀ ଏବଂ ବଡ଼ ଘର ପରିବର୍ତ୍ତେ କାର୍‌ରେ ଅଧିକ ସଉକ ରଖନ୍ତି। ଆଉ ଏଥିପାଇଁ ପୃଥିବୀର ଅନ୍ୟ ଦେଶଗୁଡ଼ିକ ତୁଳନାରେ ଏହି ଦେଶରେ କାର୍ ଉପଭୋକ୍ତାଙ୍କ ସଂଖ୍ୟା ସର୍ବାଧିକ।

➤ଏଠାକାର ପ୍ରତିଟି ଘର ବାହାର କାନ୍ଥରେ ମାଲିକଙ୍କୁ ନିଜ ପତ୍ନୀଙ୍କ ଫଟୋ ଏବଂ ସୁଲତାନ୍‌ଙ୍କ ଫଟୋ ଲଗାଇବା ବାଧ୍ୟତାମୂଳକ।

➤ଏହି ଦେଶରେ ଆଲ୍‌କହଲ୍ ବିକ୍ରି ଏବଂ ପିଇବା ଆଇନ ବିରୁଦ୍ଧ। ହେଲେ ଏଠାରେ ରହୁଥିବା ଅଣ–ମୁସ୍‌ଲିମ୍‌ମାନେ ୨ ଲିଟର ପର୍ଯ୍ୟନ୍ତ ଆଲ୍‌କହଲ୍ ଦେଶକୁ ଆଣିବାର ଅନୁମତି ରହିଛି।

➤ସେଠାରେ ବହୁ ପରିମାଣରେ ଗଚ୍ଛିତ ତୈଳ ଥିବାରୁ ଖୁବ୍ କମ୍ ଦରରେ ତେଲ ମିଳିଥାଏ।

# ବେଳହୁଁ ସାବଧାନ

**ଦୀର୍ଘ ମାସ ମାସ ଧରି କରୋନା ମହାମାରୀର ସଂକଟ ସମୟ ଦେଇ ଗତି କରୁଛନ୍ତି ସଭିଏଁ। ଏଥିରୁ ମୁକ୍ତି ପାଇ ଏକ ଶାନ୍ତିପୂର୍ଣ୍ଣ ଜୀବନ ଜିଇବା କାହା ପାଇଁ ପ୍ରତୀକ୍ଷିତ ନୁହେଁ। ହେଲେ ଏ ସମସ୍ୟା ଥମିବାର ନାଁ ନେଉନି, ବରଂ ଖୁବ୍‌ଶୀଘ୍ର ସମ୍ଭାବ୍ୟ ତୃତୀୟ ଲହର ବ୍ୟାପିବା ସମ୍ପର୍କରେ ଗବେଷକମାନଙ୍କ ମତ ସଭିଙ୍କୁ ଆତଙ୍କିତ କରିଛି। ବିଶେଷକରି ସ୍କୁଲ୍, କଲେଜ୍, କର୍ମକ୍ଷେତ୍ର କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଲାଗି ବାହାରକୁ ଯାଉଥିବା ଯୁବବର୍ଗ ନିଜ ତଥା ପରିବାରର ସୁରକ୍ଷା ଦୃଷ୍ଟିରୁ ଏହାକୁ ଅଣଦେଖା ନ କରି କେତେକ ଦିଗ ପ୍ରତି ବିଶେଷ ସଜାଗ ରହିବା ଗୁରୁତ୍ୱପୂର୍ଣ୍ଣ ...**

**ସାନିଟାଇଜ୍ ଗୁରୁତ୍ୱପୂର୍ଣ୍ଣ:** କିଛି ଦିନ ହେବ କରୋନାର ପ୍ରଭାବ ଅପେକ୍ଷାକୃତ କମ୍ ଥିବାରୁ ଅଧିକାଂଶ ବିଶେଷକରି ଯୁବପିଢ଼ି ବାରମ୍ବାର ହାତ ହେଉ କିମ୍ବା ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସାନିଟାଇଜ୍ କରିବାକୁ ଏତେଟା ଗୁରୁତ୍ୱ ଦେଉନଥିବା ଦେଖିବାକୁ ମିଳୁଛି। ହେଲେ ଆଗକୁ ସମସ୍ୟା ଜଟିଳ ହେଲେ ସତର୍କତା ଅବଲମ୍ବନ କରିବା ନ ଭାବି ଏବେଠାରୁ ସଜାଗ ହୋଇଯା'ନ୍ତୁ। ବାହାରକୁ ଯାଉଥିଲେ ଫେରିବାମାତ୍ରେ ଭଲ ଭାବେ ସାବୁନ୍ କିମ୍ବା ଲିକ୍ୱିଡ୍ ହ୍ୟାଣ୍ଡୱାଶ୍‌ରେ ହାତ ଧୁଅନ୍ତୁ। ପାଖରେ ଏକ ସାନିଟାଇଜର୍ ସ୍ପ୍ରେ କିମ୍ବା ଜେଲ୍ ମଧ୍ୟ ରଖନ୍ତୁ ଏବଂ କୌଣସି ଜିନିଷକୁ ସ୍ପର୍ଶ କରୁଥିଲେ ତୁରନ୍ତ ଏହାର ବ୍ୟବହାର କରନ୍ତୁ। ସ୍କୁଲ୍, କଲେଜ୍ ଯାଉଥିବା ଛାତ୍ରୀଛାତ୍ରମାନେ ସୁରକ୍ଷା ଦୃଷ୍ଟିରୁ ଏଥିପ୍ରତି ଅଧିକ ଯତ୍ନଶୀଳ ହେବା ଆବଶ୍ୟକ।

**ମାସ୍କ ଅତ୍ୟନ୍ତ ଜରୁରୀ:** ଯଦି ମାସ୍କ ପିନ୍ଧିବାରେ ଅବହେଳା କରୁଛନ୍ତି, ତେବେ ପୁନର୍ବାର ଏହାକୁ ଆପଣେଇ ନିଅନ୍ତୁ। କାରଣ ଘରୁ ବାହାରକୁ ଯାଉଥିଲେ ମୁଖ୍ୟତଃ ଜନଗହଳି ସ୍ଥାନରେ ଏହାହିଁ ହେବ ଆପଣଙ୍କ ଲାଗି ପ୍ରଥମ ସୁରକ୍ଷା କବଚ। ବିଶେଷକରି କ୍ଲାସ୍‌ରୁମ୍, ଅଫିସ୍ ରୁମ୍ କିମ୍ବା ଅନ୍ୟ କୌଣସି ଆବଦ୍ଧ କୋଠରିରେ ଏକାଠି ଅଧିକ ଜଣ ବସୁଥିଲେ ମାସ୍କ ଆଦୌ ଖୋଲନ୍ତୁ ନାହିଁ। ମନେରଖନ୍ତୁ, ଡବଲ୍ ମାସ୍କ କିମ୍ବା ଏନ୍୯୫ ମାସ୍କ ପିନ୍ଧିବା ଆପଣଙ୍କୁ ରୋଗ ସଂକ୍ରମଣରୁ ରକ୍ଷା କରିବାରେ ବେଶ୍ ସାହାଯ୍ୟ କରିବ।



କୌଣସି ଲକ୍ଷଣ ନିଜଠାରେ ଦେଖିବାକୁ ମିଳେ; ତେବେ କାଶିବା, ଛିଙ୍କିବା ଆଦି ସମୟରେ ମୁହଁରେ ରୁମାଲ ନିହାତି ରଖିବା ଦରକାର। ଏହା ଯେପରି ଅନ୍ୟମାନଙ୍କୁ ନ ବ୍ୟାପେ, ସେଥିପାଇଁ କାହା ପାଖକୁ କିମ୍ବା କୌଣସି ଜନସମାଗମକୁ ନଯିବା ଭଲ। କେବଳ ଏତିକି ନୁହେଁ, ପ୍ରତ୍ୟେକ ସସ୍ପେକ୍ଟେଡ୍‌ଙ୍କୁ ଆଣ୍ଟିଜେନ୍ ଏବଂ ଆର୍‌ଟିପିସିଆର୍ ଟେଷ୍ଟ କରାଇନେବା ସହ ଦରକାର। ଯଦି ରିପୋର୍ଟ ପଜିଟିଭ୍ ଆସେ, ତୁରନ୍ତ ଚିକିତ୍ସା ଆରମ୍ଭ କରିବା ସହ ହୋମ ଆଇସୋଲେଶନ୍‌ରେ ରହିଯିବା ଉଚିତ।

**ବାହାରେ ନ ଖାଇବା ଭଲ:** ବର୍ତ୍ତମାନ ସମୟରେ ରାସ୍ତାକଡ଼ରେ ମିଳୁଥିବା ଷ୍ଟ୍ରିଟ୍‌ଫୁଡ୍ ନ ଖାଇବା ଭଲ। କାରଣ ଅଳ୍ପ ଜାଗାରେ ଏକାଧିକ ଠିଆହୋଇ ଖାଇବା ଦ୍ୱାରା ସଂକ୍ରମଣ ବଢ଼ିବା ଆଶଙ୍କା ବେଶୀ। ତେଣୁ ଯଥାସମ୍ଭବ ଏଥିରୁ ନିଜକୁ ନିବୃତ୍ତ ରଖନ୍ତୁ। ଆଲ୍‌କହଲ୍ କିମ୍ବା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। କାରଣ ଏହାଦ୍ୱାରା ଫୁସ୍‌ଫୁସ୍ ଦୁର୍ବଳ କରିବା ସହ ସଂକ୍ରମିତ ହେଲେ ରୋଗର ଜଟିଳତା ବଢ଼ିପାରେ।

**ପ୍ରତିଷେଧକ ବ୍ୟବସ୍ଥା ଆପଣାନ୍ତୁ:** ବାହାରକୁ ଯାଉଥିଲେ ଫେରିବା ପରେ ଭଲ ଭାବେ ଧୋଇହେବା ସହ ଗରମ ଲୁଣ ପାଣିରେ କୁଳି କରନ୍ତୁ ଏବଂ ଷ୍ଟିମ୍ ନିଅନ୍ତୁ। କାଢ଼ା ପିଇବା ମଧ୍ୟ ଉପକାରୀ। ଏହାବ୍ୟତୀତ ଅତ୍ୟାବଶ୍ୟକ ମେଡିସିନ୍ ପାଖରେ ରଖନ୍ତୁ। ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ହୋଇଥିଲେ ଦୁଇଟିଯାକ ଭାକ୍ସିନ୍ ନିଶ୍ଚୟ ନିଅନ୍ତୁ। ଏହାଠାରୁ କମ୍ ବୟସ୍କ ଭାକ୍ସିନ୍ ନ ନେଇଥିବାରୁ ସତର୍କ ରହିବା ଆବଶ୍ୟକ।

## କ'ଣ କରନ୍ତି ଏମାନେ...



**ସ୍ୱାଗତିକା ବେହେରା** (ଛାତ୍ରୀ, ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା, ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ, ନୟାଗଡ଼)– ମହାମାରୀ କରୋନା ସମୟରେ ସବୁଠାରୁ ବେଶି ପ୍ରଭାବିତ ହୋଇଛି ଆମ ଶ୍ରେଣୀ ଶିକ୍ଷା ବ୍ୟବସ୍ଥା। ବର୍ତ୍ତମାନ କରୋନା ନୀତିନିୟମ ମାନି ଶ୍ରେଣୀ ଶିକ୍ଷାଦାନକୁ ସରକାର ଅନୁମତି ଦେଇଥିବାରୁ ଆମେ ବହୁତ ଖୁସି। ତଥାପି ମନରେ ଭୟ ରହିଛି କୋଭିଡ୍‌ର ତୃତୀୟ ଲହରକୁ ନେଇ। ଦିନକୁ ଦିନ ସଂକ୍ରମଣ ହାର ବଢୁଥିବାରୁ କଲେଜ ଯିବାକୁ ଡର ଲାଗୁଛି। ତେଣୁ ଯେତେଦିନ ପର୍ଯ୍ୟନ୍ତ ଖୋଲା ରହିଛି, ଅନୁଷ୍ଠାନର କୋଭିଡ୍ ନିୟମ ମାନି ଚଳିବି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏହାକୁ ପାଳନ କରିବାକୁ ଅନୁରୋଧ କରିବି।



**ପ୍ରତ୍ୟୁଷ କୁମାର ସାହୁ** (ଦଶମ ଶ୍ରେଣୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଗୁନିଆ, ଖୋର୍ଦ୍ଧା)– ଶ୍ରେଣୀ ଶିକ୍ଷାଦାନକୁ ମିସ୍ କରୁଥିଲି। ଅନେକ ଦିନ ପରେ ସ୍କୁଲ ଖୋଲିଥିବାରୁ ବହୁତ ଖୁସି ଅଛି। ତଥାପି ଯେତେ ସତର୍କ ରହିଲେ ମଧ୍ୟ କରୋନାର ତୃତୀୟ ଲହର କଥା ଶୁଣି ଭୟ ଲାଗୁଛି। ବର୍ତ୍ତମାନର ପରିସ୍ଥିତିକୁ ନେଇ ଅଭିଭାବକ ସବୁବେଳେ ଚିନ୍ତାରେ ରହୁଛନ୍ତି। ସ୍କୁଲରେ କୋଭିଡ୍‌ର ସବୁ ନିୟମ ମାନି ରହୁଛି। ପ୍ରାର୍ଥନା କରୁଛୁ, ଏ ମହାମାରୀ ଶୀଘ୍ର ଶେଷ ହେଉ ଆଉ ଆମ ଶ୍ରେଣୀ ଶିକ୍ଷାଦାନ ଏମିତି ଚାଲିଥାଉ।



**ନମିତା ଗିରି** (ଯୁକ୍ତ୨, ୨ୟ ବର୍ଷ, ଚନ୍ଦନେଶ୍ୱର ମହାବିଦ୍ୟାଳୟ, ଭୋଗରାଇ) – କରୋନା ପାଇଁ ଶ୍ରେଣୀ ଗୃହରେ କ୍ଲାସ ପରିବର୍ତ୍ତେ ଅନ୍‌ଲାଇନ୍ ପାଠପଢ଼ା ହେଉଛି। ଏହା ସହ ଆଗରୁ ଜଡ଼ିତ ନ ଥିବାରୁ ଏହା ଆମ ପାଇଁ ଉପଯୋଗୀ ହେଉନାହିଁ। ଏହା ସହ ନେଟ୍‌ୱର୍କ ସମସ୍ୟା ବି ମୁଖ୍ୟ କାରଣ। କରୋନା ଏତେଶୀଘ୍ର ଦୂରେଇ ଯିବ ତାହା ଅନୁମାନ କରି ହେଉନାହିଁ। ଏହାକୁ ଡରି ଶ୍ରେଣୀଗୃହ ପାଠପଢ଼ା ବନ୍ଦ ରଖାଯିବ ତାହାଲେ ଆମ ଭବିଷ୍ୟତ ଅନ୍ଧାର ହୋଇଯିବ। ତେଣୁ ଆବଶ୍ୟକ ସତର୍କତା ଅବଲମ୍ବନ ପୂର୍ବକ ଏହା ସହ ଆହୁରି ବେସ୍ କିଛି ବର୍ଷ ବଞ୍ଚିବାକୁ ହେବ।



**ନିୟତି ଜେନା** (ପିଜି , ଫକୀରମୋହନ ସ୍ୱୟଂଶାସିତ କଲେଜ, ବାଲେଶ୍ୱର)– ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହରରେ କରୋନାର କରାଳ ରୂପ ଛାତି ଥରାଇ ଦେଇଛି। ପ୍ରଥମରେ ବୟସ୍କ ଏବଂ ଦ୍ୱିତୀୟରେ ଅନେକ କମ୍ ବୟସ ବ୍ୟକ୍ତିଙ୍କ ମୁଣ୍ଡନେଇଛି କରୋନା। ଏମିତିରେ ତୃତୀୟ ଲହର ପାଦଥାପିଥିବା ବେଳେ ସ୍କୁଲ୍ କଲେଜ ଖୋଲିବା ଚିନ୍ତାର କାରଣ ସାଜିଛି। ଆଉ କିଛି ମାସ ସଂକ୍ରମଣ ହାର କମିବାଯାଏ ଆମକୁ ଶ୍ରେଣୀଗୃହ ପାଠପଢ଼ା ଅପେକ୍ଷା ଅନ୍‌ଲାଇନ୍ ପାଠପଢ଼ା ବ୍ୟବସ୍ଥାକୁ ଆପଣେଇବା ଦରକାର। କାରଣ ପାଠ ପଢ଼ାଠୁ ଜୀବନ ଅଧିକ ମୂଲ୍ୟବାନ୍।







**ମୁହଁରେ ଲଗାନ୍ତୁ ନାହିଁ ହାତ:** ବାରମ୍ବାର ମୁହଁରେ ହାତ ଲଗାଇବାର ଅଭ୍ୟାସ ଅନେକଙ୍କର ରହିଛି। ହେଲେ ଏହାଦ୍ୱାରା ଭାଇରସ୍ ହାତରୁ ପାଟି ନାକ ଆଦି ଦେଇ ଶରୀର ମଧ୍ୟକୁ ଚାଲିଯିବାର ଆଶଙ୍କା ରହିଛି। ଏମିତିରେ ସଂକ୍ରମଣର ଆଶଙ୍କା ଦ୍ୱିଗୁଣିତ ହୋଇଥାଏ। ତେଣୁ ବାରମ୍ବାର ମୁହଁରେ ହାତ ମାରନ୍ତୁ ନାହିଁ। ଆବଶ୍ୟକ ସ୍ଥଳେ ପ୍ରଥମେ ହ୍ୟାଣ୍ଡ ସାନିଟାଇଜ୍ କରିବାକୁ ଭୁଲନ୍ତୁ ନାହିଁ।

**ସାମାଜିକ ଦୂରତା ରକ୍ଷାକରନ୍ତୁ:** ଦୀର୍ଘଦିନ ପରେ ସ୍କୁଲ୍, କଲେଜ୍ ଖୋଲିଥିବାରୁ ସାଙ୍ଗସାଥୀ ଏକାଠି କ୍ଲାସ୍ କରିବାଠାରୁ ଆରମ୍ଭ କରି ମଜାମସ୍ତି କରିବା ଏକ ସ୍ୱାଭାବିକ ଘଟଣା। ହେଲେ ସୁରକ୍ଷା ଦୃଷ୍ଟିରୁ ଅନ୍ତତଃପକ୍ଷେ କିଛି ମାସ ପର୍ଯ୍ୟନ୍ତ ପରସ୍ପରଠାରୁ ସାମାଜିକ ଦୂରତା ରକ୍ଷା କରନ୍ତୁ। ଏକାଠି ବସି ଗପିବା, ଖାଇବା ଆଦିଠାରୁ ଦୂରେଇ ରୁହନ୍ତୁ। କଥା ହେବା ବେଳେ ପରସ୍ପର ମଧ୍ୟରେ ୨ ମିଟର ଦୂରତା ରକ୍ଷାକରନ୍ତୁ ଏବଂ ମାସ୍କ ପିନ୍ଧନ୍ତୁ।

**ହୁଅନ୍ତୁନି ସୁପର ସ୍ପ୍ରେଡର:** ପ୍ରତ୍ୟେକ ମଣିଷର ସମାଜ ପାଇଁ କିଛି ଦାୟିତ୍ୱ ରହିଛି। ତେଣୁ ବର୍ତ୍ତମାନ କରୋନା ସଂକ୍ରମଣ ରୋକିବା ଲାଗି ସଭିଙ୍କୁ ସଚେତନ ହେବାକୁ ପଡ଼ିବ ଏବଂ ନିଜ ସହ ଅନ୍ୟର ସୁରକ୍ଷା ପ୍ରତି ସଜାଗ ରହିବାକୁ ପଡ଼ିବ। କହିବାର ତାତ୍ପର୍ଯ୍ୟ ଯଦି ଆପଣଙ୍କୁ ଥଣ୍ଡା, ଜ୍ୱର, କାଶ କିମ୍ବା କୋଭିଡ୍‌ର ଅନ୍ୟ

# ସଫଳତାର ଚାବିକାଠି

**ଦୃଢ଼ ମାନସିକତା ହିଁ ସଫଳତାର ଚାବିକାଠି, ଯେଉଁଥିପାଇଁ ଆବଶ୍ୟକ ଆତ୍ମବିଶ୍ୱାସ ଏବଂ ସକାରାତ୍ମକ ଚିନ୍ତା...**



➤ୟୁନିଭର୍ସିଟି ଅଫ୍ ନର୍ଥ କରୋଲିନାର ମନୋବିଜ୍ଞାନ ଗବେଷକ ବାର୍ବାରା ଫେଡ୍ରିକ୍ସନ୍‌ଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ସକାରାତ୍ମକ ଚିନ୍ତାଧାରା ଏକ ସଫଳ କ୍ୟାରିୟର ଗଢ଼ିବାର ମୂଳମନ୍ତ୍ର। କାରଣ ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ଫଳରେ କ୍ୟାରିୟରକୁ ମଜଭୁତ କରିବା କଷ୍ଟସାଧ ହୋଇପଡ଼େ। ହେଲେ ଯେକୌଣସି ପରିସ୍ଥିତିରେ ବି ଯଦି ଭାବନା ସକାରାତ୍ମକ ହୁଏ, ତେବେ ତାହା ମଣିଷକୁ ଆଶାବାଦୀ କରିଥାଏ ଏବଂ କଳେବଳେ କୌଶଳେ ସଫଳତା ଦିଗରେ ଆଗେଇଯିବାକୁ ବାଟ ଖୋଜିବାରେ ସାହାଯ୍ୟ କରିଥାଏ।

➤ଶାନ୍ତ ପରିବେଶରେ ରହିବା ଏବଂ ସମସ୍ତ ଆବଶ୍ୟକତା ପୂରଣ ହେବା ଦ୍ୱାରା ମାନସିକ ସ୍ତରରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ। ହେଲେ ସବୁବେଳେ ଏଭଳି ପରିସ୍ଥିତି କିମ୍ବା ପରିବେଶ ମିଳିବା ସହଜ ନୁହେଁ। କିନ୍ତୁ ଯଦି ସକାରାତ୍ମକ ଭାବନା ମନରେ ଥାଏ, ତେବେ ଏହାର ଶକ୍ତି ଏତେ ଅଧିକ, ଯାହାକି ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ।

➤ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦିକୁ ଦୂର କରି ଆଗେଇଯିବାର ସାହସ ଯୋଗାଇଥାଏ। ଯାହାକି ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଅର୍ଥାତ୍ ଆପଣଙ୍କ ବ୍ୟବହାର ଏବଂ ଚିନ୍ତାଧାରାରେ ଅନ୍ୟମାନେ ମଧ୍ୟ ଉପକୃତ ହେଉଥିବାରୁ ଆପଣଙ୍କୁ ସେମାନେ ନିଜର ଆଦର୍ଶ ବା ରୋଲ୍‌ମଡେଲ୍ ଭାବେ ମଧ୍ୟ ଗ୍ରହଣ କରିଥା'ନ୍ତି।

➤ ଯଦି କୌଣସି ପ୍ରକାରର ଭାବନା ବା ଚିନ୍ତା ଆପଣଙ୍କୁ ଆଗକୁ ବଢ଼ିବାକୁ ମାନସିକ ସ୍ତରରେ ପ୍ରତିରୋଧ କରୁଛି, ତେବେ ସର୍ବପ୍ରଥମେ ତାହାକୁ ଦୂର କରନ୍ତୁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ମନରେ ସକାରାତ୍ମକ ଭାବନା ଆଣିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆପଣ ଯୋଗ, ପ୍ରାଣାୟାମ ଆଦି କରିପାରିବେ। ବିଫଳତାରୁ ସଫଳ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବନୀ ପଢ଼ିପାରିବେ। ଏହା ମଧ୍ୟ ଆପଣଙ୍କ ମନୋବଳ ବଢ଼ାଇବ ଏବଂ ସଫଳ ହେବା ଲାଗି ଉତ୍ସାହ ଓ ସକାରାତ୍ମକ ଭାବନା ସଞ୍ଚାର କରିବ।



## କଏନ ଗିଳି ନାବାଳିକା ଗୁରୁତର

**କେନ୍ଦୁଝର,(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡ଼ା ପଞ୍ଚାୟତ ସଲରାପେଣ୍ଟ ଗ୍ରାମର ସୁଲୋଚନା ପେଣ୍ଡେଇ ନାମ୍ନୀ ଜଣେ ନାବାଳିକା ଗତ ଶୁକ୍ରବାର ଦୁଇ ଟଙ୍କିଆ କଏନ ଗିଳି ଦେବାରୁ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ପ୍ରଥମେ କେନ୍ଦୁଝର ପରେ ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ପଠାଯାଇଛି। ତେବେ ଗଳାରେ କଏନ ରହିଯାଇଥିବା କାରଣରୁ ଅସ୍ତ୍ରୋପଚାର କରିବାକୁ ଡାକ୍ତର ପରାମର୍ଶ ଦେଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୫୯,୩୨୦ ଚାଷୀ ପଞ୍ଜୀକୃତ

କେନ୍ଦୁଝର, ୨୮।୮ (ସ୍ୱ.ପ୍ର.): ଧାନ ବିକ୍ରି ପାଇଁ ଚାଷୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ଗତ ଜୁଲାଇ ୧୫ରୁ ପଞ୍ଜୀକରଣ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ସମୟ ସୀମା ରଖାଯାଇଥିଲା। ଚଳିତବର୍ଷ ଚାଷୀଙ୍କ ନାମ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଇଛି। ସମୁଦାୟ ୫୯,୩୨୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବା ଜଣାପଡିଛି। ପ୍ରକାଶ ଯେ କେନ୍ଦୁଝର ଜିଲାରେ ଖରିଫ ଧାନ ବିକ୍ରି ପାଇଁ ରାଜ୍ୟ ସରକାର ନାମ ପଞ୍ଜୀକରଣ ବ୍ୟବସ୍ଥା କରିଥିଲେ। ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଆବେଦନର ଯାଞ୍ଚ କରାଯାଇ ଫାଇନାଲ ଘୋଷଣା ହେବ ବୋଲି ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀ କହିଛନ୍ତି।

### ସାପ କାମୁଡ଼ାରେ ଚାଷୀ ମୃତ

ବାସୁଦେବପୁର,୨୮।୮(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଶାଶୁଭୁଆଶୁଣି ପଞ୍ଚାୟତ ବାଲାଜୀଆଡ଼ିଆ ଗ୍ରାମର ଚାଷୀ ତାରାପଦ ମଣ୍ଡଳ(୫୦)ଙ୍କ ଶନିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ବିଲକୁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଅପମୃତ୍ୟୁ ମାମଲା(ନଂ. ୮/୨୧) ରୁଜୁ କରିଛି।

### ଲୁହାପଥର ବୋଝେଇ ଦୁଇ ଟ୍ରକ୍ ଜବତ

ଯୋଡ଼ା,୨୮।୮(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ି କେଏମ୍‌ସି ରାସ୍ତାରେ ଶନିବାର ପୋଲିସ ଦୁଇଟି ଚୋରା ଲୁହାପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ସୂଚନା ଅନୁଯାୟୀ, ଭୋର ସମୟରେ ୨ଟ୍ରକ୍ କ୍ୟାଲିବରେଟେଡ୍ ଲୁହାପଥର ଚୋରା ଚାଲାଣ କରୁଥିବାବେଳେ ଡିଷ୍ଟ୍ରିକ୍ଟ ଲେବଲ ଟାସ୍କ ଫୋର୍ସ (ଡିଏଲଟିଏଫ) ପକ୍ଷରୁ ଚଢାଉ କରାଯାଇଥିଲା। ୨୦୦୬-୦୯ ପର୍ଯ୍ୟନ୍ତ ବ୍ୟାପକ ଖଣିଜ ଚୋରା କାରବାରକୁ ରୋକିବା ପାଇଁ ପୋଲିସ, ଖଣିବିଭାଗ ଓ ବନବିଭାଗ ମିଳିତଭାବେ ଧରପଗଡ଼ କରି ଲକ୍ଷାଧିକ ମେଟ୍ରିକ ଟନ ଚୋରା ଖଣିଜ ଓ ଦାବିଦାର ନ ଥିବା ଖଣିଜ ଜବତ କରିଥିଲା। ଫଳରେ ଏହି କାରବାର ଉପରେ କିଛିକାଂଶରେ ନିୟନ୍ତ୍ରଣ ହୋଇଥିଲା। ମାତ୍ର ବିଗତ ବର୍ଷ ଭିତରେ ଏହି କାରବାର ବ୍ୟାପକ ହେବାରେ ଲାଗିଲାଣି। ଗତ ଏକ ମାସ ମଧ୍ୟରେ ଯୋଡ଼ା ଖଣିମଣ୍ଡଳରୁ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ଟ୍ରକ ଜବତ ହେଲାଣି।

### ସୁନାଗହଣା ଚୋରି ଘଟଣା: ଅଭିଯୁକ୍ତ ଗିରଫ

ପଦ୍ମପୁର,୨୮।୮ (ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ଥାନା ପୋଲିସ ସୁନାଗହଣା ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ତିହିଡ଼ି ଥାନା ଅଧୀନ ଗାଜିପୁର ଅଞ୍ଚଳର ନିଧିରାମ ଖାମୁରାଇ। ପ୍ରକାଶ ଯେ, ସାବରଙ୍ଗ ଥାନା ଅଧୀନ ସେରପୁର ଗ୍ରାମର ସୀତା ନାୟକଙ୍କ ଘରୁ ଗତ ୪ ତାରିଖରେ ସୁନା ଅଳଙ୍କାର, ମୋବାଇଲ ସହ ନଗଦ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ଏନେଇ ସୀତା ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ରାତିରେ ଏସ୍‌ଆଇ ନିତେଇ ଚରଣ ମହାନ୍ତି, ଯତୀନ୍ଦ୍ର ନାଥ ସିଙ୍ଘ ଓ ଅନ୍ୟ ପୋଲିସ କର୍ମଚାରୀ ଗାଜିପୁର ଅଞ୍ଚଳରୁ ନିଧିରାମଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୧୮୪/୨୧) ରୁଜୁ କରାଯାଇ ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଭାଜପା ବଡ଼ବିଲ ମଣ୍ଡଳ କାର୍ଯ୍ୟକାରିଣୀ

ବଡବିଲ, ୨୮।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଭାଜପା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ନେଇ ଏକ ୧୦ ଦଫା ସମ୍ବଳିତ ରାଜନୈତିକ ଚିଠା ପ୍ରସ୍ତାବ ଗୃହୀତ ହୋଇଥିବା ଜଣାପଡ଼ିଛି। ଉକ୍ତ ଚିଠାରେ ବେରୋଜଗାରୀ ସମସ୍ୟା, ବିପନ୍ନ ସ୍ୱାସ୍ଥ୍ୟ ସେବା, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଅଞ୍ଚଳର ଶୋଚନୀୟ ରାସ୍ତା ଅବସ୍ଥା, ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଆଦି ରହିଛି। ମଣ୍ଡଳ ସଭାପତି ବ୍ରଜକିଶୋର ସାହୁ ଅଧକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ଶର୍ମା ଯୋଗଦେଇ ୨୧ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ରାଜନୀତି ନାମରେ ଠିକାଦାରୀ କରୁଛି ବୋଲି କହିଥିଲେ। ପୂର୍ବତନ ପୌରାଧକ୍ଷ ଦିଲୀପ ମିଶ୍ର, ଜିଲା ଉପସଭାପତି ଦେବପ୍ରସାଦ ମିଶ୍ର, ଉପସଭାନେତ୍ରୀ ସ୍ୱପ୍ନା ସାହୁ, ଉପସଭାପତି ଅଗନୁ ମହାନ୍ତ, ସମ୍ପାଦକ ନୀଳମଣୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ କ୍ଷେତରେ ହାତୀପଲଙ୍କ ଉପଦ୍ରବ

**ବାରିପଦା ଅଫିସ,୨୮।୮**

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଦିନତମାମ ଜଙ୍ଗଲରେ ରହି ଅପରାହ୍ନରେ ଚଳପ୍ରଚଳ କରୁଛନ୍ତି। ଉକ୍ତ ଅଞ୍ଚଳରେ ଥିବା ଧାନ ଓ ପରିବା କ୍ଷେତକୁ ମାଡ଼ି ଫସଲ ନଷ୍ଟ କରିବା ସହ ବ୍ୟାପକ କ୍ଷତି ଘଟାଉଛନ୍ତି। ହାତୀଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ଛାଡ଼ି ଗ୍ରାମ୍ୟ ଜଙ୍ଗଲ ମୁହାଁ ହେଉଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି।

ପ୍ରକାଶ ଯେ, ୧୫ ଦିନ ପୂର୍ବେ ଝାଡ଼ଖଣ୍ଡରୁ ଆସିଥିବା ୨୫ଟିକିଆ ହାତୀପଲ ଦାନ୍ତିଆମୁହାଁ-ଚିତ୍ରଡ଼ା ଅଞ୍ଚଳର ଦୁର୍ଗାପୁର ଜଙ୍ଗଲ ଏବଂ ଶିମିଳିପାଳରୁ ଆସିଥିବା ୧୦ ହାତୀ ନଡ଼ପୁର ଜଙ୍ଗଲରେ ରହୁଛନ୍ତି। ଧାନକ୍ଷେତରେ ହାତୀପଲଙ୍କ ଉପଦ୍ରବ ସହ ଜନବସତି ଆଡ଼କୁ ଚାଲିଆସି ରାଜରାସ୍ତାକୁ ଅବରୋଧ କରୁଥିବା ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେହିପରି ବର୍ଷାଦିନେ ଲୋକେ ଘର ଭିତରେ ଥିବାବେଳେ ହାତୀପଲ ପଶି ଧାନ ଚାଉଳ ଖାଇବା ସହ ନଷ୍ଟ କରୁଛନ୍ତି ବୋଲି ଦୁର୍ଗାପୁର ଅଞ୍ଚଳର ସମୀର ମହାନ୍ତ, କାର୍ତ୍ତିକ ନାଏକ ଓ ଯଦୁନାଥ ସିଂ କହିଛନ୍ତି। ଅନ୍ୟପକ୍ଷେ ହାତୀ ପାଇଁ ବିଦ୍ୟୁତ୍ କାଟ୍ କରାଯାଉଥିବାରୁ ଅନ୍ଧାରରେ ରହିବାକୁ ଲୋକେ ସୁରକ୍ଷିତ ମଣୁ ନ ଥିବା କହିଛନ୍ତି ନଡ଼ପୁର ଅଞ୍ଚଳର ଶ୍ୟାମ ନାୟକ ଓ ଜୟଦେବ ପାତ୍ର। ହାତୀପଲଙ୍କ ଗତିବିଧିକୁ ଲକ୍ଷ୍ୟ କରି ବନ ବିଭାଗ ପକ୍ଷରୁ ଆଗୁଆ ସଚେତନ କରାଯାଉଛି। ତେବେ ବର୍ଷତମାମ ଏହି ଅଞ୍ଚଳରେ ହାତୀଗୁଡ଼ିକ ରହୁଥିବା ବେଳେ ଜଙ୍ଗଲକୁ ଫେରୁନାହାନ୍ତି। ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ପରିବେଶବିତ୍‌ମାନେମତପ୍ରକାଶ କରିଛନ୍ତି।



ନଡ଼ପୁର ଜଙ୍ଗଲରୁ ବାହାରି ଧାନକ୍ଷେତରେ ପଶିଛନ୍ତି ହାତୀପଲ।

# ମା'ଙ୍କ ଅନ୍ତିମସଂସ୍କାର ସାରି ଫେରୁଥିବାବେଳେ ଦୁର୍ଘଟଣା

**ଶିକ୍ଷୟିତ୍ରୀ ମୃତ, ଭଉଣୀଙ୍କ ସମେତ ୨ ଗୁରୁତର**

**ଝୁମ୍ପୁରା, ୨୮।୮(ଡି.ଏନ.ଏ.)**

ପୁରୀ ସ୍ୱର୍ଗଦ୍ୱାରରେ ମା'ଙ୍କ ଅନ୍ତିମସଂସ୍କାର କରି ଫେରୁଥିଲେ ଶିକ୍ଷୟିତ୍ରୀ। ବାଟରେ ଦୁର୍ଘଟଣାରେ ଚାଲିଗଲା ଜୀବନ। କେନ୍ଦୁଝର ଜିଲା ବାରିଆ ଥାନା ଅଧୀନ ବାରିଆ ଗ୍ରାମ ଛକ ନିକଟରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତା ହେଲେ ଚମ୍ପୁଆ ବ୍ଲକ ଜ୍ୟୋତିପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ପ୍ରଧାନ(୫୪)। ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ କାର୍ ଜବତ କରିଛି। ଏନେଇ ବାରିଆ ଥାନାରେ ଏକ ମାମଲା (ନଂ. ୬୫/୨୦୨୧) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ମୃତା ଶିକ୍ଷୟିତ୍ରୀ ପ୍ରଧାନଙ୍କ ମା' କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ମୃତ୍ୟୁ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ମା'ଙ୍କ ଅନ୍ତିମ ସଂସ୍କାର ସାରି ବଡ଼ ଭଉଣୀ ମାୟାମଣୀ ଏବଂ ଅନ୍ୟ ଜଣେ ଶିକ୍ଷକଙ୍କ ସହ ଶୁକ୍ରବାର ରାତିରେ କାର୍‌ରେ ଫେରୁଥିଲେ। ବାରିଆ ଗ୍ରାମ ଛକ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା। ଫଳରେ ମାନସୀଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ଭଉଣୀ ମାୟାମଣୀ ଓ ଉକ୍ତ ଶିକ୍ଷକ ଗୁରୁତର ହୋଇଥିଲେ। ବାରିଆ ପୋଲିସ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ପଠାଇଛି।



ଗଛରେ ପିଟି ହୋଇଥିବା କାର୍।

# ନବୀକରଣ ଶେଷ ପୂର୍ବରୁ ଉଦ୍‌ଘାଟନ

**ପ୍ରଶାସନ ଅଗୋଚରରେ ବଜାର ଆଲୋକୀକରଣ ବ୍ୟବସ୍ଥା**

**କୁଜଙ୍ଗ,୨୮।୮(ଡି.ଏନ୍.ଏ.)**

କୁଜଙ୍ଗ କମ୍ୟୁନିଟି ହଲ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୪ରେ ଉଦ୍‌ଘାଟନ କରିଥିଲେ। ୧୭ ବର୍ଷ ପରେ ଏହି ମଣ୍ଡପକୁ ନବୀକରଣ କରାଯାଇଛି। ତେବେ କାର୍ଯ୍ୟ ଶେଷ ନ ହେବା ପୂର୍ବରୁ ମଣ୍ଡପକୁ ଶନିବାର ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ୧୯୯୯ ମହାବାତ୍ୟାପରେ ରିଲିଫ୍ ଓ ଥଇଥାନ ଯୋଜନାରେ ଟାଟା ଗ୍ରୁପ୍ ପକ୍ଷରୁ କୁଜଙ୍ଗରେ ଏହି କମ୍ୟୁନିଟି ହଲ୍ କମ୍ ଲାଇବ୍ରେରି ଗୃହ ନିର୍ମାଣ କରାଯାଇଥିଲା। ବିବାହ, ବ୍ରତଘର, ସାହିତ୍ୟ ଓ ସଂସ୍କୃତି ସଭା ଭଳି ସାମାଜିକ କାର୍ଯ୍ୟକ୍ରମ ସହ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ପାଠାଗାରକୁ ବ୍ୟବହାର କରି ଜ୍ଞାନ ଆହରଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କମ୍ୟୁନିଟି ହଲ୍ ଓ ଲାଇବ୍ରେରି ବ୍ଲକ ପ୍ରଶାସନ ଅଧୀନରେ ଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅବହେଳିତ ହୋଇଯାଇଥିଲା। ଏବେ ପଞ୍ଚାୟତସ୍ତରୀୟ କଲ୍ୟାଣ ମଣ୍ଡପ ନିର୍ମାଣ ପାଣ୍ଠିକୁ ବିନିଯୋଗ କରି ଏହାକୁ ନବୀକରଣ କରାଯାଇଛି। ଏଥିପାଇଁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। କାର୍ଯ୍ୟ ଶେଷ ହେବା ପୂର୍ବରୁ ଏହାକୁ ଉଦ୍‌ଘାଟନ କରାଯାଇଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି କଟକ ପାରାଦୀପ ରାସ୍ତାର ଯାତ୍ରୀ ବିଶ୍ରାମାଗାର ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ, କୁଜଙ୍ଗ ବଜାରର ଆଲୋକୀକରଣ ବ୍ୟବସ୍ଥା ବହୁ ପୂର୍ବରୁ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ପୁନର୍ବାର ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ସୌର ଶକ୍ତି ପରିଚାଳିତ ଆଲୋକିକରଣ ବ୍ୟବସ୍ଥା ଓ ନୂତନ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଶନିବାର ଉଦ୍‌ଘାଟନ କରାଯାଇଛି। କୁଜଙ୍ଗ ବଜାରରେ ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ସମ୍ପର୍କରେ ବିଡିଓ ଓ ସରପଞ୍ଚ ଅଗୋଚର ଥିବା କହିଥିବାବେଳେ ବିଧାୟକ ସମ୍ବିତ୍ ଉଦ୍‌ଘାଟନ ସଭାରେ ୨୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି ବୋଲି କହିଛନ୍ତି। ଏ ବିଷୟରେ ବିଡିଓ ଅମିୟ କୁମାର ପଣ୍ଡାଙ୍କୁ ପଚରାଯିବାରେ କେଉଁ ଯୋଜନାରୁ ଏହି ଅର୍ଥ ଆସିଛି ଓ କେତେ ଟଙ୍କା ବ୍ୟୟ ଅଟକଳ ହୋଇଛି ସେନେଇ ପ୍ରଶାସନ ନିକଟରେ କୌଣସି ତଥ୍ୟ ନାହିଁ। ବିଧାୟକଙ୍କୁ ପଚାରିଲେ ଜଣାପଡିବ ବୋଲି କହିଛନ୍ତି। ସେହିପରି କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ ମଧ୍ୟ ଏବିଷୟରେ କିଛି ଜାଣି ନାହାନ୍ତି ବୋଲି କହିଥିଲେ। ଏବିଷୟରେ ବିଧାୟକ ରାଉତରାୟଙ୍କୁ ମୋବାଇଲ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର

**ଚମ୍ପୁଆ,୨୮।୮(ଡି.ଏନ.ଏ.)**

ଉପଖଣ୍ଡ ଚିକିତ୍ସାଳୟ ଚମ୍ପୁଆରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନିଯୁକ୍ତି ପାଇଁ ଶନିବାର ଜନସାଧାରଣ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କୁ ଲିଖିତ ଦାବି ଜଣାଇଛନ୍ତି। ସୂଚନା ଅନୁସାରେ ୧୯୧୦ ମସିହାରୁ ସ୍ଥାପିତ ଏହି ପୁରାତନ ଚିକିତ୍ସାଳୟ ଉପରେ ଚମ୍ପୁଆ ସମେତ ମୟୂରଭଞ୍ଜ, ଝାଡ଼ଖଣ୍ଡ ଓ ସୁନ୍ଦରଗଡ଼ର ଲୋକମାନେ ନିର୍ଭର କରି ଆସୁଛନ୍ତି। କିନ୍ତୁ ଏହି ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପ୍ରମୁଖତା ପ୍ରଦାନ କରୁଥିଲେ ମଧ ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ହେବ ଏହି ବିଭାଗ ଡାକ୍ତର ଖାଲି ପଡିଛି। ଫଳରେ ସ୍ତ୍ରୀ ଲୋକ ଜରୁରୀ କାଳୀନ ସେବା ପାଇବାରୁ ବଞ୍ଚିତ ହୋଇ ଜିଲା ଚିକିତ୍ସାଳୟ ଉପରେ ନିର୍ଭର କରିବା ସହିତ ଆର୍ଥିକ ଦୁରାବସ୍ଥାର ସମ୍ମୁଖୀନ ହେବେ। ତେଣୁ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ତୁରନ୍ତ ନିୟମିତ ଡାକ୍ତର ନିଯୁକ୍ତି କରିବାକୁ ଦାବି ହୋଇଛି।

# ଜମି ନାମଜାରିରେ ଚଞ୍ଚକତା ଅଭିଯୋଗ

## ତହସିଲ ଅଫିସ ସମ୍ମୁଖରେ ଅନଶନ ଚେତାବନୀ

**ଭଦ୍ରକ ଅଫିସ, ୨୮।୮**

ଭଦ୍ରକ ତହସିଲରେ ଜମି ନାମଜାରୀ ବେଳେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ତହସିଲ ଅଧୀନ କୁଆଁସ ଗ୍ରାମର ହରି ମଲିକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ, ମଠସାହି ମୌଜାର ତଙ୍କ ଜମିକୁ ତାଙ୍କ ନାମରେ ସେଟେଲମେଣ୍ଟ ପାଇଁ ବାଲେଶ୍ୱର ଅତିରିକ୍ତ କମିଶନର ସେଟେଲମେଣ୍ଟ ଚକବନ୍ଦୀ ବିଭାଗଠାରେ ମକଦ୍ଦମା (ନଂ.୪୭/୨୦୧୬)ରେ ନାମଜାରୀ ଫଇସଲା ନିମନ୍ତେ ଆବେଦନ କରିଥିଲେ। ଅତିରିକ୍ତ କମିଶନର ମଧ୍ୟ ଏହି ଜମିର ଆନୁସଙ୍ଗିକ ରେକର୍ଡ ପତ୍ର ଯାଞ୍ଚ କରି ହରିଙ୍କ ନାମରେ ରେକର୍ଡ ଲାଗି ନିର୍ଦ୍ଦେଶ ଦେଇଥିଲେ। ପରେ ହରି ନାମଜାରୀ ପାଇଁ ଭଦ୍ରକ ତହସିଲ ଅଫିସରେ ମକଦ୍ଦମା (ନଂ.୧୧୪୫/୨୦୨୦)ରେ ଆବେଦନ କରିଥିଲେ। ମାତ୍ର ତହସିଲ କାର୍ଯ୍ୟାଳୟର କର୍ମଚାରୀ ଚଞ୍ଚକତା ପୂର୍ବକ ଉକ୍ତ ଜମିକୁ ଅନ୍ୟ ଜଣଙ୍କ ନାମରେ ରେକର୍ଡ କରାଇଛନ୍ତି। ଏହା ଜାଣିବା ପରେ ସେ ବାରମ୍ବାର ତହସିଲ ଅଫିସକୁ ଯାଇ ନିରାଶ ହୋଇଛନ୍ତି। ମକଦ୍ଦମା (ନଂ. ୪୩୫୪/୨୦୨୧)କୁ ସଂଶୋଧନ କରାଯାଇ ସେ କରିଥିବା ମକଦ୍ଦମା (ନଂ.୧୧୪୫/୨୦୨୦) ମୂଳେ ଫଇସଲା ନ ହେଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ନବକୃଷ୍ଣ ଜେନାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ବାଳାଶ୍ରମ ପରିଦର୍ଶନ



ବାଳାଶ୍ରମ ପରିସରରେ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୨୮।୮**

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଭଦ୍ରକ ଜିଲାର ଐତିହାସିକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିଦର୍ଶନ କରି ଫେରିଛନ୍ତି। ବାଳାଶ୍ରମ ସମ୍ପାଦକ ଅଶୋକ କୁମାର, ଅଧୀକ୍ଷକ ହୃଷୀକେଶ ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଅନ୍ତେବାସୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅଧ୍ୟକ୍ଷା ପ୍ରଧାନ ବାଳାଶ୍ରମ ପରିସରରେ ଥିବା ଗାନ୍ଧୀ ସ୍ମୃତି ମନ୍ଦିର ପରିଦର୍ଶନ କରିବା ସହ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉକ୍ତ ମନ୍ଦିରରେ ସଂରକ୍ଷିତ ହୋଇ ରହିଥିବା ମହାତ୍ମା ଗାନ୍ଧୀଙ୍କ ବ୍ୟବହୃତ ସାମଗ୍ରୀ ଦେଖି ସେ ଅଭିଭୂତ ହୋଇଥିଲେ। ଗାନ୍ଧୀ ବାଳାଶ୍ରମ ପକ୍ଷରୁ ପିଲାମାନଙ୍କୁ ଯୋଗାଇ ଦିଆଯାଇଥିବା ସମସ୍ତ ବ୍ୟବସ୍ଥା ତଦାରଖ କରିବା ସହ ସେ ପିଲାମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

ପରେ ବାଳାଶ୍ରମ ସଭାଗୃହରେ ସଭା ଅନୁଷ୍ଠିତ ହୋଇଥିଲା। ସ୍ମୃତି ମନ୍ଦିର ମଧ୍ୟରେ ଥିବା ଗାନ୍ଧିଜୀଙ୍କ ବ୍ୟବହୃତ ସାମଗ୍ରୀ ସଂରକ୍ଷିତ କରି ରଖିବା ପାଇଁ ଗାନ୍ଧୀ ସର୍କିଟ ନିର୍ମାଣ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ ବାଳାଶ୍ରମର ପିଲାମାନେ ଶିକ୍ଷା, କ୍ରୀଡ଼ା, ସଙ୍ଗୀତ ଆଦି କ୍ଷେତ୍ରରେ କିଭଳି ଅନନ୍ୟ ତାହା ପ୍ରକାଶ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଆଶ୍ରମ ପିଲାମାନେ ପାଠପଢ଼ା, ଶୃଙ୍ଖଳା, ସ୍ୱଚ୍ଛତା ଓ କର୍ମାଭିମୁଖୀ ହୋଇ ସମାଜର ଜଣେ ପ୍ରତିଷ୍ଠିତ ନାଗରିକ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣକୁ ବିରୋଧ

**ପଦ୍ମପୁର, ୨୮।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ଗ୍ରାମରେ ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣକୁ ଅନ୍ନପୂର୍ଣ୍ଣା ବେହେରା ନାମ୍ନୀ ମହିଳଙ୍କ ସମେତ ପରିବାର ଲୋକେ ବିରୋଧ କରିଛନ୍ତି। ଏ ନେଇ ତହସିଲଦାର ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ସହ ସମାଧାନ କରା ନ ଗଲେ ପରିବାର ଲୋକେ ବ୍ଲକ କାର୍ଯ୍ୟାଳୟଠାରେ ଧାରଣାରେ ବସିବେ ବୋଲି କୁହାଯାଇଛି। କିସ୍ମତ କୃଷ୍ଣପୁର ମୌଜାରେ ଅନ୍ନପୂର୍ଣ୍ଣାଙ୍କର ଥିବା ଜମି ଉପରେ ଯାସ୍ ପ୍ରଭାବିତ କଂକ୍ରିଟ ରାସ୍ତା ନିର୍ମାଣ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ହୋଇ କାମ ଚାଲିଛି। ଏଥିପାଇଁ ତାଙ୍କ ସହମତିନିଆଯାଇ ନ ଥିବା ଅଭିଯୋଗ କରି ଅନ୍ନପୂର୍ଣ୍ଣା ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରଣବ ବେହେରାଙ୍କୁ ପଚାରିବାରୁ କାର୍ଯ୍ୟାଦେଶ ଦିଆଯାଇ ନ ଥିବା ପ୍ରକାଶ କରିଥିବା ବେଳେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ଅପହୃତ ଯୁବତୀ ଉଦ୍ଧାର

**ଚାନ୍ଦବାଲି, ୨୮।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ଅପହୃତା ଯୁବତୀଙ୍କୁ ପୋଲିସ ଶନିବାର ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ଗତ ୧୯ ତାରିଖ ସକାଳେ ଯୁବତୀ ଜଣଙ୍କ ଟିଉସନକୁ ଯାଇ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ସେ ନ ମିଳିବାରୁ ଝିଅକୁ ଅପହରଣ କରାଯାଇଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଜଣେ ଯୁବକ ତାଙ୍କ ଝିଅକୁ ପୂର୍ବରୁ ବିଭିନ୍ନ ସମୟରେ ହଇରାଣ କରୁଥିଲେ ବୋଲି ସେ ଦର୍ଶାଇଥିଲେ। ପୋଲିସ ମାମଲା ରୁଜୁ କରିଥିଲା। ଯୁବତୀଙ୍କ ପରିବାର ଲୋକେ ୮ଦିନ ହେଲା ଥାନାକୁ ଦୌଡୁଥିଲେ ମଧ ଝିଅର କୌଣସି ସନ୍ଧାନ ପାଇପାରି ନ ଥିଲେ। ଏବେ ମହୁଲିଆ ଛକ ନିକଟରେ ଏକ ସିମେଣ୍ଟ ଦୋକାନ ସିସିଟିଭି ଫୁଟେଜରୁ ରାସ୍ତା ମଝିରୁ ଛାତ୍ରୀଙ୍କୁ ଏକ ଇଣ୍ଡିଗୋରେ ଅପହରଣ କରି ନିଆଯାଇଥିବା ଦେଖି ଉଦ୍ଧାର ପାଇଁ ପରିବାର ଲୋକେ ପୋଲିସକୁ ନିବେଦନ କରିଥିଲେ। ଶନିବାର ଯୁବତୀ ମିଳିବା ପରେ ପ୍ରାଥମିକ ତଦନ୍ତରୁ ଏହା ଏକ ପ୍ରେମବ୍ୟାପାର ବୋଲି ପୋଲିସ ଜାଣିବାକୁ ପାଇଛି।

# ଶ୍ରେଷ୍ଠ କରଦାତା କିଶୋର ସମ୍ବର୍ଦ୍ଧିତ

**ଭଦ୍ରକ ଅଫିସ, ୨୮।୮**

୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ଅବସରରେ ଆଜାଦି କା ଜାନ୍ ଉତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରତି ଜିଲାରେ ଶ୍ରେଷ୍ଠ କରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯାଉଛି। ଭଦ୍ରକ ଜିଲାର ଆୟକର କାର୍ଯ୍ୟାଳୟରେ ଆୟକର ଅଧିକାରୀ ହେମନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ଶିଳ୍ପପତି କିଶୋର କୁମାର ମହାପାତ୍ରଙ୍କୁ ଭଦ୍ରକର ଶ୍ରେଷ୍ଠ କରଦାତା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅବସରପ୍ରାପ୍ତ ଆୟକର ଅଧିକାରୀ କୃଷ୍ଣଚନ୍ଦ୍ର ବାରିକଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଆୟକର ନିରୀକ୍ଷକ ରାଜେନ୍ଦ୍ର କୁମାର ଜେନା, ବରିଷ୍ଠ କର ସହାୟକ ଅନିଲ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ଅନ୍ୟତମ ଶିଳ୍ପପତି ଶେଖର କୁମାର ମହାପାତ୍ର, ଶହୀଦ ଭଗତ ସେନା ଆବାହକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନିୟନ୍ତ୍ରିତ ବଜାର କମିଟି ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱ

**କରଞ୍ଜିଆ,୨୮।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ନିୟନ୍ତ୍ରିତ ବଜାର କମିଟି ପରିଚାଳନା ପରିଷଦର ବୈଠକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତଥା ଉପଜିଲାପାଳ ଡ. ରଜନୀକାନ୍ତ ବିଶାଳ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଗତବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ମୁଖ୍ୟଅତିଥି ଭାବେ କରଞ୍ଜିଆ ତହସିଲଦାର ସ୍ମୃତିରଞ୍ଜନ ସାହୁ ଯୋଗ ଦେଇଥିଲେ। ଉପାଧ୍ୟକ୍ଷ ଦିଲୀପ ସାହୁ, ସଭ୍ୟ ଗିରିଧାରୀ ପୃଷ୍ଟି, ଭୁବନ ବିହାରୀ ସାହୁ, କୃପାସିନ୍ଧୁ ମହାନ୍ତ, ମଞ୍ଜୁ ଦାସ ଅଧିକାରୀ, ବିନୋଦ ସାହୁ, କେସନୀ ଭୋଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କମିଟିର ବିଭିନ୍ନ ଉନ୍ନୟନ କାର୍ଯ୍ୟ, ନୂତନ ଦୋକାନ ଓ ଗୋଦାମ ଗୃହ ନିର୍ମାଣ ଆଦି କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ସେମାନେ ଉପାଧ୍ୟକ୍ଷ ସାହୁଙ୍କୁ ଅନୁରୋଧ କରିଥିଲେ। ସରକାରୀ ଜମି ଅଧିଗ୍ରହଣ ପାଇଁ ତହସିଲଦାରଙ୍କୁ ଅନୁରୋଧ କରାଯାଇଥିଲା। ସମ୍ପାଦକ ଯଦୁମଣି ନାଏକ ବୈଠକ ପରିଚାଳନା କରିଥିଲେ।

# ଘର ଉପରେ ପଡ଼ିଲା ପୁରାତନ ଗଛ

**ପାଟଣା,୨୮।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ଗ୍ରାମର ନାଏକ ସାହିର ପ୍ରଦୀପ ଦାସଙ୍କ ଖପର ଘର ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଘର ଦାଣ୍ଡରେ ଥିବା ଏକ ବିରାଟ ବଉଳ ଗଛ ଉପୁଡି ଘର ଉପରେ ପଡିଯିବାରୁ ତାଙ୍କର ଦୁଇ ବଖରା ଘର ଭାଙ୍ଗି ଯାଇଛି। ଏହି ସମୟ ରେ ଘରେ ଶୋଇଥିବା ଥିବା ପ୍ରଦୀପଙ୍କ ସ୍ତ୍ରୀ ଓ ଦୁଇ ଶିଶୁ ଆସନ୍ନ ବିପତ୍ତିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଶନିବାର ଘଟଣା ସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ଘର ଉପରୁ ଗଛକୁ କାଟି ସଫା କରୁଛି।

# ପଲିଥିନ ତଳେ ବିତୁଛି ଜୀବନ

**ପାଟଣା,୨୮।୮(ସ୍ୱ.ପ୍ର)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କ କଲ୍ୟାଣ ପାଇଁ ରାଜକୋଷରୁ ବହୁ ଅର୍ଥ ବ୍ୟୟ ବରାଦ କରି ମାଳ ମାଳ ଗରିବ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଥିବା ବେଳେ ସ୍ଥଳ ବିଶେଷରେ ଯୋଗ୍ୟ ହିତାଧିକାରି ଏହି ଯୋଜନାରୁ ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି।

ଏଭଳି ଏକ ଘଟଣା କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡା ବ୍ଲକ ମହୁଦୀପା ଗାଁ ମାଙ୍କଡ଼ଡିହା ସାହିରେ ଦେଖିବାକୁ ମିଳିଛି। ଗ୍ରାମର ବସନ୍ତ ମୁଣ୍ଡା ଖୋଲା ଆକଶ ତଳେ ୫ପ୍ରାଣୀ କୁଟୁମ୍ବକୁ ନେଇ ଜୀବନ ବଞ୍ଚୁଥିବା ଦେଖିବାକୁ ମିଳିଛି। ଘର କହିଲେ ଚାରିପଟେ କିଛି ବାଉଁଶ ଖୁଣ୍ଟ ଆଉ ଝଟାରେ ବାଡ଼ ବୁଜା ହୋଇ ଏକ ଛିଣ୍ଡା ପଲିଥିନ ଟଣା ହୋଇଛି। ସେହି ଘରେ ବସନ୍ତ, ସ୍ତ୍ରୀ ବେଲ ମୁଣ୍ଡା ଆଉ ଛୁଆଙ୍କୁ ଧରି ଗତ ୨ବର୍ଷ ହେବ ଏଭଳି ଭାଗ୍ୟକୁ ଆଦରି ଖରା ବର୍ଷା ଆଉ ଶୀତରେ ଦିନ କାଟୁଛନ୍ତି। ବସନ୍ତ



ଘର ଆଗରେ ଦମ୍ପତି।

**ବାଟ ହୁଡ଼ିଛି ଆବାସ ଯୋଜନା**

ଆବାସ ଯୋଜନାରୁ ଘର ଖଣ୍ଡେ ପାଇବା ପାଇଁ ଲୋକପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିବା ପରେ ବି ତାଙ୍କୁ ଘର ଖଣ୍ଡିଏ ଉପଲବ୍ଧ ହୋଇ ପାରି ନାହିଁ। ଗାଁରେ କାମ ଅଭାବ ଥିବା ବେଳେ ଦିନ ମଜୁରିଆ ଭାବେ ବସନ୍ତ ଓ ସ୍ତ୍ରୀ ବେଲ ଯାହା ରୋଜଗାର କରନ୍ତି ସେଥିରେ ପରିବାର ପ୍ରତି ପୋଷଣ କରିବା କଷ୍ଟକର। ଘର କରିବା ପାଇଁ ତାଙ୍କ ପାଖରେ ପଇସା ନାହିଁ ବୋଲି ସେ କହଇଚନ୍ତି। ସୂଚନା ଅନୁଯାୟୀ ୨ବର୍ଷ ତଳେ ଝଡ ବର୍ଷାରେ ବସନ୍ତଙ୍କ ୨ବଖରା ଚାଳ ଛପର ମାଟି କାନ୍ଥ ଘର ଭାଙ୍ଗି ମାଟିରେ ମିଶି ଯାଇଥିଲା। ସେବେଠାରୁ ପଲିଥିନ ତଳେ। ସରକାରୀ ସହାୟତାରେ ତାଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ଘରଟିଏ ବ୍ୟବସ୍ଥା କଲେ ଭଲ ହୁଅନ୍ତା ବୋଲି ବସନ୍ତ ନିବେଦନ କରିଛନ୍ତି।

## ୨ ପ୍ରିମିୟମ ସ୍ମାର୍ଟଫୋନ ଆଣିଲା ମୋଟୋରୋଲା

ମୋଟୋରାଲା ପକ୍ଷରୁ ଏହାର ପ୍ରିମିୟମ ସ୍ମାର୍ଟଫୋନ ଏଜ୍ ୨୦ ଏବଂ ଏଜ୍ ୨୦ ଫ୍ୟୁଜନର ଶୁଭାରମ୍ଭ କରାଯାଇଛି । ଭାରତରେ ପ୍ରସ୍ତୁତ ଏହି ଏଜ୍ ପ୍ରଡକ୍ଟ ଫ୍ୟୁଚର ରେଡି ପ୍ରଯୁକ୍ତି ଏବଂ ଶକ୍ତିଶାଳୀ ବୈଶିଷ୍ଟ୍ୟ ସହିତ ପ୍ରସ୍ତୁତ । ଏହି ଡିଭାଇସ୍ ସ୍ଲିକ୍ ଏବଂ ପ୍ରିମିୟମ ଡିଜାଇନ, ଶକ୍ତିଶାଳୀ ପ୍ରୋସେସର, ୧୦୮ ଏମ୍‌ପି କ୍ୟାମେରା, ଦ୍ରୁତ ରିଫ୍ରେସରେଟ, ୧୦ ବିଟ୍ ଆମୋଲେଡ ଡିସ୍‌ପ୍ଲେ, ୧୩୫ ଜି ପର୍ଯ୍ୟନ୍ତ ବ୍ୟାଣ୍ଡ ସହାୟତା ଏବଂ ରେଡି ଫର୍ ସଫ୍ଟୱେର ପ୍ଲାଟ୍‌ଫର୍ମ ମାଧମରେ ଅତ୍ୟାଧୁନିକ ଇନୋଭେଶନ ପାଇଁ ପ୍ରସ୍ତୁତ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

**ସଂକ୍ଷେପରେ**

### ସୋନିର ନୂତନ ବ୍ରାଭିଆ

**ଭୁବନେଶ୍ୱର,୨୮।୮:** ସୋନି ଇଣ୍ଡିଆ ଗ୍ରାହକଙ୍କୁ ଦୁଇଟି ବଡ଼ ସ୍କ୍ରିନ୍ ଟିଭିର ଘୋଷଣା କରିଛି। ଏହି ନୂତନ ବ୍ରାଭିଆ ଏକ୍ସଆର୍ ୭୭ଏ୮୦ଜେ ଏବଂ ୮୫ଏକ୍ସ୮୫ଜେ ମଡେଲକୁ ବଜାର ପ୍ରବେଶ ସହ ଭିନ୍ନ ଧରଣର ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ କରିଛି। ଏହି ଦୁଇଟି ବଡ଼ ସ୍କ୍ରିନ୍ ଥିବା ଟେଲିଭିଜନ ଗୁଗଲ୍ ଟିଭି ସହିତ ପ୍ରଥମ ଶ୍ରେଣୀ ପିକ୍ଚର କ୍ୱାଲିଟି, ଜୀବନ୍ତ ରଙ୍ଗ ଶେଡ୍ ଏବଂ ଅସୀମିତ ମନୋରଞ୍ଜନ ବିକଳ୍ପଗୁଡ଼ିକୁ ଏଥିରେ ସାମିଲ କରାଇଛି। ଉଭୟ ଟିଭିରେ ଏଚ୍‌ଡିଏମ୍‌ଆଇ ୨.୧, ୪କେ୧୨୦, ଏଏଲ୍‌ଏଲ୍‌ଏମ୍ ଓ ଭିଆର୍‌ଆର୍ ପରି ସର୍ବୋଚ୍ଚ ଭାବରେ ଖେଳ ଖେଳିବା କ୍ଷମତା ସହିତ ଆସିଛି। ଡଲ୍‌ବି ଭିଜନ୍, ଡଲ୍‌ବି ଆଟମସ୍, ଆଇଏମ୍‌ଏଏକ୍ସ ବର୍ଦ୍ଧିତ ଟେକ୍ନୋଲୋଜି ସହିତ ପରିବେଶ ଅନୁକୂଳ ଗୁଣାତ୍ମକ ଆନନ୍ଦ ନିଅନ୍ତୁ। ଉଭୟ ଟିଭି ହେଉଛି ଗୁଗଲ୍ ଟିଭି, ଆପଲ୍ ଏୟାରପ୍ଲେ ୨, ହୋମ୍‌କିଟ୍ ଏବଂ ହ୍ୟାଣ୍ଡସଫ୍ରି ଭଏସ୍ ସର୍ଚ୍ଚ ସହିତ ଏକ ସମ୍ପୂର୍ଣ୍ଣ ସ୍ମାର୍ଟ ହୋମ୍ ମନୋରଞ୍ଜନ ପ୍ୟାକେଜ୍। ଏହାର ଏକ୍ସଆର୍ ୭୭ଏ୮୦ଜେ ଓଏଲ୍‌ଇଡି ଟିଭି କ୍ରୟକୁ ଆକର୍ଷଣ କରିବା ପାଇଁ ସୋନି ମଧ ଏକ ପ୍ରି ବୁକିଂ ଅଫର ଘୋଷଣା କରିଛି।

### ପିଏନ୍‌ବି ପକ୍ଷରୁ ଡିଜିଟାଲ ସାକ୍ଷରତା ଦିବସ

**ଭୁବନେଶ୍ୱର,୨୮।୮:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି),ଭୁବନେଶ୍ୱର ପକ୍ଷରୁ ଡିଜିଟାଲ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଡିଜିଟାଲ କାରବାରରେ ବୃଦ୍ଧି ନିମନ୍ତେ ଗ୍ରାହକମାନଙ୍କୁ ସଚେତନ କରାଇବା ଏବଂ ସାଇବର ଠକାମିରୁ କିପରି ନିଜକୁ ସୁରକ୍ଷିତ ରଖିବା ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭରଦ୍ୱାଜ ସମ୍ବଲପୁରରେ ଆୟୋଜିତ ଏକ ଗ୍ରାହକ ସମ୍ମିଳନୀରେ ଉଦ୍‌ବୋଧନ ଦେବା ସହ ସର୍କଲ ମୁଖ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଡିଜିଟାଲ କାରବାରର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିବା ସହ ବ୍ୟାଙ୍କର ବିଭିନ୍ନ ଡିଜିଟାଲ ଉତ୍ପାଦ ସମ୍ପର୍କରେ ସେ ଆଲୋଚନା କରିଥିଲେ।

# ଜନଧନ ଯୋଜନାକୁ ୭ବର୍ଷ

**ମିଳିବ ବୀମା ସୁବିଧା**

**୪୩.୦୪ କୋଟି ଖାତାରେ ୧.୪୬ ଲକ୍ଷ କୋଟି ଟଙ୍କା ଜମା**




ଭୁବନେଶ୍ୱର,୨୮।୮

ଦେଶର ଆର୍ଥିକ ଗତିକୁ ଦ୍ରୁତ କରିବା ପାଇଁ ବ୍ୟାଙ୍କିଙ୍ଗ୍ କାରବାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ହେଲେ ସ୍ୱାଧୀନତାର ୬୮ ବର୍ଷ ପରେ ମଧ ଦେଶର ଅନେକ ରାଜ୍ୟ ଓ ଲୋକଙ୍କ ନିକଟରେ ବ୍ୟାଙ୍କ ଖାତା ନ ଥିବା ମୋଦି ତାଙ୍କ ପାଳିର ପ୍ରଥମ (୨୦୧୪ ଅଗଷ୍ଟ ୧୫) ସ୍ୱାଧୀନତା ଅଭିଭାଷଣରେ କହିଥିଲେ। ଏହିପରିପ୍ରେକ୍ଷୀରେ ସେ ସମଗ୍ର ଦେଶବାସୀ ବିଶେଷକରି ମହିଳାମାନଙ୍କ ପାଇଁ ବ୍ୟାଙ୍କ ଖାତା ଖୋଲିବାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ। ଅଗଷ୍ଟ ୧୫ରେ ଘୋଷଣା କରାଯାଇଥିବା 'ପ୍ରଧାନମନ୍ତ୍ରୀ ଜନଧନ ଯୋଜନା' ସେହି ମାସ ୨୮ ତାରିଖରୁ ସାରା ଦେଶରେ ଲାଗୁ କରାଯାଇଥିଲା। ୨୦୧୪ରୁ ୨୦୨୧ ଏହି ୭ବର୍ଷ ମଧ୍ୟରେ ଅନେକ କିଛି ସୁବିଧା ଓ ସହାୟତା ଖାତାଧାରୀଙ୍କୁ ମିଳିଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍‌ଜେଡିୱାଇ) ଆଧାରରେ ବ୍ୟାଙ୍କ ଖାତାଧାରୀଙ୍କ ସଂଖ୍ୟା ୪୩ କୋଟିରୁ ଉର୍ଦ୍ଧ୍ୱ ରହିଛି। ଏହି ସବୁ ଖାତାରେ ମୋଟ ଜମା ରାଶି ୧.୪୬ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଥିବା ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନର ଯୋଜନାକୁ ଶନିବାର ୭ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମଧ ଖୁସି ବ୍ୟକ୍ତ କରିଛନ୍ତି। ସେ ଦେଶର ଜନତାଙ୍କୁ ଖୁବ୍ ଶୀଘ୍ର ଏକ ବଡ ଉପହାର ଦେବାକୁ ଯାଉଛନ୍ତି ବୋଲି ଜଣାପଡିଛି। ଏ ନେଇ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। କେନ୍ଦ୍ର ସରକାର ଜନଧନ ଯୋଜନାର ଖାତାଧାରୀଙ୍କୁ ଜୀବନ ବୀମା ଓ ଦୁର୍ଘଟଣାବୀମା କଭର ଦେବା ଉପରେ ବିଚାର କରୁଛନ୍ତି ବୋଲି ସୂଚନା ମିଳିଛି। ସେହିଭଳି ଏହି ଯୋଜନାରେ ସରକାର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଆଧାରରେ ଜନଧନ ଖାତାଧାରୀଙ୍କୁ ବୀମାରେ ଅନ୍ତର୍ଭୁକ୍ତ କରିବାକୁ ଯୋଜନା କରୁଛନ୍ତି। ଏ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଏକ ପ୍ରେସ୍ ବିବୃତି ଜରିଆରେ ସୂଚନା ଦିଆଯାଇଛି। ସରକାରଙ୍କ ଏହି ପଦକ୍ଷେପ ଫଳରେ ୪୩ କୋଟି ଜନଧନ ଖାତାଧାରୀ ବେଶ୍ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏ ନେଇ ମଧ ଆଗୁଆ ବିଭିନ୍ନ ବ୍ୟାଙ୍କକୁ ସୂଚାଇ ଦିଆଯାଇଛି ବୋଲି ଜଣାପଡିଛି। ଏହି ଯୋଜନାରେ ପ୍ରଥମ ବର୍ଷ ୧୭.୯୦ କୋଟି ଖାତା ଖୋଲାହୋଇଥିଲା, ଯାହା ବର୍ତ୍ତମାନ ୪୩.୦୪ କୋଟିରେ ପହଞ୍ଚିଛି ବୋଲି ସୂଚନା ମିଳିଛି। ବିଶେଷକରି ଏହି ସଂଖ୍ୟାର ପ୍ରାୟ ୫୫.୪୭% ମହିଳା ଖାତାଧାରୀ ଥିବାବେଳେ ୬୬.୬୯% ଗ୍ରାମୀଣ ଓ ଅର୍ଦ୍ଧସରାଞ୍ଚଳର ଖାତାଧାରୀ ରହିଛନ୍ତି। ସେହିଭଳି ଏହି ଯୋଜନା ଅଧୀନରେ ୩୧.୨୩ କୋଟି ରୁପେ କାର୍ଡ ଖାତାଧାରୀଙ୍କୁ ବ୍ୟାଙ୍କ ପକ୍ଷରୁ ବଣ୍ଟନ କରାଯାଇଛି।

## ଓଏସ୍‌ଏଚ୍‌ବି ଅଧକ୍ଷଙ୍କ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ



ଭୁବନେଶ୍ୱର,୨୮।୮

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ଓଏସ୍‌ଏଚ୍‌ବି)ର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର କୋରାପୁଟ,ରାୟଗଡ଼ା ଓ ମାଲକାନଗିରି ଜିଲାକୁ ଗସ୍ତକରି ସଂସ୍ଥାର ବିଭିନ୍ନ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ସଂସ୍ଥାର ନୂତନ ପ୍ରକଳ୍ପ ପାଇଁ ଚାହିଦା ଥିବା ସ୍ଥାନଗୁଡ଼ିକର ସ୍ଥିତି ନିରୀକ୍ଷଣ ମଧ କରିଥିଲେ। ସେଥି ମଧ୍ୟରୁ କୋରାପୁଟ ରେଳଷ୍ଟେଶନ ନିକଟସ୍ଥ ଡାଙ୍ଗଦେଉଳ ମୌଜାରେ ଥିବା ୧୬ ଏକର ସରକାରୀ ଜମିକୁ ପ୍ରାଥମିକତା ଦେଇ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହ ଏ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସମୟରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲ, ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ ପ୍ରମୁଖ ତାଙ୍କ ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଅତିରିକ୍ତ ତହସିଲଦାର, ରାଜସ୍ୱ ସୁପରଭାଇଜର ଓ ଅନ୍ୟ କର୍ମଚାରୀମାନଙ୍କ ସହ ଯାଇ ଜମି ଚିହ୍ନଟ କରିଥିଲେ। ସେହିପରି କୋରାପୁଟର ଜୟପୁରଠାରେ ମଧ ଅନ୍ୟ ଏକ ପ୍ରକଳ୍ପ ପାଇଁ ସଂସ୍ଥା ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ଜଣାପଡିଛି। ଅପରପକ୍ଷରେ ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାପାଳଙ୍କ ସହ ଅଧକ୍ଷ ଆଲୋଚନା କରିଥିଲେ। ଏହି ଦୁଇ ଜିଲ୍ଲାରେ ରାଜ୍ୟ ଗୃହନିର୍ମାଣ ସଂସ୍ଥା ଯେପରି ନୂତନ ପ୍ରକଳ୍ପ କାର୍ଯ୍ୟ ଶେଷକରି ଜନସାଧାରଣଙ୍କୁ ସୁଲଭ ମୂଲ୍ୟ ଓ ଦ୍ୱନ୍ଦ୍ୱ ମୁକ୍ତ ଗୃହ ଯୋଗାଇ ଦେଇପାରିବ୍ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

## ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ

ଭୁବନେଶ୍ୱର,୨୮।୮




ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ)ର ଭୁବନେଶ୍ୱର ପକ୍ଷରୁ ଚଳିତ ବର୍ଷ ଏହାର ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି । ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ମହାପ୍ରବନ୍ଧକ ତଥା ଅଧକ୍ଷ,ନରାକାସ(ବ୍ୟାଙ୍କ) ବିଦ୍ୟାକୃଷ୍ଣନ ଭୁବନେଶ୍ୱର ମଣ୍ଡଳଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସରକାର, ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗର ପ୍ରତିନିଧି ନିର୍ମଳ କୁମାର ଦୁବେ, ସହାୟକ ନିର୍ଦ୍ଦେଶକ(କାର୍ଯ୍ୟାନ୍ୱୟନ), ଅନୁପ କୁମାର ସିହ୍ନା, ମଣ୍ଡଳ ବିକାଶ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଉପସ୍ଥିତିରେ ଗୁଗଲ ମିଟ୍ ମାଧମରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ) ଭୁବନେଶ୍ୱରର ୫୦ତମ ଅର୍ଦ୍ଧବାର୍ଷିକ ଇ-ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ହୃଦାନନ୍ଦ ପଣ୍ଡା, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସି. ଉଦୟ ଭାସ୍କର, ଭୁବନେଶ୍ୱରସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ୪୫ ସଦସ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାକୃଷ୍ଣନ କହିଥିଲେ, ସ୍ୱାଧୀନତାର ଉକ୍ତ ଅମୃତ ମହୋତ୍ସବ ଅବସରରେ ସମସ୍ତ ସଦସ୍ୟ ନିଜ କାର୍ଯ୍ୟାଳୟରେ ହିନ୍ଦୀ ତଥା କ୍ଷେତ୍ରୀୟ ଭାଷାର ଅଧିକ ପ୍ରୟୋଗ କରନ୍ତୁ। ସେହିପରି ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ହୃଦାନନ୍ଦ ପଣ୍ଡା କହିଥିଲେ, ରାଜଭାଷା ନୀତିର କାର୍ଯ୍ୟାନ୍ୱୟନ ମାର୍ଗରେ ଆସୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଂଯୁକ୍ତ ପ୍ରୟାସ କରିବା ଉଚିତ। ଗ୍ରାହକମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ବ୍ୟାଙ୍କଗୁଡ଼ିକ ପାଇଁ ହିନ୍ଦୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ରୌପ୍ୟ ଜୟନ୍ତୀ ଅବସରରେ ହିନ୍ଦୀର ପ୍ରଚାରପ୍ରସାର ପାଇଁ ସମିତି ଦ୍ୱାରା ୫୦ କାର୍ଯ୍ୟକ୍ରମ କରିବାର ନିଷ୍ପତ୍ତି ନିଆଯାଇଛି।

## ଟିପିସିଓଡିଏଲ୍ ପକ୍ଷରୁ ବର୍ଷକରେ ୪୭% ଟ୍ରିପିଙ୍ଗ ହ୍ରାସ

ନୂଆଦିଲ୍ଲୀ,୨୮।୮

ଟାଟାପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟାଟାପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ରାଜ୍ୟରେ ବିଦ୍ୟୁତ୍ ଟ୍ରିପିଙ୍ଗ ହ୍ରାସରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳ ସ୍ୱରୂପ ସ୍ୱଳ୍ପ ଅବଧି ମଧ୍ୟରେ ଏହା ପ୍ରାୟ ୪୭% ହ୍ରାସ ପାଇଛି। ୨୦୨୦ଜୁନ୍ ପହିଲାରେ ଶୁଭାରମ୍ଭ ହେବା ଦିନଠାରୁ ଟିପିସିଓଡିଏଲ୍ ପକ୍ଷରୁ ଏହାର ୩୦,୦୦୦ ବର୍ଗ କିଲୋମିଟର ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ଥିବା ୨୭ ଲକ୍ଷ ଗ୍ରାହକଙ୍କୁ ସୁରକ୍ଷିତ, ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଲାଗି ସଂଖ୍ୟାଧିକ ପଦକ୍ଷେପ ଗ୍ରହଣ କରାଯାଇଛି।

## ଫିଟ୍‌ଜୀର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୮

FIITJEE

କରୋନା ସମୟରେ ଦେଶର ପ୍ରମୁଖ ଆଇଆଇଟି କୋଚିଂ ଅନୁଷ୍ଠାନ ଫିଟ୍‌ଜୀ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରଙ୍କୁ ସହଯୋଗ ଯୋଗାଇ ଦେଉଛି। ସାମାଜିକ ଦାୟିତ୍ୱବୋଧ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଦୋହରାଇ ଅନୁଷ୍ଠାନ ପକ୍ଷରୁ ମହାମାରୀରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଜାରି ରଖିବା ଲାଗି ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ମହାମାରୀ ସମୟରେ ଜଣେ କିମ୍ବା ଦୁଇ ଜଣ ଅଭିଭାବକଙ୍କୁ ହରାଇଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ଫି' ଛାଡ଼ ଓ କୋଭିଡ୍ ସ୍କଲାରଶିପ୍ ଭଳି ସୁବିଧା ପ୍ରଦାନ କରୁଛି। ଫିଟ୍‌ଜୀର ଏହି କୋଭିଡ୍ ନୀତି ଅନୁଯାୟୀ ଅନୁଷ୍ଠାନରେ ନାମ ଲେଖାଇଥିବା କୌଣସି ଛାତ୍ରୀଛାତ୍ରଙ୍କର ଯଦି ପରିବାରର କେହି ଆୟକାରୀ ସଦସ୍ୟଙ୍କୁ ହରାଇଥିବେ ତେବେ ଉକ୍ତ ଛାତ୍ରଙ୍କ ଟ୍ୟୁଶନ ଫି, ପାଠ୍ୟ ଉପକରଣ ଫି, ଟେଷ୍ଟ ସିରିଜ୍ ଫି ୧୦୦% ପର୍ଯ୍ୟନ୍ତ ଛାଡ଼ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସେହିଭଳି ଉଭୟ ଅଭିଭାବକଙ୍କୁ ହରାଇଥିବା କୌଣସି ଛାତ୍ରୀ କିମ୍ବା ଛାତ୍ର ଯଦି ନୂତନ ଭାବେ ଫିଟ୍‌ଜୀରେ ନାମ ଲେଖାଇବାକୁ ଚାହୁଁଥିବେ ତାଙ୍କୁ ମଧ ଏହିସବୁ ଫି ଉପରେ ୧୦୦% ପର୍ଯ୍ୟନ୍ତ ଛାଡ଼ ସୁବିଧା ମିଳିବ ବୋଲି ସୂଚନା ଦିଆଯାଇଛି।

**ଫୁର୍ସତ୍**

## ବିବାହ କରିବେ ଶ୍ରଦ୍ଧା



ଶ୍ରଦ୍ଧା କପୁର

**ମୁମ୍ବାଇ:** ବଲିଉଡ୍‌ରେ ଏବେ ଗୋଟିଏ ପରେ ଗୋଟିଏ ତାରକା ଏବେ ବାନ୍ଧି ହେଉଛନ୍ତି ବିବାହ ବନ୍ଧନରେ। ଏବେ ଏହି ତାଲିକାରେ ସାମିଲ ହୋଇଛନ୍ତି ନାୟିକା ଶ୍ରଦ୍ଧା କପୁର । ସେ ଖୁବ୍‌ଶୀଘ୍ର ବିବାହ କରିବେ ବୋଲି ଆଲୋଚନା ହେଉଛି । ନିଜ ପର୍ସନାଲ ଲାଇଫକୁ ସବୁବେଳେ ସିକ୍ରେଟ ରଖୁଥିବା ଶ୍ରଦ୍ଧା କିନ୍ତୁ କୌଣସି ନା କୌଣସି କାରଣ ପାଇଁ ଅଧିକାଂଶ ସମୟ ଆସିଯାଇଥାଆନ୍ତି ଚର୍ଚ୍ଚାକୁ । ଶ୍ରଦ୍ଧା କୁଆଡେ ଫେମଶ ଫଟୋଗ୍ରାଫର ରୋହନ ଶ୍ରେଷ୍ଠାଙ୍କୁ ବିବାହ କରିବେ ବୋଲି କୁହାଯାଉଛି । ନିକଟରେ ଏକ ସାକ୍ଷାତକାରରେ ତାଙ୍କ ସମ୍ପର୍କୀୟ ଭାଇ ପ୍ରିୟାଙ୍କ ଶର୍ମା ଓ ମାଉସୀ ପଦ୍ମିନୀ କୋହ୍ଲାପୁରରେ ଶ୍ରଦ୍ଧାଙ୍କ ବିବାହକୁ ନେଇ କଥା ହୋଇଛନ୍ତି । ପ୍ରିୟାଙ୍କ କହିଛନ୍ତି ଶ୍ରଦ୍ଧା ବିବାହ କରିବେ ଏକଥା ମୋତେ ତ ଜଣା ନାହିଁ ଯଦି ଏମିତି ହେଲା ତାହା ନିଶ୍ଚିତ ଏକ ଖୁସି ଖବର। ଅନ୍ୟପଟେ ମାଉସୀ ପଦ୍ମିନୀ କୋହ୍ଲାପୁରେ କହିଛନ୍ତି ଯଦି ଶ୍ରଦ୍ଧା ରୋହନ ଶ୍ରେଷ୍ଠାଙ୍କୁ ବିବାହ କରୁଛନ୍ତି ତେବେ ତାହା ଏକ ଖୁସି ଖବର । ଏମିତି ହେଲେ ଖବର ସମସ୍ତଙ୍କୁ ନିଶ୍ଚିତ ଭାବେ ମିଳିଯିବ। ପୂର୍ବରୁ ଶ୍ରଦ୍ଧାଙ୍କ ପିତା ଶକ୍ତି କପୁର ବି ତାଙ୍କ ବିବାହକୁ ନେଇ କହିଥିଲେ ଝିଅ ଯାହା ବି ନିଷ୍ପତ୍ତି ନେବ ସେଥିରେ ସେ ଏକମତ । ରୋହନ ଶ୍ରେଷ୍ଠା କାହିଁକି ସେ ଯାହାକୁ ଜୀବନସାଥୀ ଭାବେ ବାଛିବେ ସେ ସେଥିରେ ଏକମତ ବୋଲି କହିଥିଲେ ଶକ୍ତି କପୁର ।

## ଅବସର ପରେ ପାଠ

**୬୨ ବର୍ଷରେ ଗୋଲ୍ଡ ମେଡାଲ**



**ଭୋପାଳ:** କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ଏକଥା ପ୍ରମାଣ କରି ଦେଖାଇଛନ୍ତି ସୂର୍ଯ୍ୟକାନ୍ତ। ୬୨ ବର୍ଷ ବୟସରେ ସେ ଆଇନ ପାଠ ପଢି ଗୋଲ୍ଡ ମେଡାଲ ପାଇଛନ୍ତି। ପରିଣତ ବୟସରେ ପାଠ ପଢା ଆରମ୍ଭ କରି ସଫଳତା ପାଇଥିବାରୁ ଏବେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ମଧ୍ୟପ୍ରଦେଶର ଗ୍ୱାଲିୟର ସହରରେ ରହନ୍ତି ସୂର୍ଯ୍ୟକାନ୍ତ ତ୍ରିପାଠି। ୬୨ ବର୍ଷ ବୟସରେ ଚାକିରିରୁ ଅବସର ନେଇ ସେ ଆଇନ ପାଠରେ ନାମ ଲେଖାଇଥିଲେ। ଏବେ ଏଥିରେ ସେ କେବଳ ପାସ୍ କରି ନାହାନ୍ତି ବରଂ ଗୋଲ୍ଡ ମେଡାଲ ବି ପାଇ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ସୂର୍ଯ୍ୟକାନ୍ତ ୧୯୮୦ ମସିହାରେ ଏମ୍‌ଏସ୍‌ସି କରିବା ପରେ ପରେ ତାଙ୍କର ଆରଟିଓରେ ଭଲ ପଦବୀରେ ଚାକିରି ହୋଇ ଯାଇଥିଲା। ଚାକିରି ପାଇବା ପରେ ଘରେ ସମସ୍ତେ ଖୁସି ହୋଇଥିଲେ ବି ସେ କିନ୍ତୁ ଦୁଃଖୀ ହୋଇ ଯାଇଥିଲେ। କାହିଁକିନା ସୂର୍ଯ୍ୟକାନ୍ତଙ୍କର ଆଇନ ପଢିବା ପାଇଁ ପ୍ରବଳ ଆଗ୍ରହ ଥିଲା, ମାତ୍ର ପରିସ୍ଥିତିରେ ପଡି ସେ ଚାକିରି ଛାଡି ପାରି ନ ଥିଲେ। ଘର ଖର୍ଚ୍ଚ ତୁଲାଇବା ପାଇଁ ସେ ଚାକିରି କରିବାକୁ ବାଧ ହୋଇଥିଲେ। ହେଲେ ଆଇନ ପଢିବା ଇଚ୍ଛାକୁ ସେ ଆଦୌ ଭୁଲି ପାରି ନ ଥିଲେ। ୨୦୧୬ରେ ତାଙ୍କ ପିଲାମାନେ ସମସ୍ତେ ପାଠ ପଢି ଚାକିରି କରିବା ପରେ ସେ ଭିଆରଏସ୍ ନେଇ ଆଇନ ପାଠ୍ୟକ୍ରମରେ ନାଁ ଲେଖାଇଥିଲେ। ପାଠ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିବାରୁ ସେ ଢେର୍ ପରିଶ୍ରମ କରିଥିଲେ। ଏମିତି କି ଦିନକୁ ୮ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ପାଠ ପଢୁଥିଲେ। ଏବେ ତାଙ୍କର ଏହି ସଫଳତା ପାଇଁ ଘର ଲୋକେ ବି ବହୁତ ଖୁସି ହୋଇଛନ୍ତି। ସୂର୍ଯ୍ୟକାନ୍ତ ଏବେ ଓକିଲାତି ଆରମ୍ଭ କରିବେ ଏବଂ ସେ କେବଳ ଗରିବ ଲୋକଙ୍କ ପାଇଁ ଓକିଲାତି କରିବେ ବୋଲି କହିଛନ୍ତି। ଯେଉଁମାନଙ୍କର ଫିସ୍ ଦେବାପାଇଁ ସାମର୍ଥ୍ୟ ନ ଥିବ ସେମାନଙ୍କ ପାଇଁ ମାଗଣାରେ ଓକିଲାତି କରି ସାହାଯ୍ୟ କରିବେ ବୋଲି ସେ କହିଛନ୍ତି। ତେବେ ସୂର୍ଯ୍ୟକାନ୍ତ ଏବେ ତାଙ୍କର ଇଚ୍ଛା ପୁରଣ କରିପାରିଥିବାରୁ ବହୁତ ଖୁସି ହୋଇ ପାରିଛନ୍ତି। ତାଙ୍କର ଏହି ସଫଳତା ଏବେ ଯୁବପିଢିଙ୍କୁ ପ୍ରେରଣା ଦେଇପାରିବ।

CLASSIFIED DISPLAY
TARIFF
MORE SPACE ' SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଗାମୀ ପିଢ଼ି ପାଇଁ ଜୀବନ୍ତ ରହୁ ପୃଥିବୀ

**ଅନ୍ତର୍ଜାତୀୟ ପରମାଣୁ ପରୀକ୍ଷଣ ନିରୋଧୀ ଦିବସ**

ଆମର ସବୁଜ ପୃଥିବୀ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପୃଥିବୀ ସାମ୍ନା କରୁଥିବା ସମସ୍ତ ସଙ୍କଟ ମଧ୍ୟରୁ ଅଧିକାଂଶ ମନୁଷ୍ୟ କୃତ। ଜନସଂଖ୍ୟା ବୃଦ୍ଧି, ଦ୍ରୁତ ଶିଳ୍ପାୟନ, ବିଶ୍ୱ ତାପନ ଆଦି ଜୀବନ୍ତ ପୃଥିବୀ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଆଧୁନିକତାର ବଶବର୍ତ୍ତୀ ହୋଇ କେତେକ ଦେଶ ନିଜନିଜ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ ଜାରି ରଖିଛନ୍ତି। ଅସ୍ତ୍ରଶସ୍ତ୍ର ନିର୍ମାଣ ତୁଳନାରେ ଏସବୁର ପରୀକ୍ଷଣ ପୃଥିବୀ ଲାଗି ମହାବିପଦ ସୃଷ୍ଟି କରୁଛି। ୧୯୪୫ ରୁ ୧୯୯୬ ମଧ୍ୟରେ ସମଗ୍ର ପୃଥିବୀରେ ୨ହଜାରରୁ ଉର୍ଦ୍ଧ୍ୱ ପରମାଣୁ ପରୀକ୍ଷଣ କରାଯାଇଛି। ପରମାଣୁ ପରୀକ୍ଷଣ ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ ନେଇ ସ୍ୱୀକୃତି ପରେ ଏଥିରେ ସୁଧାର ଆସିଛି।

ସଚେତନତା ସୃଷ୍ଟି ପାଇଁ ୧୯୯୧ ଅଗଷ୍ଟ ୨୯ରେ କାଜାଖସ୍ତାନର ସେମିପାଲାଟିନ୍ସ ଆଣବିକ ପରୀକ୍ଷଣ ସ୍ଥାନକୁ ବନ୍ଦ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୦୯ ଡିସେମ୍ବର ୨ରେ ଜାତିସଂଘ ସାଧାରଣ ସଭାର ୬୪ ତମ ଅଧିବେଶନରେ ଆଣବିକ ନିରସ୍ତ୍ରୀକରଣ ନିମନ୍ତେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ସର୍ବସମ୍ମତି କ୍ରମେ ଏହା ଗ୍ରହଣ ହୋଇଥିଲା। ତେଣୁ ପ୍ରତିବର୍ଷ ଅଗଷ୍ଟ ୨୯କୁ ପରମାଣୁ ପରୀକ୍ଷଣ ନିରୋଧୀ ଦିବସ ଭାବେ ପାଳନ କରାଯାଉଛି। ଆଣବିକ ପରୀକ୍ଷଣ ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ ପରେ ଅର୍ଥାତ ମେ ୨୦୧୦ ରେ ଆଣବିକ ଅସ୍ତ୍ର ନିର୍ମାଣ ନ କରିବା ଲାଗି ଉଦ୍ଦିଷ୍ଟ ଥିବା ଚୁକ୍ତିରେ ସମସ୍ତ ଦେଶ ଆଣବିକ ଅସ୍ତ୍ର ବିନା ବିଶ୍ୱର ଶାନ୍ତି ଏବଂ ନିରାପତ୍ତା ହାସଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିବର୍ଷ ଏହି ଦିବସ ପାଳନ ଅବସରରେ ଭବିଷ୍ୟତ ବଂଶଧରଙ୍କ ପାଇଁ କିଭଳି ପୃଥିବୀକୁ ଜୀବିତ ରଖିବା ଅପରିହାର୍ଯ୍ୟ ସେ ନେଇ ସଚେତନତା ସୃଷ୍ଟି କରାଯାଇଥାଏ। ଏହା ସହିତ ଅଦୂରଦର୍ଶୀ ମନୋଭାବକୁ ଦୂର କରାଯିବା ଲାଗି ଉଦ୍ୟମ ମଧ ହୋଇଥାଏ।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ନଟବର ଦାସ
କପିଳ ପ୍ରସାଦ ହାଉସିଂବୋର୍ଡ କଲୋନୀ, ଭୀମଟାଙ୍ଗୀ
ଆବିର୍ଭାବ: ୧୯।୦୭।୧୯୫୧
ତିରୋଧାନ:୧୯।୦୮।୨୦୨୧
ବାପା! ଆପଣ ଛାଡ଼ି ଯାଇଥିବା ସ୍ଥାନ ଅପୂରଣୀୟ। ଆପଣଙ୍କ ଅମର ଆତ୍ମା ଚିରଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ, ପରିବାରବର୍ଗ ।
ଧ-୪୬୫୫୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ବର୍ଷୀୟାନ୍ ମହିଳାଙ୍କ ପରଲୋକ

✓ହେମଲତା ଦାସ
ନୂଆଗାଁ, ଚାରିଶ୍ରୀ, ପୁରୀ
ଆବିର୍ଭାବ: ତା ୧୫।୦୪।୧୯୩୯
ତିରୋଧାନ: ତା ୧୯।୦୮।୨୦୨୧
ବୋଉଲୋ, ଚାହୁଁ ଚାହୁଁ ଦଶଦିନ ବିତିଗଲା । ଆମର ସବୁ ସ୍ନେହ, ମମତାକୁ ଛଡ଼ାଇ ନେଇ ତୁ ଆରପାରିକୁ ଚାଲିଗଲୁ । ଭୁଲିପାରୁନୁ ତୋର ସ୍ନେହବୋଳା ଡାକ ଆଉ ବାତ୍ସଲ୍ୟ ମମତା, ତଥାପି ଧୈର୍ଯ୍ୟଧରି ବିଧିର ବିଧାନକୁ ଏଡ଼ାଇ ନ ଦେଇ ତୋର ଅମର ଆତ୍ମାର ସଦ୍‌ଗତି କାମନା କରୁଅଛୁ ।
ତୋର ହତଭାଗ୍ୟ ପୁତ୍ର: ପ୍ରଭାତ କୁମାର, ପ୍ରଫୁଲ୍ଲ କୁମାର, ପ୍ରଦୀପ୍ତ କୁମାର, ପୁତ୍ରବଧୂ: ଫିଲି, ଲିପି, ଚୁମୁକି, ଝିଅ-ଜ୍ୱାଇଁ: କନି, ଅକ୍ଷୟ, ମାନା- କୃଷ୍ଣ, ନାତି: ରାଜା, ନାତୁଣୀ: ରୋଜି, ମାମା, ଗୁଡି, ଲୋମା ।
ଧ-୬୮୮୦

ତୃତୀୟ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ ଆଡଭୋକେଟ ସୁଦର୍ଶନ ସାହୁ
ଜେନାରିଗଛ ଲେନ୍, ଲବଣିଖିଆଛକ, ପୁରୀ
ଆବିର୍ଭାବ: ୦୫।୦୫।୧୯୪୯
ତିରୋଧାନ: ୦୧।୦୯।୨୦୧୮
"ତୁମ ସ୍ନେହ, ଶ୍ରଦ୍ଧା, ଆଶିଷ ଆଉ କରୁଣା ବାରି, ବରଷୁ ଥାଉ ଏମିତି ତୁମ ସ୍ମୃତିରୁ ଝରି"
ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ ।
ଧ-୬୭୬୩୧

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ସଂଗ୍ରାମ ଜେନା
ଆବିର୍ଭାବ : ତା. ୦୫.୦୮.୧୯୭୭ ରିଖ
ତିରୋଧାନ : ତା. ୧୯.୦୮.୨୦୨୧ ରିଖ
ହେ ଦରଦୀ ବନ୍ଧୁ, ଅସହାୟର ସହାୟ, ଯୁବ ଛାତ୍ର ହୃଦୟର ରାଜକୁମାର, ସ୍ନେହ ଓ ପ୍ରେମର ମହାସାଗର.. ଏକ ଦୀର୍ଘକାଳ ନେତୃତ୍ୱ ଓ ବନ୍ଧୁତ୍ୱର ପ୍ରତିଶ୍ରୁତି ଦେଇ ଅଧାବାଟରେ ଛାଡ଼ି ଚାଲିଗଲ ! ତୁମ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଯୁବ, ଛାତ୍ର ସମାଜକୁ ଆନ୍ଦୋଳିତ କରୁଛି । ତୁମର ଅନାବିଳ ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ତଥା ସାଙ୍ଗଠନିକ ଦକ୍ଷତାର ସ୍ମୃତି ଆମମାନଙ୍କୁ ପଥ ପ୍ରଦର୍ଶନ କରିବ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପ୍ରାପ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା ।
: ଶୋକସନ୍ତପ୍ତ :
ସଂଗ୍ରାମ ଜେନା ସ୍ମୃତି ସଂସଦ ସଭ୍ୟ ଓ ସଭ୍ୟା ବୃନ୍ଦ, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୭୧୧୪୦



ଲୋକସେବା ଭବନସ୍ଥିତ ଓଡ଼ିଶା ରାଜ୍ୟ କନ୍‌ଭେନଶନ ସେଣ୍ଟର ହଲ୍‌ରେ ଶନିବାର ଆୟୋଜିତ ରଗ୍‌ବୀ ଇଣ୍ଡିଆ କାର୍ଯ୍ୟକ୍ରମରେ ଟ୍ରେନିଂ ଓ ସିଲେକ୍ସନ କ୍ୟାମ୍ପ୍‌ରେ ସାମିଲ ହୋଇଥିବା ବାଳିକା ରଗ୍‌ବୀ ଖେଳାଳିମାନଙ୍କ ସହ ଅତିଥିବୃନ୍ଦ।

# ସିଲେକ୍ସନ କ୍ୟାମ୍ପରେ ୫୨ ବାଳିକା

**ଭୁବନେଶ୍ୱର,୨୮।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଗତ ସବ୍‌ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ, ଫିଟ୍‌ନେସ୍ ଓ ସ୍କିଲ୍ ଟେଷ୍ଟ ଫଳାଫଳକୁ ଦୃଷ୍ଟିରେ ରଖି ଦେଶର ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୫୨ଜଣ ବାଳିକା ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ଜୁନିୟର ଖେଳାଳିମାନେ କିଟ୍‌ରେ ଚାଲିଥିବା ୧୮ ବର୍ଷରୁ କମ୍ ଜୁନିୟର ବାଳିକା ଜାତୀୟ ରଗ୍‌ବୀ ଦଳର ଜାତୀୟ ଟ୍ରେନିଂ ତଥା ସିଲେକ୍ସନ କ୍ୟାମ୍ପରେ ଯୋଗ ଦେଇଛନ୍ତି। ଭାରତୀୟ ରଗ୍‌ବୀ ଦଳର ଅଭିଯାନକୁ ବିଶ୍ୱର ଜଣାଶୁଣା କୋଚ୍‌ମାନେ ତଦାରଖ କରିବେ। ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ରଗ୍‌ବୀ ଖେଳାଳି ତଥା ୪ଥର ୱାର୍ଲ୍ଡ ରଗ୍‌ବୀ ପ୍ଲେୟର ଅଫ୍ ଦି ଇୟର ହେଣ୍ଡ୍ରିକ୍ 'ନାସ' ବୋଥା, ରଗ୍‌ବୀ ସେଭେନ୍ସ ସ୍ପେଶାଲିଷ୍ଟ ଲୁଡୱିଚ୍ ଭାନ ଡେଭେଣ୍ଟର, ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ ଏକ୍ସପର୍ଟ ଜାନି ବ୍ରୁକ୍ସ ଓ ଭାରତୀୟ ମହିଳା ରଗ୍‌ବୀ ଦଳ ଅଧିନାୟିକା ଭାହବିଜ୍ ଭରୁଚାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଅଭିଯାନ ଆରମ୍ଭ କରିବ ଓ ଆଗାମୀ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଭରୁଚା ୧୯ ବର୍ଷରୁ କମ୍ ବାଳିକା ରଗ୍‌ବୀ ଦଳର ମେଣ୍ଟର ତଥା ଅଫିସିଆଲ ଫିଜିଓଥେରାପିଷ୍ଟ ଭାବେ କାର୍ଯ୍ୟ କରିବେ।

## ପାରା ଆଥ୍‌ଲେଟଙ୍କ ସମସ୍ୟାର ସମାଧାନ ହେବ: ତୁଷାରକାନ୍ତି

କ୍ରୀଡ଼ା ବିକାଶ ପାଇଁ ରାଜ୍ୟ ସରକାର ବଦ୍ଧପରିକର ରହିଛନ୍ତି। ହକି ଭଳି ଆଗାମୀ ୩ ବର୍ଷ ପାଇଁ ରଗ୍‌ବୀ ପୁରୁଷ ମହିଳା ଦଳର ପ୍ରାୟୋଜକ ରହିବେ ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାରତୀୟ ଦଳ ଅଂଶଗ୍ରହଣ କରି କିପରି ପଦକ ଜିତିବ ସେ ନେଇ ଆମର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। କେବଳ ଭୁବନେଶ୍ୱର ନୁହେଁ, ସବୁ ଜିଲାରେ ରଗ୍‌ବୀ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବୁ। ଖେଳାଳିମାନଙ୍କ ରହିବା, ଖାଇବା ଓ ଅନ୍ୟାନ୍ୟ ଆବଶ୍ୟକତାକୁ ଧ୍ୟାନ ଦେବୁ। ରଗ୍‌ବୀ ଓ ଖେଳାଳିଙ୍କୁ ସବୁ ପ୍ରକାର ସହାୟତା ଦେବାକୁ ଆମେ ପ୍ରୟାସ ଜାରି ରଖିବୁ ବୋଲି ସେ କହିଛନ୍ତି। ଜାତୀୟ ଦଳରେ ଏବେ ୬ ଓଡ଼ିଆ ଖେଳାଳି ସାମିଲ ରହିଛନ୍ତି। ଏହି ସଂଖ୍ୟା ଆହୁରି ବୃଦ୍ଧି କରିବାକୁ ଚେଷ୍ଟା କରିବୁ। ଏଥିସହ ପାରା ଆଥ୍‌ଲେଟମାନେ ନିଯୁକ୍ତି ନେଇ ଧାରଣାରେ ବସିବାକୁ ଯାଉଛନ୍ତି। ତେବେ ରାଜ୍ୟ ସରକାର ପାରା ଆଥ୍‌ଲେଟଙ୍କ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ଏ ନେଇ ପାରା ଆଥ୍‌ଲେଟଙ୍କ ସମସ୍ୟାକୁ ହୃଦୟଙ୍ଗମ କରିଛନ୍ତି। ଖୁବ୍‌ଶୀଘ୍ର ଏ ନେଇ ଥିବା ସମସ୍ୟାର ସମାଧାନ ପନ୍ଥା ବାହାରିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମରେ ୨୦୧୮ରେ ୧୮ ବର୍ଷରୁ କମ୍ ରଗ୍‌ବୀ ଏସିଆନ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇଥିଲା। ଏହି ମେଗା ଇଭେଣ୍ଟରେ ଏସିଆର ୧୨ଟି ଦେଶ ଅଂଶଗ୍ରହଣ କରିଥିଲେ। ଭାରତୀୟ ଦଳ ଏଥିରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

# 'ଓଡ଼ିଶା ସରକାରଙ୍କ ପ୍ରୟାସ ପ୍ରଶଂସନୀୟ'

**ଭୁବନେଶ୍ୱର,୨୮।୮(ସ୍ପୋର୍ଟ୍ସ ବ୍ୟୁରୋ)**

ରଗବୀର ଉନ୍ନତି ପାଇଁ ଅର୍ଥର ଆବଶ୍ୟକତା ରହିଛି। ଆମ ପାଖରେ ଅର୍ଥ କମ ରହିଛି। ରଗବୀ ଏକ ବ୍ୟୟସାପେକ୍ଷ ଖେଳ। ଏଥିରେ ଫିଟନେସ୍ ସହିତ ସୁଷମ ଖାଦ୍ୟ ଜରୁରୀ ହୋଇଥାଏ। ସ୍ୱାସ୍ଥ୍ୟଗତ ସମସ୍ୟା ଓ ସର୍ବୋପରି ଆଘାତ ସମସ୍ୟା ରଗ୍‌ବୀରେ ବେଶି ଦେଖା ଦେଇଥାଏ। ତେଣୁ ଜଣେ ଖେଳାଳି କିପରି ସୁସ୍ଥ ହେବ ଓ ପୁଣି ପଡ଼ିଆକୁ ଫେରିବ ସେ ନେଇ ମଧ୍ୟ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହି ଦୃଷ୍ଟିକୋଣରୁ ଓଡ଼ିଶା ସରକାରଙ୍କ ଭୂମିକାକୁ ରାହୁଲ ଭୂୟସୀ ପ୍ରଶଂସା କରିଛନ୍ତି। କିଟ୍‌ରେ ଚାଲିଥିବା ଟ୍ରେନିଂ କ୍ୟାମ୍ପର ଉଦାହରଣ ସେ ଦେଇଛନ୍ତି। ଏହି କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳିମାନେ ନିଜ ହାତରୁ ଗୋଟିଏ ହେଲେ ବି ପଇସା ଖର୍ଚ୍ଚ କରିବେ ନାହିଁ। ବରଂ ଏମାନେ କିଛି ରୋଜଗାର କରିବେ। ରାଜ୍ୟ ସରକାର ତାଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଛନ୍ତି। ଓଡ଼ିଶା ସରକାର ଆମ ପାଇଁ ଯାହା କରିଛନ୍ତି ତାହା ଆମେ ସ୍ୱପ୍ନରେ ମଧ୍ୟ ଭାବି ପାରିବୁ ନାହିଁ ବୋଲି ସେ କହିଛନ୍ତି। ଏହି କ୍ୟାମ୍ପରୁ ଜାତୀୟ ଦଳ ଚୟନ ହେବ ଓ ଏହି ଦଳ ତାସକେଣ୍ଟରେ ଇତିହାସ ସୃଷ୍ଟି କରିପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।


ଖେଳାଳିଙ୍କ ସହ ରାହୁଲ୍ ବୋଷଙ୍କ ସେଲ୍‌ଫି।

ତେବେ ରଗବୀର ଉନ୍ନତି ପାଇଁ ବହୁତ କିଛି କରିବାର ଆବଶ୍ୟକତା ରହିଛି। ଗୋଟିଏ ଦିନରେ ଏହା ସମ୍ଭବ ନୁହେଁ। ଏଥିପାଇଁ ଦୀର୍ଘ ବର୍ଷର ଅଧ୍ୟବସାୟ ଆବଶ୍ୟକ। ଆମକୁ ଆହୁରି ପରିଶ୍ରମ ଓ ପ୍ରଦର୍ଶନ କରିବାକୁ ପଡିବ। ଟୋକିଓ ଅଲିମ୍ପିକ୍ସରେ ଫିଜି ପୁରୁଷ ଓ ମହିଳା ଦଳ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛି। ୨୦୨୮ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ପୁରୁଷ ଓ ମହିଳା ଦଳ ଏହି ଭଳି ସଫଳତା ହାସଲ କରିବା ନେଇ ଏବେଠାରୁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଆମେ ଦେଢ଼ ଦୁଇବର୍ଷରେ ସାରା ଦୁନିଆରେ ରଗ୍‌ବୀ ସଫଳତାର ପତାକା ଉଡ଼ାଇବୁ। ଆଗାମୀ ୧୦ ବର୍ଷରେ ଆମେ ରଗ୍‌ବୀ ଦେଶର କୋଣ ଅନୁକୋଣରେ ପହଞ୍ଚାଇବୁ। ଯଦି ଏହି ଭଳି ସାହାଯ୍ୟ ଓ ସହଯୋଗ ମିଳେ ତାହାଲେ ଆମେ ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟ ହାସଲ କରିବୁ ବୋଲି ରାହୁଲ କହିଛନ୍ତି।



ଅଲିମ୍ପିଆନଙ୍କୁ ଶନିବାର ସମ୍ବର୍ଦ୍ଧନା ଅବସରରେ ଅତିଥିଙ୍କ ସହ କିଟ୍ ଓ କିସ୍‌ର କର୍ମକର୍ତ୍ତାମାନେ।

# ଫାଇନାଲରେ ଆଉ ୩ ଭାରତୀୟ

**ନୂଆଦିଲ୍ଲୀ, ୨୮।୮ (ପି.ଟି.)**

**ଏସିଆନ ୟୁଥ୍ ବକ୍ସିଂ**

ୱାର୍ଲ୍ଡ ୟୁଥ୍ ବ୍ରୋଞ୍ଜ ବିଜେତା ବିଶ୍ୱାମିତ୍ର ଚୋଙ୍ଗ୍‌ଥାମ୍ (୫୧କେଜି)ଙ୍କ ସମେତ ଭାରତର ୩ ପୁରୁଷ ବକ୍ସର ଦୁବାଇଠାରେ ଚାଲିଥିବା ଏସିଆନ ୟୁଥ୍ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଚୋଙ୍ଗ୍‌ଥାମ୍ ସେମିଫାଇନାଲରେ ତାଜିକିସ୍ତାନର ଆକାରାଲି ଆବୁରାଖିଭେନଜୋଦାଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ଫାଇନାଲକୁ ଉନ୍ନୀତ ହୋଇଥିବା ଅନ୍ୟ ଦୁଇଜଣ ହେଲେ ସୁରେଶ ବିଶ୍ୱନାଥ (୪୮କେଜି) ଓ ଜୟଦୀପ ରାୱତ (୫୭କେଜି)। ବିଶ୍ୱନାଥ ୫-୦ରେ ବାହାରିନ୍‌ର ଫାଡେଲ ସାୟେଦଙ୍କୁ ହରାଇ ଦେଇଥିବାବେଳେ ରାୱତ ୩-୨ରେ କିରଗିଜ୍‌ସ୍ତାନର ବେକ୍‌ବୋଲ ମୁରାସ୍‌ବୋକୋଭଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଡ୍ର'ରେ ଲାଶୁ ଯାଦବ (୭୦କେଜି) ଏବଂ ଦୀପକ (୭୫କେଜି) ସେମାନଙ୍କ ସେମିଫାଇନାଲ ବାଉଟ୍ ହାରି ବ୍ରୋଞ୍ଜ ଲାଭ କରିଛି। ଯାଦବ କାଜାଖସ୍ତାନର ଗଉଖାର ଶାଇବୋକୋଭାଙ୍କଠାରୁ ୦-୫ରେ ଏବଂ ଦୀପକ କାଜାଖସ୍ତାନର ଆଲିଆସ କାରୋଭଙ୍କଠାରୁ ୧-୪ରେ ହାରିଯାଇଥିଲେ। ଏକ ସଙ୍ଗରେ ଅନୁଷ୍ଠିତ ହେଉଥିବା ଏହି ଜୁନିୟର ଓ ୟୁଥ୍ (ଉଭୟ ପୁରୁଷ ଓ ମହିଳା)ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ପଦକ ସଂଖ୍ୟା ୩୫ ଅତିକ୍ରମ କରିଛି।

# କିଟ୍ ଓ କିସ୍ ପକ୍ଷରୁ ଅଲିମ୍ପିଆନଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୮।୮**

**ଏକ ଲକ୍ଷ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ**

କିଟ୍ ଓ କିସ୍ ପକ୍ଷରୁ ଏହାର ୩ ଛାତ୍ରୀଛାତ୍ର ତଥା ଅଲିମ୍ପିଆନ୍‌ଙ୍କୁ ଶନିବାର କିଟ୍ ପରିସରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ନିକଟରେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ସେମାନେ ଦେଶ ତଥା ରାଜ୍ୟକୁ ଗୌରବାନ୍ୱିତ କରିଥିଲେ। କିଟ୍ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଓଡ଼ିଶା ହକି ପ୍ରମୋଶନାଲ କାଉନ୍‌ସିଲ୍‌ର ଅଧ୍ୟକ୍ଷ ତଥା ପୂର୍ବତନ ଭାରତୀୟ ହକି ତାରକା ଦିଲୀପ୍ ତିର୍କୀ ଓ ସମ୍ମାନୀୟ ଅତିଥି ଭାବେ ଭାରତୀୟ ରଗ୍‌ବୀ ବୋର୍ଡ ସଦସ୍ୟ ତଥା ବଲିଉଡ ନିର୍ଦ୍ଦେଶକ ଓ କଳାକାର ରାହୁଲ ବୋଷ ଏବଂ କିଟ୍-କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ଦୌଡ଼ରାଣୀ ତଥା କିଟ୍ ଛାତ୍ରୀ ଦୂତୀ ଚାନ୍ଦ, ଅସି ଚାଳକ ସି. ଏ. ଭବାନୀ ଦେବୀ ଓ ଜାଭେଲିନ୍ ଥ୍ରୋ ଖେଳାଳି ଶିବପାଲ୍ ସିଂଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅଲିମ୍ପିଆନ୍ ତଥା ହକି ତାରକା ବୀରେନ୍ଦ୍ର ଲାକ୍ରା, ଅମିତ୍ ରୋହିଦାସ, ଦୀପ ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋଙ୍କୁ ଅଲିମ୍ପିକ୍ସରେ ସେମାନଙ୍କ ସଫଳତା ପାଇଁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ୭ଜଣ ଅଲିମ୍ପିଆନ୍‌ଙ୍କୁ କିଟ୍ ଓ କିସ୍ ପକ୍ଷରୁ ଏକ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହା ସହିତ ଭାରତୀୟ କୋଚ୍ ଅମୂଲ୍ୟ ନନ୍ଦ ବିହାରୀ, ରାଜୁ ସାହାଣୀ ଓ ବିଜୟ ଲାକ୍ରାଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୂଚନା ଦେଇ କହିଲେ, ଦୂତୀ, ଭବାନୀ ଦେବୀ ଓ ଶିବ୍‌ପାଲଙ୍କୁ ପରବର୍ତ୍ତୀ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସମସ୍ତ ସହାୟତା ଓ ପ୍ରୋତ୍ସାହନ ପୂର୍ବପରି ଜାରି ରହିବ। କିଟ୍ ଓ କିସ୍ ଶିକ୍ଷା ସହ କ୍ରୀଡ଼ାକୁ ଅଗ୍ରାଧିକାର ଦେଇ ଆସିଛି। ନିରନ୍ତର ପ୍ରଚେଷ୍ଟା, ଉପଯୁକ୍ତ ତାଲିମ୍ ଓ ପ୍ରଶିକ୍ଷଣ, ଅତ୍ୟାଧୁନିକ ଭିତ୍ତିଭୂମି ଯୋଗାଇ ଦେଇ କିଟ୍ ଆନ୍ତର୍ଜାତିକସ୍ତରର କ୍ରୀଡ଼ାବିତ୍ ସୃଷ୍ଟି କରି ଚାଲିଛି। ଏବେ କିଟ୍ ଓ କିସ୍‌ରେ ଅଲିମ୍ପିଆନ୍ ତଥା ହକି ଖେଳାଳି ସୁନିତା ଲାକ୍ରା ଓ ଲିଲିମା ମିଞ୍ଜ ଉଚ୍ଚଶିକ୍ଷା ଲାଭ କରୁଥିବା ବେଳେ ଆନ୍ତର୍ଜାତିକ ହକି ଖେଳାଳି ଦୀପ୍‌ସାନ୍ ତିର୍କୀ, ସରିତା ହନୁମାନ, ଆନ୍ତର୍ଜାତିକ କନିଷ୍ଠ ହକି ଖେଳାଳି ଷ୍ଟାନ୍‌ଲି ଭିକ୍ଟର ମିଞ୍ଜ, ଆନ୍ତର୍ଜାତିକ ଆଥଲେଟ୍ (୮୦୦ ମିଟର) ନମିତା କୋବାଟ, ଜାତୀୟ ଆଥଲେଟ୍ (ଜାଭେଲିନ୍ ଥ୍ରୋ) ଦୋମନ୍ତି ମୁର୍ମୁର୍ ମଧ୍ୟ ଏଠାରେ ଉଚ୍ଚଶିକ୍ଷା ଲାଭ କରୁଛନ୍ତି। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କ୍ରୀଡ଼ାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତର ଇନିଂସ ପରାଜୟ

**ଲିଡ୍ସ, ୨୮।୮**

ସ୍ଥାନୀୟ ହେଡିଂଲେ ଗ୍ରାଉଣ୍ଡରେ ଅନୁଷ୍ଠିତ ଭାରତ-ଇଂଲଣ୍ଡ ତୃତୀୟ କ୍ରିକେଟ ଟେଷ୍ଟ ୪ର୍ଥ ଦିନରେ ଶେଷ ହୋଇଯାଇଛି। ଭାରତ ଏକ ଇନିଂସ ଓ ୭୬ ରନରେ ପରାଜିତ ହୋଇଛି। ଭାରତ ପ୍ରଥମ ଇନିଂସରେ ଲଜ୍ଜାଜନକଭାବେ ମାତ୍ର ୭୮ ରନରେ ଅଲଆଉଟ ହୋଇଥିବାବେଳେ ଇଂଲଣ୍ଡ ପ୍ରଥମ ଇନିଂସରେ ୪୩୨ ରନ କରି ବୃହତ୍ ଅଗ୍ରଣୀଲାଭ କରିଥିଲା। ଭାରତର ଦ୍ୱିତୀୟ ଇନିଂସ ୨୭୮ ରନରେ ଶେଷ ହୋଇ ଯାଇଥିଲା। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଟେଷ୍ଟ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିବାବେଳେ ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା। ଲିଡ୍ସ ଟେଷ୍ଟର ପ୍ରଥମ ଇନିଂସରେ ୨ଟି ଏବଂ ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ପାଇଥିବା ଇଂଲଣ୍ଡ ଦ୍ରୁତ ବୋଲର ଓଲି ରବିନସନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଭାରତ ତୃତୀୟ ଦିବସର ଅସମାପ୍ତ ସ୍କୋର ୨୧୫/୨ରୁ ଖେଳ ଆରମ୍ଭ କରିଥିଲା। ୪ର୍ଥ ଦିବସରେ ଆଉ କୌଣସି ରନ ଯୋଗ କରିବା ପୂର୍ବରୁ ଚେତେଶ୍ୱର ପୂଜାରାଙ୍କ ଉଇକେଟ ହରାଇଥିଲା। ପୂର୍ବଦିନ ୯୧ ରନରେ ଅପରାଜିତ ରହି ଶତକର ନିକଟତର ହୋଇଥିବା ପୂଜାରା ୪ର୍ଥ ଦିବସରେ ସେହି ସ୍କୋରରେ ହିଁ ଆଉଟ ହୋଇଥିଲେ। ରବିନସନଙ୍କ ଏଲ୍‌ବିଡବ୍ଲ୍ୟୁ ଆବେଦନକୁ ଅମ୍ପାୟର ରିଚାର୍ଡ କେଟେଲବରୋ ନାକଚ କରି ଦେଇଥିଲେ। ତେବେ ଇଂଲଣ୍ଡ ରିଭ୍ୟୁ ନେଇଥିଲା। ହକ୍‌ଆଇ ଟେକ୍ନୋଲୋଜି ଦ୍ୱାରା ବଲ୍ ଅଫ୍‌ଷ୍ଟମ୍ପକୁ ହିଟ୍ କରୁଥିବା ଦର୍ଶାଯାଇଥିଲା। ଫଳରେ ଅମ୍ପାୟର ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରି ପୂଜାରାଙ୍କୁ ଆଉଟ ଦେଇଥିଲେ। ୪୫ ରନରେ ଅପରାଜିତ ଥିବା ଅଧିନାୟକ ବିରାଟ କୋହଲି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୧୨୫ ବଲ୍‌ରୁ ୫୫(୮ ଚୌକା) ରନ୍ କରିଥିବାବେଳେ ରବିନସନଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ଜୋ ରୁଟ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ନିର୍ଭରଯୋଗ୍ୟ ଅଜିଙ୍କ୍ୟ ରାହାନେ ଓ ଯୁବ ଉଇକେଟ କିପର ରିଷଭ ପନ୍ତଙ୍କ ସଂଘର୍ଷ ଏଠାରେ ମଧ୍ୟ ଜାରି ରହିଥିଲା। ରାହାନେ ୨୫ ବଲ୍‌ରୁ ୧୦ ଓ ପନ୍ତ ୭ ବଲ୍‌ରୁ ମାତ୍ର ୧ ରନ କରି ଆଉଟ ହେବାଦ୍ୱାରା ଭାରତର ଶୀଘ୍ର ପରାଜୟ ନିଶ୍ଚିତ ହୋଇଯାଇଥିଲା। ରବୀନ୍ଦ୍ର ଜାଡେଜା କିଛି ସମୟ ଲଢ଼େଇ ଜାରିରଖି ୨୫ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୩୦ ରନ କରିଥିଲେ ହେଁ ତାଙ୍କୁ ଉପଯୁକ୍ତ ପାର୍ଟନର ମିଳି ନ ଥିଲା। ମହମ୍ମଦ ସାମି ୬, ଈଶାନ୍ତ ଶର୍ମା ୨ ଓ ମହମ୍ମଦ ସିରାଜ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ୬୩ ରନ ମଧ୍ୟରେ ଭାରତ ଶେଷ ୬ ଉଇକେଟ ହରାଇଥିଲା। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ରବିନସନ ୫ଟି, କ୍ରେଗ୍ ଓଭରଟନ ୩ଟି ଏବଂ ଜେମ୍ସ ଆଣ୍ଡରସନ ଓ ମୋଇନ ଅଲୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରାହାନେଙ୍କୁ ଉଇକେଟ କିପର ଜୋଶ ବଟଲରଙ୍କ ହାତରେ କ୍ୟାଚ କରାଇ ଆଣ୍ଡରସନ ଘରୋଇ ମାଟିରେ ୪୦୦ ଟେଷ୍ଟ ଉଇକେଟ ପୂରଣ କରିଥିଲେ। ୯୪ ଟେଷ୍ଟରୁ ସେ ଏହି ସଫଳତା ପାଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ଦ୍ୱିତୀୟ ବୋଲରଭାବେ ଆଣ୍ଡରସନ ଘରୋଇ ମାଟିରେ ୪୦୦ ଉଇକେଟ ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ୭୩ ଟେଷ୍ଟରୁ ୪୯୩ ଉଇକେଟ ନେଇ ଏହି ତାଲିକାର ଶୀର୍ଷରେ ଅଛନ୍ତି। ତେବେ ୧୬୫ ଟେଷ୍ଟରୁ ଆଣ୍ଡରସନଙ୍କ ମୋଟ ଟେଷ୍ଟ ଉଇକେଟ ସଂଖ୍ୟା ୬୩୦ରେ ପହଞ୍ଚିଛି।

ଏହାକୁ ମିଶାଇ ଟେଷ୍ଟରେ ଭାରତର ଇନିଂସ ପରାଜୟ ସଂଖ୍ୟା ୪୫ରେ ପହଞ୍ଚିଛି। ଟେଷ୍ଟରେ ଟସ୍ ଜିତିବା ପରେ କୋହଲିଙ୍କ ନେତୃତ୍ୱରେ ଭାରତର ଏହା ଥିଲା ଦ୍ୱିତୀୟ ପରାଜୟ। ପୂର୍ବରୁ ୨୦୨୦-୨୧ରେ ଆଡିଲେଡଠାରେ ଅଷ୍ଟ୍ରେଲିଆ ନିକଟରୁ ଭାରତ ୮ ଉଇକେଟରେ ପରାସ୍ତ ହୋଇଥିଲା।


ଓଲି ରବିନସନ

**ସର୍ବାଧିକ ଟେଷ୍ଟ ବିଜୟୀ ଇଂଲଣ୍ଡ ଅଧିନାୟକ**

୨୭: ଜୋ ରୁଟ୍ (୫୫ ଟେଷ୍ଟ)
୨୬: ମାଇକେଲ ଭନ୍ (୫୧ ଟେଷ୍ଟ)
୨୪: ଆଣ୍ଡ୍ର୍ୟୁ ଷ୍ଟ୍ରସ (୫୦ ଟେଷ୍ଟ)
୨୪: ଆଲିଷ୍ଟର କୁକ୍ (୫୯ ଟେଷ୍ଟ)
୨୦: ପିଟର ମେ (୪୧ ଟେଷ୍ଟ)

**କୋହଲିଙ୍କ ନେତୃତ୍ୱରେ ଇନିଂସ ପରାଜୟ**

ଇନିଂସ ଓ ୧୫୯ ରନ:
ବନାମ ଇଂଲଣ୍ଡ, ଲର୍ଡ୍ସ, ୨୦୧୮
ଇନିଂସ ଓ ୭୬ ରନ:
ବନାମ ଇଂଲଣ୍ଡ, ଲିଡ୍ସ, ୨୦୨୧

**ସର୍ବାଧିକ ଇନିଂସ ପରାଜୟ**

୬୩: ଇଂଲଣ୍ଡ
୫୯: ନ୍ୟୁଜିଲାଣ୍ଡ
୪୬: ୱେଷ୍ଟଇଣ୍ଡିଜ
୪୫: ଭାରତ
୪୪: ଅଷ୍ଟ୍ରେଲିଆ
୪୩: ବାଂଲାଦେଶ

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୭୮। ଇଂଲଣ୍ଡ ପ୍ରଥମ ଇନିଂସ: ୪୩୨। ଭାରତ ଦ୍ୱିତୀୟ ଇନିଂସ: ୨୭୮/ଅଲ୍‌ଆଉଟ(ଚେତେଶ୍ୱର ପୂଜାରା-୯୧, ରୋହିତ ଶର୍ମା-୫୯, ବିରାଟ କୋହଲି-୫୫, ରବୀନ୍ଦ୍ର ଜାଡେଜା-୩୦, ଓଲି ରବିନସନ-୫/୬୫, କ୍ରେଗ୍ ଓଭରଟନ-୩/୪୭, ଜେମ୍ସ ଆଣ୍ଡରସନ-୧/୬୩, ମୋଇନ ଅଲୀ-୧/୪୦)। ଓଲି ରବିନସନ: ପ୍ଲେୟର ଅଫ୍ ଦି ମ୍ୟାଚ।

# 'ଦିବ୍ୟାଙ୍ଗ ବୋଲି ନିଜକୁ କେବେ ଭାବେନି'

**ଟୋକିଓ, ୨୮।୮(ପି.ଟି.)**


ଭାବିନାବେନ୍ ପଟେଲ

ପାରାଲିମ୍ପିକ୍ସର ଟେବୁଲ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିବାରୁ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପାଇବା ନିଶ୍ଚିତ କରିଥିବା ଭାରତର ଭାବିନାବେନ୍ ପଟେଲ ନିଜକୁ ଦିବ୍ୟାଙ୍ଗ ବୋଲି କେବେ ଭାବନ୍ତିନି ବୋଲି ପ୍ରକାଶ କରିଛନ୍ତି। କୌଣସି କଥା ଅସମ୍ଭବ ନୁହେଁ ବୋଲି ତାଙ୍କ ଟୋକିଓ ପ୍ରଦର୍ଶନ ପ୍ରମାଣିତ କରିଛି। ଭାରତର ପ୍ରଥମ ଟେବୁଲ ଟେନିସ ଖେଳାଳିଭାବେ ସେ ପାରାଲିମ୍ପିକ୍ସର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛନ୍ତି। ଗୁଜରାଟର ଏହି ୩୪ ବର୍ଷୀୟା ମହିଳା ସେମିଫାଇନାଲରେ ତାଙ୍କଠାରୁ ବହୁ ଉଚ୍ଚ ର୍‌ୟାଙ୍କପ୍ରାପ୍ତ ଚାଇନା ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଛନ୍ତି। "ମୁଁ ସବୁକିଛି କରିପାରିବି ବୋଲି ସବୁବେଳେ ଦୃଢ଼ ଆତ୍ମବିଶ୍ୱାସରେ ଥାଏ। ଆଜି ମୁଁ ତାହା ପ୍ରମାଣିତ କରିଛି। ପାରା ଟେବୁଲ ଟେନିସ ଅନ୍ୟ କ୍ରୀଡ଼ା ସହ ସମକକ୍ଷ" ବୋଲି ପଟେଲ କହିଛନ୍ତି। ଭାବିନାବେନ୍ ୧୨ ମାସର ହୋଇଥିବାବେଳେ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ଚାଇନା ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ମ୍ୟାଚ ଜିତିବା ସବୁବେଳେ କଷ୍ଟକର ହୋଇଥାଏ। ମାତ୍ର କିଛି ଅସମ୍ଭବ ନୁହେଁ ବୋଲି ମୁଁ ପ୍ରମାଣିତ କରିଦେଇଛି। ମଣିଷ ଚାହିଁଲେ ସବୁକିଛି କରିପାରିବ ବୋଲି ସେ କହିଛନ୍ତି। ଝାଙ୍ଗଙ୍କ ବିପକ୍ଷରେ ପଟେଲଙ୍କର ଏହା ୧୨ ମୁକାବିଲା ହୋଇଥିବାବେଳେ ପ୍ରଥମ ବିଜୟ ହାତକୁ ଲାଗିଛି। ପୂର୍ବରୁ ୧୧ଥରଯାକ ସେ ପରାଜିତ ହୋଇଥିଲେ। ରବିବାର ଫାଇନାଲରେ ବିଶ୍ୱର ନମ୍ବର ୱାନ ଖେଳାଳି ଚାଇନାର ୟିଙ୍ଗ ଝୋଉଙ୍କୁ ଭେଟିବେ। ଧ୍ୟାନ ଓ ଯୋଗ ଦ୍ୱାରା ମୁଁ ମନକୁ ସବୁବେଳେ ଶାନ୍ତ ରଖିବାକୁ ଚେଷ୍ଟା କରିଥାଏ। ମ୍ୟାଚ ସମୟରେ ଆମେ ଅନେକ ସମୟରେ ଭୁଲ କରିବସି ପଏଣ୍ଟ ହରାଇଥାଉ। ମାତ୍ର ସେମିଫାଇନାଲରେ ମୁଁ ଚିନ୍ତାଧାରାକୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇଥିଲି ବୋଲି ସେ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ, ୨୮।୮(ପି.ଟି.)**

ଟୋକିଓ ପାରାଲିମ୍ପିକ୍ସର ଟେବୁଲ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିବା ଭାବିନାବେନ ପଟେଲଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ପ୍ରଦର୍ଶନ ସାରା ଦେଶକୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଶନିବାର ପଟେଲ ସେମିଫାଇନାଲରେ ବିଶ୍ୱର ୩ ନମ୍ବର ଖେଳାଳି ଚାଇନାର ମିଆଓ ଝାଙ୍ଗଙ୍କୁ ୩-୨ରେ ହରାଇ ଇତିହାସ ରଚିଛନ୍ତି। ଦେଶର ପ୍ରଥମ ଟେବୁଲ ଟେନିସ ଖେଳାଳିଭାବେ ସେ ପାରାଲିମ୍ପିକ୍ସର ଫାଇନାଲରେ ପ୍ରବେଶ କରିଛନ୍ତି। "ଅଭିନନ୍ଦନ ଭାବିନା ପଟେଲ, ତୁମେ ଚମତ୍କାର ଖେଳିଲ। ସାରା ଦେଶ ତୁମ ସଫଳତା ପାଇଁ ପ୍ରାର୍ଥନା କରୁଛି ଏବଂ ଫାଇନାଲରେ ତୁମକୁ ଉତ୍ସାହିତ କରିବାକୁ ପ୍ରସ୍ତୁତ। ବିନା ଚାପରେ ତୁମେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କର। ତୁମ ପ୍ରଦର୍ଶନ ସାରା ଦେଶକୁ ପ୍ରେରଣା ଯୋଗାଇବ" ବୋଲି ମୋଦି ଟୁଇଟ୍ କରିଛନ୍ତି। ପଟେଲଙ୍କ ପଦକ ଚଳିତ ପାରାଲିମ୍ପିକ୍ସରେ ଭାରତର ପ୍ରଥମ ପଦକ ହେବ।

ASBM UNIVERSITY
ADMISSION 2021
Most reasonable Fee
UNDERGRADUATE PROGRAMMES
BBA - (Hons.) | BBA - E- Commerce | B.Com. (Hons.) | B.A. - Economics (Hons.) | B.A. - English (Hons.) | B.A. - Communication & Digital Media | B.Sc. - Data Science | B.Sc. - IT Management
ACBSP ACCREDITED USA
POST GRADUATE PROGRAMMES
MBA
(HR, Marketing, Finance, LSCM, Business Analytics)
M.A. - Economics | M.Com. | M.A. - Communication & Digital Media | M.A. (English) | M.Sc. - IT Management | M.Sc. - AI & Decision Science
For details and online application : www.asbm.ac.in
Last date to apply : 5th September 2021
Shiksha Vihar, Post : ASBM University, Bhola (Chandaka), Bhubaneswar - 754012
Tel. : 0674 - 2744881 - 882 | : 9040884628 | 7749939643 | Email : admission@asbm.ac.in

## ଆଶେସରୁ ଓହରିପାରନ୍ତି ବହୁ ଇଂଲଣ୍ଡ ଖେଳାଳି

**ସିଡ୍‌ନୀ, ୨୮।୮ (ପି.ଟି.)**

ଅଷ୍ଟ୍ରେଲିଆରେ ଯଦି କ୍ୱାରାଣ୍ଟାଇନ୍ ନିୟମକୁ କୋହଳ କରା ନ ଯାଏ ତେବେ ଇଂଲଣ୍ଡର ପାଖାପାଖି ୧୦ ଖେଳାଳି ଅଷ୍ଟ୍ରେଲିଆକୁ ଆଶେସ ଟୁର୍‌ରେ ଯାଇ ନ ପାରନ୍ତି। ସ୍ଥାନୀୟ ଏକ ଦୈନିକ ଖବରକାଗଜ ରିପୋର୍ଟ ଅନୁସାରେ ଚଳିତ ସପ୍ତାହରେ ହେଡିଂଲେଠାରେ ଇଂଲଣ୍ଡ ଖେଳାଳିମାନଙ୍କର ଏକ ବୈଠକ ବସିଥିଲା। କ୍ରିକେଟ ଅଷ୍ଟ୍ରେଲିଆର କଠୋର କ୍ୱାରାଣ୍ଟାଇନ୍ ନିୟମକୁ ନେଇ ବହୁ ଖେଳାଳି ଅସନ୍ତୋଷ ପ୍ରକାଶ କରିଥିଲେ। ଆଶେସ ସିରିଜ ବେଳେ ଖେଳାଳିମାନେ ସେମାନଙ୍କ ପରିବାର ସହ ଅଷ୍ଟ୍ରେଲିଆ ଟୁର୍‌ରେ ଯିବେ। ୱେଷ୍ଟଇଣ୍ଡିଜ ଓ ବାଂଲାଦେଶ ବିପକ୍ଷ ସୀମିତ ଓଭର ସିରିଜ ଟୁର୍ ଶେଷ କରି ଫେରିଥିବା ଅଷ୍ଟ୍ରେଲିଆ ଦଳ ବର୍ତ୍ତମାନ ଆଡେଲିଡ୍‌ସ୍ଥିତ ଏକ ହୋଟେଲରେ ଦୁଇ ସପ୍ତାହ ଧରି କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ବର୍ତ୍ତମାନ ସେମାନଙ୍କୁ ଟ୍ରେନିଂ ପାଇଁ ମଧ୍ୟ ଅନୁମତି ନାହିଁ। ଖବର ଅନୁସାରେ ସରକାରଙ୍କ ଉପରେ କ୍ରିକେଟ ଅଷ୍ଟ୍ରେଲିଆର ଯଥେଷ୍ଟ ପ୍ରଭାବ ନାହିଁ। ଏପରିକି ଦେଶର କୌଣସି ପ୍ରଦେଶ ତୁରନ୍ତ ନୋଟିସ ଜାରି କରି ସମଗ୍ର ସହରରେ କଟକଣା ଅବା ଶଟ୍‌ଡାଉନ୍ ଲାଗୁ କରିପାରେ। ତେଣୁ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଛାଡ଼ିବା ପୂର୍ବରୁ ଖେଳାଳିମାନେ କ୍ୱାରାଣ୍ଟାଇନ୍ ନିୟମ କୋହଳ କରିବା ଉପରେ ଏକ ଏଗ୍ରିମେଣ୍ଟ ଚାହୁଁଛନ୍ତି। ସମସ୍ୟାର ସମାଧାନ ପାଇଁ କ୍ରିକେଟ ଅଷ୍ଟ୍ରେଲିଆ ଉଭୟ ସରକାର ଓ ସ୍ୱାସ୍ଥ୍ୟ ଅଫିସିଆଲଙ୍କ ସହ କଥାବାର୍ତ୍ତା ଜାରି ରଖିଛି।

## ଟୋକିଓ ଅଲିମ୍ପିକ୍ସ ପରଠାରୁ ଭୟ ଦୂର ହୋଇଛି: ଗୁର୍‌ଜିତ୍

**ନୂଆଦିଲ୍ଲୀ, ୨୮।୮ (ପି.ଟି.)**

ଟୋକିଓ ଅଲିମ୍ପିକ୍ସ ପରେ ଐତିହାସିକ ୪ର୍ଥ ସ୍ଥାନ ଅଧିକାର ପରଠାରୁ ଖେଳାଳିମାନେ ଭୟଶୂନ୍ୟ ହୋଇପଡ଼ିଥିବା ଭାରତୀୟ ମହିଳା ହକି ଟିମ୍‌ର ଡ୍ରାଗ୍ ଫ୍ଲିକ୍ ସ୍ପେଶାଲିଷ୍ଟ ଗୁରଜିତ କୌର କହିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ମହିଳା ଦଳକୁ ସେମିଫାଇନାଲ ପ୍ରବେଶ କରାଇବାରେ ଯେଉଁ କେତେଜଣ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ଗୁରଜିତ ଅନ୍ୟତମ। ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ଆୱାର୍ଡ ୨୦୨୦-୨୧ ପାଇଁ ତାଙ୍କ ନାମ ସୁପାରିସ ହୋଇଛି। କ୍ୱାର୍ଟରଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ୧-୦ରେ ଚମକପ୍ରଦ ବିଜୟ ମ୍ୟାଚରେ ଏହି ୨୫ ବର୍ଷୀୟା ଡିଫେଣ୍ଡର ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ ମଧ୍ୟ ବହୁ ସକାରାତ୍ମକ ଶିକ୍ଷା ଲାଭ କରିପାରିଛୁ। ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଆମେ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛୁ। ଦିନକୁ ଦିନ ହକି ଖେଳ ପ୍ରତି ବାଳିକାଙ୍କ ଆଗ୍ରହ ବୃଦ୍ଧିପାଇବ ବୋଲି ଗୁରଜିତ୍ କହିଛନ୍ତି।

## ଗ୍ରେଟ୍ ବ୍ରିଟେନ ଦମ୍ପତି ଜିତିଲେ ସ୍ୱର୍ଣ୍ଣ


ନିଲ୍ ଓ ଲୋରା ଫାଚି

**ଟୋକିଓ, ୨୮।୮:** ଟୋକିଓ ପାରାଲିମ୍ପିକ ଗେମ୍ସରେ ଗ୍ରେଟ୍ ବ୍ରିଟେନ ଦମ୍ପତି ନିଲ୍ ଓ ଲୋରା ଫାଚି ପରସ୍ପରଠାରୁ ୧୬ ମିନିଟ୍ ବ୍ୟବଧାନରେ ସେମାନଙ୍କ ଟ୍ରାକ୍ ସାଇକ୍ଲିଂ ରେସ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ନିଲ୍ ଓ ତାଙ୍କ ପାଇଲଟ ମ୍ୟାଟ୍ ରୋଥରହାମ୍ ବି ୧,୦୦୦ ମିଟର ଟାଇମ୍ ଟ୍ରାଏଲ୍‌ରେ ବ୍ରିଟିଶ ଟିମ୍‌ମେଟ ଜେମ୍ସ ବଲ୍ ଓ ଲୁଇସ ଷ୍ଟିୱାର୍ଟଙ୍କୁ ପଛରେ ପକାଇ ଏକ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ଏହି ଯୋଡ଼ି ୫୮.୦୩୮ ସେକେଣ୍ଡ ଟାଇମିଂରେ ପୁରୁଣା ରେକର୍ଡକୁ ୧ ମିନିଟ୍‌ରୁ ଅଧିକ ବ୍ୟବଧାନରେ ଭାଙ୍ଗି ଦେଇଛନ୍ତି। ଏହାର କିଛି ମିନିଟ ପରେ ଲୋରା ତାଙ୍କ ଟିମ୍‌ମେଟ୍ କୋରିନେ ହଲ୍‌ଙ୍କ ସହ ବି ୩,୦୦୦ ମିଟର ପରସୁଟ୍ ଟାଇଟଲ ଜିତିଥିଲେ। ନିଲ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଶନିବାର ଏହି ସଫଳତାକୁ ଉଭୟେ ସ୍ୱାମୀ ଓ ସ୍ତ୍ରୀ କେବେ ଭୁଲି ପାରିବେ ନାହିଁ। ରିଓ ସଂସ୍କରଣରେ ମଧ୍ୟ ଏହା ଘଟିଥିଲା। ସେଠାରେ ଲୋରା ସ୍ୱର୍ଣ୍ଣ ଓ ସେ ନିଜେ ରୌପ୍ୟ ଜିତିଥିଲେ। କିନ୍ତୁ ଲଣ୍ଡନରେ ସେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ,ଲୋରା ପଦକ ଜିତିବାରେ ବିଫଳ ରହିଥିଲେ। କହିବାକୁ ଗଲେ ଶେଷରେ ଆମେ ଦୁହେଁ ପୁଣି ପଦକ ଜିତିବାରେ ସଫଳ ହୋଇ ପାରିଛୁ। ଗ୍ରେଟ୍ ବ୍ରିଟେନ ଟିମ୍ ଶନିବାର ମିକ୍ସଡ ଟିମ୍ ସ୍ପ୍ରିଣ୍ଟ ଜିତିଛନ୍ତି। ଏହାଦ୍ୱାରା କାଡିନା କୋକ୍ସ ଓ ଜାକୋ ଭାନ୍ ଗାସ୍ ଟୋକିଓରେ ସେମାନଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭ କରିପାରିଛନ୍ତି।

## ଜାଭେଲିନ୍ ଫାଇନାଲରୁ ବିଦାୟ ନେଲେ ଭଟି

**ଟୋକିଓ, ୨୮।୮ (ପି.ଟି.):** ପାରାଲିମ୍ପିକ୍ସରେ ଭାରତୀୟ ଜାଭେଲିନ୍ ଥ୍ରୋୟର ରଣଜିତ୍ ଭଟିଙ୍କର ଅଭିଯାନ ଶେଷ ହୋଇଛି। ଶନିବାର ପୁରୁଷ କ୍ଲାସ ଏଫ୍‌୫୭ ଫାଇନାଲରେ ତାଙ୍କର ୬ଟି ପ୍ରଚେଷ୍ଟା ମଧ୍ୟରୁ ଗୋଟଏ ହେଲେ ବୈଧ ହୋଇ ନ ଥିଲା। ଫରିଦାବାଦର ଏହି ୩୪ ବର୍ଷୀୟ ଆଥଲେଟ ୨୦୧୯ରେ ମରୋକାନ ଗ୍ରାଁ ପ୍ରିରେ ଚତୁର୍ଥ ହୋଇଥିଲେ। ଗୁରୁଗ୍ରାମରେ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ଏବଂ ଚଳିତବର୍ଷ ବେଙ୍ଗାଲୁରୁରେ ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବା ସହ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ।




## ରାକେଶ ପ୍ରି-କ୍ୱାର୍ଟରରେ

**ଟୋକିଓ, ୨୮।୮ (ପି.ଟି.)**

ପାରାଲିମ୍ପିକ୍ ଗେମ୍ସରେ ଭାରତୀୟ କମ୍ପାଉଣ୍ଡ ତୀରନ୍ଦାଜମାନଙ୍କ ଲାଗି ଶୁକ୍ରବାର ମିଶ୍ରିତ ଫଳାଫଳର ଦିବସ ଥିଲା। ରାକେଶ କୁମାର ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ବେଳେ ଟିମ୍‌ମେଟ୍ ଶ୍ୟାମ ସୁନ୍ଦର ସ୍ୱାମୀ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସ୍ଥାନୀୟ ୟୁମେନୋସିମା ପାର୍କଠାରେ ୩୬ ବର୍ଷୀୟ କୁମାର ୧୩ ପଏଣ୍ଟ ବ୍ୟବଧାନରେ ହଂକଂର କା ଟୁଏନ୍ ଏନ୍‌ଗାଇଙ୍କୁ ପରାସ୍ତ କରିଥିଲେ। ଚଳିତବର୍ଷ ପ୍ରଥମ ଭାଗରେ ଦୁବାଇରେ ଅନୁଷ୍ଠିତ ୭ମ ଫାଜା ପାରା ଆର୍ଚେରୀ ୱାର୍ଲ୍ଡ ର୍‌ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଲାଭ କରିଥିବା କୁମାର କ୍ୱାର୍ଟର ଫାଇନାଲରେ ସ୍ଲୋଭାକିଆର ଦୁଇଥର ଅଲିମ୍ପିଆନ ୪୯ ବର୍ଷୀୟ ତଥା ୧୪ତମ ସିଡ୍ ମାରିଆନ୍ ମାରେସାକ୍‌ଙ୍କୁ ଭେଟିବେ। ପୂର୍ବରୁ ୨୧ତମ ସିଡ୍ ସୁନ୍ଦର ୨୦୧୨ ପାରାଲିମ୍ପିକ୍ସ ରୌପ୍ୟ ବିଜେତା ମ୍ୟାଟ୍ ଷ୍ଟଜମ୍ୟାନଙ୍କଠାରୁ ୧୩୯-୧୪୨ରେ ପରାସ୍ତ ହୋଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟଜମ୍ୟାନଙ୍କର ଦୁଇଟି ହାତ ନାହିଁ। ସେ ଗୋଡ଼ରେ ତୀରଚାଳନା କରିଥିଲେ।




PUBLIC HEALTH FOUNDATION of INDIA
INDIAN INSTITUTE of PUBLIC HEALTH
ESTABLISHED BY PHFI
BHUBANESWAR
MASTER OF PUBLIC HEALTH (MPH)
A two-year on-campus Master's Program in Public Health
In Affiliation with Utkal University, Odisha
ADMISSIONS OPEN
Last date of receiving application is 15th September 2021
ELIGIBILITY
Bachelor degree holder of any Institute/University recognized by the UGC in any stream of medicine (eg., MBBS/BHMS/BAMS/BUMS etc) / Dentistry / Nursing / Pharmacy / Veterinary Sciences / Physiotherapy / Occupational therapy / or Allied Health Sciences.
or
Bachelor degree holder of any Institute/University recognized by the UGC in Life Sciences / Biotechnology / Statistics / Biostatistics / Management.
or
Bachelor degree holder of any Institute/University recognized by the UGC in Engineering/ Demography / Population Studies / Nutrition / Sociology / Psychology / Anthropology / Social Work / Economics / Law.
or
Bachelor degree holder of any Institute/University recognized by the UGC in any equivalent discipline.
And having secured at least 50% marks for General and 45% marks for SC/ST candidates. Students appearing in their final degree examination pending publication of results, can also make a provisional application, subject to meeting minimum eligibility requirements at the time of interview.
For more information about the program and to download the brochure visit: www.phfi.org
Contact us:
Academics Team
Indian Institute of Public Health - Bhubaneswar
Public Health Foundation of India
Plot # 267/3408, Jayadev Vihar, Mayfair Lagoon Road, Bhubaneswar-751013
Tel: 0674-6655601, +91-9668428051
Email: mphadmission@iiphb.org , URL: http://phfi.org/iiph-bhubaneswar/on-campus-programs/

୭
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସ୍ମାର୍ଟ ସ୍କୁଲ ପରିସ୍ରାଗାରର ଭଗ୍ନ ଫଟୋ ଭାଇରାଲ

ହିଞ୍ଜିଳିକାଟୁ, ୨୮।୮(ଡି.ଏନ୍.ଏ): ହିଞ୍ଜିଳିକାଟୁ ବ୍ଲକ ବୁରୁପୋଡ଼ା ଭଗବତୀ ବିଦ୍ୟାପୀଠର ରୂପାନ୍ତରୀକରଣ ସ୍କୁଲର ଛାତ୍ରୀ ପରିସ୍ରାଗାର ମଧ୍ୟରେ ଥିବା ଏକ ମାର୍ବଲ ଖଣ୍ଡ କାନ୍ଥରୁ ଖସି ଭାଙ୍ଗି ଯାଇଥିଲା। ଏ ନେଇ ଶନିବାର ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହୋଇଛି। ଏହି ରୂପାନ୍ତରୀକରଣ ସ୍କୁଲଟି ୨ୟ ପର୍ଯ୍ୟାୟରେ ଉଦ୍‌ଘାଟନ ହୋଇଥିଲା। ଛାତ୍ରୀ ପରିସ୍ରାଗାରର ମାର୍ବଲ ଖଣ୍ଡ ଭାଙ୍ଗିବା ଫଟୋ ଗଣମାଧ୍ୟମରେ ଭାଇରାଲ ହେବା ପରେ କାର୍ଯ୍ୟ ଗୁଣବତାକୁ ନେଇ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଦ୍‌ଘାଟନ ପାଇଁ ତରବରିଆ ଓ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଶୀଘ୍ର ମରାମତି କରାଯାଇ ନୂତନ ମାର୍ବଲ ଲଗାଯାଇଛି ବୋଲି ହିଞ୍ଜିଳିକାଟୁ ବିଡିଓ ସୁବ୍ରତ କୁମାର ଜେନା କହିଛନ୍ତି।

### ଭିଡିଓ ଭାଇରାଲ, ଯୁବକ ଗିରଫ
#### ନାବାଳିକାଙ୍କୁ ଅପହରଣ

ବୁଗୁଡ଼ା,୨୮।୮(ଡି.ଏନ.ଏ.): ବୁଗୁଡ଼ା ଥାନା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ଅପହରଣ ପରେ ସମ୍ପର୍କ ରଖିବା ସମୟର କଭିଡିଓ ଭାଇରାଲ ଏବଂ ଧମକ ଅଭିଯୋଗରେ ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ପାଣିକେଶର ଗ୍ରାମର ଶରତ ନାୟକ। ଏନେଇ ନଂ. ୪୨୮/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ଯୁବକ ଜଣଙ୍କ ଜଣେ ୧୬ ବର୍ଷିୟା ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖି ତାଙ୍କୁ ମାସେ ପୂର୍ବରୁ ଅପହରଣ କରିଥିଲେ। ମାସକ ପରେ ନାବାଳିକାଙ୍କ ପରିବାର ଲୋକେ ତାଙ୍କୁ ଘରକୁ ଆଣିଥିଲେ। ଏନେଇ ପରିବାର ଲୋକ କାହାକୁ କହିନଥିଲେ ମଧ ଯୁବକ ଜଣକ ତାଙ୍କ ଆପତ୍ତି ଜନକ ଫଟୋ ଭାଇରାଲ କରିବେ ବୋଲି ଧମକ ଦେଇ ତାଙ୍କ ସହ ସମ୍ପର୍କ ରଖିବା ଲାଗି ବାରମ୍ବାର ଚାପ ପକାଇଥିଲେ। ଶେଷରେ ବାଧହୋଇ ପରିବାର ଲୋକେ ଯୁବକଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଥିଲେ। ଶନିବାର ଗିରଫ ଯୁବକଙ୍କୁ ପୋକ୍‌ସୋ କୋର୍ଟଚାଲାଣ କରିବା ସହ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

### ନଦୀରୁ ପଥରବନ୍ଧା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଜବତ

ଗଞ୍ଜାମ,୨୮।୮(ଡି.ଏନ.ଏ.): ଗଞ୍ଜାମ ସହର ପୋତାଗଡ଼ ସ୍ଥିତ ରଷିକଲ୍ୟା ନଦୀପାର୍ଶ୍ୱରେ ପଥରବନ୍ଧା ହୋଇଥିବା ଜଣେ ଯୁବତୀଙ୍କ ମୃତଦେହ ଶନିବାର ପୋଲିସ ଜବତ କରିଛି। ମୃତ ଯୁବତୀ ଜଣକ ଏକ ଚଦର ଘୋଡେଇ ହୋଇଥିବାରୁ ତାଙ୍କର ପରିଚୟ ମିଳିପାରି ନାହିଁ। ନଦୀପାର୍ଶ୍ୱରେ ପଥରବନ୍ଧା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଭାସୁଥିଲା। ଏହା ଦେଖିବା ପାଇଁ ସକାଳୁ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ଗଞ୍ଜାମ ଆଇଆଇସି ଶୁଭେନ୍ଦୁ କୁମାର ସାହୁ, ଛତ୍ରପୁର ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଚମାଖଣ୍ଡି ଆଇଆଇସି, ଏସ୍‌ଆଇ ଅଜିତ କୁମାର ପରିଡ଼ା, ତ୍ରିନାଥ ପଟ୍ଟନାୟକ ପ୍ରମୁଖ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲ ପଠାଇଛନ୍ତି। କେହି ଦୁର୍ବୃତ୍ତ ସମ୍ପୃକ୍ତ ଯୁବତୀଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଥିବା ବେଳେ ମୃତଦେହରୁ ଚଦର କାଢ଼ିବା, ମୁହଁ ଦେଖାଯିବା ପରେ ଅଧିକ ତଥ୍ୟ ଜଣାପଡିବ ବୋଲି ଆଇଆଇସି କହିଛନ୍ତି। ଏଥିସହ ସାଇଣ୍ଟିଫିକ ଟିମକୁ ଜଣାଯାଇଛି ବୋଲି ସେ କହିଛନ୍ତି।

### ପୋଖରୀ ସଫା କଲେ ଯୁବକ

ଶେରଗଡ,୨୮।୮(ଡି.ଏନ.ଏ.): ଶେରଗଡ଼ ଗ୍ରାମର ତୋଟାସାହି ରାମଚଣ୍ଡୀ ମନ୍ଦିର ସମ୍ମୁଖରେ ଥିବା ପୋଖରୀକୁ ସାହିର ୧୫ରୁ ଅଧିକ ଯୁବକ ସଫା କରିଛନ୍ତି। ପାଣିରେ ଭାସୁଥିବା ମଇଳା ସବୁ ବାହାର କରିଛନ୍ତି। ପୋଖରୀ ନିକଟରେ ରାମଚଣ୍ଡୀ ଠାକୁରାଣୀ ଅଛନ୍ତି। କିନ୍ତୁ ଏହାର ପାଣି ପୋଖରୀ କାମରେ ଲାଗୁଛି। ତେଣୁ ଏହି ପୋଖରୀକୁ ସଫା କରିବା ପାଇଁ ଲୋକମାନେ ସ୍ଥାନୀୟ ପ୍ରଶାସନକୁ ଜଣାଇଥିଲେ ମଧ କେହି ନ ଶୁଣିବାରୁ ଯୁବକମାନେ ସଫା କରିଥିଲେ। ବିଡିଓ ଏଥିପ୍ରତି ଦୃଷ୍ଟି ଦେବା ସହ ସୌନ୍ଦର୍ଯ୍ୟକରଣ ଯୋଜନାରେ ଉକ୍ତ ପୋଖରୀକୁ ସାମିଲ କରିବା ପାଇଁ ଶ୍ରୀଦୀପ ମହାପାତ୍ର ଓ ପ୍ରଦୀପ କୁମାର ଦାଶ ପ୍ରମୁଖ ଦାବି କରିଛନ୍ତି।

# ୧୦ ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟିତ

## ଚତୁର୍ଥ ପର୍ଯ୍ୟାୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ



ହିଞ୍ଜିଳିକାଟୁ ବୃନ୍ଦାବନ ହାଇସ୍କୁଲଠାରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ହିଞ୍ଜିଳିକାଟୁ/ଶେରଗଡ଼, ୨୮।୮(ଡି.ଏନ୍.ଏ)

ଚତୁର୍ଥ ପର୍ଯ୍ୟାୟରେ ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକର ଆଉ ୧୦ ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନଫରେନ୍ସରେ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେବାକୁ ଏହି ୨ ବ୍ଲକକୁ ୨ ମନ୍ତ୍ରୀ ଓ ୧୬ ଜଣ ବିଧାୟକ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶନିବାର ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ପ୍ରଥମ ସ୍କୁଲ ଭାବେ ହିଞ୍ଜିଳିକାଟୁ ପୌରାଞ୍ଚଳର ବୃନ୍ଦାବନ ବିଦ୍ୟାପୀଠ ଉଦ୍‌ଘାଟନ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ସ୍ମୃତିରେଖା ନାୟକ ରୂପାନ୍ତରୀକରଣ ନେଇ ଅନୁଭୂତି ପ୍ରକାଶ କରିଥିଲେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସରକା ଉପସ୍ଥିତ ଥିଲେ। ସେ ୫ଟି ଉପକ୍ରମରେ ସରକାରଙ୍କ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ଦ୍ୱିତୀୟରେ ଶେରଗଡ଼ ବ୍ଲକ ବାଳିକା ବିଦ୍ୟାଳୟ ଉଦ୍‌ଘାଟନ ହୋଇଥିଲା। ଏଠାରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି ଓ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ପଞ୍ଚାୟତ ହାଇସ୍କୁଲ ଦୁର୍ବନ୍ଧ ଉଦ୍‌ଘାଟନରେ କନ୍ଧମାଳ ବିଧାୟକ ମହୀଧର ରଣା ଓ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଉପସ୍ଥିତ ଥିଲେ। ଶେରଗଡ଼ ବ୍ଲକ ଜଗନ୍ନାଥ ବିଦ୍ୟାପୀଠ କାନସା ଉଦ୍‌ଘାଟନୀରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଓ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ବ୍ଲକ ଉଦୟନାଥ ହାଇସ୍କୁଲ ଶିକିରି ଉଦ୍‌ଘାଟନରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଓ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ଉପସ୍ଥିତ ଥିଲେ। ଶେରଗଡ଼ ବ୍ଲକ ବି ବ୍ରହ୍ମପୁର ହାଇସ୍କୁଲ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଜଗନ୍ନାଥ ନାୟକ ଓ ନର୍ଲା ବିଧାୟକ ଭୂପିନ୍ଦର ସିଂ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ବ୍ଲକ ବାଲକୃଷ୍ଣପୁର ସରକାରୀ ୟୁଜି ହାଇସ୍କୁଲ କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଓ ବାଲିଗୁଡ଼ା ବିଧାୟକ ଚକ୍ରଧର କହଁର ଉପସ୍ଥିତ ଥିଲେ। ଶେରଗଡ଼ ବ୍ଲକ ନରେନ୍ଦ୍ରପୁର ହାଇସ୍କୁଲକରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ଓ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ବ୍ଲକ ନନ୍ଦିକ ସରକାରୀ ୟୁଜି ହାଇସ୍କୁଲକରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହନ୍ତ ଓ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ଥିଲେ। ଶେରଗଡ଼ ବ୍ଲକ ପିତଳ ବାଳକ ହାଇସ୍କୁଲ ଉଦ୍‌ଘାଟନୀରେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଉପସ୍ଥିତ ଥିଲେ। ଶେଷରେ ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଧନ୍ୟବାଦ ଦେଇଥିଲେ। ହିଞ୍ଜିଳିକାଟୁ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ବିଡିଓ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନି, ବିଜେଡି ସଭାପତି ଭୀମସେନ ବେହେରା, ଯୁବ ବିଜେଡି ସଭାପତି ସଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମକା ବିକ୍ରି କରୁଛନ୍ତି ୨ ଭଉଣୀ




ଖଣ୍ଡପଡ଼ା,୨୮।୮(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ବାଣପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷୀମାନେ ମକା ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଚଳିତ ଋତୁରେ ମକା ଫସଲ ଭଲ ହୋଇଥିବାରୁ ଦର ହ୍ରାସ ପାଇଛି। ଚାଷୀମାନେ ସେହି ମକାକୁ ରାସ୍ତା ପାର୍ଶ୍ୱରେ ରଖି ବିକ୍ରି କରୁଛନ୍ତି। ସେମାନଙ୍କ ପିଲାମାନେ ବି ଏହି ବେପାରରେ ପରିବାର ଲୋକଙ୍କୁ ସାହାଯ୍ୟ କରୁଛନ୍ତି। ଶନିବାର ବାଣପୁରର ରାସ୍ତା କଡରେ୨ ଭଉଣୀ ମକା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ବଡ଼ ଉଉଣୀ ଶିବାନୀ ୬ଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ସାନ ଭଉଣୀ ହରପ୍ରିୟା ଦ୍ୱିତୀୟ ଶ୍ରେଣୀର ଛାତ୍ରୀ। ଆଜି ଶନିବାର ଓ ଆସନ୍ତାକାଲି ରବିବାର ହୋଇଥିବାରୁ ଆମେ ମାଆ ବାପାଙ୍କୁ କିଛି ସମୟ ସାହାର୍ଯ୍ୟ କରିବାକୁ ଆସିଛୁ ବୋଲି କହିଛନ୍ତି। ଏଥିରେ ଆମ ପାଠ ପଢ଼ାରେ କୌଣସି ଅସୁବିଧା ହେବ ନାହିଁ। ଛୁଟି ଦିନରେ ଆମେ ଏପରି କରିଥାଉ ବୋଲି ସେମାନେ କହିଛନ୍ତି।

# ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ



ଆନ୍ଦୋଳନରେ ସାମିଲ ହୋଇଥିବା ଆଇନଜୀବୀ।

- ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ
- ୩୧ରେ ହେବ ଆଲୋଚନା

ବ୍ରହ୍ମପୁର ଅଫିସ,୨୮।୮

ବ୍ରହ୍ମପୁରରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ ଆନ୍ଦୋଳନ ଶନିବାର ଆରମ୍ଭ ହୋଇଛି। ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ ସହ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସ୍ଲୋଗାନ ଦେଇଥିଲେ। ଫଳରେ ସମସ୍ତ ଅଦାଲତରେ ବିଚାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଏଥିରେ ସମ୍ପାଦକ ପ୍ରଦୀପ କୁମାର ବେହେରା, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର, ଉପସଭାପତି ବି. ଭାଗୀରଥି ରାଓ, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ନିର୍ମଳ ସାହୁ, ସୁଧୀର ମିଶ୍ର, କୁଞ୍ଜ ପଣ୍ଡା, ତାପସ ସାହୁ, ବିରଞ୍ଚି ମହାପାତ୍ର, ଲିଙ୍ଗରାଜ ମିଶ୍ର, ରଘୁନାଥ ପ୍ରସାଦ ପାଣିଗ୍ରାହୀ, କପିଳେଶ୍ୱର ପଟ୍ଟନାୟକ, କିରଣ ମଣ୍ଡଳ, ସୁଶୀଳ ତ୍ରିପାଠୀ, ବରୁଣ ଗୌଡ଼, ନୟନ ମହାପାତ୍ର, ଅକ୍ଷୟ ପଟ୍ଟନାୟକ, ପ୍ରସାଦ ଦୋରା, ପ୍ରକାଶ ଦାଶ, ଅଶୋକ ଶୁକ୍ଳା, ସଞ୍ଜୟ ମିଶ୍ର, ସୂର୍ଯ୍ୟ ସାହୁ, ଲିଙ୍ଗରାଜ ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଆନ୍ଦୋଳନରେ ସାମିଲ ଥିଲେ। ସୂଚନାଯୋଗ୍ୟ, ଏନେଇ ଆସନ୍ତା ୩୧ ତାରିଖରେ ଆଲୋଚନା ପାଇଁ ଏକ ବୈଠକ କରାଯିବ। ଏଥିରେ ଦକ୍ଷିଣ ଓଡ଼ିଶାରେ ଥିବା ୩୬ ଓକିଲ ସଂଘ କର୍ମକର୍ତ୍ତା ଯୋଗଦେବେ। ସେହିପରି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ ପଣ୍ଡା ମଧ୍ୟ ଏଥିରେ ଭାଗ ନେବେ ବୋଲି ସହମତି ଦେଇଥିବା ସଂଘ ସମ୍ପାଦକ ପ୍ରଦୀପ ବେହେରା ସୂଚନା ଦେଇଛନ୍ତି।

# ପୁଣି ୨ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୨୮।୮

ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ କାୟା ବିସ୍ତାର କରିବାରେ ଲାଗିଛି। ପୁଣିଥରେ ଦୁଇ ଜଣଙ୍କ ରକ୍ତ ନମୁନାରେ ଡେଙ୍ଗୁ ଭୂତାଣୁ ଥିବା ଜଣାପଡିଛି। ଉଭୟ ରୋଗୀଙ୍କ ମଧ୍ୟରୁ ଜଣେ କୁକୁଡ଼ାଖଣ୍ଡି ଓ ଅନ୍ୟଜଣେ ଛତ୍ରପୁର ବ୍ଲକର ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି। କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଆମ୍ବଗଡ ଗ୍ରାମରେ ରହୁଥିବା ୩୪ ବର୍ଷର ଯୁବକଙ୍କୁ ଜ୍ୱର ଲାଗି ରହିଥିଲା। ଗତ ୨୮ ତାରିଖରେ ଡେଙ୍ଗୁ ପରୀକ୍ଷା ପରେ ତାଙ୍କର ନମୁନା ପଜିଟିଭ ଆସିଛି। ସେହିପରି ଛତ୍ରପୁର ବ୍ଲକ ଅଧୀନ ଆର୍ଯ୍ୟପଲୀ ଗ୍ରାମର ୨୭ ବର୍ଷର ଜଣେ ମହିଳା ମଧ୍ୟ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାରେ ଏଯାବତ ୨୯ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ସାରିଲେଣି। ସେଥିରୁ ବ୍ରହ୍ମପୁରରେ ୧୧, କୁକୁଡାଖଣ୍ଡି ବ୍ଲକରେ ୪, ସୋରଡ଼ାରେ ୩, ରଙ୍ଗେଇଲୁଣ୍ଡାରେ ୩ ଓ କବିସୂର୍ଯ୍ୟନଗରରେ ୨, ଛତ୍ରପୁରରେ ୨, ଚିକିଟି ବ୍ଲକରେ ୧, ଆସ୍କା ବ୍ଲକରେ ୧, ପୁରୁଷୋତ୍ତମପୁର ବ୍ଲକରେ ୧ ଓ ସାନଖେମୁଣ୍ଡି ବ୍ଲକରେ ୧। ୨୦୨୦ରେ ଗଞ୍ଜାମ ଜିଲାରେ କେବଳ ୯ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଡେଙ୍ଗୁ ଜିଲାରେ ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ପ୍ରତି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଲୋକଙ୍କୁ ସଚେତନ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି।

# ଆଇନ ସଚେତନତା ଶିବିର


ସଚେତନତା ଶିବିରରେ ଯୋଗ ଦେଇଥିବା ମହିଳାମାନେ।

ଖଣ୍ଡପଡ଼ା,୨୮।୮ (ସ୍ୱ.ପ୍ର.)

ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସଭାଗୃହରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ବିଭୁଦତ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ କୁମାର ସାଥୁଆ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ, ବିଡ଼ିଓ ଅରୁଣିମା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ମହିଳା ଓ ଶିଶୁମାନଙ୍କ ପ୍ରମୁଖ ସମସ୍ୟା ତଥା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଏବଂ ବାର ଆସୋସିଏଶନର ସମ୍ପାଦକ ବିକ୍ରମ କେଶରୀ ଦେଓ ଆଲୋଚନା କରିଥିଲେ। ବିଭିନ୍ନ ଦେୱାନୀ ଓ ଫୌଜଦାରୀ ଆଇନ ବାବଦରେ ଅତିଥିମାନେ ଉପସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡି କର୍ମୀଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଯୁଧିଷ୍ଠିର ସାହୁ, ଚିତ୍ତ ରଞ୍ଜନ ଶତପଥୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ମହିଳାମାନେ ଯୋଗ ଦେଇଥିଲେ।

# ହୋମ୍‌ଗାର୍ଡଙ୍କୁ ଆର୍ଥିକ ସହାୟତା ପ୍ରଦାନ କଲେ ଏସ୍‌ପି

ଛତ୍ରପୁର,୨୮।୮(ଡି.ଏନ.ଏ.)

ଗଞ୍ଜାମ ପୋଲିସ ଜିଲା ଅଧୀନ ପାଟପୁର ଥାନାରେ କାର୍ଯ୍ୟରତ ହୋମଗାର୍ଡ ଗୌରଚନ୍ଦ୍ର ବାଡତ୍ୟା ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଶନିବାର ତାଙ୍କୁ ୧,୭୬,୭୦୦ ଟଙ୍କାର ଏକ ଚେକ୍ ସହ ବିଦାୟକାଳୀନ ସମ୍ବର୍ଦ୍ଧନା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ପ୍ରଦାନ କରିଛନ୍ତି। ଗଞ୍ଜାମ ପୋଲିସ ଜିଲାରେ କାର୍ଯ୍ୟରତ ହୋମଗାର୍ଡମାନେ ଏଥିପାଇଁ ଗୋଟିଏ ଦିନର ଦରମା ଦାନ କରିଥିଲେ ବୋଲି ସୂଚନା ଦିଆଯାଇଛି। ଏହି ଚେକ୍ ପ୍ରଦାନ ବେଳେ ଡିଏସ୍‌ପି (ଡିଆଇବି) ଅଜୟ ମିଶ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ସର୍ଜେଣ୍ଟ ସଞ୍ଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଘଟିଛି ମୃତ୍ୟୁ

## ନାଳରୁ ୨ ମୃତଦେହ ଜବତ ଘଟଣା

ଗୋପାଳପୁର,୨୮।୮(ଡି.ଏନ.ଏ.)

ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋଳନ୍ଥରା ଶେଷ ମୁଣ୍ଡରେ ଥିବା ସୁରି ନାଳରୁ ଗତ ଗୁରୁବାର ପୋଲିସ ଜବତ କରିଥିବା ଦୁଇ ମୃତଦେହ ଘଟଣା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିବା ଜଣାପଡ଼ିଛି। ସନାତନ ପ୍ରଧାନ ଓ ରାଜୁ ଗୌଡ଼ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି। କଗତ ବୁଧବାର ରାତିରେ ଗୋଳନ୍ଥରା ଗ୍ରାମର ସନାତନ ଓ ରାଜୁ ବିଲକୁ ପାଣି ମଡାଇବା ପାଇଁ ଯାଇଥିବା ବେଳେ ସେଠାକାର କିଛି ଲୋକ ବନ୍ୟଜନ୍ତୁ ଫସଲ ନଷ୍ଟ କରୁଥିବାରୁ ବିଦ୍ୟୁତ ତାର ବିଛାଇଥିଲେ। ଏହା ସଂସ୍ପର୍ଶରେ ଉଭୟଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଶନିବାର ବିଡିଓ ପ୍ରଶାନ୍ତ ପାତ୍ର, ବ୍ଲକ ଅଧ୍ୟକ୍ଷା ସିଏଚ୍ ଉଷାରାଣୀ, ଅଜିତ ଦାଶ, ସରପଞ୍ଚ ରଶ୍ମିତା ଜେନା ମୃତକଙ୍କ ପରିବାରକୁ ଭେଟି ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଥିଲେ।

# ସିପିଏମ୍‌ର ପ୍ରତିବାଦ ସଂଗଠିତ କାର୍ଯ୍ୟକ୍ରମ



ପ୍ରତିବାଦରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

## ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ ଦାବି

ବ୍ରହ୍ମପୁର ଅଫିସ,୨୮।୮

ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ ଦାବି କରି ଶନିବାର ସିପିଏମ୍ ପକ୍ଷରୁ କମାପଲୀ ଛକରେ ବିକ୍ଷୋଭ ଓ ପ୍ରତିବାଦ ସଂଗଠିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଳବାଇ, ଜାତୀୟ ରାଜପଥ, ବିମାନ ବନ୍ଦର, କୋଇଲା ଖଣି ସମେତ ବହୁ ମୂଲ୍ୟବାନ ସମ୍ପଦକୁ କେନ୍ଦ୍ର ସରକାର ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ୬ଲକ୍ଷ କୋଟିରେ ଦେଶର ସମ୍ପତ୍ତିକୁ ଆଦାନୀ ଓ ଅମ୍ବାନୀ ଭଳି କମ୍ପାନୀ ହାତରେ ଟେକିଦେବା ପାଇଁ ମୋଦି ସରକାର ଚକ୍ରାନ୍ତ କରିଛନ୍ତି ବୋଲି ଦଳ ଅଭିଯୋଗ କରିଛି। ଓଡ଼ିଶାର ଗୌରବ ପାରାଦୀପ ବନ୍ଦର ଓ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦର ଏହି ବିକ୍ରି ତାଲିକାରେ ରହିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଦେଶ ବିରୋଧୀ ଓ ଜନ ବିରୋଧୀ। ତେଣୁ ଏହି ନୀତି ଶୀଘ୍ର ପ୍ରତ୍ୟାହାର କରିବା ପାଇଁ ସିପିଏମ୍ ଦାବି କରିଛି। ଏଥିରେ ସିପିଏମ୍ ରାଜ୍ୟ ସମ୍ପାଦକ ଅଳି ପଟ୍ଟନାୟକଙ୍କ ସମେତ ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ପ୍ରତାପ ଚୌଧୁରୀ, ଚିଟି ବାବୁ, ରଞ୍ଜନ ପାତ୍ର, ଅଶୋକ ଦାସ, କିଶୋର ମିଶ୍ର, ଗୋପାଳ ମହାନ୍ତି ଏବଂ ଯୁବ ନେତା ଅଜିତ ପାଣିଗ୍ରାହୀ ଓ ତ୍ରିଲୋଚନ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଅନୁଦାନ ଅର୍ଥରେ କାର୍ଯ୍ୟ ଅଧାପନ୍ତରିଆ ଅଭିଯୋଗ

ବ୍ରହ୍ମପୁର ଅଫିସ୍,୨୮।୮


ପୋଖରୀ ମଧ୍ୟରେ ଜମା ଥିବା ଆବର୍ଜନା।

## ଲାଞ୍ଜିପଲ୍ଲୀ ଦେଓ ବନ୍ଧ ଦୂଷିତ

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୩୬ ନଂ. ୱାର୍ଡରେ ଥିବା ଦେଓ ବନ୍ଧ ବର୍ତ୍ତମାନ ଦୂଷିତ ହୋଇଛି। ଏପରିକି ଏହାର ଚତୁଃପାର୍ଶ୍ୱରେ ପଥର ପାଚେରି ନିର୍ମାଣ ଲାଗି ଆସିଥିବା ଅନୁଦାନ ଅର୍ଥରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ। ଦୀର୍ଘ ଦିନ ଧରି ପାଚେରି ନିର୍ମାଣ ଅଧାପନ୍ତରିଆ ହୋଇ ରହିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ପୋଖରୀଟି ଉକ୍ତ ୱାର୍ଡର ଠାକୁରାଣୀ ମନ୍ଦିର ସାହିଠାରେ ରହିଛି। ଏହାର ପାଣି ନିକଟରେ ଥିବା ତାରା ଦେବୀ ମନ୍ଦିର ପୂଜାର୍ଚ୍ଚନାରେ ବ୍ୟବହାର ହେଉଥିଲା। ଏଥିସହ ସ୍ଥାନୀୟ ବାସିନ୍ଦା ମଧ ବ୍ୟବହାର କରୁଥିଲେ। ଦୀର୍ଘ ଦିନ ଧରି ଏହାର ପୁନରୁଦ୍ଧାର ନ ହେବାରୁ ବର୍ତ୍ତମାନ ପାଣି ଦୂଷିତ ହୋଇଗଲାଣି। ପୋଖରୀରେ ଗଛ ଡାଳ ବୁଡି ରହି ପାଣି ଦୁର୍ଗନ୍ଧ ହେଉଛି। ଏପରିକି ନିକଟରେ ଥିବା ଏକ ଡ୍ରେନ୍‌ରେ ପୋଖରୀକୁ ସଂଯୋଗ କରାଯାଇଛି। ଫଳରେ ଡ୍ରେନ ପାଣି ପୋଖରୀରେ ପଶି ଦୂଷିତ ହେଉଛି। ଡ୍ରେନ୍ ପାଣି ଅନ୍ୟତ୍ର ଛାଡିବା ପାଇଁ ବହୁବାର ଦାବି ହୋଇଛି, କିନ୍ତୁ ଏ କ୍ଷେତ୍ରରେ ପଦକ୍ଷେପ ନିଆଯାଉନାହିଁ। ବିଏମ୍‌ସି ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପୋଖରୀ ଚତୁଃପାର୍ଶ୍ୱରେ ପଥର ପ୍ରାଚୀର ନିର୍ମାଣ ବାବଦକୁ ୨୦୨୦-୨୧ ବର୍ଷ ପାଇଁ ୫,୬୬,୮୭୦ ଟଙ୍କା ଆସିଥିଲା। କିନ୍ତୁ ଅନୁଦାନ ଅର୍ଥରେ କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ପୋଖରୀ ପାର୍ଶ୍ୱରେ କିଛି ଦୂର ପର୍ଯ୍ୟନ୍ତ ପାଚେରି ନିର୍ମାଣ ହୋଇଛି। ଏହାପରେ କାର୍ଯ୍ୟ ଅଧାପନ୍ତରିଆ ଭାବେ ଦୀର୍ଘ ଦିନ ଧରି ପଡି ରହିଛି। ଏପରିକି ନିର୍ମାଣ ହୋଇଥିବା ପାଚେରି କାନ୍ଥ ମଧ୍ୟ ଭୁଶୁଡି ପଡିଥିବା ଅଭିଯୋଗ ହୋଇଛି। ଯାହାକି କାର୍ଯ୍ୟରେ ଅନିୟମିତତା ହୋଇଥିବା ଜଣାପଡିଛି। ଅନ୍ୟପଟେ ପୋଖରୀ ପୁନରୁଦ୍ଧାର କ୍ଷେତ୍ରରେ ବିଏମ୍‌ସି କିମ୍ବା ସ୍ଥାନୀୟ ଲୋକ ପ୍ରତିନିଧି ଉଦ୍ୟମ କରୁନାହାନ୍ତି। ଫଳରେ ବହୁ ପୁରାତନ ପୋଖରୀ ବର୍ତ୍ତମାନ ପୋତି ହେବାକୁ ବସିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଅନ୍ୟପଟେ ଏହା ପାର୍ଶ୍ୱରେ ଥିବା ରାସ୍ତାଟି ମଧ୍ୟ ଦୟନୀୟ ଅବସ୍ଥାରେ ରହିଛି। ଏହି ରାସ୍ତା ଦେଇ ନିକଟରେ ଥିବା ଏକ ସ୍କୁଲକୁ ପିଲାମାନେ ଯାତାୟାତ କରିଥାନ୍ତି। ରାସ୍ତା ଭଲ ନ ଥିବାରୁ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ରାସ୍ତା ଦେଇ ଯାତାୟାତ କରୁଛନ୍ତି ବୋଲି ଜଣେ ସ୍ଥାନୀୟ ବାସିନ୍ଦା କମଳ କୁମାର ପଣ୍ଡିତ କହିଛନ୍ତି। ଏ ନେଇ ବିଏମ୍‌ସି କମିଶନର ଡ.ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ସହ ମୋବାଇଲ୍ ନଂ-୬୩୭୧୭୫୨୪୪୫ରେ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ବର୍ଷା ନାହିଁ, ଚାଷଜମି ଫାଟିଲାଣି

ରଣପୁର,୨୮।୮ (ସ୍ୱ.ପ୍ର.)

ବର୍ଷା ଅଭାବରୁ ନୟାଗଡ଼ ଜିଲା ରଣପୁର ବ୍ଲକ ଅଞ୍ଚଳରେ ଚାଷଜମି ଫାଟି ଆଁ କଲାଣି। ବର୍ଷା ପାଇଁ କେଉଁ ଗାଁରେ ଠାକୁରଙ୍କୁ ପୂଜା ଅର୍ଚ୍ଚନା କରାଯାଉଛି ତ ଆଉ କେଉଁଠି ଡାଳମାଙ୍କୁଡ଼ି ନୃତ୍ୟ ଆରମ୍ଭ ହୋଇଛି। ତଥାପି ଇନ୍ଦ୍ରଦେବଙ୍କ କୋପ ଚାଷୀଙ୍କ ଉପରୁ ଦୂର ହେଉନାହିଁ। ସରକାର ଚାଷ ପାଇଁ ଜଳସେଚନକୁ ଗୁରୁତ୍ୱ ଦେଉଥିଲେ ମଧ୍ୟ କେନାଲରେ ପାଣି ନାହିଁ। ବୋରୱେଲ ଥିଲେ ବି କାମରେ ଲାଗୁନାହିଁ। ଚେକ୍‌ଡ୍ୟାମ ଅବସ୍ଥା ନ କହିବା ଭଲ। ଏଭଳି ସ୍ଥିତିରେ ଚାଷୀଙ୍କ ଭରସା ସାଜିଛି ବର୍ଷାଜଳ । ହେଲେ ଗତବର୍ଷ ତୁଳନାରେ ଚଳିତବର୍ଷ କିଛି ପରିମାଣରେ ଅଧିକ ବର୍ଷା ହୋଇଛି। କିନ୍ତୁ ତାହା ଚାଷ କାମ ପାଇଁ ସମୁଦ୍ରକୁ ଶଙ୍ଖେ। ଯେଉଁ ସମୟରେ ଧାନକ୍ଷେତରେ ବେଉଷଣ କରିବା କଥା, ସେତେବେଳେ ଚାଷୀ ହାତବାନ୍ଧି ବସିଛି। ଏହି ପରିସ୍ଥିତି ରଣପୁର ବ୍ଲକର ୩୭ ପଞ୍ଚାୟତ ସହିତ ଏନ୍‌ଏସି ଅଞ୍ଚଳ ଚାଷୀଙ୍କ ଚିନ୍ତା ବଢ଼ାଇଛି।

ସୂଚନା ଅନୁଯାୟୀ, ରଣପୁର ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ସମୁଦାୟ ୨୦,୨୯୭ ହେକ୍ଟର ଚାଷଜମି ରହିଛି। ଚାଷୀମାନେ ଧାନଚାଷ ପାଇଁ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର କରି ଆସୁଛନ୍ତି। ଯେଉଁ ବର୍ଷ ଭଲ ବର୍ଷା ହୁଏ, ଚାଷୀମାନେ ଲାଭବାନ


ପାଣି ଅଭାବରୁ କ୍ଷେତରେ ଧାନଗଛ ମରିବାକୁ ବସିଛି।

ହୁଅନ୍ତି । ବର୍ଷା ନ ହେଲେ କ୍ଷତି ସହିଥାନ୍ତି । ଚଳିତବର୍ଷ ସେହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି । ଅନ୍ୟପକ୍ଷେ ରାଜ୍ୟ ସରକାର ଏହି ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଜଳସେଚନର ଉନ୍ନତି ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରି ଚେକ୍‌ଡ୍ୟାମ, ବନ୍ଧ ଆଦି ନିର୍ମାଣ କରିଛନ୍ତି। ହେଲେ ନିମ୍ନମାନର କାମ ଯୋଗୁ ଚାଷୀମାନେ ସେଥିରୁ ସୁଫଳ ପାଇପାରୁ ନ ଥିବା ପ୍ରକାଶ କରିଛନ୍ତି। ଅପରପକ୍ଷେ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ବୋରୱେଲ ଖନନ କରାଯାଇଛି। ସେଥିମଧ୍ୟରୁ କେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ତ ଅନ୍ୟ କେଉଁଠି ଖୁଣ୍ଟିପୋତା ହୋଇନାହିଁ। ଅଧିକାଂଶ ସ୍ଥାନରେ ପାଣିଉଠା ମଟର ନ ଥିବାରୁ ତାହା ଚାଷୀଙ୍କ କାମରେ ଆସୁନାହିଁ । ବ୍ଲକର ମାତ୍ର ୧୦ରୁ ୧୫ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ରହିଛି। ଏହା ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀମାନେ କହିଛନ୍ତି । ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଥିବା ୧୭,୮୦୭ ହେକ୍ଟର ଜମିରେ

**ରଣପୁର ବ୍ଲକ**
- ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ
- ଗତବର୍ଷ ତୁଳନାରେ ବର୍ଷା ପରିମାଣ ସାମାନ୍ୟ ବଢ଼ିଛି
- ତଥାପି ଚାଷ ପାଇଁ ପର୍ଯ୍ୟାପ୍ତ ନୁହେଁ

ଖରିଫ ଧାନ ଚାଷ ହେଉଛି। କମ୍ ଜମିରେ ଧାନ ରୁଆ ହେଉଥିଲାବେଳେ ଅଧିକ ଜମିରେ ଚାଷୀମାନେ ଧାନ ବୁଣିଛନ୍ତି। ଅକ୍ଷୟତୃତୀୟାଠାରୁ ଚାଷକାମ ଆରମ୍ଭ ହୋଇଛି । ମାତ୍ର ବର୍ଷା ଅଭାବରୁ ଜମିର ଧାନ ଗଜା ନ ହୋଇ ନଷ୍ଟ ହେବାକୁ ବସିଛି। ଯେଉଁଠି ଗଜା ବାହାରି ଗଛ ହେଉଥିଲା, ପାଣି ଅଭାବରୁ ଉକ୍ତ ଜମି ଫାଟି ଆଁ କରିଛି।

ବର୍ଷା ପରିମାଣ ଦେଖିଲେ ଜୁଲାଇ ୨୦୧୮ରେ ରଣପୁର ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ୩୪୩.୮ ମିମି ବର୍ଷା ହେଉଥିଲା ବେଳେ ୨୦୧୯ରେ ୧୬୪.୨ ମିମି, ୨୦୨୦ରେ ୮୦.୨ ମିମି, ୨୦୨୧ ରେ ୧୨୩.୪ ମିମି ବର୍ଷା ରେକର୍ଡ଼ କରାଯାଇଛି। ସେହିପରି ୨୦୨୦ ମେ ମାସରେ ୬୫.୬ ମିମି, ଜୁନ୍‌ରେ ୧୮୩.୬ ମିମି, ଜୁଲାଇରେ ୮୦.୨ ମିମି ବର୍ଷା ହୋଇଥିଲା। ଚଳିତବର୍ଷ ମେ ମାସରେ ୧୦୪.୪ ମିମି, ଜୁନ୍‌ରେ ୧୦୮.୪ ମିମି, ଜୁଲାଇରେ ୧୨୩.୪୭ ମିମି ବର୍ଷା ହୋଇଥିବା ବ୍ଲକ ସୂତ୍ରରୁ ସୂଚନା ମିଳିଛି।

ଏ ସମ୍ପର୍କରେ ରଣପୁର କୃଷି ବିଭାଗ ଅଧିକାରୀ ଶୁଭେନ୍ଦୁ ସିଂଦେଓଙ୍କୁ ପଚାରିବାରୁ ସେ କୁହନ୍ତି, ଅଗଷ୍ଟ ଓ ସେପ୍ଟେମ୍ବରରେ ଯଦି ଭଲ ବର୍ଷା ହେବ ଚାଷୀଙ୍କ ଖରିଫ ଧାନ ଭଲ ହେବ। ଯଦି ବର୍ଷା ନ ହୁଏ, ଚାଷୀମାନେ କ୍ଷତି ସହିବେ। ଜଳସେଚନ ପ୍ରକଳ୍ପଗୁଡ଼ିକରେ ପାଣି ନ ରହିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ବୋଲି ସେ କହିଛନ୍ତି । ରଣପୁର ଏନ୍‌ଏସିର ଚାଷୀ ଏକାଦଶିଆ ପ୍ରଧାନ କୁହନ୍ତି, ଅକ୍ଷୟତୃତୀୟାରୁ ଜମିରେ ଧାନ ବୁଣିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଗଜା ହେଉ ନ ଥିବାରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବା ଭଳି ଲାଗୁଛି। ସରକାର ଠିକ୍ ଭାବେ ଜଳସେଚନ ବ୍ୟବସ୍ଥା କରି ନ ଥିବାରୁ ଚାଷୀମାନେ ବର୍ଷାଜଳ ଉପରେ ନିର୍ଭର କରି ହଇରାଣ ହେଉଛନ୍ତି । ଚାଷୀ ମଣିଆ ରଣା, ଗୋଲକ ବିହାରୀ ସାହୁ, ହରିହର ପ୍ରଧାନ, ପ୍ରତିଭା ସାହୁ, ସଦାଶିବ ପରିଡ଼ା ପ୍ରମୁଖ କୁହନ୍ତି, ଜମିରେ ବୁଣୁଥିବା ଧାନଗଛ ଛୋଟ ହୋଇଥିଲାବେଳେ ପ୍ରଚୁର ପାଣି ଦରକାର । ଏଥିପାଇଁ ଆମେ ବର୍ଷା ଓ ଜଳସେଚନକୁ ଅପେକ୍ଷା କରିଥାଉ । ହେଲେ ଚଳିତବର୍ଷ ପାଣି ଅଭାବରୁ ଜମିଫାଟି ଆଁ କରିଛି। ଆମେ ଧାରକରଜ କରି ଚାଷ କରିଥିଲୁ । ଯଦି ଫସଲ ନଷ୍ଟ ହେବ ଆମେ କ୍ଷତି ସହିବୁ।

## ସଂକ୍ଷେପରେ

### ଆବାସ ଯୋଜନା ହିତାଧିକାରୀ ତାଲିକାରୁ ବାଦ ପଡିଲେ ଅସହାୟ ମହିଳା


ବେଙ୍ଗ ରାଉତ

**ଖଣ୍ଡପଡ଼ା,୨୮।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇବା ନିମନ୍ତେ ଯୋଗ୍ୟ ହିତାଧିକାରୀମାନଙ୍କ ତାଲିକା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି । ତେବେ ଉକ୍ତ ତାଲିକାରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରକାଶ ପାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପୂର୍ବରୁ ପ୍ରସ୍ତୁତ ହିତାଧିକାରୀ ତାଲିକାରେ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାମ ସ୍ଥାନ ପାଇଥିବା ବେଳେ ଏବେ ପ୍ରକାଶିତ ତାଲିକାରେ ସେମାନଙ୍କ ନାମ ନ ଥିବା ଅଭିଯୋଗ ହୋଇଛି । ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକାରୁ ମର୍ଦ୍ଦରାଜପୁର ଗ୍ରାମର ଭିନ୍ନକ୍ଷମ ବିଧବା ମହିଳା ବେଙ୍ଗ ରାଉତଙ୍କ ନାମ ବାଦ ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି ।

### ଦାବି ପୂରଣ ନ ହେଲେ ବସ୍‌ଷ୍ଟାଣ୍ଡକୁ ଯିବନି ବସ୍

**ବୁଗୁଡ଼ା,୨୮।୮(ଡି.ଏନ୍.ଏ.):** ବୁଗୁଡ଼ା ଏନ୍‌ଏସି ପକ୍ଷରୁ ନିର୍ମିତ ବସ୍‌ଷ୍ଟାଣ୍ଡ ପରିସରରେ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ନିମନ୍ତେ ଏକ ଗୃହ ଯୋଗାଇ ଦେବାକୁ ମାଲିକ ସଂଘ ପକ୍ଷରୁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲା। ଏନ୍‌ଏସି କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଇ ଆସୁଥିବାରୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ୨୦୧୭ ଜୁଲାଇ ୧୯ରେ ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହେବାଠାରୁ ମାଲିକ ସଂଘ ପକ୍ଷରୁ ବୁଗୁଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଭଞ୍ଜନଗର ଉପଜିଲାପାଳଙ୍କୁ ବହୁବାର ଅନୁରୋଧ କରାଯାଇ ଆସୁଛି। ଏନଏସି କର୍ତ୍ତୃପକ୍ଷ ଅତିରିକ୍ତ ଗୃହ ନିର୍ମାଣ ହେଲେ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ ନିମନ୍ତେ ଏକ ଗୃହ ଯୋଗାଇ ଦିଆଯିବ ବୋଲି କହିଥିଲେ। ତେବେ ନୂତନ ଭାବେ କିଛି ଗୃହ ନିର୍ମାଣ ସରିଥିଲେ ହେଁ ଏଯାଏ ଘର ଦେବାର ନାଁ ଗନ୍ଧ ଧରୁ ନ ଥିବା ମାଲିକ ସଂଘ ଅଭିଯୋଗ କରିଛି। ଏହାଛଡା ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ପ୍ରତୀକ୍ଷାଳୟ ଓ ବସ୍ କର୍ମଚାରୀଙ୍କ ପାଇଁ ବିଶ୍ରାମାଗାର ସୁବିଧା ନ ଥିବାରୁ ସମସ୍ତେ ହଟହଟା ହେଉଥିବା ବେଳେ ପାନୀୟ ଜଳର ମଧ ବ୍ୟବସ୍ଥା ନ ଥିବା ସଂଘ ଅଭିଯୋଗ କରିଛି। ତୁରନ୍ତ ଏ ସବୁ ଦାବି ପୂରଣ କରା ନ ଗଲେ ବସଷ୍ଟାଣ୍ଡ ଭିତରକୁ କୌଣସି ଘରୋଇ ବସ ଯିବ ନାହିଁ ବୋଲି ଘରୋଇ ବସ ମାଲିକ ସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ଦୋରା କହିଛନ୍ତି।

## ସ୍ଥାୟୀ ନିଯୁକ୍ତି ଦାବି କଲେ କଳା,କ୍ରୀଡ଼ା ଶିକ୍ଷକ

ନୟାଗଡ଼ ଅଫିସ, ୨୮।୮

ସାମୟିକ ଭାବେ ନିୟୋଜିତ ହୋଇଥିବା କଳା ଓ କ୍ରୀଡ଼ାଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ୨୦୧୩ରୁ କାମ କରି ଆସୁଥିବା କଳା ଓ କ୍ରୀଡ଼ା ଶିକ୍ଷକମାନେ ବର୍ଷକରେ ୧୦ ମାସର ପ୍ରାପ୍ୟ ପାଉଛନ୍ତି । ପୁଣି ମାସକୁ ମାତ୍ର ୫ ହଜାର ୪୫୨ ଟଙ୍କା ମିଳୁଛି । ଏଥିରେ ପରିବାର ଚଳାଇବା କାଠିକର ପାଠ ହୋଇଛି । ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି । ସାମୟିକ ଶିକ୍ଷକମାନଙ୍କୁ ଗଣଶିକ୍ଷା ବିଭାଗ ଦ୍ୱାରା ଚୁକ୍ତିଭିତ୍ତିକ ଶିକ୍ଷକ ଭାବେ ପରିଗଣିତ କରିବାକୁ କେନ୍ଦ୍ର ସରକାରଙ୍କ ସ୍ପଷ୍ଟ ନୀତି ରହିଛି ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି ।

## ଅଗ୍ନିଶମ ଓ ଗୃହରକ୍ଷୀ ବିଭାଗ ଡିଜିଙ୍କ ସମୀକ୍ଷା

ନୟାଗଡ଼ ଅଫିସ,୨୮।୮

ଅଗ୍ନିଶମ ଓ ଗୃହରକ୍ଷୀ ବିଭାଗ ଡିଜି ଏମ୍. ଅକ୍ଷୟ ଶନିବାର ନୟାଗଡ଼ ଗସ୍ତରେ ଆସି ଏସ୍‌ପି ଅଫିସ, ଫାୟାର ଅଫିସ ତଦାରଖ କରି ଫେରିଛନ୍ତି । ଅଗ୍ନିଶମ ବିଭାଗର ବିଭିନ୍ନ ଅସୁବିଧା ଉପରେ ସମୀକ୍ଷା କରିଛନ୍ତି । ସେହିପରି ଗୃହରକ୍ଷୀମାନଙ୍କ ସମସ୍ୟା ଉପରେ ସେ ପଚାରି ବୁଝିଥିଲେ ।

# ଆବାସ ଯୋଜନାରେ ଦୁର୍ନୀତି

ନୂଆଗାଁ,୨୮।୮(ଡି.ଏନ୍.ଏ.)

**ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆବାସ ଯୋଜନାରେ ଦୁର୍ନୀତି ପିଛା ଛାଡୁ ନାହିଁ। ପ୍ରତିଥର ଆବାସ ଯୋଜନାର ତାଲିକା ପ୍ରସ୍ତୁତ ହେଉଛି । ହେଲେ ପ୍ରକୃତ ହିତାଧିକାରୀଙ୍କୁ ଘର ମିଳୁନାହିଁ । ଅନୁଦାନ ପ୍ରଦାନରେ ପିସି କାରବାର ଚାଲିଥିବା ବାରମ୍ବାର ଅଭିଯୋଗ ହେଉଛି । ଦାୟିତ୍ୱରେ ଥିବା କେତେଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଯିଏ ଟଙ୍କା ଦେଇପାରିଲା ତାଙ୍କ ନାମ ତାଲିକାଭୁକ୍ତ କରାଯାଉଛି। ଏହି କାରଣରୁ ଉକ୍ତ ବ୍ଲକ୍‌ର ସୁନୀତା ନାୟକ, ସୁଜାତା ନାୟକ, ଭାଗୀରଥି ପ୍ରଧାନ, କୁନି ଶିଠ, ବିରଜାଲକ୍ଷ୍ମୀ ପଟ୍ଟନାୟକଙ୍କ ଭଳି ବାସହୀନ ଲୋକମାନେ ଘର ନ ପାଇ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି।

ଆବାସ ଯୋଜନାରେ ସ୍ୱଚ୍ଛତା



ନୂଆଗାଁ ବ୍ଲକ କାର୍ଯ୍ୟାଳୟ ।

ଆଣିବା ପାଇଁ ପ୍ରଥମେ ଏସ୍‌ଇସିସି ତାଲିକା ପ୍ରସ୍ତୁତ କରାଯାଉଛି। ତା’ପରେ ସ୍ଥାନୀୟ ବ୍ଲକ ଏବଂ ପଞ୍ଚାୟତ କର୍ମଚାରୀଙ୍କ ମିଳିତ ତଦନ୍ତ ଏବଂ ତୃତୀୟ ପର୍ଯ୍ୟାୟରେ ଅନ୍ୟ ବ୍ଲକ କର୍ମଚାରୀଙ୍କ ଦ୍ୱାରା ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯିବାର ନିୟମ ରହିଛି। ଏସବୁ ପରେ ବି ହିତାଧିକାରୀ ଚିହ୍ନଟରେ ସ୍ୱଚ୍ଛତା ଆସୁନାହିଁ । ଏସ୍‌ଇସିସି ତାଲିକା ପ୍ରସ୍ତୁତଠାରୁ ଆରମ୍ଭ କରି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ହାତ ରହୁଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ପ୍ରକୃତ ହିତାଧିକାରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଖବର ମିଳିଛି । ଏ ବାବଦରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ଏହି ଅଭିଯୋଗର ତଦନ୍ତ ହେବ । ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଥିବା ଜଣାପଡିଲେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଟାର୍ଗେଟ ପୂରଣ କରିପାରୁ ନାହିଁ ଋଣ ଲଗାଣ

**ଅସନ୍ତୋଷ ବ୍ୟକ୍ତ କଲେ ଜିଲାପାଳ**

ନୟାଗଡ଼ ଅଫିସ,୨୮।୮

ନୟାଗଡ଼ ଜିଲାର ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ଖରିଫ ଋତୁରେ ଚାଷୀଙ୍କୁ ଋଣ ଲଗାଣ କରିବାରେ ସଫଳ ହୋଇ ନାହାନ୍ତି । ଏହାକୁ ନେଇ ଜିଲାପାଳ ପୋମା ଟୁଡୁ ଶନିବାର ଭିଡିଓ କନଫେରେନ୍ସରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଆସନ୍ତା ୩୧ ତାରିଖ ଭିତରେ ଛୁଟି ଦିନରେ ମଧ କାମ କରି ଋଣ ଲଗାଣର ଟାର୍ଗେଟ ପୂରଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।ଏହି ଆଲୋଚନାରେ ଜିଲାର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନେ ଭାଗ ନେଇଥିଲେ ।

## କରୋନାରେ ୨ମୃତ, ୧୧ ଆକ୍ରାନ୍ତ

ନୟାଗଡ଼ ଅଫିସ,୨୮।୮

ଶନିବାର ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲାରେ ପୁଣି ୨ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ୧୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ନୟାଗଡ଼ ବ୍ଲକରେ ୨, ନୂଆଗାଁ ବ୍ଲକରେ ୪, ଓଡ଼ଗାଁ ବ୍ଲକରେ ୧ ଓ ନୟାଗଡ଼ ପୌରାଞ୍ଚଳରୁ ୧୧ ଜଣ ଆକ୍ରାନ୍ତ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇଲେ ୨ୟ ଲହରରେ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୧୯୨ରେ ପହଞ୍ଚିଛି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ନୟାଗଡ଼ ଜିଲାରୁ ୧୯୮ଜଣଙ୍କ ଜୀବନ ନେଇଛି ।

## କଳାକାରଙ୍କୁ ସହାୟତା ପ୍ରଦାନ ଦାବି


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା କଳାକାରମାନେ ।

ନୟାଗଡ଼ ଅଫିସ,୨୮।୮

ମା’ ଉତ୍କଳ ଭାରତୀ ପାଲାଗାୟିକା ଓ କଳାକାର ପରିଷଦ ପକ୍ଷରୁ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ କଳାକାରମାନେ ଦୁଃଖ ଓ କଷ୍ଟରେ କାଳାତିପାତ କରୁଛନ୍ତି । ଏ ନେଇ ଦୁଇଟି ଅନୁଷ୍ଠାନ ପକ୍ଷରୁ ଗାୟିକା ପ୍ରତିମା ରଥ, ବନଜା ବେହେରା, ପ୍ରଭାତୀ ରଣା ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିବା ସହ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି । କଳାକାର ଭତ୍ତା ବୃଦ୍ଧି, ଭତ୍ତାରୁ ବଞ୍ଚିତ କଳାକାରଙ୍କୁ ଭତ୍ତା ପ୍ରଦାନ, ପାଲା କଳାକାରଙ୍କୁ କରୋନା ସହାୟତା, ପରିଷଦ ପାଇଁ ଭୁବନେଶ୍ୱର କିମ୍ବା କଟକରେ ବିନା ମୂଲ୍ୟରେ ଜମି ଯୋଗାଣ, ପଞ୍ଜୀକୃତ କଳାକାରଙ୍କୁ ପରିଚୟ ପତ୍ର ପ୍ରଦାନ ଆଦି ୧୦ ଦଫା ଦାବି ଉପସ୍ଥାପନ କରାଯାଇଛି ।

# ମସ୍ତିଷ୍କ ବିକୃତ ରୋଗରେ ଆକ୍ରାନ୍ତ ପ୍ରାଣନାଥ

ଖଣ୍ଡପଡ଼ା ୨୮।୮(ସ୍ୱ.ପ୍ର.)

ଗତ ୧୨ବର୍ଷ ଧରି ମସ୍ତିଷ୍କ ବିକୃତ ରୋଗରେ ଆକ୍ରାନ୍ତ ହୋଇ ଅତି ଦୁଃଖକଷ୍ଟରେ ଦିନ କାଟୁଛନ୍ତି ଗରିବ ହରିଜନ ସମ୍ପ୍ରଦାୟର ପ୍ରାଣନାଥ ମଲ୍ଲିକ(୫୫) । ଆବଶ୍ୟକ ଅର୍ଥ ଅଭାବରୁ ସେ ଉଚ୍ଚତର ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହୋଇଥିବା ପରିବାର ଲୋକେ କହିଛନ୍ତି । ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଗ୍ରାମର ପ୍ରାଣନାଥଙ୍କ ପରିବାର ସଦସ୍ୟ ସଂଖ୍ୟା ୬ । ସେମାନଙ୍କୁ ପ୍ରତିପୋଷଣ କରୁଥିବା ପ୍ରାଣନାଥ ଏବେ ଚୁପ୍ ହୋଇ ବସିଛନ୍ତି । କୌଣସି କଥା ସେ ବୁଝି ପାରୁ ନାହାନ୍ତି । ଏପରି ପରିସ୍ଥିତିରେ ତାଙ୍କ ଚିକିତ୍ସା ପାଇଁ ପରିବାର ଲୋକମାନେ ଧାରଉଧାର କରିଛନ୍ତି । ହେଲେ ପ୍ରତିଦିନ ତାଙ୍କୁ ଔଷଧ ଯୋଗାଇବା ସମ୍ଭବ ହେଉନାହିଁ । ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେଇଛି । ପ୍ରାଣନାଥଙ୍କ ଚିକିତ୍ସା ପାଇଁ ସରକାରୀ ଓ ବେସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ପରିବାର ସଦସ୍ୟମାନେ । ଜିଲା ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଇତିମଧ୍ୟରେ ପ୍ରାଣନାଥ ଆବଶ୍ୟକ ଔଷଧ ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ପରିବାର ପ୍ରତିପୋଷଣ ପାଇଁ ଭିନ୍ନକ୍ଷମ ଭତ୍ତା ପ୍ରଦାନ ନିମନ୍ତେ ନିବେଦନ କରିଛନ୍ତି ।

## ନାବାଳିକା ଅପହରଣ ଅଭିଯୋଗ

ନୟାଗଡ଼ ଅଫିସ,୨୮।୮

ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଶରଣକୁଳ ଥାନା ପୋଲିସ ଏକ ମାମଲା(ନଂ.୧୦୧ /୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଶୁକ୍ରବାର ଭୋର ସମୟରେ ଶରଣକୁଳ ଅଞ୍ଚଳର ନବମ ଶ୍ରେଣୀରେ ପାଠ ପଢୁଥିବା ୧୫ ବର୍ଷର ନାବାଳିକା ନିଖୋଜ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥାନୀୟ ଅଞ୍ଚଳର ଜଣେ ୨୦ ବର୍ଷର ଯୁବକ ଘରକୁ ଫେରି ନାହାନ୍ତି । ବହୁ ଖୋଜା ଖୋଜି ପରେ ବି ସମ୍ପୃକ୍ତ ନାବାଳିକାଙ୍କ ପତ୍ତା ମିଳି ନାହିଁ। ଝିଅକୁ ଅପହରଣ କରାଯାଇଥିବା ଗ୍ରାମବାସୀଙ୍କଠାରୁ ଶୁଣି ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

## ସଂଘବଦ୍ଧ ଆକ୍ରମଣ ସହ ଲୁଟ୍ : ୩ ଗିରଫ

ଆସିକା,୨୮।୮(ଡି.ଏନ.ଏ.)

ଆସିକା ଥାନା ଗୋଲାପଲ୍ଲୀ ଛକ ନିକଟରେ ଅଟୋ ଆରୋହୀଙ୍କୁ ସଂଘବଦ୍ଧ ଆକ୍ରମଣ ଓ ଲୁଟ ଅଭିଯୋଗରେ ପୋଲିସ ଶନିବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋଲାପଲ୍ଲୀ ଗ୍ରାମର ସୁବାସ ପାତ୍ର, ଏନ. ଗୋପାଳ ପାତ୍ର ଓ ଏନ. ତୋଫାନ ପାତ୍ର । ଏଥିରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ପୋଲିସ ବ୍ରହ୍ମପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରିଛି। ଗତ ବୁଧବାର ରାତିରେ ଘଟକୁରୀ ଗ୍ରାମର କେତେକ ବ୍ୟକ୍ତି ଗୋଟିଏ ଅଟୋରେ ଆସିକା ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। ଗୋଲାପଲ୍ଲୀ ନିକଟରେ ବାଇକରେ ଯାଉଥିବା ଜଣେ ଅଭିଯୁକ୍ତ ଅଟୋ ସମ୍ମୁଖରେ ହଠାତ୍ ବାଇକକୁ ରଖିଥିଲେ। ଅଟୋ ଆରୋହୀମାନେ ଏହା ପଚାରିବାରୁ ସମ୍ପୃକ୍ତ ବାଇକ ଆରୋହୀ ଏବଂ ତାଙ୍କ ସହଯୋଗୀମାନେ ଅଟୋରେ ବସିଥିବା ଜଣେ ମହିଳାଙ୍କ ସମେତ ୪ ରୁ ୫ଜଣଙ୍କୁ ମାଡ ମାରିବା ସହ ସୁନା ଅଳଙ୍କାର ଲୁଟି ନେଇଥିଲେ। ଏ ନେଇ ଆସିକା ଥାନାରେ ନଂ. ୫୩୮/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା।

## ବିନା ଲାଇସେନ୍ସରେ ଚାଲିଛି ଔଷଧ ଦୋକାନ

ନୂଆଗାଁ,୨୮।୮(ଡି.ଏନ୍.ଏ.)

ନୂଆଗାଁ ବ୍ଲକ୍ ଡିମିରିପଲ୍ଲୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ତା’ର ଆଖପାଖ ଅଞ୍ଚଳରେ କେତେକ ଔଷଧ ଦୋକାନ ବିନା ଲାଇସେନ୍ସରେ ଚାଲିଥିବା ଅଭିଯୋଗ ହୋଇଛି। ସେଠାରେ ବି ଶସ୍ତା କମ୍ପାନୀର ଔଷଧକୁ ଆଦିବାସୀମାନଙ୍କୁ ବିକ୍ରି କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ନିରୀହ ଆଦିବାସୀମାନେ ଶୋଷଣର ଶିକାର ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏ ବାବଦରେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଦେବୀ ପ୍ରସାଦଙ୍କୁ ପଚାରିବାରେ ଏପରି କୌଣସି ଅଭିଯୋଗ ମୋର ହସ୍ତଗତ ହୋଇ ନାହିଁ । ଏ ସଂକ୍ରାନ୍ତରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି ।

# ବଂଶ ବୁଡ଼ିଯାଇଥିବା ଦର୍ଶାଇ ଜମି ବିକ୍ରି

ନୟାଗଡ଼ ଅଫିସ,୨୮।୮

- ପରିବାର ସଦସ୍ୟଙ୍କ ସମୂହ ଆତ୍ମହତ୍ୟା ଧମକ
- ବୋରଗାଁରେ ଉତ୍ତେଜନା
- ଜମି ଦଖଲକୁ ନେବାକୁ ଉଦ୍ୟମ
- ଅନଶନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ନୟାଗଡ଼ ଜିଲା ଭାପୁର ତହସିଲ ବାଇଗୁଣିଆ ପଞ୍ଚାୟତ ବୋରଗାଁରେ ନକଲି କାଗଜପତ୍ରରେ ଜମି ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ବଂଶ ବୁଡ଼ିଯାଇଥିବା ଦର୍ଶାଇ ଜମି ମାଲିକଙ୍କ ଅଗୋଚରରେ ବୋରଗାଁର ଜଣେ ବ୍ୟକ୍ତି ଜାଲିଆତି କରି ୩୦ ଡିସିମିଲି ଜମିକୁ ୨ଜଣଙ୍କୁ ବିକ୍ରି କରିଛନ୍ତି। ଏ ସଂକ୍ରାନ୍ତରେ ଜଣାପଡ଼ିବା ପର ଉପଜିଲାପାଳଙ୍କ କୋର୍ଟରେ ମ୍ୟୁଟେଶନ କେସ୍ ଚାଲିଛି। କେସ୍ ଚାଲିଥିବାବେଳେ କ୍ରେତା ତହସିଲ ଓ ଆରଆଇ ଅଫିସର କେତେଜଣ କର୍ମଚାରୀଙ୍କୁ ହାତ କରି ଡିମାରକେଶନ କରାଇ ଜମି ଦଖଲକୁ ନେବାକୁ ଉଦ୍ୟମ କରାଯାଇଛି। ଏପରି କି ଜମିରେ ଥିବା ଗଛ କାଟି ଦିଆଯାଇଛି। ଏହି ଘଟଣାକୁ ନେଇ ବୋରଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ନ୍ୟାୟ ପାଇବା ପାଇଁ ଅସଲି ଜମି ମାଲିକଙ୍କ ପରିବାର ସଦସ୍ୟମାନେ ସେହି ଜମି ଉପରେ ଗତ ୨୨ ତାରିଖରୁ ଓ ବାଘୁଆପଲ୍ଲୀ ଆରଆଇ କାର୍ଯ୍ୟାଳୟ ସମ୍ମୁଖରେ ୨୬ ତାରିଖରୁ ଆମରଣ ଅନଶନ ଜାରି ରଖିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଭଳି ସ୍ଥଳେ ପ୍ରଶାସନ ଉପରେ ଅସନ୍ତୋଷ ଜାହିର କରି ଜମି ମାଲିକଙ୍କ ପରିବାର ସଦସ୍ୟମାନେ ସମୂହ ଆତ୍ମହତ୍ୟା ଧମକ ଦେଇଛନ୍ତି।

ବୋରଗାଁର ସୁଧାକର ବାରିକଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଜେଜେ ବାପା ରଘୁ ବାରିକଙ୍କ ନାମରେ ପ୍ଲଟ ନଂ.୩୦୮୭, ଖାତା ନଂ. ୨୭୭ରେ ୩୦ ଡିସିମିଲ ଜମି ରହିଛି। ତାଙ୍କ ପାଖରେ ୧୯୨୭ ଓ ୧୯୯୦ ମସିହାର ପଟ୍ଟା


ଜମିକୁ ଦଖଲ କରିବାକୁ ପରିବାର ସଦସ୍ୟଙ୍କ ଧାରଣା ।

ଅଛି। ତାଙ୍କ ପରିବାର କାହାକୁ ଜମି ବିକ୍ରି କରି ନାହାନ୍ତି। ପୁଣି ବଂଶ ବୁଡ଼ି ନାହିଁ। ସଂପୃକ୍ତ ଜମିକୁ ପରିବାର ଲୋକେ ଦଖଲରେ ରଖିଛନ୍ତି । ଏବେ ରଘୁଙ୍କ ପୁଅ ଓ ୩ ନାତି ଦଖଲରେ ରହିଛନ୍ତି। ଜମିରେ ପୂର୍ବରୁ ଧାନ ଚାଷ ହେଉଥିଲା । ଚାଷରେ କ୍ଷତି ହେବାରୁ ପରିବାର ଲୋକମାନେ ଆମ୍ବ, ଶାଗୁଆନ, ବାଉଁଶ, ଲିମ୍ବ ଗଛ ଲଗାଇଥିଲେ। କିନ୍ତୁ ଜମିର କାଗଜାତକୁ ଜାଲିଆତି କରି ବୋରଗାଁର ଜଣେ ବ୍ୟକ୍ତି ବୋରଗାଁର ଜଣେ ଓ କାଦୁଆ ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଜମି ବିକ୍ରି କରିଛନ୍ତି। ଜାଲିଆତି କରି ଜମି ବିକ୍ରି କରିବା ଘଟଣା ଜଣାପଡ଼ିବା ପରେ ସୁଧାକରଙ୍କ ପରିବାର ଲୋକ ଜାଲିଆତିର ଖୋଳତାଡ଼ କରିଥିଲେ। ଖୋଳତାଡ଼ ପରେ ଜଣା ପଡ଼ିଥିଲା ରଘୁ ବାରିକଙ୍କ ପରିବାରରେ କେହି ଲୋକ ବଞ୍ଚି ନ ଥିବା ଦର୍ଶାଇ ଜମି ବିକ୍ରି ହୋଇଛି । ଏହା ପରେ ସୁଧାକରଙ୍କ ପରିବାର ୨୦୨୧ରେ ଉପଜିଲାପାଳଙ୍କ କୋର୍ଟରେ ଆଶ୍ରୟ ନେଇଥିଲେ ।

ଏନେଇ ରଘୁ ବାରିକ କୁହନ୍ତି, ଆମ ବଂଶ ବୁଡ଼ି ଯାଇଥିବା ଦର୍ଶାଇ ଜାଲିଆତି କରାଯାଇଛି। ଏହି ଜମି ଜାଲିଆତିରେ ତହସିଲ, ଆରଆଇ ଅଫିସ ଓ ସବ୍‌ରେଜିଷ୍ଟ୍ରାର ଅଫିସ୍‌ର ଏକାଧିକ କର୍ମଚାରୀ ସାମିଲ ଅଛନ୍ତି ; ଯାହା ଯାଞ୍ଚ କଲେ ଅନେକ ଗୁମର ଖୋଲିବ। ତେବେ ପ୍ରଶାସନିକସ୍ତରରେ ସହଯୋଗ ମିଳୁ ନ ଥିବାରୁ ଦୁଇଟି ସ୍ଥାନରେ ଅନଶନ ଜାରି ରଖିଛୁ। ନ୍ୟାୟ ନ ପାଇଲେ ସମୂହ ଆତ୍ମହତ୍ୟା କରିବୁ ବୋଲି ସେ ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ବୁଗୁଡ଼ା ବ୍ଲକ ମାଟ୍ରିକ୍ ଟପ୍ପର ହେଲେ ମାଧୁରୀ



**ବୁଗୁଡ଼ା,୨୮।୮(ଡି.ଏନ.ଏ.):** ମାଟ୍ରିକ୍ ଅଫ୍‌ଲାଇନ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବାଲିପଦର ହାଇସ୍କୁଲର ଛାତ୍ରୀ ମାଧୁରୀ ମହାରଣା ୫୭୦ ମାର୍କ (୯୫%) ରଖି ଏ-ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହେବା ସହ ବୁଗୁଡ଼ା ବ୍ଲକ ଟପ୍ପର ହୋଇଛନ୍ତି। ସେ ପୂର୍ବରୁ ୪୯୩ ମାର୍କ ପାଇଥିଲେ ଏବଂ ସେଥିରେ ଅସନ୍ତୁଷ୍ଟ ହୋଇ ଅଫ୍ ଲାଇନ୍ ପରୀକ୍ଷା ଦେଇଥିଲେ। ତାଙ୍କ ଭଳି ବୁଗୁଡ଼ା ବ୍ଲକର ଅନ୍ୟ ୪ଜଣ ରେଗୁଲାର ଛାତ୍ରୀଛାତ୍ର ମଧ ଅଫ୍‌ଲାଇନ୍ ପରୀକ୍ଷାରେ ପୂର୍ବାପେକ୍ଷା ଅଧିକ ନମ୍ବର ରଖିଥିବା ବେଳେ ଶଙ୍କୁରୁ ହାଇସ୍କୁଲର ଛାତ୍ର ବାବୁନା ସାହୁ ୫୪୪ ମାର୍କ ରଖି ଏ-ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ୧୦ ଦିନରେ ୮୫୦ ଫେରାର ଅଭିଯୁକ୍ତ ଗିରଫ ଗଞ୍ଜାମ ପୋଲିସ ଜିଲା

**ଛତ୍ରପୁର,୨୮।୮(ଡି.ଏନ.ଏ.):** ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ଗଞ୍ଜାମ ପୋଲିସ ଜିଲାରେ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଥିଲା । ଚଳିତମାସ ୧୬ରୁ ୨୫ ତାରିଖ ଅର୍ଥାତ୍ ୧୦ ଦିନ ମଧ୍ୟରେ ଏଥିରେ ୮୫୦ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି। ଏହି ପୋଲିସ ଜିଲାରେ ସର୍ବାଧିକ ୧୦୮ ଫେରାର ଅଭିଯୁକ୍ତଙ୍କୁ ଆସିକା ଥାନା ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି । ଏଥିସହ କୋଦଳା ପୋଲିସ ୮୭, ଗାଙ୍ଗପୁର ପୋଲିସ ୬୪ ଓ ବୁଗୁଡା ପୋଲିସ ୫୫ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ଦିଆଯାଇଛି । ଜିଲାର ସମସ୍ତ ଥାନା ପୋଲିସକୁ ଏନେଇ ଏସ୍‌ପି ପ୍ରଶଂସା କରିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ କୁକୁଡ଼ା ଫାର୍ମ ମାଲିକ ମୃତ

**ଜଗନ୍ନାଥପ୍ରସାଦ,୨୮।୮(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ବ୍ଲକ ଝାଡ଼ସାହି ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ କୁକୁଡ଼ା ଫାର୍ମ ମାଲିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ କୁମାର ବେହେରା (୩୮)। ଝାଡ଼ସାହି ଗ୍ରାମ ନିକଟରେ ସନ୍ତୋଷଙ୍କ କୁକୁଡ଼ା ଫାର୍ମ ରହିଛି। ଅପରାହ୍ନରେ ବର୍ଷା ପବନ ହେତୁ ଫାର୍ମର କରେଣ୍ଟ କଟିଯାଇଥିଲା। କରେଣ୍ଟ ଆସିବା ପରେ ଲାଇଟ୍ ନ ଜଳିବାରୁ ସନ୍ତୋଷ ବିଦ୍ୟୁତ୍ ତାର ସଜାଡିବାକୁ ଯାଇଥିଲେ। ଏହି ସମୟରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ସମ୍ଭାବ୍ୟ କୋଭିଡ୍ ତୃତୀୟ୍ ଲହର ଲାଗି ପ୍ରଶାସନ ପ୍ରସ୍ତୁତ

**ପାରଳାଖେମୁଣ୍ଡି,୨୮।୮(ଡି.ଏନ୍.ଏ.):** ଗଜପତି ଜିଲାରେ ମହାମାରୀ କରୋନାର ଦୁଇଟି ଲହର ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଥିବା ବେଳେ ସମ୍ଭାବ୍ୟ ତୃତୀୟ ଲହର ପୁଣିଥରେ ଲୋକଙ୍କୁ ସଂକ୍ରମିତ କରିବାରେ ଆକଳନ କରିଛି ଆଇସିଏମ୍‌ଆର୍। ତେବେ ତୃତୀୟ୍ ଲହରରେ ଶିଶୁମାନେ ଅଧିକ ସଂକ୍ରମିତ ହେବାର ସମ୍ଭାବନା ରହିଛି । ଏହାର ମୁକାବିଲା ପାଇଁ ଗଜପତି ଜିଲା ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜିଲାପାଳ ଲିଙ୍ଗରାଜ ପଣ୍ଡା କହିଛନ୍ତି। ଜିଲାରେ ପ୍ରଥମ ଓ ଦ୍ୱିତୀୟ୍ ଲହରରେ ବର୍ତ୍ତମାନ ସୁଦ୍ଧା ୯୫୫୮ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୮୫ ଜଣଙ୍କ ମୃତ୍ୟୁ ଘଟିଛି। ତୃତୀୟ୍ ଲହର ସେପ୍ଟେମ୍ବର ମାସ ଆଡକୁ ଆସିବାର ସମ୍ଭାବନା ରହିଛି। ତେଣୁ କରୋନା ତୃତୀୟ୍ ଲହର ମୁକାବିଲା କରିବା ପାଇଁ ପିଲାଙ୍କୁ ସଚେତନ କରିବା ସହ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରିବା ଆବଶ୍ୟକ ରହିଛି। ଜିଲାରେ ରହିଥିବା ବିଭିନ୍ନ କୋଭିଡ୍ ହସ୍ପିଟାଲକୁ ପୁଣି ଥରେ କାର୍ଯ୍ୟକ୍ଷମ କରାଯିବା ସହ ଜିଲାରେ ଆବଶ୍ୟକ ସଂଖ୍ୟକ ଶିଶୁ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବ। ଯଦି ଆବଶ୍ୟକ ପଡେ କୋଭିଡ୍ ଶଯ୍ୟା ସଂଖ୍ୟା ବଢାଇବା ସହ ଶିଶୁ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ପାଇଁ ପଡ଼ୋଶୀ ଆନ୍ଧ୍ର ସରକାରଙ୍କ ସହାୟତା ନିଆଯିବ। ସରକାରଙ୍କ ପକ୍ଷରୁ ଆରଟିପିସିଆର ଟେଷ୍ଟିଙ୍ଗ ସେଣ୍ଟର ଓ ଅକ୍ସିଜେନ ପ୍ଲାଣ୍ଟ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ଜିଲାପାଳ କହିଛନ୍ତି।

# ଖୋଲିଲା ରାମଲିଙ୍ଗେଶ୍ୱର ଉଦ୍ୟାନ

**ବ୍ରହ୍ମପୁର ଅଫିସ୍,୨୮।୮**

ବ୍ରହ୍ମପୁର ସହରକୁ ମନ୍ତ୍ରୀ ଓ ବିଧାୟକଙ୍କ ଗସ୍ତ ସମୟରେ ରାମ ଲିଙ୍ଗେଶ୍ୱର ଉଦ୍ୟାନ ବନ୍ଦ ରହୁଥିବା ବେଳେ ଶୁକ୍ରବାର ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯାଇଛି। କିନ୍ତୁ ପାର୍କରେ କଟକଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସହରକୁ ମନ୍ତ୍ରୀ ଓ ବିଧାୟକଙ୍କ ଗସ୍ତ ସମୟରେ ରାମଲିଙ୍ଗେଶ୍ୱର ଉଦ୍ୟାନକୁ ଆସନ୍ତା ୩୦ ତାରିଖ ଯାଏ ବନ୍ଦ କରିବା ନେଇ ବିଏମ୍‌ସି ପକ୍ଷରୁ ଉଦ୍ୟାନ ସମ୍ମୁଖରେ ଫଳକ ଲଗାଇ ସୂଚନା ଦିଆଯାଇଥିଲା। ଯାହାକୁ ନେଇ ଭାଜପା ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଏହାପରେ ବର୍ତ୍ତମାନ ସର୍ବସାଧାରଣଙ୍କ ନିମନ୍ତେ ରାମଲିଙ୍ଗେଶ୍ୱର ଉଦ୍ୟାନ ଖୋଲାଯାଇଛି। ବର୍ତ୍ତମାନ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ କରାଯାଇଛି। କିନ୍ତୁ ପାର୍କରେ ସର୍ବସାଧାରଣଙ୍କ ନିମନ୍ତେ ଗୋଟିଏ ପାର୍ଶ୍ୱ ଖୋଲାଯାଇଥିବା ବେଳେ ଅନ୍ୟ ଏକ ପାର୍ଶ୍ୱକୁ ବନ୍ଦ କରାଯାଇଥିବା



ବନ୍ଦ ଥିବା ପାର୍ଶ୍ୱ।



ଉଦ୍ୟାନ ଚଲାପଥରେ ସର୍ବସାଧାରଣଙ୍କ ଯାତାୟାତ।

## କଟକଣାକୁ ନେଇ ଅସନ୍ତୋଷ

ନେଇ ଅସନ୍ତୋଷ ଦେଖାଦେଇଛି। ପାର୍କର ଅନ୍ୟ ଏକ ପାର୍ଶ୍ୱରେ ମହାଦେବଙ୍କ ପ୍ରତିମୂର୍ତ୍ତିର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ବସିବା ନିମନ୍ତେ ସୁବିଧା କରାଯାଇଛି। ଏହି ସ୍ଥାନଟିକୁ ମନ୍ତ୍ରୀ ଓ ବିଧାୟକଙ୍କ କାର୍ଯ୍ୟକ୍ରମ କାରଣରୁ ସର୍ବସାଧାରଣଙ୍କ ନିମନ୍ତେ ଏହାକୁ ବନ୍ଦ କରାଯାଇଥିବା ସେଠାରେ ବିଏମ୍‌ସିର ନିୟୋଜିତ କିଛି କର୍ମଚାରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ସ୍ଥାନଟିକୁ ବନ୍ଦ କରାଯାଇଥିବାରୁ ବହୁ ସହରବାସୀ ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଥିଲା।

# ଡକାୟତି ମାମଲାର ପର୍ଦ୍ଦାଫାଶ, ୫ ଗିରଫ

## ୧ ଲକ୍ଷ ଟଙ୍କା ସମେତ ବନ୍ଧୁକ, କାର୍ ଏବଂ ବାଇକ ଜବତ

**ଦିଗପହଣ୍ଡି,୨୮।୮(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ତପ୍ତପାଣି ଘାଟିରେ ବନ୍ଧୁକ ମୁନରେ ହୋଇଥିବା ଡକାୟତି ମାମଲାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ମାମଲାରେ ଶୁକ୍ରବାର ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସମ୍ପୃକ୍ତ ଥିବା ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କେ . ନୂଆଗାଁ ଥାନା ଅନ୍ତର୍ଗତ ଭୋଳାସିଙ୍ଗିର ଲକ୍ଷ୍ମୀକାନ୍ତ ସାହୁ, କୁମରଡା ଗ୍ରାମର ଜିତେନ୍ଦ୍ର ପ୍ରଧାନ, ଜଗମୋହନପୁରର ସାଗର ଗୌଡ଼ ଓ କେ. ଚନ୍ଦନ ସୁବୁଦ୍ଧି ଏବଂ ବ୍ରହ୍ମପୁର ଟାଉନ ଥାନା ଓ ଆର୍‌ଟି କଲୋନୀ କେନାଲ ସାହିର ବାବୁ ପାଇକ। ଡକାୟତିରେ ବ୍ୟବହୃତ କାର, ଗୋଟିଏ ବନ୍ଧୁକ, ଗୋଟିଏ ବାଇକ୍ ଓ ନଗଦ ୧ ଲକ୍ଷ ୧ ହଜାର ଟଙ୍କା ଜବତ ହୋଇଛି। ଏ ନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ ସୂଚନା ଦେଇଥିଲେ। ଗତ ୧୪ ତାରିଖ ରାତିରେ କେ. ନୂଆଗାଁ ଥାନା ଜଗମୋହନପୁର ଗ୍ରାମର ଗୁପ୍ତ ପ୍ରସାଦ ସାହୁ ତାଙ୍କ ୫ ଜଣ ସମ୍ପର୍କୀୟଙ୍କ ସହ ନିଜ କାର୍‌ରେ ଦାମନଯୋଡ଼ିରୁ ନିଜ ଗ୍ରାମକୁ ଫେରୁଥିଲେ। ସକାଳୁ ତପ୍ତପାଣି ଘାଟିରେ ୪ ଜଣ ଦୁର୍ବୃତ୍ତ ଗୁପ୍ତଙ୍କ କାରକୁ ଅଟକାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଗାଡିରୁ ଜୋର୍ ଜବରଦସ୍ତ ଓହ୍ଲାଇ ଦେଇଥିଲେ। ପରେ ଅଧା ବାଟରେ ଦୁର୍ବୃତ୍ତମାନେ ଗୁପ୍ତ ପ୍ରସାଦଙ୍କ ଡ୍ରାଇଭର ଓ ଅନ୍ୟ ଦୁଇଜଣଙ୍କୁ କାରରୁ ଓହ୍ଲାଇ ଅନ୍ୟମାନଙ୍କୁ କାର ସହ ଅପହରଣ କରି ନେଇଥିଲେ। ଅପହରଣକାରୀ ଗୁପ୍ତଙ୍କୁ ମାଡ଼ ମାରି ତାଙ୍କ ମୋବାଇଲ ସମେତ ନଗଦ ୪୫ ହଜାର ଟଙ୍କା ଓ ସୁନା ଚେନ୍‌କୁ ଛଡାଇ ନେଇଥିଲେ। ସେମାନଙ୍କୁ ଘାଟି ରାସ୍ତାରୁ ଦିଗପହଣ୍ଡି ଆଣି ଗୁପ୍ତ ପ୍ରସାଦଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଏକ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ କହିଥିଲେ। ଗୁପ୍ତ ଏକ ଫୋନ ନମ୍ବରକୁ ୪୯ ହଜାର ଟଙ୍କା ପଠାଇଥିଲେ। ପୁଣିଥରେ ଦୁର୍ବୃତ୍ତମାନେ ୩୦ ହଜାର ଟଙ୍କା ମାଗି ନେଇଥିଲେ। ପରେ ତାଙ୍କୁ ଛାଡ଼ି ଦେବା ସହ କାହାରିକୁ ଏ କଥା ଜଣାଇଲେ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ। ଗୁପ୍ତଙ୍କ ଏତଲାକ୍ରମେ ପାଟପୁର ଥାନାରେ ନଂ.୨୬୭/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।



ଗିରଫ ୫ ଅଭିଯୁକ୍ତ।

# ଓଡ଼ିଶା ଦକ୍ଷତା ପ୍ରତିଯୋଗିତାରେ ଆଇଟିଆଇକୁ ୧୪ ପଦକ



ପଦକ ହାସଲ କରିଥିବା ଛାତ୍ରୀଛାତ୍ର।

**ବ୍ରହ୍ମପୁର ଅଫିସ୍,୨୮।୮**

ଓଡ଼ିଶା ଦକ୍ଷତା ପ୍ରତିଯୋଗିତାର ବ୍ରହ୍ମପୁର ଶିଳ୍ପ ତାଲିମ୍ ଅନୁଷ୍ଠାନ (ଆଇଟିଆଇ)ର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଗତ ୨୬ ଓ ୨୭ ତାରିଖରେ ଭୁବନେଶ୍ୱରଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇଟିଆଇକୁ ୩ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ମିଳିଛି। ଲ୍ୟାଣ୍ଡ ସ୍କାପ୍ ଗାର୍ଡେନିଂରେ ଆଇଟିଆଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏଥିରେ ଶିକ୍ଷକ କରୁଣାକର ସାହୁଙ୍କ ନେତୃତ୍ୱରେ ଏଗ୍ରିକଲଚର ମେଶିନେରି ବିଭାଗର ପ୍ରସାଦ ଦାଶ, ଉତ୍ତମ ପ୍ରଧାନ, ମହେଶ୍ୱର ସାହୁ, ଅନନ୍ତ ଦାଶ, ପ୍ରଜ୍ଞା କୁମାରୀ ସାହୁ ଓ ଗାୟତ୍ରୀ ସାହୁ ପ୍ରମୁଖ ଭାଗ ନେଇଥିଲେ। ସେହିପରି ଇଲେକ୍ଟ୍ରିକାଲ୍ ଇନ୍‌ଷ୍ଟାଲେଶନ୍‌ରେ ଶିକ୍ଷକ ବାବୁ ସାହୁ ଓ ଦୀପକ ପଣ୍ଡାଙ୍କ ନେତୃତ୍ୱରେ ବରୁଣ ସାହୁ, ସୁନୀଲ ନାୟକ, ରୋଶନ୍ କୁମାର ବ୍ରହ୍ମା ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପେଣ୍ଟିଂରେ ଅନୁରାଧା ବିଶ୍ୱାଳ, କିଷାନ୍ ବେହେରା, ସଚ୍ଚିଦାନନ୍ଦ ଆଚାରୀ ଓ ହରିଶ ଶୋନା ଶିକ୍ଷକଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସେହିଭଳି ପ୍ଲମ୍ବିଂ ଓ ହିଟିଂ ବିଭାଗର ଶିକ୍ଷକ ଅଜେନ୍ଦ୍ର ବେହେରା, ମଧୁସୂଦନ ମହାରଣା ଓ ଦୀପକ ସାହୁଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ୨ୟ ଓ ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ରିକ୍ ଲେୟିଂ ବିଭାଗର ଶିକ୍ଷୟିତ୍ରୀ ସନ୍ଧ୍ୟା ପାଢୀଙ୍କ ନେତୃତ୍ୱରେ କାହ୍ନୁ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ୨୫ ହଜାର, ଦ୍ୱିତୀୟ ସ୍ଥାନ ପାଇଁ ୨୦ ହଜାର ଓ ତୃତୀୟ ସ୍ଥାନ ପାଇଁ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ମୁଖ୍ୟ ସୁବ୍ରତୋ ବାଗଚୀ, ବିଭାଗୀୟ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ବିଭାଗୀୟ ସଚିବ ହେମନ୍ତ ଶର୍ମା, ନିର୍ଦ୍ଦେଶକ ରେଘୁ ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଆଇଟିଆଇ ଛାତ୍ରୀଛାତ୍ରମାନେ କିଭଳି ସାରା ଭାରତବର୍ଷରେ ନିଜର ଦକ୍ଷତା ପ୍ରତିପାଦନ କରିପାରିବେ ସେ ନେଇ ଉଦ୍ୟମ କରାଯିବ ବୋଲି ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଛତ୍ରପୁର କଲେଜରେ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ସଭା

**ଛତ୍ରପୁର,୨୮।୮(ଡି.ଏନ.ଏ.)**

ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ତରଫରୁ ଜିଲାସ୍ତରୀୟ ସଭା ଆୟୋଜିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ତଥା ଜିଲାଯୁବ ରେଡକ୍ରସ୍ ସଭାପତି କିଶୋର କୁମାର ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ରାଜ୍ୟ ଯୁବ ରେଡ୍‌କ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଓଡ଼ିଶା ରାଜ୍ୟ କନିଷ୍ଠ ରେଡ୍‌କ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ପରାମର୍ଶଦାତା ତଥା ଜିଲା ରେଡ୍‌କ୍ରସ ସମ୍ପାଦକ ମନୋରଞ୍ଜନ ମହାରଣା କାର୍ଯ୍ୟକ୍ରମ ପରିଚାଳନା ସହ ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟର ଅନ୍ୟତମ ଯୁବ ରେଡ୍‌କ୍ରସ ପରାମର୍ଶଦାତା ଡ. ମିଲିମିତା ପାଢୀ ଓ ଅନ୍ୟାନ୍ୟ ଅଧ୍ୟାପକମାନେ ସହଯୋଗ କରିଥିଲେ। ଏଥିରେ ମୋଟ ୨୪ ଯୁବ ରେଡ୍‌କ୍ରସ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ଶେଷରେ ଜଗନ୍ନାଥପ୍ରସାଦର ବରିଷ୍ଠ ପରାମର୍ଶଦାତା ଲୋକନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟି, ପଥର ଚାଲାଣ: ଜରିମାନା ଆଦାୟ

**ଛତ୍ରପୁର,୨୮।୮(ଡି.ଏନ.ଏ.)**

ଛତ୍ରପୁର ଜାତୀୟ ରାଜପଥ ଅଗସ୍ତିନୂଆଗାଁ ନିକଟରେ ବେଆଇନ ଭାବେ ଜେସିବି ମାଧ୍ୟମରେ ମାଟି ଚାଲାଣ କରାଯାଉଥିଲା। ଖବର ପାଇ ଛତ୍ରପୁର ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନ ପହଞ୍ଚି ଗାଡି ମାଲିକ ଉପରେ ୫୦ ହଜାର ଟଙ୍କା ଜରିମାନା ପକାଇଛନ୍ତି। ସେହିପରି ଏକ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ପଥର ଚାଲାଣ କରାଯାଉଥିବା ବେଳେ ଚଢାଉ କରାଯାଇ ୧୦ ହଜାର ୬୨୬ ଟଙ୍କା ଜରିମାନା ପକାଯାଇଛି।

# ପଞ୍ଚାୟତସ୍ତରୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

**ନୂଆଗଡ଼,୨୮।୮**

ଗଜପତି ଜିଲା ନୂଆଗଡ ବ୍ଲକ ଖଜୁରିପଦା ପଞ୍ଚାୟତ ସଭାଗୃହରେ ଜିଲାର ସମସ୍ତ ବ୍ଲକ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ସଭାପତି ହରିକୃଷ୍ଣ ବରାଡ଼, ଉପସଭାପତି ଅବ୍ରାହମ ରଇତ, ସମ୍ପାଦକ ଏଲିଶାୟ ବଡମୁଣ୍ଡି, କୋଷାଧକ୍ଷ ଲକ୍ଷ୍ମଣ ବେହେର୍ଦ୍ଦଲାଇଙ୍କ ସମେତ ଜିଲାର ପ୍ରତ୍ୟେକ ବ୍ଲକରେ ଥିବା ସମସ୍ତ ପଞ୍ଚାୟତର ପ୍ରାୟ ୫୦ରୁ ଅଧିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୋଗ ଦେଇଥିଲେ। ସଭାପତି ବରାଡ଼ଙ୍କ ସୂଚନାନୁସାରେ ଗଜପତି ଜିଲାରେ ଥିବା ୭ ଯାକ ବ୍ଲକରେ ବୈଠକ କରି ରାଜ୍ୟ ସରକାରଙ୍କୁ ଅନେକ ଥର ଗୁହାରି କରି ପଞ୍ଚାୟତରେ କାର୍ଯ୍ୟ କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦାବି ଜଣାଇଥିବା ସତ୍ତ୍ୱେ ରାଜ୍ୟ ସରକାର କର୍ମଚାରୀମାନଙ୍କ ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଦାବି ମଧ୍ୟରେ ସମାନ କାମକୁ ସମାନ ଦରମା, ନିୟମିତ ଦରମା ଆଦି ବିଭିନ୍ନ ବିଷୟକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଯଦି ରାଜ୍ୟ ସରକାର କର୍ମଚାରୀମାନଙ୍କ ଦାବିକୁ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବା ସହ ଭୋଟ ବର୍ଜନ କରିବୁ ବୋଲି ପ୍ରକାଶ କରିଛନ୍ତି। ବୈଠକକୁ ହରିକୃଷ୍ଣ ବରାଡ଼ ପରିଚାଳନା କରିଥିଲେ।



ବୈଠକରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ସଦସ୍ୟ ।

# ଅଜିତ ଦାସ ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ସଭାପତି

**ଗୋପାଳପୁର, ୨୮।୮:(ଡ଼ି.ଏନ.ଏ.)**

ଦେଢ଼ ବର୍ଷ ଧରି ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡ଼ି କମିଟି ଗଠନ ହୋଇ ନ ଥିଲା । ଏନେଇ କର୍ମୀମାନେ ଭୁବନେଶ୍ୱର ଯାଇଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ସଭାପତି ଭାବେ ଶନିବାର ଅଜିତ ଦାସଙ୍କ ନାମ ଘୋଷଣା କରାଯାଇଛି। ଜିଲା ବିଜେଡ଼ି କାର୍ଯ୍ୟାଳୟରେ ସଭାପତି ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଅଜିତଙ୍କ ନାମ ଘୋଷଣା କରିଛନ୍ତି। ସେହିପରି ଉପସଭାପତି ଭାବେ ଏସ୍.ରାଜେଶ୍ୱରୀ ଦୋରା, ପ୍ରକାଶ ଚନ୍ଦ୍ର ସାମନ୍ତ, ଏସ୍.ରାମାରାଓଙ୍କ ନାମ ଘୋଷଣା ହୋଇଛି। ଜଣେ ସାଧାରଣ ସମ୍ପାଦକ, ୫ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷଙ୍କ ସମେତ ୨୧ କାର୍ଯ୍ୟକାରୀ ସଦସ୍ୟଙ୍କ ନାମ ମଧ ଘୋଷଣା କରାଯାଇଛି। ଏହି ଅବସରରେ ଜିଲା ମହିଳା ସଭାନେତ୍ରୀ ଏମ୍.ସୁଜତା, ସିଏଚ.ଡ଼ିଲେଶ୍ୱର ରେଡ୍ଡୀ, ପ୍ରତାପ ଚନ୍ଦ୍ର କୋଠିଆ, ସୁବାସ ମହାରଣା ଓ ଜଗନ୍ନାଥ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

# ବଢ଼ି ଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା





ଡ୍ରେନରେ ଜମି ରହିଥିବା ମଇଳା ପାଣି ଏବଂ ରାସ୍ତା ପାର୍ଶ୍ୱରେ ପଡ଼ି ରହିଥିବା ଅଳିଆ ଆବର୍ଜନା।

**କବିସୂର୍ଯ୍ୟନଗର,୨୮।୮**

ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ ତାର କାୟା ବିସ୍ତାର କରିବାରେ ଲାଗିଛି। କେବଳ କବିସୂର୍ଯ୍ୟନଗରରେ ୩ ପଜିଟିଭ ଥିବା ଜଣାପଡିଛି। କବିସୂର୍ଯ୍ୟନଗର ବ୍ଲକ ଋଷିପୁର, ନନ୍ଦିଆଗଡା ଓ ଏନ୍‌ଏସିରୁ ଜଣେ ଲେଖାଏ ଡେଙ୍ଗୁ ରୋଗୀ ଥିବା କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁଶାନ୍ତ କୁମାରଙ୍କଠାରୁ

## କବିସୂର୍ଯ୍ୟନଗର ଏନ୍‌ଏସି

ପ୍ରକାଶ। ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗର ପୃଥକ ଟିମ୍ କବିସୂର୍ଯ୍ୟନଗର ଗସ୍ତ କରିଛନ୍ତି। ଡ୍ରେନେଜ ବ୍ୟବସ୍ଥା ଅସମ୍ଭାଳ, ଟିକିଏ ବର୍ଷାରେ ଏନ୍‌ଏସି ରୋଡ଼, ଶାସ୍ତ୍ରୀ ରୋଡ଼ ଆବର୍ଜନା ନାଳ ପାଣି ଲହଡି ଖେଳୁଛି। ଏନେଇ ବ୍ଲକ ବୈଠକରେ ଆଲୋଚନା ହେଉଛି କିନ୍ତୁ ତାହା କାର୍ଯ୍ୟରେ ପରିଣତ ହେଉନାହିଁ।

# ମେୟର ପଦ ପାଇଁ ବଢୁଛନ୍ତି ଆଶାୟୀ

**ବ୍ରହ୍ମପୁର ଅଫିସ,୨୮।୮**

- ବିଜେଡିକୁ ଟକ୍କର ଦେବ ଭାଜପା
- ୨୦୧୩ ନିର୍ବାଚନରେ ଖାତା ଖୋଲିନଥିଲା ପଦ୍ମ ଦଳ
- କଂଗ୍ରେସର ହୋଇଥିଲା କ୍ରସ୍‌ଭୋଟିଂ

ପୌର ନିର୍ବାଚନ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି। ତେଣୁ ଶାସକ ଓ ବିରୋଧୀ ଦଳ ନେତା ଏବଂ କର୍ମୀ ଏବେଠୁ ତତ୍ପର ହୋଇଛନ୍ତି। ଅପରପକ୍ଷରେ ମହାନଗର ନିଗମ ମେୟର ଓ ପୌରପାଳିକା ସଂସ୍ଥାର ନଗରପାଳ ପଦ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେବାର ପ୍ରାକ୍ ସୂଚନା ମିଳିଛି। ତେଣୁ ଗଞ୍ଜାମ ଜିଲାର ବ୍ରହ୍ମପୁର ମହାନଗର ନିଗମର ମେୟର ନିର୍ବାଚନ ଲଢ଼ିବା ନିମନ୍ତେ ମୁଖ୍ୟତଃ ବିଜେଡି ଓ ଭାଜପାରେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଚାଲିଛି। ଯଦି ସିଧାସଳଖ ଭୋଟ ହୁଏ ତେବେ ବ୍ରହ୍ମପୁରରେ ପ୍ରଥମ କରି ହେବାର ସ୍ପଷ୍ଟ ହୋଇଛି।

୨୦୧୩ ପୌର ନିର୍ବାଚନରେ ବ୍ରହ୍ମପୁରରେ ପରୋକ୍ଷ ଭାବେ ମେୟର ନିର୍ବାଚନ ହୋଇଥିଲା। ମହାନଗରର ସମୁଦାୟ ୪୦ ୱାର୍ଡ ମଧ୍ୟରୁ କଂଗ୍ରେସରୁ ୧୫ ଓ ବିଜେଡିରୁ ୨୪ ମହିଳା ଓ ପୁରୁଷ କର୍ପୋରେଟର ନିର୍ବାଚିତ ହୋଇଥିଲେ। କେବଳ ୩ନଂ. ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଆଇନଜୀବୀ ଅଶୋକ ଶୁକ୍ଲ ଜିତିଥିଲେ। ମେୟର ପଦ ଓବିସି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ତେଣୁ ବିଜେଡି କେ. ମାଧବୀଙ୍କୁ ପ୍ରାର୍ଥୀ କରିଥିଲା। କଂଗ୍ରେସରୁ ମିନତୀ ବିଶୋୟୀ ଲଢ଼ିଥିଲେ। ସେହି ଦଳର ୧୫ କର୍ପୋରେଟରଙ୍କ ମଧ୍ୟରୁ ୪ରୁ ୫ ଜଣ କ୍ରସ ଭୋଟିଂ କରିବାରୁ ବିଜେଡି ପ୍ରାର୍ଥୀ ଅଧିକ ଭୋଟ ପାଇଥିଲେ। ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲା ଏବଂ କଂଗ୍ରେସର ଦଳ ବିରୋଧୀ ପଦାରେ ପଡ଼ିଥିଲା।

ଗତ ପୌର ନିର୍ବାଚନରେ ମହାନଗରର ସବୁ ୱାର୍ଡରେ ପ୍ରାର୍ଥୀ ଦେଇଥିଲେ ମଧ ଭାଜପା ଖାତା ଖୋଲିପାରି ନ ଥିଲା। କେତେକ ୱାର୍ଡରେ କର୍ପୋରେଟର ପ୍ରାର୍ଥୀଙ୍କ ଅମାନତ ଉଡ଼ିଯାଇଥିଲା। ୨୦୧୯ ବିଧାନସଭା ନିର୍ବାଚନରେ କଂଗ୍ରେସର ଦୁର୍ବଳ ପ୍ରାର୍ଥୀଙ୍କ ଯୋଗୁ ଭାଜପାକୁ ଦ୍ୱିତୀୟ ସ୍ଥାନ ମିଳିଥିଲା। ତାହାକୁ ଭିତ୍ତିକରି ଏବେ ଭାଜପା ଉତ୍ସାହିତ ହୋଇଛି ଏବଂ ମେୟର ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ପର୍ବ ଆରମ୍ଭ କରିଛି। ତେବେ ଦଳରୁ ଟିକେଟ ପାଇବା ପାଇଁ ଆଶାୟୀ ସଂଖ୍ୟା ଲମ୍ବୁଛି। ବିଚାର ବିଭାଗ ହାଜତରେ ଦୀର୍ଘଦିନରୁ ଥିବା ପୂର୍ବତନ ତଥା ବିଏମ୍‌ସିର ପ୍ରଥମ ମେୟର ଶିବ ଶଙ୍କର ଦାସ ମଧ ପ୍ରାର୍ଥୀ ହେବାର ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ ସେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଜେଲରେ ଅଟକ ଥାଇ ନିର୍ବାଚନକୁ ଓହ୍ଲାଇଥିଲେ।

ବ୍ରହ୍ମପୁର ପୌର ନିର୍ବାଚନ ପାଇଁ ବିଜେଡି ଧର୍ମ ସଙ୍କଟରେ ପଡ଼ିବ। ୨୦୧୩ ନିର୍ବାଚନରେ ନିର୍ବାଚିତ ୧୫ ଯାକ କଂଗ୍ରେସ କର୍ପୋରେଟର ପର୍ଯ୍ୟାୟକ୍ରମେ ବିଜେଡିରେ ଯୋଗ ଦେଇଛନ୍ତି। ସେତେବେଳେ ପୌର ସଂସ୍ଥାରେ ଦଳ ବଦଳ ନିରୋଧ ଆଇନ ନ ଥିଲା। ତେଣୁ ସେମାନେ ସୁବିଧାରେ ଦଳ ବଦଳ କରିଥିଲେ। ଆଗାମୀ ନିର୍ବାଚନରେ ସମସ୍ତେ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଆଶା ରଖିଛନ୍ତି। ତେଣୁ ଶଙ୍ଖ ଦଳ ଧର୍ମ ସଙ୍କଟରେ ପଡ଼ିବାର ରାଜନୀତି ବିଶ୍ଳେଷକ ଅଙ୍କ କଷୁଛନ୍ତି। ଫଳରେ ବିଦ୍ରୋହ ଉପୁଜିବାର ଆଶଙ୍କା କରାଯାଇଛି। ଅପରପକ୍ଷରେ କଂଗ୍ରେସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ରଣନୀତି ପ୍ରସ୍ତୁତ ହୋଇନଥିବାରୁ ସର୍ବପୁରାତନ ଜାତୀୟ ଦଳ ପଛରେ ପଡ଼ିଯାଇଛି।